# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୧୪/୨୦୨୬ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 14/2026 Page 14 ₹ 7.00 | SAMBALPUR

୫୨ଶ ଭାଗ ୧୦୮ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 52 ISSUE 108 ମୂଲ୍ୟ₹୭/-




**ଡୁପ୍ଲାଣ୍ଟିସ୍‌ଙ୍କ କୀର୍ତ୍ତିମାନ**

ସ୍ୱିଡିଶ୍ ପୋଲ୍ ଭଲ୍ଟର ଅର୍ମାଣ୍ଡ ମୋଣ୍ଡୋ ଡୁପ୍ଲାଣ୍ଟିସ୍ ୬.୩୧ ମିଟର ଉଚ୍ଚତା କ୍ଲିଅର କରି ୧୫ ଥର ପାଇଁ ବିଶ୍ୱ ରେକର୍ଡ ଭଙ୍ଗ କରିଛନ୍ତି।

୧୪

୦୨

**ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ଟାଣିଲେ ନୀନା**

୬୬ ବର୍ଷୀୟା ଅଭିନେତ୍ରୀ ନୀନା ଗୁପ୍ତା ଗର୍ଭବତୀ ଥିବା ଚର୍ଚ୍ଚାକୁ ସେ ଖଣ୍ଡନ କରିଛନ୍ତି। ଲୋକଙ୍କ ମାନସିକତାରୁ ଏଭଳି ଗୁଜବ ହୋଇଥିବା ସେ କହିଛନ୍ତି।





ଇରାନ୍ ପକ୍ଷରୁ ଶୁକ୍ରବାର କରାଯାଇଥିବା ମିଶାଇଲ୍ ମାଡ଼ରେ ଉତ୍ତର ଇସ୍ରାଏଲ୍‌ର ଜର୍‌ଜିର ସହରସ୍ଥିତ ଏକ କୋଠା ବିଧ୍ୱସ୍ତ ହୋଇଯାଇଥିବାବେଳେ ଉଦ୍ଧାରକାରୀ ଦଳ ନିରୀକ୍ଷଣ କରୁଛନ୍ତି। (ଫଟୋ: ଏ.ପି.)

# ୨% ଖସିଲା ପୁଞ୍ଜି ବଜାର

- **ସେନ୍‌ସେକ୍ସ ୧୪୭୦, ନିଫ୍ଟି ୪୮୮ ପଏଣ୍ଟ ହ୍ରାସ**
- **ସପ୍ତାହରେ ନିବେଶକ ହରାଇଲେ ୧୯ ଲକ୍ଷ କୋଟି ଟଙ୍କା**

**ପଶ୍ଚିମ ଏସିଆରେ ସଂଘର୍ଷ ବ୍ୟାପକ ହେବାରେ ଲାଗିଥିବାବେଳେ ବିଶ୍ୱ ଅର୍ଥନୀତିରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ଦେଖିବାକୁ ମିଳିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଭାରତରେ ମଧ୍ୟ ଆର୍ଥିକ ଅସ୍ଥିରତାର କାରଣ ହୋଇଛି। କ୍ରୁଡ୍ ମୂଲ୍ୟ ପୁଣି ଥରେ ୧୦୦ ଡଲାର ଅତିକ୍ରମ କରି ମୁଦ୍ରାସ୍ଫୀତିଜନିତ ଚାପ ସୃଷ୍ଟି କରିଛି। ଏଥିଯୋଗୁ ଭାରତୀୟ ବଜାରରେ ସେଲିଂ ପ୍ରେସର ବଢ଼ିବାରେ ଲାଗିଛି। ଇକ୍ୱିଟି ବେଞ୍ଚମାର୍କ ସେନ୍‌ସେକ୍ସ ଏବଂ ନିଫ୍ଟି୫୦ରେ କେବଳ ଶୁକ୍ରବାର ପ୍ରାୟ ୨% ହ୍ରାସ ପରିଲକ୍ଷିତ ହୋଇଛି। ନିବେଶକମାନେ ଏହି ଟ୍ରେଡିଂ ସେସନ୍‌ରେ ୯.୮ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ଚଳିତ ସପ୍ତାହରେ ଇନ୍‌ଭେଷ୍ଟର୍ସ ୧୯ ଲକ୍ଷ କୋଟି ଟଙ୍କାର କ୍ଷତି ସହିଲେଣି। ୪ ବର୍ଷ ମଧ୍ୟରେ ଏହା ସେନ୍‌ସେକ୍ସ ଏବଂ ନିଫ୍ଟିର ସବୁଠୁ ଖରାପ ପ୍ରଦର୍ଶନ ବୋଲି କୁହାଯାଉଛି। ଇତିମଧ୍ୟରେ ଟଙ୍କା ଆହୁରି ଦୁର୍ବଳ ହେବାରେ ଲାଗିଛି। ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୯୨.୪୫ରେ ପହଞ୍ଚିଛି। ଇରାନ୍ ସହ ଆମେରିକା-ଇସ୍ରାଏଲ୍ ଯୁଦ୍ଧ ଥମିବାର ଆଶା ଦିଶୁ ନ ଥିବାରୁ ଭାରତୀୟ ବଜାର ପାଇଁ ଆହୁରି ବଡ଼ ସଙ୍କଟ ଉପୁଜିପାରେ ବୋଲି ଆଶଙ୍କା କରାଯାଉଛି।**

ମୁମ୍ବାଇ, ୧୩।୩ (ପି.ଟି.)

ମଧ୍ୟପ୍ରାଚ୍ୟରେ ଆମେରିକା ଓ ଇସ୍ରାଏଲ୍‌ର ଇରାନ୍ ବିରୋଧୀ ଯୁଦ୍ଧ ଶୁକ୍ରବାର ୧୪ତମ ଦିବସରେ ପହଞ୍ଚିଛି। ଯୁଦ୍ଧ ଘନଘଟା ଭାରତୀୟ ପୁଞ୍ଜି ବଜାରକୁ ଧରାଶାୟୀ କରିଦେଇଛି। ସେଲିଂ ପ୍ରେସର ବୃଦ୍ଧି, ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ଙ୍କ ଷ୍ଟକ୍ସ ବିକ୍ରି ସହ ପୁଞ୍ଜି ପ୍ରତ୍ୟାହାର, ଅଶୋଧିତ ତୈଳ ଦର ବୃଦ୍ଧି ଓ ଟଙ୍କାର ଅବମୂଲ୍ୟାୟନ ନିବେଶକଙ୍କ ସେଣ୍ଟିମେଣ୍ଟ (ଭାବାବେଗ)ରେ କ୍ଷତ ସୃଷ୍ଟି କରିଛି। ଏଭଳି ସ୍ଥିତିରେ ଭାରତର ସବୁଠୁ ବଡ଼ ୩୦ କମ୍ପାନୀର ବାସ୍କେଟ ବିଏସ୍‌ଇ ସେନ୍‌ସେକ୍ସ ଶୁକ୍ରବାର ୧.୯୩% ଅର୍ଥାତ୍ ୧୪୭୦ ପଏଣ୍ଟ ହ୍ରାସ ପାଇ ୭୪,୫୬୩କୁ ଖସିଛି। ଏହି ସେସନ୍‌ରେ ସେନ୍‌ସେକ୍ସ ୧୫୭୯.୮୨ ପଏଣ୍ଟ (୨%) ପର୍ଯ୍ୟନ୍ତ ଖସିଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ଏଥିରେ ନଗଣ୍ୟ ଉନ୍ନତି ପରିଲକ୍ଷିତ ହୋଇଥିଲା। ମୋଟ ୩,୩୪୮ ଷ୍ଟକ୍ସ ନିମ୍ନଗାମୀ ହୋଇଥିବାବେଳେ ୯୪୧ରେ ଅଗ୍ରଗତି ଦେଖାଯାଇଛି। ବିଏସ୍‌ଇର ୧୩୨ ଷ୍ଟକ୍ସ ଅପରିବର୍ତ୍ତିତ ରହିଛି। ସେହିପରି ୫୦ ବୃହତ୍ କମ୍ପାନୀର ଶେୟାର ନିଫ୍ଟି୫୦ ମଧ୍ୟ ୪୮୮ ପଏଣ୍ଟ ବା ୨.୦୬% ହ୍ରାସ ପାଇ ୨୩,୧୫୧କୁ ଖସିଛି।

ବଜାର ଏଭଳି ନିମ୍ନଗାମୀ ହେବା ପଛରେ ଅଶୋଧିତ ତୈଳ ଦର ବୃଦ୍ଧିକୁ ମୁଖ୍ୟତଃ ଦାୟୀ କରାଯାଉଛି। ଯୁଦ୍ଧ ଉତ୍ତେଜନା ଯୋଗୁ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଦେଇ ତୈଳ ଓ ପ୍ରାକୃତିକ ବାଷ୍ପ ପରିବହନକାରୀ ଜାହାଜଗୁଡ଼ିକ ଭାରତ ପହଞ୍ଚିବାରେ ବାଧା ଉପୁଜିଥିବାରୁ ଦେଶରେ ନାହିଁ ନ ଥିବା ସ୍ଥିତି ଉପୁଜିଛି। ବିଶ୍ୱ ତୈଳ ବଜାରରେ କ୍ରୁଡ୍ ଅଏଲ୍ ବ୍ୟାରେଲ ପିଛା ୧୦୧ ଡଲାର ଟପିଛି। ଭାରତ ଭଳି ଶକ୍ତି ଆମଦାନୀକାରୀ ଅର୍ଥନୀତି ପାଇଁ ଘରୋଇ ବଜାର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ରହିଥିବା ଲାଇଭ୍ ଲଙ୍ଗ୍ ୱେଲ୍‌ଥ ପ୍ରତିଷ୍ଠାତା ତଥା ରିସର୍ଚ୍ଚ ଆନାଲିଷ୍ଟ ☞ପୃଷ୍ଠା-୪

**୧ ଡଲାର=୯୨.୪୫ ଟଙ୍କା**

**ଆଜିର ସମ୍ପାଦକୀୟ**

ରାଲିରେ ବୈଷୟିକ ତ୍ରୁଟି

# ଷ୍ଟ୍ରେଟ୍ ଅଫ୍ ହର୍ମୁଜ: ଭାରତୀୟ ଜାହାଜକୁ ଅନୁମତି ଦେଇନି ଇରାନ

ତେହରାନ, ୧୩।୩

ଇରାନ୍ ଉପକୂଳର ହର୍ମୁଜ୍ ଷ୍ଟ୍ରେଟ୍ (ସଙ୍କୀର୍ଣ୍ଣ ସାମୁଦ୍ରିକ ପଥ)କୁ ତେହରାନ୍ ବନ୍ଦ କରିଦେଇଥିବାବେଳେ ବିଶ୍ୱର ବିଭିନ୍ନ ଭାଗକୁ ଉପସାଗରୀୟ ଦେଶଗୁଡିକରୁ ତୈଳ ଓ ଗ୍ୟାସ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହାକୁ ନେଇ ଏବେ ସାରା ବିଶ୍ୱରେ ତୈଳ ସଙ୍କଟ ଘନେଇଛି। ଉକ୍ତ ଷ୍ଟ୍ରେଟ୍ ଦେଇ ଭାରତୀୟ ଜାହାଜଗୁଡ଼ିକୁ ଇରାନ ଛାଡ଼ିବ ବୋଲି ଗୁରୁବାର ଭାରତ ସରକାରଙ୍କ ସୂତ୍ରରୁ କୁହାଯାଇଥିଲା। ତେବେ ଦେଶ ବାହାରେ ଥିବା ଇରାନୀୟ ସୂତ୍ର ଏହାକୁ ଖଣ୍ଡନ କରିଛି। ଏପରି କିଛି ଚୁକ୍ତି ହୋଇ ନ ଥିବା ତେହରାନ ପକ୍ଷରୁ କୁହାଯାଇଥିବା ରଏଟର୍ସ ପ୍ରକାଶ କରିଛି। ହର୍ମୁଜ୍ ପ୍ରଣାଳୀ ଦେଇ ଭାରତୀୟ ଜାହାଜକୁ ପ୍ରବେଶ ଅନୁମତି ଦେବାକୁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଇରାନ ସହ କଥାବାର୍ତ୍ତା ଚଳାଇଥିବା ବ୍ଲୁମ୍‌ବର୍ଗରେ ପ୍ରକାଶ ପାଇଥିଲା। ୨ ଦେଶର ବହିର୍ବ୍ୟାପାର ମନ୍ତ୍ରୀ ଇତିମଧ୍ୟରେ ୩ ଥର ଆଲୋଚନା କଲେଣି। ଏହା ସତ୍ତ୍ୱେ ଭାରତୀୟ ଜାହାଜକୁ ପ୍ରବେଶ ଅନୁମତି ସମ୍ପର୍କରେ ଏବେ କିଛି କହିବା ଉଚିତ ହେବ ନାହିଁ ବୋଲି ବହିର୍ବ୍ୟାପାର ମୁଖପାତ୍ର ରଣଧୀର ଜୟସ୍ୱାଲ ଗୁରୁବାର ଖବରଦାତା ସମ୍ମିଳନୀରେ କହିଥିଲେ।

ଇତିମଧ୍ୟରେ ସାଉଦି ଆରବରୁ ଆସିଥିବା ତୈଳବାହୀ ଜାହାଜ 'ସେନ୍‌ଲଙ୍ଗ୍ ସୁଏଜମାକ୍ସ' ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ବୁଧବାର ମୁମ୍ବାଇରେ ପହଞ୍ଚିଥିଲା। ☞ପୃଷ୍ଠା-୪

# ଫଗୋଲରେ ଡବଲ ମର୍ଡର

## ସମ୍ପତ୍ତି ଲୋଭ: ମା', ଭାଇଙ୍କୁ ହତ୍ୟା

ନିଶ୍ଚିନ୍ତକୋଇଲି, ୧୩।୩ (ଅଶୋକ କୁମାର ମହାପାତ୍ର)

ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ରକରି କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଫଗୋଲ ଗ୍ରାମରେ ଶୁକ୍ରବାର ଡବଲ ମର୍ଡର ଘଟିଛି। ଜଣେ ବ୍ୟକ୍ତି ନିଜ ମା' ଓ ବଡ଼ଭାଇଙ୍କୁ ହତ୍ୟା କରିଛନ୍ତି। ମୃତକମାନେ ହେଲେ କୁଲସୁନ ବିବି (୮୦) ଓ ତାଙ୍କ ବଡ଼ ପୁଅ ସେକ୍ ସମ୍‌ସେର(୫୦)। ଅଭିଯୁକ୍ତ ହେଲେ କୁଲସୁନଙ୍କ ସାନ ପୁଅ ସେକ୍ ପପୁ(୩୫)। ଖବରପାଇ ସାଲେପୁର ଆଇଆଇସି ମହେଶ୍ୱର ବେହେରା ପୋଲିସ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ପପୁଙ୍କୁ ଗିରଫ କରିଛି। ଏଥିସହ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଗ୍ୟାସ୍ ସିଲିଣ୍ଡର ଓ କୋଦାଳକୁ ପୋଲିସ ଜବତ କରିଛି। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଜାରି ରଖିଛି। ପରେ କୁଲସୁନ ଓ ସମ୍‌ସେରଙ୍କ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଏ ସମ୍ପର୍କରେ ମୃତ ସମ୍‌ସେରଙ୍କ ପୁଅ ସେକ୍ ସାଜନ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୫୭/୨୦୨୬) ରୁଜୁ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଦୀର୍ଘଦିନ ହେଲା ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ରକରି ଦୁଇ ଭାଇ ସମ୍‌ସେର ଓ ପପୁଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଶୁକ୍ରବାର ରମଜାନ ମାସ ଯୋଗୁ ଗାଁ ଲୋକେ ନିଜନିଜ ଘରେ ଥିଲେ। ଏହି ସମୟରେ ୨ ଭାଇଙ୍କ ମଧ୍ୟରେ ନୂତନ ଗୃହ ନିର୍ମାଣକୁ କେନ୍ଦ୍ରକରି କଥା କଟାକଟି ହେଉଥିଲା। ☞ପୃଷ୍ଠା-୪

# ଏକ ମାସର ଶିଶୁକନ୍ୟା ପାଇଲେ ନୂତନ ଜୀବନ

## ଶିଶୁଭବନରେ ବିରଳ ଅସ୍ତ୍ରୋପଚାର

କଟକ, ୧୩।୩ (ଶିଳ୍ପା ପ୍ରିୟଦର୍ଶିନୀ)

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଶିଶୁରୋଗ ପ୍ରତିଷ୍ଠାନ (ଶିଶୁଭବନ)ରେ ବିରଳ ଅସ୍ତ୍ରୋପଚାର ସଫଳ ହୋଇଛି। ଶିଶୁର ଶରୀରରୁ ସାକ୍ରୋକକ୍ସିଜିଆଲ ଟେରାଟୋମା ନାମକ ଟ୍ୟୁମର ଅସ୍ତ୍ରୋପଚାର କରାଯାଇ ବାହାର କରାଯାଇଛି। ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇ ଶିଶୁର ସଫଳ ଅସ୍ତ୍ରୋପଚାର କରାଯାଇଛି। ଶିଶୁ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହେବା ପରେ ଶୁକ୍ରବାର ଅପରାହ୍ନରେ ଡିସ୍‌ଚାର୍ଜ କରାଯାଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ଡାଲଡ଼ିହି ଅଞ୍ଚଳର ନାରୀ ଦେଉରୀଙ୍କ ଏକ ମାସର ଶିଶୁ କନ୍ୟା ଜନ୍ମରୁ ମେରୁଦଣ୍ଡ ତଳ ପାର୍ଶ୍ୱରୁ ଗୋଡ଼ ଆକୃତିର ମାଂସ ପିଣ୍ଡୁଳା ବାହାରିଥିଲା। ଫଳରେ ଶିଶୁ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ତାଙ୍କୁ ପ୍ରଥମେ ☞ପୃଷ୍ଠା-୪


SIKSHA 'O' ANUSANDHAN

SAAT-2026

Empowering students for a brighter future

AGRICULTURAL PROGRAMMES
- B.Sc. (H) Agriculture
- M.Sc. Agriculture

APPROVAL & RECOGNITIONS
- Approved by UGC
- Accredited by ICAR
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 25th Best in Overall Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in





ପଶ୍ଚିମ ଏସିଆ ଯୁଦ୍ଧ ଚାଲିଥିବାବେଳେ ପାଲେଷ୍ଟିନୀୟଙ୍କୁ ସମର୍ଥନ ଜଣାଇ ଜମ୍ମୁ-କଶ୍ମୀରର ବଡଗାମ୍ ଜିଲା ଅନ୍ତର୍ଗତ ମାଗାମ୍‌ଠାରେ ମହିଳାମାନେ ଶୁକ୍ରବାର ୟୋଉମ୍-ଇ-କୁଦ୍‌ସ ବିକ୍ଷୋଭରେ ସାମିଲ ହୋଇଛନ୍ତି।

# ସିଇସିଙ୍କ ବହିଷ୍କାର ଦାବିରେ ନୋଟିସ ଦେଲେ ବିରୋଧୀ

ନୂଆଦିଲ୍ଲୀ, ୧୩।୩

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କୁ ବହିଷ୍କାର କରିବା ଦାବିରେ ବିରୋଧୀ ଏମ୍‌ପିମାନେ ଶୁକ୍ରବାର ପାର୍ଲାମେଣ୍ଟର ଉଭୟ ଗୃହରେ ନୋଟିସ ଦାଖଲ କରିଛନ୍ତି। ଉକ୍ତ ନୋଟିସରେ ଲୋକ ସଭାର ୧୩୦ ଏବଂ ରାଜ୍ୟ ସଭାର ୬୩ ଏମ୍‌ପି ସ୍ୱାକ୍ଷର କରିଛନ୍ତି। ସ୍ୱାକ୍ଷରକାରୀଙ୍କ ମଧ୍ୟରେ ଇଣ୍ଡିଆ ବ୍ଲକ୍‌ର ସବୁ ସହଯୋଗୀ ଦଳର ଏମ୍‌ପିଙ୍କ ସମେତ ଆମ୍ ଆଦ୍‌ମୀ ପାର୍ଟି ସାଂସଦ ରହିଛନ୍ତି। କେତେଜଣ ସ୍ୱାଧୀନ ଏମ୍‌ପି ନୋଟିସରେ ସ୍ୱାକ୍ଷର କରିଥିବାବେଳେ ଅନ୍ୟ କେତେଜଣ ଏହି ପ୍ରକ୍ରିୟାର ଭାଗନେବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ପଦବୀରେ ଥିବା ଜଣେ ସିଇସିଙ୍କୁ ବହିଷ୍କାର କରିବା ଲାଗି ପାର୍ଲାମେଣ୍ଟରେ ନୋଟିସ ଅଣାଯିବା ଏହା ପ୍ରଥମ ଘଟଣା।

ସୂତ୍ର ଅନୁଯାୟୀ, ୧୦ ପୃଷ୍ଠାର ନୋଟିସରେ ସିଇସିଙ୍କ ବିରୋଧରେ ପକ୍ଷପାତ ଓ ଭେଦଭାବପୂର୍ଣ୍ଣ ଆଚରଣ, ଇଲେକ୍ଟୋରାଲ ପାଣ୍ଠି ତଦନ୍ତରେ ଜାଣିଶୁଣି ପ୍ରତିବନ୍ଧକ ସୃଷ୍ଟି କରିବା ଏବଂ ବହୁସଂଖ୍ୟାରେ ଲୋକଙ୍କୁ ମତାଧିକାରରୁ ବଞ୍ଚିତ କରିବା ଆଦି ୭ଟି ଅଭିଯୋଗ ରଖାଯାଇଛି। ବିଭିନ୍ନ ସମୟରେ ବିଶେଷ କରି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ରେ ସିଇସି ଶାସକ ଭାଜପାକୁ ସହାୟତା କରୁଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି। ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ପରିଚାଳନାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ନିର୍ବାଚନ କମିଶନ ବାସ୍ତବ ଭୋଟରମାନଙ୍କ ନାମ ତାଲିକାରୁ କାଟିଦେଇଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି।

## ଜ୍ଞାନେଶ କୁମାରଙ୍କ ବିରୋଧରେ ୭ ଅଭିଯୋଗ



# ଏଲ୍‌ପିଜି ସଙ୍କଟ: ପାର୍ଲାମେଣ୍ଟରେ ବିକ୍ଷୋଭ

ନୂଆଦିଲ୍ଲୀ, ୧୩।୩(ପି.ଟି.)

ଏଲ୍‌ପିଜି ସଙ୍କଟକୁ ନେଇ ବିରୋଧୀ ଏମ୍‌ପିମାନେ ଶୁକ୍ରବାର ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ୍ ପୁରୀଙ୍କଠାରୁ ଜବାବ ମାଗିଛନ୍ତି। ପ୍ରଥମେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପିମାନେ ସଂସଦ ଭବନ ବାହାରେ ପୋଷ୍ଟର ଧରି ଓ ଏଲ୍‌ପିଜି ସଙ୍କଟ ସ୍ଲୋଗାନ ଦେଇ ବିକ୍ଷୋଭ ଆରମ୍ଭ କରିଥିବାବେଳେ ଗ୍ୟାସ୍ ସିଲିଣ୍ଡର ଯାଉଛି କୁଆଡ଼େ ବୋଲି ପ୍ରଶ୍ନ କରିଥିଲେ। ବିକ୍ଷୋଭରେ କଂଗ୍ରେସ ସମେତ ଇଣ୍ଡିଆ ବ୍ଲକ୍‌ର ସହଯୋଗୀ ଦଳଗୁଡ଼ିକର ସାଂସଦମାନେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦି ଗ୍ୟାସ୍ ସିଲିଣ୍ଡର ନେଇ ଉଭାନ ହୋଇଯାଇଥିବା ଓ ଆତ୍ମସମର୍ପଣ କରିଥିବା ସେମାନେ ଅଭିଯୋଗ କରିଥିଲେ।

ଦେଶର ବିଭିନ୍ନ ଭାଗରେ ଏଲ୍‌ପିଜି ଅଭାବ ଅଭିଯୋଗ ହେଉଥିବାବେଳେ ଏହାର ସମାଧାନ ପାଇଁ କେନ୍ଦ୍ର ସରକାର ତୁରନ୍ତ ପଦକ୍ଷେପ ନେବାକୁ ବିରୋଧୀ ଦାବି କରିଥିଲେ। ଅନ୍ୟପକ୍ଷରେ ଶାସକ ମେଣ୍ଟର ନେତାମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସମର୍ଥନ ଦେବା ସହ ଏଲ୍‌ପିଜି ପ୍ରସଙ୍ଗରେ ବିରୋଧୀ ଲୋକଙ୍କୁ ବିଭ୍ରାନ୍ତ କରୁଥିବା ଅଭିଯୋଗ କରିଛନ୍ତି।

ରନ୍ଧନ ଗ୍ୟାସ୍‌ର ଅତ୍ୟଧିକ ଅଭାବ ଦେଖାଦେଇଥିବାରୁ ଲୋକେ ଆତଙ୍କିତ ବୋଲି ଟିଏମ୍‌ସି ସାଂସଦ ମହୁଆ ମୋଇତ୍ର ଅଭିଯୋଗ କରିଛନ୍ତି। ପଶ୍ଚିମବଙ୍ଗର ମୁଖ୍ୟ ଡିଷ୍ଟ୍ରିବ୍ୟୁଟରଙ୍କ ସିଷ୍ଟମ୍ କ୍ରାସ୍ ଯୋଗୁ ଏଲ୍‌ପିଜି ବୁକିଂ ହୋଇପାରୁ ନାହିଁ। ଶତାଧିକ ଲୋକ ସିଲିଣ୍ଡର ବୁକିଂ ପାଇଁ ଧାଡ଼ିରେ ଅନେକ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷାରେ ରହୁଛନ୍ତି। ସେପଟେ ଏଲ୍‌ପିଜିର ଅଭାବ ନାହିଁ, ଅଢ଼େଇ ଦିନ ମଧ୍ୟରେ ସିଲିଣ୍ଡର ମିଳିଯିବ ବୋଲି ସରକାର ପ୍ରତିଶ୍ରୁତି ଦେଉଛନ୍ତି। ତେବେ ବୁକିଂର ଅଢ଼େଇ ଦିନ ପରେ ଲୋକେ ସିଲିଣ୍ଡର ପାଉଛନ୍ତି କି ନାହିଁ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀମାନେ ଯାଇ ତଦାରଖ କରନ୍ତୁ ବୋଲି ମହୁଆ ଚ୍ୟାଲେଞ୍ଜ କରିଛନ୍ତି। ସରକାର ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଲାଗୁ କରିବା ସହ ଏଲ୍‌ପିଜି ପାଇବାର ୨୫ ଦିନ ପରେ ଆଉ ଏକ ସିଲିଣ୍ଡର ବୁକ୍ କରାଯାଇପାରିବ ବୋଲି କହୁଛନ୍ତି। ଏସବୁ ମିଛ। ପ୍ରଧାନମନ୍ତ୍ରୀ ଗତ ୫ ଦିନ ହେଲା ପାର୍ଲାମେଣ୍ଟକୁ ଆସୁନାହାନ୍ତି। ଏହା ବଦଳରେ ସେ ଭୋଟ ପ୍ରଚାର ପାଇଁ ନିର୍ବାଚନ ମେଶିନ୍ ପାଲଟିଛନ୍ତି, ଯାହାକି ଲଜ୍ଜାର ବିଷୟ ବୋଲି ମହୁଆ କହିଛନ୍ତି।

ପଶ୍ଚିମ ଏସିଆ ସଙ୍କଟ ଓ ଭାରତ ଉପରେ ଏହାର ପ୍ରଭାବ ପ୍ରସଙ୍ଗରେ ସବିଶେଷ ଆଲୋଚନା ପାଇଁ ବିରୋଧୀ ଦାବିକରି ଆସୁଛନ୍ତି। ଲୋକେ ଭୟଭୀତ ହୁଅନ୍ତୁ ନାହିଁ, ସର୍ବସାଧାରଣ ସ୍ୱାର୍ଥର ସୁରକ୍ଷା ହେବ ବୋଲି ପ୍ରଧାନମନ୍ତ୍ରୀ ବୁଧବାର ପ୍ରତିଶ୍ରୁତି ଦେଇଥିଲେ। ଏଲ୍‌ପିଜି ସଙ୍କଟର ସମାଧାନ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ହେଲେ ବ୍ୟବସାୟିକ ଏଲ୍‌ପିଜି ଯୋଗାଣ ବାଧାପ୍ରାପ୍ତ ହୋଇଥିବାରୁ ଦେଶର ହୋଟେଲ ସେକ୍ଟର ପଙ୍ଗୁ ହୋଇଯାଇଥିବା ବିରୋଧୀ ଏମ୍‌ପିମାନେ ଅଭିଯୋଗ କରିଛନ୍ତି।




ଏଲ୍‌ପିଜି ସଙ୍କଟକୁ ନେଇ ପାର୍ଲାମେଣ୍ଟ ପରିସରରେ ଶୁକ୍ରବାର ଟିଏମ୍‌ସି ଏମ୍‌ପି ଜୁନ୍ ମାଲିଆ, ଦୋଳ ସେନ୍, ମହୁଆ ମୋଇତ୍ର, ସାଗରିକା ଘୋଷ, ଏନ୍‌ସିପି (ଏସ୍‌ପି)ର ସୁପ୍ରିୟା ସୁଲେ ଏବଂ ଅନ୍ୟ ବିରୋଧୀ ଏମ୍‌ପିମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଏଲ୍‌ପିଜି ଅପେକ୍ଷାରେ ହୃଦ୍‌ଘାତ, ବୃଦ୍ଧ ମୃତ

ଚଣ୍ଡିଗଡ଼, ୧୩।୩

ଇରାନ ଯୁଦ୍ଧକୁ ନେଇ ରନ୍ଧନ ଗ୍ୟାସ୍ ଯୋଗାଣ ବାଧାପ୍ରାପ୍ତ ହୋଇଥିବାବେଳେ ଦେଶର ବିଭିନ୍ନ ଭାଗରେ ଏଲ୍‌ପିଜି ପାଇବା ପାଇଁ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ଶୁକ୍ରବାର ସକାଳେ ପଞ୍ଜାବର ବର୍ନାଲା ଜିଲା ଅନ୍ତର୍ଗତ ସେହନାଠାରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ପାଇଁ ଧାଡ଼ିରେ ଅପେକ୍ଷାରତ ଜଣେ ୬୬ ବର୍ଷୀୟ ବୃଦ୍ଧଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସେହନା ଗ୍ରାମର ଭୂଷଣ କୁମାର ମିତ୍ତଲ। ସେ ଗତ ୨/୩ ଦିନ ହେଲା ସିଲିଣ୍ଡର ପାଇବାକୁ ଉଦ୍ୟମ କରିଆସୁଥିଲେ। ଶୁକ୍ରବାର ସକାଳ ୭ଟାରୁ ସେ ଧାଡ଼ିରେ ଛିଡ଼ା ହୋଇଥିବାବେଳେ ସିଲିଣ୍ଡର ପାଇଁ ତାଙ୍କୁ ୨୫ ନମ୍ବର ଟୋକନ୍ ମିଳିଥିଲା। ୨ ଘଣ୍ଟାର ଅପେକ୍ଷା ପରେ ମିତ୍ତଲ କ୍ଲାନ୍ତ ହୋଇ ଏକ ସିଲିଣ୍ଡର ଉପରେ ବସିବାକୁ ଯାଉଥିବାବେଳେ ଚେତାଶୂନ୍ୟ ହୋଇପଡ଼ିଥିଲେ। ସେଠାରେ ଥିବା ଲୋକେ ତାଙ୍କୁ ତୁରନ୍ତ ପାଖ ହସ୍ପିଟାଲକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରୁଷିଆରୁ ତୈଳ କିଣିବାକୁ ଅନ୍ୟ ଦେଶକୁ ଅନୁମତି ଦେଲା ଆମେରିକା

ୱାଶିଂଟନ, ୧୩।୩

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ତୈଳ ଦର ବଢ଼ିଚାଲିଥିବାବେଳେ ସାମ୍ପ୍ରତିକ ସ୍ଥିତିରେ ସମୁଦ୍ରରେ ଅଟକି ରହିଥିବା ରୁଷୀୟ ତୈଳ କିଣିବା ନିମନ୍ତେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଅନ୍ୟ ଦେଶଗୁଡ଼ିକୁ ସାମୟିକ ଅନୁମତି ଦେଇଛନ୍ତି। ଇରାନ ଯୁଦ୍ଧ ତୁରନ୍ତ ବନ୍ଦ ହେବାର କୌଣସି ସଙ୍କେତ ଦେଖାଯାଉ ନାହିଁ। ତେଣୁ ତୈଳ ଦରକୁ ସୀମିତ ରଖିବା ପାଇଁ ଆମେରିକା ଭାରତକୁ ପୂର୍ବରୁ ରୁଷୀୟ ତୈଳ କିଣିବା ପାଇଁ ଅନୁମତି ଦେଇଥିଲା। ବିଶ୍ୱ ଇନ୍ଧନ ବଜାରରେ ସ୍ଥିରତା ରକ୍ଷା କରିବା ପାଇଁ ଆମେରିକା ରାଷ୍ଟ୍ରପତି ନିର୍ଣ୍ଣାୟକ ପଦକ୍ଷେପ ନେଉଥିବା ଏହାର ଟ୍ରେଜେରୀ ସଚିବ ସ୍କଟ୍ ବେସେଣ୍ଟ କହିଛନ୍ତି। ଗତ ୫ ତାରିଖରେ ଆମେରିକା ଭାରତକୁ ରୁଷିଆରୁ ତୈଳ କିଣିବା ପାଇଁ ୩୦ ଦିନିଆ ଅନୁମତି ପ୍ରଦାନ କରିଥିଲା। ସାରା ବିଶ୍ୱକୁ ତୈଳ ଯୋଗାଣ ବଢ଼ାଇବା ନିମନ୍ତେ ଆମେରିକା ଟ୍ରେଜେରି ଅନ୍ୟ ଦେଶଗୁଡ଼ିକୁ ରୁଷିଆରୁ ତେଲ କିଣିବା ପାଇଁ ଅନୁମତି ପ୍ରଦାନ କରିଥିବା ବେସେଣ୍ଟ କହିଛନ୍ତି।

# ଆମେରିକା, ଇସ୍ରାଏଲୀ ବନ୍ଧୁଙ୍କ ସହ ଶତ୍ରୁତା ଚାହୁଁନାହାନ୍ତି ପ୍ରଧାନମନ୍ତ୍ରୀ: କଂଗ୍ରେସ

ନୂଆଦିଲ୍ଲୀ, ୧୩।୩

ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇଙ୍କୁ ହତ୍ୟା ଘଟଣାରେ ନୀରବତାକୁ ନେଇ କଂଗ୍ରେସ ଶୁକ୍ରବାର କେନ୍ଦ୍ରକୁ ସମାଲୋଚନା କରିଛି। ଏହା ନିଃସନ୍ଦେହ ଯେ, ଜଣେ ସାଲିସ୍‌କାରୀ ପ୍ରଧାନମନ୍ତ୍ରୀ ଅମେରିକା ଓ ଇସ୍ରାଏଲୀ ବନ୍ଧୁଙ୍କ ସହ ଶତ୍ରୁତା କରିବାକୁ ଚାହାନ୍ତି ନାହିଁ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ଇରାନର ଆକ୍ରମଣକୁ ଭାରତ ନିନ୍ଦା କରିଥିବାବେଳେ ପ୍ରଥମେ ଆମେରିକା-ଇସ୍ରାଏଲ୍ ଇରାନ ଉପରେ କରିଥିବା ଆକ୍ରମଣ ସମ୍ପର୍କରେ ଚୁପ୍ ରହିଛି। ଆୟାତୋଲ୍ଲା ଖାମେନେଇ ନିହତ ଘଟଣାରେ ପାର୍ଲାମେଣ୍ଟରେ ଏପର୍ଯ୍ୟନ୍ତ ଶୋକ ପ୍ରସ୍ତାବ ଅଣାଗଲା ନାହିଁ ବୋଲି ଜୟରାମ Xରେ ଲେଖିଛନ୍ତି।

# ଅବାଧ ଏଲ୍‌ପିଜି ଯୋଗାଣ ପ୍ରତିଶ୍ରୁତି ଦେଲା କେନ୍ଦ୍ର

ନୂଆଦିଲ୍ଲୀ, ୧୩।୩(ପି.ଟି.)

ଏଲ୍‌ପିଜି ବୁକିଂକୁ ନେଇ ଭୟ କରିବା ଆବଶ୍ୟକ ନାହିଁ। ପରିବାରଗୁଡ଼ିକୁ ଅବାଧ ଏଲ୍‌ପିଜି ଯୋଗାଣ ସୁନିଶ୍ଚିତ କରାଯାଇଛି ବୋଲି କେନ୍ଦ୍ର ସରକାର ଶୁକ୍ରବାର ପ୍ରତିଶ୍ରୁତି ଦେଇଛନ୍ତି। ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ଗଣମାଧ୍ୟମକୁ କହିଛନ୍ତି, ଏଲ୍‌ପିଜିର ଘରୋଇ ଉତ୍ପାଦନ ଗତ ୫ ତାରିଖରୁ ୩୦ ପ୍ରତିଶତ ବଢ଼ାଯାଇଛି। ତେଣୁ ବୁକିଂକୁ ନେଇ ଭୟ କରିବାର କାରଣ ନାହିଁ। କୌଣସି ଏଲ୍‌ପିଜି ଡିଲରଙ୍କ ପାଖରେ ରନ୍ଧନ ଗ୍ୟାସ୍ ସଙ୍କଟ ହୋଇନାହିଁ ବୋଲି ଶର୍ମା କହିଛନ୍ତି।

ଯୁଦ୍ଧ ପୂର୍ବରୁ ହାରାହାରି ଏଲ୍‌ପିଜି ବୁକିଂ ୫୫.୭ ଲକ୍ଷ ଥିବାବେଳେ ଏବେ ତାହା ୭୫.୭ ଲକ୍ଷକୁ ବୃଦ୍ଧି ପାଇଥିବାରୁ ଲୋକେ ଭୟଭୀତ ଥିବା ସ୍ପଷ୍ଟ ହେଉଛି। ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁ ଇରାନ ଇନ୍ଧନ ପରିବହନର ଗୁରୁତ୍ୱପୂର୍ଣ୍ଣ ପଥ ହର୍ମୁଜ୍ ଷ୍ଟ୍ରେଟ୍‌କୁ ଅବରୋଧ କରିଥିବାରୁ ଅଶୋଧିତ ତୈଳ ଓ ପେଟ୍ରୋଲିୟମ୍ ସାମଗ୍ରୀ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଭାରତ ଆବଶ୍ୟକତାର ୮୮ ପ୍ରତିଶତ ଅଶୋଧିତ ତୈଳ, ୫୦ ପ୍ରତିଶତ ଏଲ୍‌ଏନ୍‌ଜି ଏବଂ ୬୦ ପ୍ରତିଶତ ଏଲ୍‌ପିଜି ଆମଦାନୀ କରୁଥିବାବେଳେ ଏହାର ଅଧିକାଂଶ ଭାଗ ହର୍ମୁଜ୍ ସାମୁଦ୍ରିକ ପଥ ଦେଇ ଆସିଥାଏ।

# ୭୧୬.୮୧ ବିଲିୟନ୍ ଡଲାରକୁ ଖସିଲା ଫରେକ୍ସ ରିଜର୍ଭ

ମୁମ୍ବାଇ, ୧୩।୩(ପି.ଟି.)

ଭାରତର ବିଦେଶୀ ମୁଦ୍ରା ପାଣ୍ଠି ୭୧୬.୮୧୦ ବିଲିୟନ୍ ଆମେରିକୀୟ ଡଲାରକୁ ଖସିଛି। ମାର୍ଚ୍ଚ ୬ରେ ଶେଷ ହୋଇଥିବା ସପ୍ତାହରେ ଫରେକ୍ସ ରିଜର୍ଭରେ ୧୧.୬୮୩ ବିଲିୟନ୍ ଡଲାର ହ୍ରାସ ଘଟିଥିବା ସୂତ୍ରରୁ ଜଣାପଡ଼ିଛି। ଏହା ପୂର୍ବ ସପ୍ତାହରେ ଦେଶର ମୋଟ ଫରେକ୍ସ ରିଜର୍ଭରେ ୪.୮୮୫ ବିଲିୟନ୍ ଡଲାର ବୃଦ୍ଧି ପାଇ ସର୍ବକାଳୀନ ରେକର୍ଡ ୭୨୮.୪୯୪ ବିଲିୟନ୍ ଡଲାରକୁ ଛୁଇଁଥିଲା। କିନ୍ତୁ ପରେ ଯୁଦ୍ଧ ସଙ୍କଟ ସାଙ୍ଗକୁ ବିଦେଶୀ ମୁଦ୍ରା ସମ୍ପତ୍ତି ୯.୮୮୦ ବିଲିୟନ୍ ଡଲାର ହ୍ରାସ ପାଇ ୫୬୩.୨୪୫କୁ ଖସିଥିବାରୁ ଫରେକ୍ସ ରିଜର୍ଭରେ ଏପରି ଊଣା ଦେଖିବାକୁ ମିଳିଥିବା ଶୁକ୍ରବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଜାରି ତଥ୍ୟରୁ ଜଣାପଡ଼ିଛି।

# ଇରାକ୍‌ରେ ଖସିଲା ଆମେରିକା ବିମାନ: ୪ ମୃତ

ଦୁବାଇ, ୧୩।୩(ଏ.ପି.)

ଇରାନ୍ ବିରୋଧୀ ଯୁଦ୍ଧରେ ଆମେରିକାର ସାମରିକ ବିମାନଗୁଡ଼ିକୁ ତୈଳ ଯୋଗାଉଥିବା ଏକ କେସି-୧୩୫ ଏୟାରକ୍ରାଫ୍ଟ ପଶ୍ଚିମ ଇରାକ୍‌ରେ ଖସିପଡ଼ିଛି। ବିମାନରେ ନିଆଁ ଲାଗିଯିବାରୁ ସେଥିରେ ଥିବା ୬ କ୍ରିଉ ମେମ୍ବରଙ୍କ ମଧ୍ୟରୁ ୪ ଜଣ ପ୍ରାଣ ହରାଇଛନ୍ତି।

ମଧ୍ୟପ୍ରାଚ୍ୟ ଯୁଦ୍ଧ ଉପରେ ନଜର ରଖିଥିବା ଆମେରିକାର ସେଣ୍ଟ୍ରାଲ କମାଣ୍ଡ୍ ପକ୍ଷରୁ ଶୁକ୍ରବାର ଜାରି ଏକ ବିବୃତିରେ କୁହାଯାଇଛି, ଆକାଶରେ ଗୋଟିଏ ବିମାନରେ କେସି-୧୩୫ ଏୟାରକ୍ରାଫ୍ଟ ତୈଳ ଭର୍ତ୍ତି କରୁଥିବାବେଳେ ଏହା ଖସିପଡ଼ିଥିଲା। ଏହି ଅଘଟଣର କାରଣ ସ୍ପଷ୍ଟ ହୋଇନାହିଁ। ଏପରି କାହିଁକି ଘଟିଲା ସେନେଇ ତଦନ୍ତ ଚାଲିଛି। ତେବେ ଶତ୍ରୁପକ୍ଷର ଆକ୍ରମଣ ଯୋଗୁ ଏହା ଖସିପଡ଼ିନାହିଁ। ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ପରଠୁ ଆମେରିକୀୟ ବିମାନ ଖସିବାରେ ଏହା ହେଉଛି ଚତୁର୍ଥ ଘଟଣା। ଅନ୍ୟପକ୍ଷେ ତୈଳ ଭର୍ତ୍ତି କରାଯାଇଥିବା ଅନ୍ୟ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିଥିବା ଆମେରିକା ବାୟୁସେନା ସ୍ପଷ୍ଟ କରିଛି। କେସି-୧୩୫ ଷ୍ଟ୍ରାଟୋଟ୍ୟାଙ୍କର ହେଉଛି ଆମେରିକା ବାୟୁସେନାର ଏକ ଏୟାରକ୍ରାଫ୍ଟ, ଯାହାକି ଆକାଶରେ ଅନ୍ୟ ଦୂରଗାମୀ ବିମାନଗୁଡ଼ିକୁ ତୈଳ ଯୋଗାଇଥାଏ। ଏପରି କି ଯୁଦ୍ଧ ସମୟରେ ଆହତ ସୈନ୍ୟମାନଙ୍କୁ ମଧ୍ୟ ଉଦ୍ଧାର କରି ଆମେରିକାକୁ ନେବା ସହ ସର୍ଭିଲାନ୍ସ ମିଶନରେ ନିୟୋଜିତ ହୋଇଥାଏ। ବୋଇଂ ୭୦୭ ବିମାନଟି ୬୦ରୁ ଉର୍ଦ୍ଧ୍ୱ ବର୍ଷ ଧରି ଆମେରିକା ବାୟୁସେନାରେ କାର୍ଯ୍ୟରତ ଥିଲା। ୧୯୬୦ ଦଶକରେ ଏହାର ଶେଷ ବିମାନ ନିର୍ମାଣ କରାଯାଇଥିଲା ବୋଲି ଦକ୍ଷିଣ କୋରିଆର ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ପଲିସି ଷ୍ଟଡିଜ୍‌ର ସୁରକ୍ଷା ବିଶେଷଜ୍ଞ ୟାଙ୍ଗ୍ ଉକ୍ ସୂଚନା ଦେଇଛନ୍ତି।



ପ୍ରତୀକାତ୍ମକ ଫଟୋ- ସୌଜନ୍ୟ ରଏଟର୍ସ।



ନୀନା ଗୁପ୍ତା

# ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ଟାଣିଲେ ନୀନା

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ନୀନା ଗୁପ୍ତା ଆଜିକାଲି ଚର୍ଚ୍ଚାରେ ଅଛନ୍ତି। କେହି କେହି କହୁଛନ୍ତି ସେ କୁଆଡ଼େ ଗର୍ଭବତୀ ଅଛନ୍ତି। ଏସବୁ ଚର୍ଚ୍ଚା ମଧ୍ୟରେ ନୀନା ମୁହଁ ଖୋଲିଛନ୍ତି। ଏତିକି ଶୁଣିବା ବାକି ଥିଲା। ଏଥିରୁ ଆମ ସମାଜର ପ୍ରଗତି କେଉଁଆଡ଼କୁ ଯାଉଛି ତାହା ଜଣାପଡୁଛି। କିଛି ଦିନ ପୂର୍ବରୁ ନୀନା ହାଇଦ୍ରାବାଦରେ ରଶ୍ମିକା ମନ୍ଦାନା ଏବଂ ବିଜୟ ଦେବରକୋଣ୍ଡାଙ୍କ ଦ୍ୱାରା ଆୟୋଜିତ ବିବାହ ରିସେପଶନରେ ଯୋଗ ଦେଇଥିଲେ। ଏହାର କିଛି ସମୟ ପରେ ଇଣ୍ଟରନେଟରେ ଖବର ପ୍ରସାରିତ ହେବା ଆରମ୍ଭ ହେଲା ୬୬ ବର୍ଷୀୟା ନୀନା ଗର୍ଭବତୀ ଅଛନ୍ତି। କାରଣ ସେ ତାଙ୍କ ପେଟରେ ହାତ ରଖି ପୋଜ ଦେଉଥିବାର ଦେଖାଯାଇଥିଲା। ଏସବୁ ଚର୍ଚ୍ଚାକୁ ନେଇ ନୀନା କୁହନ୍ତି, ମୁଁ ପିନ୍ଧିଥିବା ଶାଢ଼ିର କପଡ଼ା ବହୁତ ମୋଟା ଥିଲା। ତେଣୁ ଭୁଲ୍ ବୁଝାମଣା ସୃଷ୍ଟି କରିଥିଲା। ମୋ ବୟସରେ ଗର୍ଭଧାରଣ ଚର୍ଚ୍ଚା ପ୍ରକୃତରେ ମଜାଦାର ଲାଗିଥିଲା। ଏହା ସୂଚାଇ ଦିଏ ଯେ ଆମ ଲୋକଙ୍କ ମାନସିକତା କେଉଁଆଡ଼କୁ ଗତି କରୁଛି।

ନୀନା ବେଶ୍ ସ୍ପଷ୍ଟବାଦୀ। ୧୯୮୦ ଦଶକରେ ସେ ପ୍ରସିଦ୍ଧ ୱେଷ୍ଟଇଣ୍ଡିଜ କ୍ରିକେଟର ଭିଭିଆନ ରିଚାର୍ଡସଙ୍କ ସହିତ ସମ୍ପର୍କରେ ଥିଲେ। ସେହି ସମୟରେ ତାଙ୍କ ଝିଅ ମସାବା ଜନ୍ମ ହୋଇଥିଲେ। ୨୦୦୮ରେ ସେ ଦିଲ୍ଲୀର ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିବେକ ମେହରାଙ୍କୁ ବିବାହ କରିଥିଲେ।


ନ୍ୟାୟ ଦାବିରେ ବିଂଝୁଆ ଅଞ୍ଚଳବାସୀ ବହଳଦା-ତିରିଂ ସଂଯୋଗ କରୁଥିବା ୨୨୦ ନଂ ଜାତୀୟ ରାଜପଥକୁ ଅବରୋଧ କରିଥିବାବେଳେ ବୁଝାଶୁଝା କରିବାକୁ ଆସିଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଆକ୍ରମଣ କରୁଛନ୍ତି। (ନୀଳାଦ୍ରି ବିହାରୀ ଦଣ୍ଡପାଟ)

# ନାବାଳିକାଙ୍କୁ ଅସଦାଚରଣ ନେଇ ତୁମୁଳକାଣ୍ଡ

## ତହସିଲଦାରଙ୍କ ଗାଡ଼ି ଭଙ୍ଗାରୁଜା, ପୋଲିସକୁ ମରଣାନ୍ତକ ଆକ୍ରମଣ

**ନାବାଳିକାଙ୍କ ସାଇକେଲକୁ ଯୁବକଙ୍କ ସାଇକେଲ ଧକ୍କା ଦେଇଥିଲା। ଏତିକିରୁ ୨ଜଣଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଯୁବକଜଣକ ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହେବା ପରେ ମୟୂରଭଞ୍ଜ ଜିଲା ବିଂଝୁଆ ଅଞ୍ଚଳରେ ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଥିଲା। ଉତ୍ୟକ୍ତ ଲୋକେ ଗୁରୁବାର ରାତିରେ ଯୁବକଙ୍କ ଘର ପୋଡ଼ିଦେଇଥିଲେ। ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ଲାଗି ପ୍ରଶାସନିକ ଉଦ୍ୟମ ହୋଇଥିବାବେଳେ ଶୁକ୍ରବାର ତହସିଲଦାରଙ୍କ ଗାଡ଼ି ଭଙ୍ଗାରୁଜା ସହ ଉତ୍ୟକ୍ତ ଲୋକେ ପୋଲିସକୁ ଗୋଡ଼ାଇ ପିଟିଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ଲାଗିରହିଛି।**

ବାରିପଦା, ୧୩।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ତିରିଂ ଥାନା ବିଂଝୁଆ ଅଞ୍ଚଳର ଜଣେ ଆଦିବାସୀ ନାବାଳିକାଙ୍କୁ ଗୁରୁବାର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟ ଯୁବକଙ୍କ ଅସଦାଚରଣକୁ ନେଇ ଲଙ୍କାକାଣ୍ଡ ଘଟିଛି। ନାବାଳିକାଙ୍କ ପରିବାର ଲୋକଙ୍କ ସହ ଅଞ୍ଚଳବାସୀ ରାତି ଅଧରେ ଉକ୍ତ ଯୁବକଙ୍କ ଘରକୁ ଯାଇ ଉନ୍ମତ୍ତକାଣ୍ଡ ଭିଆଇଥିଲେ। ଯୁବକଜଣକ ଭୁଲ୍ ମାଗିଥିଲେ ମଧ୍ୟ ପରିସ୍ଥିତି ଶାନ୍ତ ପଡି ନ ଥିଲା। ପୋଲିସ ଯୁବକଙ୍କୁ ଉଦ୍ଧାର କରି ଆଣିବା ପରେ ଲୋକେ ଉତ୍ତେଜିତ ହୋଇ ତାଙ୍କ ଘରକୁ



### ୯ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ଆହତ

ଭଙ୍ଗାରୁଜା କରିବା ସହ ଗ୍ୟାସ ଟାଙ୍କି ଖୋଲି ନିଆଁ ଲଗାଇଦେଇଥିଲେ। ଏପରିକି ଦମକଳ ଗାଡିକୁ ମଧ୍ୟ ନିଆଁ ଲିଭାଇବାକୁ ଦେଇ ନ ଥିଲେ। ଏହି ଘଟଣା ଶୁକ୍ରବାର ଉଗ୍ରରୂପ ଧାରଣ କରିଛି। ଅଞ୍ଚଳବାସୀ ଆଦିବାସୀମାନଙ୍କୁ ଏକାଠି କରି ନ୍ୟାୟ ଦାବିରେ ବହଳଦା-ତିରିଂ ସଂଯୋଗ କରୁଥିବା ଜାତୀୟ ରାଜପଥ ୨୨୦କୁ ଅବରୋଧ କରିଥିଲେ। ଖବରପାଇ ବହଳଦା ତହସିଲଦାର ଓ ପୋଲିସ ପହଞ୍ଚି ବୁଝାଶୁଝା କରିବା ସମୟରେ ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ଲୋକେ ତହସିଲଦାରଙ୍କ ଗାଡ଼ି ଭାଙ୍ଗିବା ସହ ପୋଲିସ କର୍ମଚାରୀଙ୍କ ଉପରେ ଅତର୍କିତ ଆକ୍ରମଣ କରି ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଆକ୍ରମଣରେ ୯ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ଆହତ ହୋଇଥିବା ବେଳେ କନଷ୍ଟେବଲ ପ୍ରଶାନ୍ତ ମହାନ୍ତିଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କୁ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଜିଲାପାଳ ହେମକାନ୍ତ ସୟ ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ ☞ ପୃଷ୍ଠା-୪

# ଋତୁସ୍ରାବକାଳୀନ ଛୁଟି ନୀତି ଆଣିଲେ ମହିଳାଙ୍କୁ କେହି ଚାକିରି ଦେବେନି

## ପିଆଇଏଲ୍‌ର ଶୁଣାଣି ପାଇଁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୩।୩(ପି.ଟି.)

ମହିଳା କର୍ମଚାରୀଙ୍କୁ ସବୈତନିକ ଋତୁସ୍ରାବକାଳୀନ ଛୁଟି ପ୍ରଦାନ ଲାଗି ଦେଶବ୍ୟାପୀ ଏକ ନୀତି ପ୍ରଣୟନ ନିମନ୍ତେ ନିବେଦନ କରି ଦାଏର ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ଶୁଣାଣି ପାଇଁ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ଏଭଳି ସ୍ଥିତିରେ ମହିଳାମାନଙ୍କୁ କେହି ନିଯୁକ୍ତି ଦେବେ ନାହିଁ ଏବଂ ଏପରି ବ୍ୟବସ୍ଥା ଅଜାଣତରେ ଲିଙ୍ଗଗତ ରଢ଼ିବାଦୀ ଧାରଣାକୁ ଦୃଢ଼ କରିବ ବୋଲି ସର୍ବୋଚ୍ଚ ଅଦାଲତ ଟିପ୍ପଣୀ ଦେଇଛନ୍ତି।

ଆବେଦନକାରୀଙ୍କ ପିଟିଶନକୁ ବିଚାରକୁ ନେଇ ଷ୍ଟେକ୍‌ହୋଲ୍ଡରଙ୍କ ସହ ପରାମର୍ଶ କରି ଋତୁସ୍ରାବକାଳୀନ ଛୁଟି ପାଇଁ ନୀତି ପ୍ରଣୟନର ସମ୍ଭାବନା ସମ୍ପର୍କରେ ଅନୁଧ୍ୟାନ କରିବାକୁ ଅଦାଲତ କେନ୍ଦ୍ର ସରକାର ଓ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଥିଲେ, ଆବେଦନ ପଛର ଉଦ୍ଦେଶ୍ୟ ନିଶ୍ଚୟ ମଙ୍ଗଳକେନ୍ଦ୍ରିକ। ତେବେ ନିଯୁକ୍ତି ବଜାରର ବାସ୍ତବ ସ୍ଥିତି ଯାହା ମହିଳାଙ୍କ ଉନ୍ନତି ପାଇଁ ଉଦ୍ଦିଷ୍ଟ, ତାହା ଓଲଟା ସେମାନଙ୍କ କ୍ୟାରିୟର ପାଇଁ କ୍ଷତିକାରକ ହୋଇପାରେ। ଭୟ ସୃଷ୍ଟି କରିବା, ମହିଳାଙ୍କୁ ଅନୁନ୍ନତ ଦର୍ଶାଇବା ଏବଂ ଋତୁସ୍ରାବ ସେମାନଙ୍କ ପାଇଁ ଏକ ଖରାପ ଘଟଣା ବୋଲି ଜଣାଇବା ଲାଗି ଏଭଳି ପିଟିଶନ ଦାଏର କରାଯାଉଛି। ଏହା ସକାରାତ୍ମକ ଦାବି ହେଲେ ମଧ୍ୟ ଯେଉଁ ନିଯୁକ୍ତିଦାତା ସବେତନ ଛୁଟି ଦେବେ, ତାଙ୍କ କଥା ଚିନ୍ତା କରାଯାଉ ବୋଲି ଖଣ୍ଡପୀଠ କହିଛନ୍ତି।

ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଏମ୍.ଆର୍. ଶମ୍‌ସାଦ କହିଥିଲେ, କର୍ନାଟକ ସରକାର ଋତୁସ୍ରାବକାଳୀନ ଛୁଟି ଦେବା ପାଇଁ ନୀତି ପ୍ରସ୍ତୁତ କରିଛନ୍ତି। କେତେକ ଘରୋଇ ସଂସ୍ଥା ମଧ୍ୟ ଏହି ସୁବିଧା ଦେଉଛନ୍ତି। ଏହାର ଜବାବରେ ଖଣ୍ଡପୀଠ କହିଥିଲେ, ସ୍ୱେଚ୍ଛାକୃତ ଭାବେ ସେମାନେ ଯଦି ଦେଉଥାନ୍ତି, ତାହେଲେ ବହୁତ ଭଲ କଥା। ତେବେ ଆଇନରେ ଯଦି ବାଧ୍ୟତାମୂଳକ ସର୍ତ୍ତ ରଖାଯାଏ, ତେବେ ତାହା ମହିଳାଙ୍କ କ୍ୟାରିୟର ପ୍ରତି କ'ଣ କ୍ଷତି ପହଞ୍ଚାଇବ, ତାହା ଆପଣମାନେ ଜାଣନ୍ତି ନାହିଁ। ସେମାନଙ୍କୁ କେହି ଦାୟିତ୍ୱ ଦେବେନାହିଁ, ଏପରିକି ନ୍ୟାୟିକ ସେବାରେ ମଧ୍ୟ ନୁହେଁ ବୋଲି ସିଜେଆଇ କହିଛନ୍ତି।

# ଭାଜପା ଛାଡ଼ିଲେ ପୂର୍ବତନ ବିଧାୟକ ଜୀବନପ୍ରଦୀପ

ବାଲେଶ୍ୱର, ୧୩।୩(ବାଞ୍ଛାନିଧି ଦେ)


ଖବରଦାତା ସମ୍ମିଳନୀରେ ଜୀବନପ୍ରଦୀପ ଦାସ।

ଭାଜପାରେ ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନାଙ୍କ ଯୋଗଦାନ ପରେ ବାଲେଶ୍ୱର ଜିଲାରେ ଭାଜପାରେ ହଲଚଲ ଦେଖିବାକୁ ମିଳିଛି। ରବୀନ୍ଦ୍ରଙ୍କ ଯୋଗଦାନକୁ ନେଇ ଅସନ୍ତୁଷ୍ଟ ହୋଇ ଦଳ ଛାଡ଼ିଛନ୍ତି ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ। ଶୁକ୍ରବାର ରାଣୀପାଟଣାସ୍ଥିତ ଆମନ୍ତ୍ରଣ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଓଡ଼ିଶାରେ ୨୦୨୪ ନିର୍ବାଚନରେ ଦଳ କ୍ଷମତାକୁ ଆସିଲା ପରେ ଏହାର ଯେଉଁ ନୈତିକ ପତନ ହୋଇଛି, ମୁଁ ନିଜକୁ ସେଥିରେ ସହମତ କରିପାରୁନାହିଁ। ଜଣେ ଚିଟ୍‌ଫଣ୍ଡ ଅଭିଯୁକ୍ତ, ଯାହାଙ୍କ ଉପରେ ସିବିଆଇ କେସ୍ ଚାଲିଛି, ଯିଏ ଜାମିନରେ ଅଛନ୍ତି, ତାଙ୍କୁ ଦଳରେ ସାମିଲ କରି ଦଳ ତା'ର 'ମୂଲ୍ୟବୋଧ ରାଜନୀତି' ବିଚାରଠାରୁ ବହୁ ଦୂରକୁ ଚାଲିଯାଇଛି। ଅହଙ୍କାରର ବଶବର୍ତ୍ତୀ ହୋଇ ରାଜ୍ୟ ନେତୃବୃନ୍ଦ ସମଗ୍ର ନୈତିକତା ହରାଇଛନ୍ତି। ସେହିପରି ଆଗାମୀ ରାଜ୍ୟ ସଭା ନିର୍ବାଚନରେ ତୃତୀୟ ପ୍ରାର୍ଥୀ ପାଇଁ ଆବଶ୍ୟକ ସଂଖ୍ୟା ☞ ପୃଷ୍ଠା-୪

# ଗ୍ରାମାଞ୍ଚଳରେ ଏଲ୍‌ପିଜି ବୁକିଂ ୪୫ ଦିନକୁ ବୃଦ୍ଧି

## ଚାହିଦାର ୨୦% ମିଳିବ ବ୍ୟବସାୟିକ ଗ୍ୟାସ୍, ୩୦% ବୁକିଂ ଡ୍ରପ୍

ଭୁବନେଶ୍ୱର, ୧୩।୩(ରବିନାରାୟଣ ଜେନା)

ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ତୁରନ୍ତ ବିଶ୍ୱର ଅନେକ ଦେଶର ଲୋକଙ୍କ ଉପରେ ପଡ଼ିଛି। ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣକୁ ଦୃଢ଼ ଜବାବ ଦେବାକୁ ଯାଇ ଇରାନ୍ ସାମୁଦ୍ରିକ ଜଳପଥ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ' ଦେଇ ବିଭିନ୍ନ ଦେଶକୁ ଯାଉଥିବା ତୈଳ ଓ ରନ୍ଧନ ଗ୍ୟାସ (ଏଲ୍‌ପିଜି) ପରିବହନକାରୀ

### ଅତ୍ୟଧିକ ବୁକିଂ ଯୋଗୁ ସର୍ଭର ଡାଉନ

ଜାହାଜଗୁଡ଼ିକୁ ଆକ୍ରମଣ କରୁଛି। ଫଳରେ ପେଟ୍ରୋଲିୟମ ସାମଗ୍ରୀ ଓ ଏଲ୍‌ପିଜିର ଅଭାବ ଯୁଦ୍ଧ ଆରମ୍ଭର କିଛିଦିନ ମଧ୍ୟରେ ଦେଖିବାକୁ ମିଳିଛି, ଯାହାକି ଏବେ ଗୁରୁତର ସମସ୍ୟା ଭାବେ ଉଭା ହୋଇଛି। ଭାରତର କୋଣ ଅନୁକୋଣରେ ଏହି ସମସ୍ୟାରେ ଲୋକେ ହନ୍ତସନ୍ତ ହେଉଥିବାବେଳେ ଓଡ଼ିଶା ଏଥିରୁ ବାଦ୍ ପଡ଼ିନାହିଁ। ଏନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ କରି ଲୋକେ ଏବଂ କେତେକ ରାଜନୈତିକ ଦଳ ପ୍ରତିବାଦ କରିଛନ୍ତି। ଏଭଳିସ୍ଥଳେ କମର୍ସିଆଲ ଏଲ୍‌ପିଜି (ବ୍ୟବସାୟିକ ଗ୍ୟାସ୍) ଉପରେ ଅଙ୍କୁଶ ଲଗାଯାଇଛି। ତଦନୁଯାୟୀ ପୂର୍ବରୁ କମର୍ସିଆଲ ଗ୍ୟାସ ☞ ପୃଷ୍ଠା-୪

## ରନ୍ଧନ ଗ୍ୟାସ୍‌ର ଅଭାବ ନାହିଁ: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୧୩।୩(ରବିନାରାୟଣ ଜେନା)

ରାଜ୍ୟରେ ରନ୍ଧନ ଗ୍ୟାସ୍‌ର ଅଭାବ ନାହିଁ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ରନ୍ଧନ ଗ୍ୟାସ୍‌କୁ ନେଇ ରାଜ୍ୟରେ ଦେଖାଦେଇଥିବା ଅଭାବନୀୟ ସ୍ଥିତିକୁ ପରଖି ଶୁକ୍ରବାର ମନ୍ତ୍ରୀ କହିଛନ୍ତି, ଜନସାଧାରଣ ଭୟଭୀତ ହୁଅନ୍ତୁ ନାହିଁ, ପର୍ଯ୍ୟାପ୍ତ ପରିମାଣର ଗ୍ୟାସ୍ ଓଡ଼ିଶାରେ ମହଜୁଦ୍ ରହିଛି। ମନ୍ତ୍ରୀ ସାଧାରଣ ଲୋକଙ୍କୁ ନିବେଦନ କରି କହିଛନ୍ତି, ଭୟାତୁର ନ ହୋଇ ଆବଶ୍ୟକ ଅନୁସାରେ ଗ୍ୟାସ୍ ବୁକିଂ ☞ ପୃଷ୍ଠା-୪

# କୂଅରେ ପଡ଼ି ୨ ଶିଶୁ ମୃତ, ହତ୍ୟା ସନ୍ଦେହ

କୁଚିଣ୍ଡା, ୧୩।୩(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ମହୁଲପାଲି ଥାନା ଜରାଗା ପଞ୍ଚାୟତ ଅନ୍ତର୍ଗତ ସର୍ଗିଡିହି ଗ୍ରାମରେ ଶୁକ୍ରବାର କୂଅରେ ପଡ଼ି ୨ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଉକ୍ତ ଗ୍ରାମର ଜେମ୍‌ସ ମାଡକିଙ୍କ ୬ବର୍ଷ ଓ ୪ମାସର ଶିଶୁ କନ୍ୟା। ଶିଶୁ ଦ୍ୱୟଙ୍କୁ କୂଅରେ ପକାଇ ହତ୍ୟା କରାଯାଇଛି ବୋଲି ସନ୍ଦେହ କରାଯାଉଛି। ଜେମ୍‌ସ ମାଡକି ଶୁକ୍ରବାର କାମଧନ୍ଦା ସାରି ଅପରାହ୍ନରେ ଘରକୁ ଫେରିଥିଲେ। ହେଲେ ପିଲା ଦ୍ୱୟଙ୍କୁ କିମ୍ବା ପିଲାଙ୍କ ମା'ଙ୍କୁ ଦେଖିବାକୁ ପାଇ ନ ଥିଲେ। ସାହିପଡ଼ିଶା ଲୋକେ କହିଥିଲେ, ଶିଶୁ ଦ୍ୱୟଙ୍କୁ କୂଅରେ ପକାଇ ମା' କୁଆଡ଼େ ଚାଲିଯାଇଛନ୍ତି। ଜେମ୍‌ସ କୂଅ ପାଖକୁ ଯାଇ ଶିଶୁ ଦ୍ୱୟ ଭାସୁଥିବା ଦେଖିଥିଲେ। ଶିଶୁ ଦ୍ୱୟଙ୍କୁ ଉଦ୍ଧାର କରାଯାଇ ଗୋବିନ୍ଦପୁର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ମହୁଲପାଲି ଥାନା ପୋଲିସ ଓ କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛନ୍ତି। ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ସାହିପଡ଼ିଶା ଲୋକେ କହୁଥିବା କଥାକୁ ନେଇ ପୋଲିସ ତଦନ୍ତ ଚଳାଇଥିଲେ ମଧ୍ୟ ପ୍ରକୃତ କଥା ଜଣାପଡ଼ିନାହିଁ। ଶିଶୁ ଦ୍ୱୟ କୂଅରେ କିପରି ପଡ଼ିଲେ ତାହା ସନ୍ଦେହଘେରରେ ରହିଛି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ଏହି ଘଟଣା ସମ୍ପୃକ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।



The loyalty reward scheme is subject to terms and conditions. For more details visit authorised dealership. The offer is valid only on Victoris.

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏମ୍‌ସିଏଲ୍ ଷ୍ଟାର୍ଟଅପ୍ କାର୍ନିଭାଲ୍-୨୦୨୬, ସ୍ଥାନ: ସୂର୍ଯ୍ୟାଂଶ ହୋଟେଲ ଆଣ୍ଡ ରିସର୍ଟ, ସମୟ: ସକାଳ ୯ଟା।
- ଡିପାର୍ଟମେଣ୍ଟ ଅଫ୍ ବିଜିନେସ ଆଡମିନିଷ୍ଟ୍ରେଶନ ପକ୍ଷରୁ ଜାତୀୟ ସେମିନାର, ସ୍ଥାନ: ଏମ୍‌କେସିଜି ଅଡିଟୋରିୟମ, ଉତ୍କଳ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଟେକ୍ନୋଲୋଜି ପକ୍ଷରୁ ଓଡ଼ିଶା ରିସର୍ଚ୍ଚ କନ୍‌କ୍ଲେଭ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସହଯୋଗରେ ଏକଦିବସୀୟ ଆଲୋଚନାଚକ୍ର, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏଆଇଟିୟୁସିର ଜାତୀୟ କାର୍ଯ୍ୟକାରୀ କମିଟି ବୈଠକ, ସ୍ଥାନ: ରୋଟାରୀ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ସମ୍ଭାବୀ ପୁରସ୍କାର ଉତ୍ସବ, ସ୍ଥାନ: କ୍ରିଷ୍ଟାଲ୍ ହଲ୍, ମେଫେୟାର କନଭେନଶନ, ସମୟ: ପୂର୍ବାହ୍ନ ୧୧ଟା।
- ଭାଷାରଷି ପଦ୍ମଶ୍ରୀ ଡ.ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ୯୬ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମ୍ବର୍ଦ୍ଧନା ସଭା, ସ୍ଥାନ: ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।
- କବି ରବୀନ୍ଦ୍ରନାଥ ରାଉତରାୟଙ୍କ କବିତା ପୁସ୍ତକ 'ପ୍ରିୟାର ପଣତ'ର ଲୋକାର୍ପଣ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର ନୂତନ ସଭା ଗୃହ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅନ୍ତର୍ଜାତୀୟ ବିଶିଷ୍ଟ ଐତିହାସିକ ପଦ୍ମଶ୍ରୀ ପ୍ରଫେସର ହର୍‌ମାନ କୁଲ୍‌କେଙ୍କ ସ୍ମୃତି ଉପଲକ୍ଷେ ସାରସ୍ୱତ ସଭା, ସ୍ଥାନ: ଭାରତୀୟ ବିଦ୍ୟାଭବନ, ସମୟ: ସନ୍ଧ୍ୟା ୬ଟା।
- ନୃତ୍ୟାୟନ ପକ୍ଷରୁ ୪ର୍ଥ ମୀରା ନୃତ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଅସୀମ ବସୁ ଫାଉଣ୍ଡେସନ ପକ୍ଷରୁ ଅସୀମ ନାଟ୍ୟ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।
- ଦଶ ଦୋଳ ମେଳଣର ଷଷ୍ଠଦଶ ବାର୍ଷିକୀ ସମାରୋହରେ ଦିଅଁ ମେଳଣ, ସ୍ଥାନ: ବିଷ୍ଣୁ ମନ୍ଦିର ପରିସର,ଶହୀଦ ନଗର, ସମୟ: ରାତି ୮ଟା।

## ବାଲେଶ୍ୱର

- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ଅଦାଲତ ପରିସର, ବାଲେଶ୍ୱର, ସମୟ: ସକାଳ ୯ଟା।
- ଏଫ୍‌ଏମ୍‌ୟୁରେ ଆନ୍ତର୍ଜାତୀୟ ସମ୍ମେଳନ, ସ୍ଥାନ: ନୂଆପାଡ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରର ପଞ୍ଚମ ଦିବସ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଭବ୍ୟ ଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଉତ୍ସବର ଚତୁର୍ଥ ଦିବସ, ସ୍ଥାନ: ଚଣ୍ଡୀପୁର, ହଳଦୀପଦା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପୁସ୍ତକ ଉନ୍ମୋଚନ ଓ କବିତା ପାଠୋତ୍ସବ, ସ୍ଥାନ: ପଳାସପୁର, ବୁଢ଼ାଗଡ଼ିଆ, ଖଇରା, ସମୟ: ପୂର୍ବାହ୍ନ ୧୧ଟା
- ଶ୍ରୀରାମଚରିତ ମାନସ ପ୍ରବଚନର ତୃତୀୟ ସନ୍ଧ୍ୟା, ସ୍ଥାନ: ଚିନ୍ମୟ ମିଶନ ଆଶ୍ରମ, କୁରୁଡ଼ା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ଦଶମ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ବିଦାୟକାଳୀନ ସଭା, ସ୍ଥାନ: ଅଗାପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଟିଲୋ କପ୍‌ର ୨ୟ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ଟିଲୋ ହନୁମାନ ଜୀଉ ଷ୍ଟାଡିୟମ୍, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ବାଦୀପାଲା ପରିବେଷଣ, ସ୍ଥାନ: ସାରଣା, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ବାର ଆସୋସିଏଶନର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ, ସ୍ଥାନ: ବାର ଆସୋସିଏଶନ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ଟା।
- ପଖାଳ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ନିଳାଦ୍ରୀ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୧ ଟା। ଏଲଆଇସି ଡିଓଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା, ସ୍ଥାନ: ଟାଉନହଲ, ବଡ଼ବିଲ, ସମୟ: ମଧ୍ୟାହ୍ନ ୧୨ ଟା।
- ଶନିଙ୍କ ମନ୍ଦିରରେ ମାସନ୍ତ ମେଳା,ଭଜନ,ସ୍ଥାନ: ମୋଟରାଗଡିଆ, ହାଟଡିହୀ, ସମୟ:ସନ୍ଧ୍ୟା ୫ଟା।
- ଶ୍ରୀ ରାମ ନବମୀ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ : ଡ଼ଅଁର, ହାଟଡିହୀ, ସମୟ:ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ବର-ଅଶ୍ୱସ୍ତ ଗଛର ବାହାଘର, ସ୍ଥାନ: ଚିତ୍ରଡ଼ା କଲଣି ସାହି, ମୋରଡ଼ା, ସମୟ: ପୂର୍ବାହ୍ନ ୯ ଟା
- ପ୍ରଣାମ ଚିତ୍ରଡାର ତୃତୀୟ ଅଧିବେଶନ, ସ୍ଥାନ: ଚିତ୍ରଡ଼ା ଶୀର୍ଷାପାଳ, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ ଟା।

## ବ୍ରହ୍ମପୁର

- ଏଣ୍ଡୋକ୍ରାଇନ ଓ ମଧୁମେହ ସମ୍ମିଳନୀ, ସ୍ଥାନ: ଆଇଏମଏ ହଲ,ସମୟ: ରାତି ୮ଟା।

## ଗଞ୍ଜାମ

- ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ଆସିକା ବିଚାର ବିଭାଗୀୟ ଅଦାଲତ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସାମାଜିକ ନେତୃତ୍ୱ ବୈଠକ, ସ୍ଥାନ: ବୁଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ଅପରାହ୍ନ ୩ଟା।

## ଢେଙ୍କାନାଳ

- କିଡନୀ ରୋଗ ପରୀକ୍ଷଣ ଶିବିର, ସ୍ଥାନ: ବିନୋଦ ଭବନ, ଢେଙ୍କାନାଳ ବସଷ୍ଟାଣ୍ଡ, ସମୟ: ସକାଳ ୯ଟା।
- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ସିଭିଲ କୋର୍ଟ ପରିସର, ଢେଙ୍କାନାଳ, ସ୍ଥାନ: ପୂର୍ବାହ୍ନ ୧୦ଟା।
- ସିନ୍‌ଫେଷ୍ଟ ୨୦୨୬ ଉଦ୍‌ଯାପନ, ସ୍ଥାନ: ସିନର୍ଜି କଲେଜ ପରିସର, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ

- ମା ବିନ୍ଧିକେୟୀଙ୍କ ଅଷ୍ଟଦୋଳ ଯାତ୍ରା ପୂର୍ଣ୍ଣାହୁତି ପୂଜା, ସ୍ଥାନ: ଆଠମଲ୍ଲିକ ଦରୁହାସ୍ଥିତ ମା' ବିନ୍ଧିକେୟୀ ଶକ୍ତିପୀଠ, ସମୟ: ସକାଳ ୧୦ଟା।
- ଦୋଳଯାତ୍ରା, ସ୍ଥାନ: କିଶୋରନଗର ବ୍ଲକ ବଡ଼ଡଙ୍ଗିଆଣୀ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ରାଷ୍ଟ୍ରୀୟ ଲୋକ ଅଦାଲତ, କୋର୍ଟ ପରିସର, କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, ରାଜନଗର, ଆଳି, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଶ୍ରୀରାମ ବାଟିକା କମିଟି ପକ୍ଷରୁ ୨୪ ପ୍ରହରୀ ଅଖଣ୍ଡ ନାମଯଜ୍ଞ, ସ୍ଥାନ: କେନଘାଟି ସ୍ଥିତ ଶ୍ରୀରାମ ବାଟିକା, ସମୟ: ସକାଳ ୮ଟା।
- ପୂର୍ବତଟ ରେଳପଥ କ୍ରୀଡା ସଙ୍ଗଠନ ଆୟୋଜିତ ୬୯ତମ ସର୍ବ ଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ରେଳବାଇ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ପୂର୍ବତଟ ରେଳପଥ କ୍ରୀଡ଼ା ସଙ୍ଗଠନ ଆୟୋଜିତ ୬୯ତମ ସର୍ବ ଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଶ୍ରୀକଲଚରାଲ ଆସୋସିଏସନ ପକ୍ଷରୁ ୧୦ତମ ଜାତୀୟ ନାଟକ ଉତ୍ସବ ଶ୍ରୀରଙ୍ଗ ସମାଗମର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଲମ ପରିବାର ଟ୍ରଷ୍ଟ ପକ୍ଷରୁ ରାଜ୍ୟ ସ୍ତରୀୟ କବି ସମ୍ମିଳନୀର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଫୁଟ୍‌ବଲ ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦।

## ରାଉରକେଲା

- ପ୍ରଥମ ଲୋକ ଅଦାଲତ, ସ୍ଥାନ: ରାଉରକେଲା ବିରଜାପାଲି କୋର୍ଟ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ଜନ୍ମବାର୍ଷିକୀରେ ସ୍ୱର୍ଗତ ଦେବବ୍ରତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଘରୋଇ ବସଷ୍ଟାଣ୍ଡ, ବରଗଡ଼, ସମୟ: ସକାଳ ୯ଟା।
- ସାଇବର ଅପରାଧ ସଚେତନତା ଅଭିଯାନ, ସ୍ଥାନ: ଜିଲା ବରିଷ୍ଠ ନାଗରିକ ସଂଘ, ବରଗଡ଼, ସମୟ: ଅପରାହ୍ନ ୪ଟା।
- ମାଁ ମହାଲକ୍ଷ୍ମୀ ମନ୍ଦିରର ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: କଲେଜ ରୋଡ୍, ବରଗଡ଼, ସମୟ: ସନ୍ଧ୍ୟା ୫ଟା ୩୦।

## କଳାହାଣ୍ଡି

- ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ଭବାନୀପାଟଣା ଜିଲା ଓ ଦୌରା ଜଜ୍ କୋର୍ଟ, ସମୟ: ପୂର୍ବାହ୍ନ ୧୦ଟା।
- ବୃନ୍ଦାବନ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଭବାନୀପାଟଣାସ୍ଥିତ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ଜିଲା ନ୍ୟାୟାଳୟ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ନବାହ୍ନ ପାରାୟଣର ତୃତୀୟ ଦିବସ, ସ୍ଥାନ: କମିରା,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ସୁବର୍ଣ୍ଣପୁର ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଯାପନ ସମାରୋହ, ସ୍ଥାନ: ସୋନପୁର ବ୍ଲକ ଡୁଙ୍ଗୁରିପାଲିସ୍ଥିତ କୁଶଳେଶ୍ୱର ହାଇସ୍କୁଲ ପରିସର, ସମୟ: ଅପରାହ୍ନ ୩ଟା।
- ତରଭା ନୂଆପଡା ଶନିଶ୍ଚର ମନ୍ଦିରରେ ମହା ଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ସୁଭଦ୍ରା ଶକ୍ତି ମେଳା ପଞ୍ଚମ ଦିବସ, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ପଡିଆ ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା।
- ତିଖାଳି ଡ୍ୟାମ୍ ଲୋକ ମହୋତ୍ସବ ଦ୍ୱିତୀୟ ରଜନୀ, ସ୍ଥାନ: ଖଡିଆଳ ବ୍ଲକ ତିଖାଳି ଡ୍ୟାମ ବାବା ଜଳେଶ୍ୱର ମନ୍ଦିର ନିକଟ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ୱାର୍ଡ ପରିମଳ ୱାର୍ଡ ମୁଣ୍ଡରୁ କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ଏନ୍‌ଏସିର ସମସ୍ତ ୱାର୍ଡ, ସମୟ: ସକାଳ ୮ଟା ୩୦।

## ଝାରସୁଗୁଡ଼ା

- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ହରେକୃଷ୍ଣପୁର ନାମମଣ୍ଡପ, ସମୟ: ସକାଳ ୮ଟା।
- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ବେହେରାମାଲ ରାଧାମାଧବ ମନ୍ଦିର, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବୃହସ୍ପତି କ୍ଷେତ୍ରସ୍ଥ ଚନ୍ଦ୍ର ଭଲ କାମରେ ଖର୍ଚ୍ଚାନ୍ତ କରାଇପାରନ୍ତି। ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟାକୁ କେନ୍ଦ୍ର କରି ଅସ୍ଥିରତା କ୍ରମଶଃ ଦୂରେଇଯିବ। ଯାନବାହନ ଚଳାଚଳରେ, ଆଲୋଚନା କ୍ଷେତ୍ରରେ, ଦୋକାନ, ହୋଟେଲ, ରେଷ୍ଟୁରାଣ୍ଟାଦିରେ ସୁଫଳ ପାଇବେ। କର୍ମକ୍ଷେତ୍ରରେ ବନ୍ଧୁଙ୍କ କଥାକୁ ବିଶ୍ୱାସ କରି ପରେ ଅନୁତାପ କରିପାରନ୍ତି।

**ବୃଷ** ଏକାଧିକ ଗ୍ରହଙ୍କ ସନ୍ନିବେଶରୁ ରାଜଯୋଗ ପ୍ରଭାବରେ ସାମଗ୍ରିକ ଦିଗରୁ ସୁବିଧା, ସୁଯୋଗ ସହ କାର୍ଯ୍ୟ ସାଧନ କରିବେ। ଆତ୍ମୀୟଙ୍କ ସମ୍ପର୍କରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। କର୍ମକ୍ଷେତ୍ର ଓ ପରିବାରରେ ଧୀରମନ୍ଥର ଗତିରେ କାମ କରିବାକୁ ବାଧ୍ୟ ହେବେ। ସାହିତ୍ୟ, ପ୍ରଶାସନ ଓ ରାଜନୈତିକ କ୍ଷେତ୍ରରେ ପତିଆରା ଜାହିର୍ କରିପାରିପାରନ୍ତି।

**ମିଥୁନ** ଚେଷ୍ଟା କରୁଥିବା କାମ ଶୃଙ୍ଖଳିତ ନ ହେବାରୁ ହଇରାଣ ହୋଇପାରନ୍ତି। ବ୍ୟବସାୟକୁ ବଢ଼ାଇ ଦେଇ ପାରନ୍ତି କିମ୍ବା ନୂତନ ଭାବେ କିଛିଟା ଆରମ୍ଭ କରି ଆତ୍ମତୃପ୍ତି ଲାଭ କରିପାରନ୍ତି। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁ ସାହାଯ୍ୟ କରିବେ। ବାହାର ସ୍ଥାନରେ ଅଜଣା ଅଶୁଣା ଲୋକମାନଙ୍କ ସହ ରହିବା ମୁସ୍କିଲ ହୋଇପାରେ।

**କର୍କଟ** ଗ୍ରାହକଙ୍କ ସହିତ ମୂଲ୍ୟବାନ୍ ଜିନିଷ କିଣାବିକାକୁ କେନ୍ଦ୍ରକରି ଟଣାଓଟରା ଲାଗିପାରେ। କର୍ମକ୍ଷେତ୍ରରେ ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କରିପାରନ୍ତି। ଉଚ୍ଚ ପଦାଧିକାରୀଙ୍କ ସକ୍ରିୟ ସହଯୋଗରୁ ବଦଳି ସମସ୍ୟା ସମାଧାନ ହୋଇଯିବ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଉପକୃତ ହୋଇପାରିବେ।

**ସିଂହ** ଅନ୍ୟମାନଙ୍କ ଟେକାଟେକି କଥାରେ ଉତ୍ଫୁଲ୍ଲିତ ହୋଇ ନିଜ ପାଇଁ ସମସ୍ୟାକୁ ଡାକି ଆଣିପାରନ୍ତି। ହଠାତ୍ କୌଣସି ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ପଛ କଥା ନ ଭାବି ବର୍ତ୍ତମାନର ପରିସ୍ଥିତିକୁ ସାମ୍ନା କରିବା ବିଜ୍ଞତାର କାମ ହେବ। ବନ୍ଧୁଙ୍କ ସହାୟତାରେ ଆର୍ଥିକ ପରିସ୍ଥିତି ସୁଧୁରିଯିବା ଆଶା କରି କେତେକାଂଶରେ ଖୁସି ହେବେ।

**କନ୍ୟା** ସବୁ ସୁବିଧା ଥାଇ ମଧ୍ୟ ଆଳସ୍ୟ, ଅବହେଳା ଓ କାଳକ୍ଷେପଣ ନୀତି ଯୋଗୁ କାର୍ଯ୍ୟଟିରେ ବିଳମ୍ବ ଘଟିବ। ଅଫିସ୍ କାମରେ ଭୁଲ୍ ନିଷ୍ପତ୍ତି ହିଁ ସମସ୍ୟାକୁ ବଢ଼ାଇ ଦେବ। ପ୍ରିୟ ବ୍ୟକ୍ତିଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହୋଇପାରନ୍ତି। ପାରିପାର୍ଶ୍ୱିକ ଓ ପାରିବାରିକ ପରିସ୍ଥିତି କେତେକାଂଶରେ ଭଲ ରହିବାରୁ ଆଶ୍ୱସ୍ତି ଅନୁଭବ କରିବେ।

**ତୁଳା** ବୃହସ୍ପତିଙ୍କ ଶୁଭ ଦୃଷ୍ଟିରୁ କାମ ଅଟକିବ ନାହିଁ ଏବଂ ଘରେ ବନ୍ଧୁମିଳନ ସହିତ ଖୁସିର ଆସର ଜମିପାରେ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ଯାନ୍ତ୍ରିକ ତ୍ରୁଟିରୁ ପ୍ରତ୍ୟୁଷ ଯାତ୍ରା ବିଳମ୍ବ ହୋଇପାରେ। ବନ୍ଧୁଙ୍କ ଆହ୍ୱାନରେ ନିଜ ପରିସରରେ ଧର୍ମକାର୍ଯ୍ୟ ପାଇଁ ପ୍ରେରଣା ମିଳିପାରେ।

**ବିଛା** ସମୟର ପ୍ରତିକୂଳତା ପ୍ରଭାବରେ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବଢ଼ିପାରେ। ବନ୍ଧୁ ସ୍ୱାର୍ଥବାଦୀ ହୋଇ ଆପଣଙ୍କ ପାଇଁ ପ୍ରତିବନ୍ଧକ ସୃଷ୍ଟି କରିବ। ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନିର ଆଶଙ୍କା ରହିଛି। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବାର ସୂଚନା ରହିଛି।

**ଧନୁ** ସହକର୍ମୀଙ୍କ ଦ୍ୱାରା ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ନିଜ ନିଜର ସୁଖ, ସୁବିଧାକୁ ଅଗ୍ରାଧିକାର ଦେଇ ନିକଟ ସମ୍ପର୍କୀୟମାନେ ବିଶ୍ୱାସଘାତକତା କରିପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଧାରକରଜ କରିବାକୁ ପଡ଼ିପାରେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା କାରଣରୁ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ମକର** ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସହକର୍ମୀଙ୍କ ସହାୟତାରୁ ସରକାରୀ କ୍ଷେତ୍ରରୁ ସାହାଯ୍ୟ ଲାଭର ଆଶା ରହିଛି। ବନ୍ଧୁମାନଙ୍କ ପ୍ରେରଣାରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ସ୍ତ୍ରୀଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବାର ସୂଚନା ରହିଛି।

**କୁମ୍ଭ** ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କଠାରୁ ସାହାଯ୍ୟର ଆଶା ନିରର୍ଥକ ହେବନାହିଁ। ସହଯୋଗୀଙ୍କ ସହାୟତାରେ ଦୀର୍ଘ ଦିନରୁ ଚିନ୍ତା କରିଥିବା ନୂତନ କର୍ମାରମ୍ଭ କରିପାରନ୍ତି। ଅନ୍ୟମାନଙ୍କ କାନକୁହା କଥାକୁ ବିଶ୍ୱାସ କରି ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ପ୍ରତ୍ୟେକ କ୍ଷେତ୍ରରେ ଆଶା ଓ ବିଶ୍ୱାସକୁ ନେଇ ଆଗକୁ ମାଡ଼ିଚାଲନ୍ତୁ, ଅବଶ୍ୟ ସଫଳତା ପାଇବେ।

**ମୀନ** ବିବାଦୀୟ ସ୍ଥିତି ଲାଗି ରହିଥିବାରୁ କର୍ମକ୍ଷେତ୍ରରେ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ। ବନ୍ଧୁ ସମ୍ପର୍କକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବାର ସୂଚନା ରହିଛି। କଠିନ ଶ୍ରମ କିମ୍ବା ଅନିଦ୍ରା ହେତୁକ ସ୍ନାୟବିକ ଦୁର୍ବଳତା ଅନୁଭବ କରିପାରନ୍ତି। ସୁଯୋଗ ହାତପାହାନ୍ତାରେ ପାଇଲେ ମଧ୍ୟ କାମ ହାସଲ କରିବାରେ ଅସମର୍ଥ ହେବେ।

ଅଦ୍ୟ ମାର୍ଚ୍ଚ ୧୪ ତାରିଖ, ମାସାନ୍ତ, ଚୈତ୍ର କୃଷ୍ଣ ଦଶମୀଯୁକ୍ତ ଏକାଦଶୀ ଶନିବାର। ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ଧନୁ, ଦିବା ଘ.୦୯।୩୨ମି. ଗତେ, ମକର ଚନ୍ଦ୍ର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୨୬ ଗତେ ଘ.୦୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୫୭ ଗତେ ଘ.୧୦।୨୬ ମଧ୍ୟେ ରାହୁକାଳ।

## ଭାଜପା ଛାଡ଼ିଲେ...

ନ ଥିବା ସମୟରେ ଘୋଡ଼ା ବେପାରକୁ ପ୍ରଶ୍ରୟ ଦେଇ ଗଣତନ୍ତ୍ରକୁ ହତ୍ୟା କରାଯାଇଛି ବୋଲି ସେ କହିଛନ୍ତି। ଏଥିସହ ଭବିଷ୍ୟତ ରାଜନୈତିକ କାର୍ଯ୍ୟପନ୍ଥା ବାବଦରେ କୌଣସି ନିଷ୍ପତ୍ତି ନେଇନାହାନ୍ତି ବୋଲି ପ୍ରଦୀପ କହିଛନ୍ତି। ସୂଚନା ଯେ, ଜୀବନପ୍ରଦୀପ ୨୦୦୦-୨୦୦୫ ବାଲେଶ୍ୱରରୁ ଭାଜପାରୁ ବିଧାୟକ ହୋଇଥିଲେ। ପରେ ବିଜେଡିରୁ ୨୦୦୯-୧୪ ଓ ୨୦୧୪-୧୯ ପର୍ଯ୍ୟନ୍ତ ବିଧାୟକ ଥିଲେ। ୨୦୧୯ ନିର୍ବାଚନରେ ସେ ଭାଜପା ବିଧାୟକ ସ୍ୱର୍ଗତ ମଦନମୋହନ ଦତ୍ତଙ୍କ ଠାରୁ ପରାଜିତ ହୋଇଥିଲେ। ପରେ ୨୦୨୦ରେ ଦଳ ଜୀବନପ୍ରଦୀପଙ୍କ ପରିବର୍ତ୍ତେ ସ୍ୱରୂପ ଦାସଙ୍କୁ ପ୍ରାର୍ଥୀ କରିବା ପରେ ସେ ଉପନିର୍ବାଚନରେ ଦଳ ବିରୋଧୀ କାର୍ଯ୍ୟ କରିଥିବା ଅଭିଯୋଗ ହୋଇଥିଲା। ଫଳରେ ସେ ବିଜେଡିରୁ ନିଲମ୍ବିତ ହୋଇଥିଲେ। ନିଲମ୍ବନ ପରେ ୨୦୨୧ରେ ସେ ପୁଣି ଭାଜପାକୁ ଫେରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ ଶିମ୍ବ ଅଢ଼େଇ ଦିନ**
**ଛାତି ଦମ୍ଭକରି ମଣିଷ ଚିହ୍ନ।**

ଦୁଃଖ ଓ ଅଭାବ ସମୟରେ ପ୍ରକୃତ ହିତାକାଂକ୍ଷୀଙ୍କୁ ଚିହ୍ନିବା ସହଜ ହୋଇଥାଏ। ମଣିଷ ଏବଂ ମଣିଷ ମଧ୍ୟରେ ସୁସମ୍ପର୍କ ରଖିବାକୁ ହେଲେ ପରସ୍ପରର ଚାରିତ୍ରିକ ବିଶ୍ଳେଷଣ ଉପରେ ଗୁରୁତ୍ୱ ଦେବା ଉଚିତ ହୋଇଥାଏ। ନଶ୍ୱର ସମ୍ପଦରେ ଉନ୍ମତ୍ତ ହୋଇ ବନ୍ଧୁ ବାନ୍ଧବଙ୍କୁ ଭୁଲି ନ ଯିବା ଲାଗି ଏଭଳି ଉପଦେଶ ପ୍ରଦାନ କରାଯାଇଛି।

**ଆଟିକା ଭିତରେ ସୋରିଷ**
**କେତେ ରଙ୍ଗେ ଫୁଟଇ**
**କେତେ ଚୁପୁ ଚୁପୁ ହେଉଛ**
**ମୋତେ ସବୁ ଶୁଭଇ।**

ଶୋରିଷ ଫୁଟିଲେ ଶୁଭେ। କାନ୍ଥର ବି କାନ ଥାଏ ବୋଲି କୁହାଯାଇଥାଏ। ବେଳେ ବେଳେ ଚୁପଚାପ କଥା ମଧ୍ୟ କାନକୁ ଶୁଭିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ୨% ଖସିଲା ...

କେ. ହରିପ୍ରସାଦ କହିଛନ୍ତି। ଫେବୃଆରୀ ୨୭ ପରଠୁ ବିଏସଇ ୮.୨୭% ଖସିଥିବାବେଳେ ଏଥିରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମାର୍କେଟ ଭାଲ୍ୟୁଏଶନ୍ ୩୩,୬୮,୪୧୯ କୋଟି ହ୍ରାସ ପାଇଲାଣି। କେବଳ ଚଳିତ ସପ୍ତାହରେ ନିବେଶକମାନେ ୧୯ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ଶୁକ୍ରବାର ଭାରତୀୟ ଟଙ୍କା ୨୦ ପଇସା ଦୁର୍ବଳ ହୋଇ ଅବମୂଲ୍ୟାଙ୍କନର ପୁଣି ଏକ ରେକର୍ଡ ଭାଙ୍ଗିଛି। ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୯୨.୪୫ ରହିଛି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଭାରତୀୟ ଟଙ୍କା ୯୨.୩୩ରେ ଖୋଲିଥିବାବେଳେ ଦିନର ସର୍ବନିମ୍ନ ସ୍ତର ୯୨.୪୭ ରହିଥିଲା। ଶେଷରେ ଟଙ୍କା ୨୦ ପଇସା ହରାଇ ୯୨.୪୫ରେ ବନ୍ଦ ହୋଇଥିଲା। ଏହା ପୂର୍ବରୁ ଗୁରୁବାର ସେସନ୍‌ରେ ଟଙ୍କା ୨୪ ପଇସା ଦୁର୍ବଳ ହୋଇ ୯୨.୨୫ରେ କ୍ଲୋଜ୍ ହୋଇଥିଲା। ଘରୋଇ ବଜାରରେ ଦୁର୍ବଳତା ଏବଂ ଡଲାର ସବଳ ହେବା ଏହାର ଅନ୍ୟତମ ପ୍ରମୁଖ କାରଣ ବୋଲି ଶେରଖାନ୍ ମିରାଏ ଆସେଟ୍ ରିସର୍ଚ୍ଚ ଆନାଲିଷ୍ଟ ଅନୁଜ ଚୌଧରୀ ସୂଚନା ଦେଇଛନ୍ତି। ସାମ୍ପ୍ରତିକ ଭୂରାଜନୈତିକ ଉତ୍ତେଜନା ଲାଗି ରହିଲେ ଟଙ୍କା ଆହୁରି ଦୁର୍ବଳ ହୋଇପାରେ ବୋଲି ସେ କହିଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ ଭାରତ ସମେତ ବିଶ୍ୱ ପୁଞ୍ଜିବଜାର ଦୋହଲି ଯାଇଥିବାବେଳେ ଇସ୍ରାଏଲ୍ ଉପରେ ଏହାର ନକାରାତ୍ମକ ପ୍ରଭାବ ପରିଲକ୍ଷିତ ହୋଇନାହିଁ। ଇସ୍ରାଏଲ୍‌ର ମୁଖ୍ୟ ଷ୍ଟକ୍ ମାର୍କେଟ ସୂଚକାଙ୍କ ଟିଏ-୧୨୫ ଶୁକ୍ରବାର ରିପୋର୍ଟ ପ୍ରସ୍ତୁତ ସୁଦ୍ଧା ୪୧୧୮ ପଏଣ୍ଟ (୦.୫୫%) ଉପରକୁ ଉଠିଛି।

## ଫଗୋଲରେ ...

ମା' ଏହାକୁ ବାରଣ କରିବାରୁ ପପୁ ଏକ ଗ୍ୟାସ୍ ସିଲିଣ୍ଡରରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ କୁଲସୁନିଙ୍କ ମୃତ୍ୟୁ ଘଟିଥିଲା। ଏହା ଦେଖି ବଡ଼ପୁଅ ସମ୍‌ସେର ପ୍ରତିବାଦ କରିବାରୁ ପପୁ ଏକ କୋଦାଳରେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ସମ୍‌ସେରଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଗାଁ ଲୋକଙ୍କ ଭିଡ଼ ଜମିଥିଲା। ପରେ ପୋଲିସ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିଥିଲା। ଏନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଏକ ମାସର ଶିଶୁକନ୍ୟା ...

କେନ୍ଦୁଝର ମେଡିକାଲରେ ଚିକିତ୍ସା ପରେ ଫେବୃଆରୀ ୧୮ରେ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା। ଶିଶୁ ଭବନର ପେଡିଆଟ୍ରିକ୍ ସର୍ଜରି ବିଭାଗରେ ଭର୍ତ୍ତି କରାଯାଇ ସମସ୍ତ ପରୀକ୍ଷା କରାଯାଇଥିଲା। ପରେ ଫେବୃଆରୀ ୨୦ରେ ଅସ୍ତ୍ରୋପଚାର କରାଯାଇଥିଲା। ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଡା. ଅବିନାଶ କୁମାର ପଣ୍ଡା, ଡା. କିରଣ କୁମାର କର, ଆନାସ୍ଥେସିଆ ବିଭାଗ ଡା. ଦେବବ୍ରତ ପଣ୍ଡା ଅସ୍ତ୍ରୋପଚାରରେ ନିୟୋଜିତ ଥିବାବେଳେ ଶିଶୁ ଭବନର ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର ସହଯୋଗ କରିଥିଲେ। ଅସ୍ତ୍ରୋପଚାର ୨ ଘଣ୍ଟା ଧରି ଚାଲିଥିଲା। ପରେ ଶିଶୁଟିକୁ ସର୍ଜିକାଲ ୱାର୍ଡରେ ସ୍ୱତନ୍ତ୍ର ନିରୀକ୍ଷଣରେ ରଖାଯାଇଥିଲା। ୨୦ ଦିନ ମେଡିକାଲରେ ଚିକିତ୍ସା ହେବା ପରେ ସମ୍ପୂର୍ଣ୍ଣ ସୁସ୍ଥ ହେବାରୁ ଶିଶୁକୁ ଡିସ୍‌ଚାର୍ଜ କରାଯାଇଛି। ଏନେଇ ବିଭାଗୀୟ ମୁଖ୍ୟ ଡା. ପ୍ରଶାନ୍ତ କୁମାର ତ୍ରିପାଠୀ କହିଛନ୍ତି, ଏହା ଏକ ବିରଳ ଅସ୍ତ୍ରୋପଚାର। ପ୍ରାୟ କେତେକ ଘଟଣାରେ ଏପରି ଟ୍ୟୁମର ଅସାମାନ୍ୟ ଆକୃତି ନେଇଥାଏ, କିନ୍ତୁ ଏହି ଟ୍ୟୁମରଟି ଗୋଡ଼ ସଦୃଶ ଦେଖାଯାଉଥିଲା। ହଜାରେ ଶିଶୁଙ୍କ ମଧ୍ୟରୁ ଏହା ଏକ ଦୁର୍ଲଭ କେସ୍ ରହିଥିଲା। ସାଧାରଣ ଶିଶୁଙ୍କ ପରି ସେ ଶୋଇପାରୁ ନ ଥିଲେ। ମାଂସ ପିଣ୍ଡୁଳା ଖୁଲି ରହିବାରୁ ଏହା ସଂକ୍ରମିତ ହୋଇଯାଇଥିଲା। ଅସ୍ତ୍ରୋପଚାର ପରେ ଏବେ ଶିଶୁ ସମ୍ପୂର୍ଣ୍ଣ ସୁସ୍ଥ ରହିଛି। ଶିଶୁଟି ଏବେ ସାଧାରଣ ଶିଶୁଙ୍କ ପରି କାର୍ଯ୍ୟ କରିପାରିବ। ଶିଶୁଟିକୁ ୧୫ ଦିନକୁ ଥରେ ଡାକ୍ତରଙ୍କୁ ଦେଖାଇବାକୁ ପରାମର୍ଶ ଦିଆଯାଇଥିବା ସେ କହିଛନ୍ତି।

## ଷ୍ଟ୍ରେଟ୍ ଅଫ୍ ହର୍ମୁଜ...

ଏହି ଜାହାଜଟି ଡାର୍କ ମୋଡ୍‌ରେ ହର୍ମୁଜ୍ ଷ୍ଟ୍ରେଟ୍ ଅତିକ୍ରମ କରିଥିବା ଜଣାପଡ଼ିଛି। ଅର୍ଥାତ୍ ହର୍ମୁଜ ପାର୍ ହେବା ସମୟରେ ଜାହାଜର ଅଟୋମେଟିକ୍ ଆଇଡେଣ୍ଟିଫିକେଶନ୍ ସିଷ୍ଟମ୍(ଏଆଇଏସ୍)କୁ ବନ୍ଦ କରିଦିଆଯାଇଥିଲା। ଏହାଦ୍ୱାରା ଜାହାଜର ପରିଚୟ ଏବଂ ଅବସ୍ଥିତିକୁ ଗୋପନୀୟ ରଖାଯାଇପାରିଥିଲା ବୋଲି କୁହାଯାଇଛି। ବର୍ତ୍ତମାନ ହର୍ମୁଜ ଦେଇ ଜାହାଜ ଚଳାଚଳ ଏକପ୍ରକାର ବନ୍ଦ ହୋଇଯାଇଛି। କାରଣ ଏହି ବାଟଦେଇ ଯାଉଥିବା ଜାହାଜ ଉପରେ ଇରାନ୍ ଆକ୍ରମଣ କରୁଛି। ଏପରି କି ସମୁଦ୍ରରେ ୱାଟର୍ ମାଇନ୍ ମଧ୍ୟ ଲଗାଯାଇଛି।

## ନାବାଳିକାଙ୍କୁ ଅସଦାଚରଣ...

କରିବାକୁ ପ୍ରୟାସ ଜାରି ରଖିଛନ୍ତି। ସନ୍ଧ୍ୟା ପୂର୍ବରୁ ୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇ ୪୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ବିକ୍ଷୋଭକାରୀଙ୍କୁ ଅଟକ ରଖିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ ତିରିଂ ଥାନା ବିଂଝିଆ ବଜାର ଦେଇ ଜଣେ ନାବାଳିକା ସାଇକେଲରେ ଘରକୁ ଯାଉଥିଲେ। ଏହି ସମୟରେ ସାଇକେଲରେ ଆସୁଥିବା ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ନାବାଳିକାଙ୍କ ସାଇକେଲକୁ ଧକ୍କା ଦେଇଥିଲେ। ଏହାକୁ ନେଇ ଆରମ୍ଭ ହୋଇଥିଲା ତୁମୁଳକାଣ୍ଡ। ଉତ୍ତେଜନା ବଢ଼ିବାରୁ ଘଟଣାସ୍ଥଳରୁ ଯୁବକଜଣକ ଖସି ପଳାଇଥିଲେ। ନାବାଳିକାଙ୍କ ପରିବାର ଲୋକଙ୍କ ସହ ଅଞ୍ଚଳବାସୀ ଯୁବକଙ୍କ ଘରକୁ ଯାଇ ଗଣ୍ଡଗୋଳ ଆରମ୍ଭ କରିଥିଲେ। ଯୁବକଜଣକ କ୍ଷମା ମାଗିବା ପରେ ମଧ୍ୟ ପରିସ୍ଥିତି ଶାନ୍ତ ପଡ଼ି ନ ଥିଲା। ଉତ୍ତ୍ୟକ୍ତ ଲୋକେ ଯୁବକଙ୍କୁ ଘଟଣାସ୍ଥଳରେ ପହଞ୍ଚି ଭୁଲ ମାଗିବାକୁ ନିଜ ଜିଦ୍‌ରେ ଅଡି ବସିଥିଲେ। ଖବରପାଇ ତିରିଂ ଓ ବହଳଦା ଥାନାର ଅଧିକାରୀ, କର୍ମଚାରୀମାନେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ହେଁ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଏହାପରେ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଉଦ୍ଧାର କରି ଥାନାକୁ ଆଣିଥିଲା। ତେବେ ରାତି ୧୨ଟା ପରେ କେତେକ ଲୋକ ସମ୍ପୃକ୍ତ ଯୁବକଙ୍କ ଘରକୁ ଯାଇ ଭଙ୍ଗାରୁଜା କରିବା ସହ ଗ୍ୟାସ ଟାଙ୍କି ଖୋଲି ନିଆଁ ଲଗାଇଦେଇଥିଲେ। ତେବେ କୌଣସି ପ୍ରକାରେ ନିଆଁକୁ ପରିବାର ଲୋକେ ଆୟତ୍ତ କରିଥିଲେ। ତେବେ ଶୁକ୍ରବାର ରାସ୍ତା ଅବରୋଧସ୍ଥଳକୁ ବୁଝାଶୁଝା କରିବାକୁ ଯାଇଥିବା ତହସିଲଦାର, ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଲୋକେ ଆକ୍ରମଣ କରିଥିଲେ। ତେବେ ସମ୍ପୃକ୍ତ ଯୁବକ ଜଣକ ଦିବ୍ୟାଙ୍ଗ(ମାନସିକ ବିକୃତ) ଥିବାରୁ ସାଇକେଲ ଚଳାଇବା ସମୟରେ ଏଭଳି ଅଘଟଣ ଘଟିଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି। ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକମାନେ ଆଦିବାସୀମାନଙ୍କୁ ପ୍ରବର୍ତ୍ତାଇ ଏଭଳି ଅଶାନ୍ତ ପରିବେଶ ସୃଷ୍ଟି କରାଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ବିଂଝିଆ ଗ୍ରାମରେ ପୋଲିସ ପହଞ୍ଚି ଥିବା ବେଳେ ଗାଁ ଏବେ ଜନଶୂନ୍ୟ ହୋଇପଡ଼ିଛି।

## ଗ୍ରାମାଞ୍ଚଳରେ ଏଲ୍‌ପିଜି...

ଯେତିକି ବ୍ୟବହାର ହେଉଥିଲା, ତା'ର ଚାହିଦାର ମାତ୍ର ୨୦% ବର୍ତ୍ତମାନ ପ୍ରଦାନ କରାଯିବ। ସେହିପରି ଗ୍ରାମାଞ୍ଚଳରେ ଏଲ୍‌ପିଜି ଡେଲିଭରି ଅବଧି ୪୫ ଦିନକୁ ବୃଦ୍ଧି କରାଯାଇଛି ବୋଲି ଦେଶରେ ରନ୍ଧନ ଗ୍ୟାସ୍(ଏଲ୍‌ପିଜି)ର ଉପଲବ୍ଧତା ଓ ସୁରୁଖୁରୁରେ ବିତରଣ ସଂକ୍ରାନ୍ତରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ଆଭାସି ବୈଠକରୁ ଜଣାଯାଇଛି। ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ସଚିବ ଏବଂ ଉପଭୋକ୍ତା ବ୍ୟାପାର ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ସବୁ ରାଜ୍ୟର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବମାନଙ୍କ ମଧ୍ୟରେ ଅନୁଷ୍ଠିତ ଆଭାସି ବୈଠକରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ ଓ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବୈଠକର ସୂଚନା ଅନୁଯାୟୀ, ଦେଶରେ ରନ୍ଧନ ଗ୍ୟାସ୍‌ର ଠିକ୍ ବିତରଣ ଓ ସ୍ୱଚ୍ଛତାର ସହ କରିବାକୁ ଗୁରୁତ୍ୱ ଦିଆଯାଇଛି। କଳାବଜାରି ରୋକିବାକୁ ଓଟିପି ମାଧ୍ୟମରେ ବୁକିଂ ଓ ଡେଲିଭରି ଉପରେ ଗୁରୁତ୍ୱ ଦିଆଯିବାକୁ କଡ଼ାକଡ଼ି ନିର୍ଦ୍ଦେଶ ରହିଛି। ତେବେ ଅତ୍ୟଧିକ ବୁକିଂ ଯୋଗୁ ସର୍ଭର ଗତି ଧୀର ହୋଇଯାଇଛି। ଏଥିରେ ବାଧା ନ ହେବା ନିମନ୍ତେ ସର୍ଭର ସ୍ପିଡ୍ ବଢ଼ାଇବା କାର୍ଯ୍ୟ ଚାଲୁ ରହିଛି। ସମ୍ପ୍ରତି ପ୍ରାୟ ୩୦ ପ୍ରତିଶତ ବୁକିଂ କଲ୍ ଡ୍ରପ୍ ହେଉଛି, ଯାହାର ରେକର୍ଡ ରହୁଛି। ସେହିପରି ଗ୍ରାମାଞ୍ଚଳରେ ଡେଲିଭରି ଅବଧି ୪୫ ଦିନକୁ ବୃଦ୍ଧି କରାଯାଇଛି। ଗ୍ୟାସ୍ ବିତରଣ ପ୍ରକ୍ରିୟାକୁ ନେଇ ସବୁ ରାଜ୍ୟ ଓ ଜିଲାସ୍ତରରେ ଦୃଢ଼ ପଦକ୍ଷେପ ନିଆଯାଉଛି। ଏଲ୍‌ପିଜି ଗ୍ୟାସ୍‌ର ଅବୈଧ ଗଚ୍ଛିତ ଓ ସଂଗ୍ରହ ଉପରେ ପ୍ରତ୍ୟେକ ଜିଲାସ୍ତରରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ନିୟୋଜିତ ରହି କଳାବଜାରିଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛି। ରନ୍ଧନ ଗ୍ୟାସକୁ ନେଇ ବିବ୍ରତ ନ ହେବାକୁ ଜନସାଧାରଣଙ୍କୁ ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ରୋଷେଇ ଗ୍ୟାସ ମିଳିବାରେ ସମସ୍ୟାକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ଶୁକ୍ରବାର ବିକ୍ଷୋଭ ଦେଖିବାକୁ ମିଳିଛି। ନୟାଗଡ଼ ସହର ଓଡଗାଁ ଛକଠାରେ କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ଶୁକ୍ରବାର ଗ୍ୟାସ ଅଭାବ ନେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଯାଜପୁର ଟାଉନ୍ ଗରିଆପୁର ସ୍କୁଲ ପାର୍ଶ୍ୱରେ ଥିବା ଇଣ୍ଡେନ ଗ୍ୟାସ ଏଜେନ୍ସି ଅଫିସରେ ତାଲା ପକାଯାଇ ଗ୍ୟାସ ନାହିଁ ବୋଲି ପୋଷ୍ଟର ମରାଯାଇଛି। ଏହାକୁ ନେଇ ପୂର୍ବାହ୍ନରେ ଗ୍ୟାସ ଏଜେନ୍ସି ଅଫିସ ନିକଟ ରାସ୍ତା ଉପରେ ଉପଭୋକ୍ତାମାନେ ଖାଲି ଗ୍ୟାସ୍ ସିଲିଣ୍ଡର ରଖି ପ୍ରତିବାଦ କରିଛନ୍ତି। ସେହିପରି ଧର୍ମଶାଳା ବ୍ଲକ୍ କଂଗ୍ରେସ ପକ୍ଷରୁ ଜାରକା ଫ୍ଲାଏଓଭର ତଳେ ପ୍ରତିବାଦ କରାଯାଇଛି। ସେହିପରି କେନ୍ଦୁଝର ସହର ଧାଙ୍ଗଡପଡ଼ାରେ ଲୋକେ ରାସ୍ତାରୋକୋ କରିଛନ୍ତି। ବୁକିଂ କରି ଦୀର୍ଘଦିନ ଧରି ଗ୍ୟାସ ମିଳୁ ନ ଥିବା ଏବଂ ହୋମ୍ ଡେଲିଭରି ଠିକ୍ ଭାବରେ ହେଉ ନ ଥିବାରୁ ଅସନ୍ତୋଷ ଲାଗି ରହିଥିଲା। ସମସ୍ୟା ସମାଧାନ ନ ହେବାରୁ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ସେହିପରି ଏଲ୍‌ପିଜି ସିଲିଣ୍ଡର ଓ ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାରି ରୋକିବା, ଗଚ୍ଛିତ ଓ କୃତ୍ରିମ ଅଭାବ ଉପରେ କଡ଼ା ନଜର ରଖିବା, ସ୍ୱତନ୍ତ୍ର ଯାଞ୍ଚ କମିଟି ଗଠନ, ଖାଦ୍ୟସାମଗ୍ରୀ ମୂଲ୍ୟ ସ୍ଥିର ରଖିବା ପାଇଁ ପଦକ୍ଷେପ, ଏଲ୍‌ପିଜି ସିଲିଣ୍ଡର ଉପଲବ୍ଧତା ଓ ଯୋଗାଣ ଭଳି ୭ଦଫା ନେଇ ଶୁକ୍ରବାର ନୂଆପଡ଼ା ଜିଲା କଂଗ୍ରେସ ପକ୍ଷରୁ ଅଭିନବ ପ୍ରତିବାଦ କରାଯାଇଥିଲା। କଂଗ୍ରେସ କର୍ମକର୍ତ୍ତାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗ୍ୟାସ୍ ସିଲିଣ୍ଡର ରଖି କାଠଚୁଲିରେ ଚା' ତିଆରି କରି ପଥିକ ଓ ଯାନବାହନ ଅଟକାଇ ଯାତ୍ରୀଙ୍କୁ ଚା' ଦେଇଥିଲେ। ଏହାସହ ମୁଖ୍ୟ ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ।

## ରନ୍ଧନ ଗ୍ୟାସ୍‌ର...

କରନ୍ତୁ, ଅଧିକ କରନ୍ତୁ ନାହିଁ। ଗୁରୁବାର ଗ୍ୟାସ୍ କମ୍ପାନୀଗୁଡ଼ିକ ସହ ଏ ସଂକ୍ରାନ୍ତରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ତୈଳ କମ୍ପାନୀ କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ, ରାଜ୍ୟରେ ଯେତିକି ଗ୍ୟାସ୍‌ର ଚାହିଦା ଅଛି ତାହାଠାରୁ ଅଧିକ ମହଜୁଦ୍ ରହିଛି। ମାତ୍ର ମଧ୍ୟପ୍ରାଚ୍ୟ ଯୁଦ୍ଧର ଭୟାବହତାକୁ ନେଇ ଲୋକେ ଅଧିକ ଚାହିଦା କରିବା ଯୋଗୁ ସର୍ଭର ଉପରେ ଚାପ ପଡୁଛି। ମାତ୍ର ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ଓଡ଼ିଶା ଉପରେ ବିଶେଷ ଭାବେ ପଡ଼ିବ ନାହିଁ। ଗ୍ୟାସ୍ କଳାବଜାର କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।




# କୁଆଡ଼େ ଗଲେ ଦାଶରଥି

- ରହିଲେନି ୬ ବିଧାୟକ, ବିଜେଡି ଛାଡ଼ିବେନି ଶପଥ କଲେ ୨ ପ୍ରାର୍ଥୀ
- ପାଣ୍ଡିଆନଙ୍କ ଲୋକ ଏଜେଣ୍ଟ ହେଲେ କଂଗ୍ରେସ ଫସିବ
- ଆଜି ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଟ୍ରେନିଂ କାର୍ଯ୍ୟକ୍ରମ
- ୧୬ରେ ସମସ୍ତେ ବିଧାନସଭାରେ ରହିବାକୁ ସରକାରୀ ଦଳର ହ୍ୱିପ୍

ଭୁବନେଶ୍ୱର, ୧୩।୩(ସୁନିତ୍ ମିଶ୍ର)

ରାଜ୍ୟ ସଭା ନିର୍ବାଚନ ପାଇଁ ମଝିରେ ମାତ୍ର ୨ ଦିନ ରହିଲା। ରାଜ୍ୟର ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ନିଜ ବିଧାୟକମାନଙ୍କୁ ଏକାଠି ରଖିବା ପାଇଁ ସବୁ ପ୍ରକାର ବଳ ଲଗାଇ ଦେଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ନିଜ ୮ ବିଧାୟକଙ୍କୁ ନେଇ ବେଙ୍ଗାଲୁରୁ ଚାଲି ଯାଇଛନ୍ତି। ମାତ୍ର ବାକି ୬ ଜଣ ବିଧାୟକ ଓଡ଼ିଶାରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣ ଯଥା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିଧାୟକ ତାରାପ୍ରସାଦ ବାହିନୀପତି, ରମେଶ ଜେନା, ସାଗର ଦାସ, ଦାଶରଥି ଗମାଙ୍ଗ ଏବଂ ସୋଫିଆ ଫିର୍ଦ୍ଦୋସ ଓଡ଼ିଶାରେ ଅଛନ୍ତି। ମାତ୍ର ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ବିଧାୟକ ଦାଶରଥି ଗମାଙ୍ଗ କଂଗ୍ରେସର କୌଣସି ନେତାଙ୍କୁ ଧରାଛୁଆଁ ଦେଉନାହାନ୍ତି। ଟେଲିଫୋନ୍ ଯୋଗେ ମଧ୍ୟ ଦଳର ନେତୃତ୍ୱଙ୍କ ସହିତ ସେ ଯୋଗାଯୋଗ ରଖୁ ନ ଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଜଣେ ବରିଷ୍ଠ ବିଧାୟକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଦାଶରଥିଙ୍କ ସହ ଦଳ ପକ୍ଷରୁ କୌଣସି ଯୋଗାଯୋଗ ହୋଇପାରୁ ନ ଥିବାବେଳେ ସେ କେଉଁଠାରେ ଅଛନ୍ତି କାହାକୁ ଜଣାନାହିଁ। ଦଳର ୨ ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ ରମେଶ ଜେନା ତାଙ୍କ ବିଷୟରେ ଜାଣିଥିଲେ ସୁଦ୍ଧା ସେମାନେ ନ ଜାଣିବା ଭଳି ଅଭିନୟ କରୁଥିବା ସେ କହିଛନ୍ତି।

ଅନ୍ୟପଟେ କଂଗ୍ରେସ ପକ୍ଷରୁ ଶୁକ୍ରବାର, ଶନିବାର ଏବଂ ରବିବାର ୩ ଦିନ ପର୍ଯ୍ୟନ୍ତ ଭୁବନେଶ୍ୱର ନ ଛାଡ଼ିବା ଲାଗି ଗୁରୁବାର କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ହ୍ୱିପ୍ ଜାରି କରିଥିଲେ। ମାତ୍ର କାଡାମଙ୍କ ହ୍ୱିପ୍‌କୁ ଭାଙ୍ଗି ଭକ୍ତ ୮ ବିଧାୟକଙ୍କୁ କାହିଁକି ରାଜ୍ୟ ବାହାରକୁ ନେଇକି ଗଲେ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅନ୍ୟପଟେ ତାରାପ୍ରସାଦ ବାହିନୀପତି ବିଧାୟକମାନେ ନିଜ ଇଚ୍ଛାରେ ବୁଲିବାକୁ ଯାଇଥିବା କହିଛନ୍ତି। ସୋଫିଆ କହିଛନ୍ତି ଏ ବିଷୟରେ ତାଙ୍କୁ କିଛି କୁହାଯାଇନି ସେ ଗଣମାଧ୍ୟମରୁ ଯାହା ଶୁଣିବାକୁ ପାଇଛନ୍ତି। କାଡାମ କହିଛନ୍ତି, ଘୋଡ଼ାବେପାର ପାଇଁ ଭାଜପା ଚେଷ୍ଟା କରିବା କାରଣରୁ କଂଗ୍ରେସ ବିଧାୟକମାନଙ୍କୁ ବାହାରକୁ ନିଆଯାଇଛି। ଅନ୍ୟପଟେ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାର ବେଙ୍ଗାଲୁରୁରେ ଥିବା ରାଜ୍ୟ କଂଗ୍ରେସ ବିଧାୟକମାନଙ୍କ ସହିତ ସାକ୍ଷାତ କରିଛନ୍ତି। ସେ କହିଛନ୍ତି, ଓଡ଼ିଶାରେ ରାଜ୍ୟ ସଭା ନିର୍ବାଚନ ପାଇଁ କଂଗ୍ରେସ ବିଧାୟକମାନଙ୍କୁ କିଣିବାକୁ ଭାଜପା ସରକାର ଚେଷ୍ଟା କରୁଥିଲେ। ଅନ୍ୟପଟେ ସେମାନଙ୍କ ଜୀବନ ପ୍ରତି ବିପଦ ଥିଲା। ତେଣୁ ସେମାନଙ୍କୁ କର୍ଣ୍ଣାଟକ ଅଣାଯାଇଥିବା ଶିବକୁମାର କହିଛନ୍ତି। ଏଥିରୁ ଗୋଟିଏ କଥା ବୁଝାପଡୁଛି କଂଗ୍ରେସ ନେତାମାନଙ୍କ କଥାବାର୍ତ୍ତାରେ ତାଳମେଳର ଘୋର ଅଭାବ ରହିଛି। କଂଗ୍ରେସର ୮ ବିଧାୟକ କାହିଁକି ବେଙ୍ଗାଲୁରୁ ଯାଇଛନ୍ତି ତାକୁ ନେଇ ସବୁ ନେତା ଭିନ୍ନ ଭିନ୍ନ ମତ ରଖୁଛନ୍ତି, ଯେପରି କାହାର କାହା ସହିତ ଭଲ ସମ୍ପର୍କ ନାହିଁ। ରାଜ୍ୟ ସଭା ନିର୍ବାଚନ ଦିନ ଏହାର ଫାଇଦା ଉଠାଇବାକୁ ଭାଜପା ଏକ ନୂଆ ଯୋଜନା କରିପାରେ ବୋଲି କଂଗ୍ରେସର ଜଣେ ବରିଷ୍ଠ ନେତା କହିଛନ୍ତି। ତାଙ୍କ କହିବା ମୁତାବକ, ଯିଏ ରାଜ୍ୟ ସଭା ନିର୍ବାଚନରେ ବିଜେଡିର ଏଜେଣ୍ଟ ହେବେ ସିଏ ଯଦି ପାଣ୍ଡିଆନଙ୍କ ଘନିଷ୍ଠ ହୋଇଥିବେ


ଦାଶରଥି ଗମାଙ୍ଗ

ତାହା କଥା ଅଲଗା ହେବ। ବିଜେଡିରେ କେତେଜଣ କ୍ରସ୍ ଭୋଟିଂ କରିବା ସତ୍ତ୍ୱେ ସେ ଏକଥା ଲୁଚାଇବା ସହିତ କଂଗ୍ରେସ ମୁଣ୍ଡରେ ସେହି ଦୋଷ ଚାଲିଯାଇପାରେ ବୋଲି ସେ କହିଛନ୍ତି। ତେଣୁ ବିଜେଡିର ଏଜେଣ୍ଟ କିଏ ହେବେ ତା'କୁ ନେଇ ଚର୍ଚ୍ଚା ରହିଛି।

ସେହିପରି ବିଜେଡିର ୩ ଦିନିଆ ଟ୍ରେନିଂ କାର୍ଯ୍ୟକ୍ରମ ମଧ୍ୟରୁ ପ୍ରଥମ ଦିନ ଶେଷ ହୋଇଛି। ଏହି କାର୍ଯ୍ୟକ୍ରମରେ ୪୮ ବିଧାୟକଙ୍କ ମଧ୍ୟରୁ ୬ ଜଣ ଯଥା ସାରଦା ନାଏକ, ସୁଦର୍ଶନ ହରିପାଲ, ଚକ୍ରମଣି କହଁର, ସୌଭିକ ବିଶ୍ୱାଳ, ମନୋହର ରନ୍ଧାରୀ ଏବଂ ନବ କିଶୋର ମଲ୍ଲିକ ଅନୁପସ୍ଥିତ ଥିଲେ। ସୌଭିକ ଏବଂ ତାଙ୍କ ବାପା ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ବୁଝାଇବା ଲାଗି ଶୁକ୍ରବାର ବିଜେଡିର ୧୩ ଜଣ ବିଧାୟକ କଟକ ଯାଇଥିଲେ। ପ୍ରଥମେ ବିଧାୟକ ତୁଷାରକାନ୍ତି ବେହେରା ଯାଇ ପାଖାପାଖି ୩ ଘଣ୍ଟା ସେମାନଙ୍କ ସହିତ ଆଲୋଚନା କରିଥିବା ବେଳେ ସେ ଫେରିବା ପରେ ଆହୁରି ୧୨ ଜଣ ଯାଇଥିବା ଜଣାପଡ଼ିଥିଲା। ଏତେଜଣ ବୁଝାଇବା ପରେ ସୁଦ୍ଧା ସୌଭିକ ନବୀନ ନିବାସ ନ ଆସିବା କାରଣରୁ ୧୩ ବିଧାୟକ ତାଙ୍କ ମନ ପରିବର୍ତ୍ତନ କରିବାରେ ସଫଳ ହୋଇପାରି ନ ଥିବା ଚର୍ଚ୍ଚା ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ପ୍ରାରମ୍ଭିକ ଭାଷଣ ରଖିଥିବା ବେଳେ ଅରୁଣ କୁମାର ସାହୁ ଭୋଟିଂ ନେଇ ଟ୍ରେନିଂ ଦେଇଥିଲେ। ଏହି ଅବସରରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଦୁଇ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ଏବଂ ସଂତୃପ୍ତ ମିଶ୍ରଙ୍କୁ ଶପଥ କରାଇଥିଲେ। ଦୁଇ ପ୍ରାର୍ଥୀ ଶପଥ କରି କହିଥିଲେ ଭବିଷ୍ୟତରେ ସେମାନେ ବିଜୟୀ ହେଲେ ଆଉ ସୁଜିତ କୁମାର, ମମତା ମହନ୍ତ ଏବଂ ଅମର ପଟ୍ଟନାୟକଙ୍କ ଭଳି ଦଳ ଛାଡି ଯିବୁନାହିଁ। କେତେଜଣ ବିଧାୟକଙ୍କୁ ନେଇ ଶୁକ୍ରବାର ରାତିରେ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକଙ୍କ ସରକାରୀ ବାସଭବନରେ ଏକ ଭୋଜି ଆୟୋଜିତ ହୋଇଥିବା ଜଣାପଡ଼ିଛି।

ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଶାସକ ଦଳର ସବୁ ବିଧାୟକଙ୍କୁ ହ୍ୱିପ୍ ଜାରି କରି ସମସ୍ତେ ଆସନ୍ତା ୧୬ ତାରିଖରେ ବିଧାନସଭାରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ଅପରାହ୍ନ ୩ଟା ସମୟରେ ସବୁ ବିଧାୟକଙ୍କୁ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିବାକୁ କୁହାଯାଇଛି। ସମସ୍ତଙ୍କ ପାଇଁ ରାଜ୍ୟ ସଭା ନେଇ ଏକ ଟ୍ରେନିଂ ପ୍ରୋଗ୍ରାମର ଆୟୋଜନ କରାଯାଇଛି। ତେବେ ଭାଜପା ବିଧାୟକମାନେ ପାରାଦୀପର ଏକ ହୋଟେଲରେ ଶନିବାରଠାରୁ ଯାଇ ରହିବେ ବୋଲି ଚାଲିଥିବା ଚର୍ଚ୍ଚା ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇ ନ ଥିବା ଜଣେ ବିଧାୟକଙ୍କ ସୂତ୍ରରୁ ଜଣାପଡ଼ିଛି।

# ଭେଡେନ୍, ଇବ୍ ନଦୀ ସ୍ଥିତି ପରଖିଲା ମହାନଦୀ ବଞ୍ଚାଅ ଜୀବିକା ବଞ୍ଚାଅ ଅଭିଯାନ ଟିମ୍

**ଆଜି କଲ୍‌ମା ବ୍ୟାରେଜ୍‌ରେ ଧାରଣା**

ଝାରସୁଗୁଡ଼ା, ୧୩।୩
(ଆଶିଷ ରଞ୍ଜନ ଦାଶ)



ଖବରଦାତା ସମ୍ମିଳନୀରେ ମହାନଦୀ ବଞ୍ଚାଅ ଜୀବିକା ବଞ୍ଚାଅ ଅଭିଯାନର କର୍ମକର୍ତ୍ତା।

ମହାନଦୀ ବଞ୍ଚାଅ ଜୀବିକା ବଞ୍ଚାଅ ଅଭିଯାନର ଏକ ଟିମ୍ ଶୁକ୍ରବାର ଝାରସୁଗୁଡ଼ା ଜିଲାର ଭେଡେନ୍ ଏବଂ ଇବ୍ ନଦୀ ପରିଦର୍ଶନ କରି ସ୍ଥିତି ପରଖିଛି। ଏବେଠୁ ମହାନଦୀର ଶାଖାନଦୀଗୁଡ଼ିକ ଶୁଖିଲା ପଡ଼ିବାକୁ ନେଇ ଟିମ୍ ସଦସ୍ୟ କ୍ଷୋଭ ପ୍ରକାଶ କରିଛନ୍ତି। ଶନିବାର ଛତିଶଗଡ଼ ରାଜ୍ୟର କଲ୍‌ମା ବ୍ୟାରେଜ ପରିଦର୍ଶନ କରିବା ସହିତ ଧାରଣା ଦିଆଯିବ ବୋଲି ଶୁକ୍ରବାର ଅପରାହ୍ନରେ ଝାରସୁଗୁଡ଼ାସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ମହାନଦୀ ଜଳ ବିବାଦକୁ ନେଇ ଗଠିତ ଟ୍ରିବ୍ୟୁନାଲଙ୍କ ଶୁଣାଣି ମାର୍ଚ୍ଚ ୧୪ ତାରିଖ ଶନିବାର ଛତିଶଗଡ଼ର ରାୟପୁରଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହା ଟ୍ରିବ୍ୟୁନାଲଙ୍କ ୪୩ତମ ଶୁଣାଣି ହେବ। ଏହା ପୂର୍ବରୁ ଅର୍ଥାତ୍ ଗତ ଫେବୃଆରୀ ୨୬ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଟ୍ରିବ୍ୟୁନାଲଙ୍କ ୭ ଜଣିଆ ଟିମ୍ ଅନୁଧ୍ୟାନ ପାଇଁ ଓଡ଼ିଶା ଗସ୍ତରେ ଆସିଥିଲା। ଗସ୍ତର ଉଦ୍ଦେଶ୍ୟ ଏବଂ କାର୍ଯ୍ୟ ଭିତରେ ପାର୍ଥକ୍ୟ ରହିବାରୁ ବିବାଦୀୟ ପରିସ୍ଥିତ ସୃଷ୍ଟି ହୋଇଥିଲା। ବର୍ତ୍ତମାନ ଟ୍ରିବ୍ୟୁନାଲ ଟିମ୍ ଛତିଶଗଡ଼ ରାଜ୍ୟରେ ରହିଥିବା ଜଣାପଡ଼ିଛି। ଆଉ ଏକ ମାସ ମଧ୍ୟରେ ଟ୍ରିବ୍ୟୁନାଲର କାର୍ଯ୍ୟ ଶେଷ ହେଉଥିବାବେଳେ ମହାନଦୀ ଜଳ ବିବାଦ ସମସ୍ୟାର ସମାଧାନ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହି ଉପଲକ୍ଷେ ମହାନଦୀ ବଞ୍ଚାଅ ଜୀବିକା ବଞ୍ଚାଅ ଅଭିଯାନ, ଓଡ଼ିଶା–ଛତିଶଗଡ଼ ପକ୍ଷରୁ ମହାନଦୀ ଜଳ ସଙ୍କଟର ବାସ୍ତବ ସମସ୍ୟାକୁ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ମହାନଦୀର ଶାଖା ନଦୀ ଯଥା ଭେଡେନ୍ ଏବଂ ଇବ୍ ନଦୀର ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ଦୁଇ ନଦୀର ସ୍ଥିତିକୁ ନେଇ ଅଭିଯାନର ସଦସ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାପରେ ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟରେ ମହାନଦୀ ଜଳ ସଙ୍କଟ ଏବଂ ବିବାଦକୁ ନେଇ ପୁଣିଥରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ପ୍ରକାଶ କରିଥିଲେ। ସରକାର ବଦଳୁଥିବାବେଳେ ମହାନଦୀ ଜଳ ବିବାଦର ସମାଧାନ ହୋଇପାରୁନାହିଁ। ଏହାର ସମାଧାନ ପାଇଁ ୨୦୧୮ ମସିହାରୁ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ ହୋଇଛି। କିନ୍ତୁ ଏହି ଟ୍ରିବ୍ୟୁନାଲର ସଦସ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଜଳବିବାଦ ସମାଧାନର କୌଣସି ସୂତ୍ର ବାହାର କରିପାରିନାହାନ୍ତି। ଅନ୍ୟପକ୍ଷରେ ଦୁଇବର୍ଷ ହେବ ଓଡ଼ିଶା, ଛତିଶଗଡ଼ ଏବଂ କେନ୍ଦ୍ରରେ ଭାଜପା ନେତୃତ୍ୱରେ ଟ୍ରିପଲ ଇଞ୍ଜିନ ସରକାର ଗଠନ ହୋଇସାରିଛି। ଏଣୁ ବର୍ତ୍ତମାନ ଦୁଇରାଜ୍ୟ ମଧ୍ୟରେ ଦୋଷାରୋପ ରାଜନୀତି ବନ୍ଦ କରି ଜଳ ବିବାଦର ସମାଧାନ ପାଇଁ ରାଜ୍ୟ ସରକାର ଉଦ୍ୟମ କରନ୍ତୁ ବୋଲି ମହାନଦୀ ବଞ୍ଚାଅ ଜୀବିକା ବଞ୍ଚାଅ ଅଭିଯାନ ପକ୍ଷରୁ ଦାବି କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଅଭିଯାନ ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ଅଭିଯାନର ଆବାହକ ଅନନ୍ତ, ଅଭିଯାନର ଅନ୍ୟତମ ଆବାହକ ତଥା ଖବରଦାତା ସୁଦର୍ଶନ ଛୋଟରାୟ, ସାମାଜିକ କର୍ମୀ କଲ୍ୟାଣ ଆନନ୍ଦ ଏବଂ ଅଭିଯାନର ପ୍ରତିନିଧିଗଣ, ଛତିଶଗଡ଼ ରାଜ୍ୟରୁ ବାସୁଦେବ ଶର୍ମା, ମଦନ ପଟେଲ, ରଘୁବୀର ପ୍ରଧାନ, ବିନୟ ଶୁକ୍ଳା, ଅଭିଷେକ ସୋନିଙ୍କ ସମେତ ମଲଦା ଏବଂ ହିର୍ମା ପଞ୍ଚାୟତର ସରପଞ୍ଚ ପ୍ରମୁଖ ଉପସ୍ଥିତ ରହିଥିଲେ।

**ଝାଡ଼ଖଣ୍ଡ ସୁରକ୍ଷା କ୍ଷେତ୍ରରେ ବଡ଼ ପଦକ୍ଷେପ**

# ଥାନାକୁ ମିଳିବ ୩୦୦୦ ନୂଆ ଗାଡ଼ି






**ପ୍ରଥମ ପର୍ଯ୍ୟାୟରେ ୬୩୬ ଚାରିଚକିଆ, ୮୫୯ ଦୁଇଚକିଆ ହସ୍ତାନ୍ତର**

ରାଞ୍ଚି, ୧୩।୩

ଝାଡ଼ଖଣ୍ଡର ସାଧାରଣ ଜନତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ନେତୃତ୍ୱାଧୀନ 'ଅବୁଆ ସରକାର' ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟର ସମସ୍ତ ଥାନାକୁ ଆଧୁନିକ ସମ୍ବଳରେ ସଜ୍ଜିତ କରିବା ପାଇଁ ସରକାର ପ୍ରାୟ ୩ ହଜାର ଗାଡ଼ି ଯୋଗାଇବା ବ୍ୟବସ୍ଥା କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପୋଲିସ ବିଭାଗ ପାଇଁ ଝାଡ଼ଖଣ୍ଡ ସରକାର ସମୁଦାୟ ୧,୨୫୫ଟି ଚାରିଚକିଆ ଏବଂ ୧,୬୯୭ଟି ଦୁଇଚକିଆ ଯାନ ମଞ୍ଜୁର କରିଛନ୍ତି। ଶୁକ୍ରବାର ପ୍ରଥମ ପର୍ଯ୍ୟାୟରେ ୬୩୬ଟି ଚାରିଚକିଆ ଏବଂ ୮୫୯ଟି ଦୁଇଚକିଆ ଗାଡ଼ି ବିଭିନ୍ନ ଥାନାକୁ ଝାଡ଼ଖଣ୍ଡ ବିଧାନସଭା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ହସ୍ତାନ୍ତର କରାଯାଇଛି। ଏହାଦ୍ୱାରା ପୋଲିସର ପାଟ୍ରୋଲିଂ କ୍ଷମତା ବୃଦ୍ଧି ପାଇବ ଏବଂ ଅପରାଧ ନିୟନ୍ତ୍ରଣରେ ଦ୍ରୁତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି ସରକାର ଆଶା ରଖିଛନ୍ତି। କେବଳ ଗାଡ଼ି ନୁହେଁ, ପୋଲିସିଂ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ପାଇଁ ରାଜ୍ୟର ୧୨ ଜିଲାରେ ଅତ୍ୟାଧୁନିକ 'ସମନ୍ୱିତ ଥାନା' ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ସୋରେନ୍ ଆଭାସୀ ଜରିଆରେ ଶିଳାନ୍ୟାସ କରିଛନ୍ତି। ଏହି ଅତ୍ୟାଧୁନିକ ଥାନା ପରିସରରେ ୪ଟି ବିଶେଷ ୟୁନିଟ୍ କାର୍ଯ୍ୟ କରିବ। ସେଗୁଡ଼ିକ ହେଲା ମହିଳା ଥାନା, ସାଇବର ଥାନା, ମାନବ ଚାଲାଣ ବିରୋଧୀ ୟୁନିଟ୍ (ଏଏଚ୍‌ଟିୟୁ) ଓ ଏସ୍‌ସି/ଏସ୍‌ଟି ଥାନା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୋରେନ କହିଛନ୍ତି ଯେ, 'ଆପଣଙ୍କ ସୁରକ୍ଷା, ଆମର ଦାୟିତ୍ୱ। ପୀଡ଼ିତ–କେନ୍ଦ୍ରିତ ପୋଲିସିଂ ବ୍ୟବସ୍ଥା ମାଧ୍ୟମରେ ସାଧାରଣ ଲୋକଙ୍କୁ ଯେପରି ନ୍ୟାୟ ପାଇଁ ବିଭିନ୍ନ ସ୍ଥାନକୁ ଦୌଡ଼ିବାକୁ ନ ପଡ଼େ, ସେଥିପାଇଁ ସରକାର ଏହି ମଡେଲ ଆପଣାଇଛନ୍ତି।'




# ସମ୍ବଲପୁର ଜିଲା ଖାଉଟି ଆୟୋଗଙ୍କ ବିରୋଧରେ ତଦନ୍ତ



ସମ୍ବଲପୁର ଜିଲା ଖାଉଟି ବିବାଦ ସମାଧାନ ଆୟୋଗଙ୍କ କାର୍ଯ୍ୟାଳୟ।

ସମ୍ବଲପୁର, ୧୩।୩(ପ୍ରମୋଦ ବହିଦାର)

- ରାଜ୍ୟ ଆୟୋଗଙ୍କ ନିକଟରେ ହାଜର ପାଇଁ ସଭାପତିଙ୍କୁ ନିର୍ଦ୍ଦେଶ

ସମ୍ବଲପୁର ଜିଲା ଖାଉଟି ବିବାଦ ସମାଧାନ ଆୟୋଗ (ଡିସିଡିଆରସି)ର କାର୍ଯ୍ୟଧାରାକୁ ନେଇ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜାତୀୟ ଖାଉଟି ବିବାଦ ସମାଧାନ ଆୟୋଗ(ଏନ୍‌ସିଡିଆର୍‌ସି)ଙ୍କ ନିର୍ଦ୍ଦେଶ ପରେ ସମ୍ବଲପୁର ଡିସିଡିଆର୍‌ସି ସଭାପତିଙ୍କ ବିରୋଧରେ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନ୍‌ସିଡିଆର୍‌ସିଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗ(ଏସ୍‌ସିଡିଆର୍‌ସି) ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ସମ୍ବଲପୁରର ବରିଷ୍ଠ ଆଇନଜୀବୀ ପ୍ରେମପ୍ରକାଶ ପାଣିଗ୍ରାହୀଙ୍କ ପକ୍ଷରୁ ଦାଖଲ ଅଭିଯୋଗ ଆଧାରରେ ସମ୍ବଲପୁର ଡିସିଡିଆର୍‌ସି ସଭାପତି ରମାକାନ୍ତ ଶତପଥୀ ଓ ସଦସ୍ୟ ସଦାନନ୍ଦ ତ୍ରିପାଠୀଙ୍କ ବିରୋଧରେ ସ୍ୱେଚ୍ଛାଚାରିତା, ପ୍ରତିଶୋଧପରାୟଣ ମନୋଭାବ ଏବଂ ଅନୈତିକ ଆଚରଣ ଭଳି ଗୁରୁତର ଆରୋପ ଲଗାଯାଇଛି। ଏହି ମାମଲାରେ ଜାତୀୟ ଆୟୋଗଙ୍କ ଚିଠି ପରେ ଏସ୍‌ସିଡିଆର୍‌ସି ଗତ ଫେବୃଆରୀ ୨୫ରେ ନୋଟିସ ଜାରି କରି ସମ୍ବଲପୁର ଡିସିଡିଆର୍‌ସି ସଭାପତିଙ୍କୁ ଏସ୍‌ସିଡିଆର୍‌ସିଙ୍କ ନିକଟରେ ବ୍ୟକ୍ତିଗତ ହାଜର ହୋଇ ନିଜ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଏହି ପ୍ରସଙ୍ଗରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିସାରିଛନ୍ତି। ଗତ ଜାନୁଆରୀ ୮ରେ ଏକ ଆଦେଶନାମା ଜାରିକରି ହାଇକୋର୍ଟ ସମ୍ବଲପୁର ଖାଉଟି କମିଶନଙ୍କ ଆଚରଣକୁ 'ଅତ୍ୟନ୍ତ ଦୁର୍ଭାଗ୍ୟଜନକ' ଓ 'ଆପତ୍ତିଜନକ' ବୋଲି ବର୍ଣ୍ଣନା କରିଥିଲେ। କମିଶନଙ୍କ ଜିଦ୍‌ଖୋର ମନୋଭାବ ଗ୍ରାହକ ସୁରକ୍ଷା ଆଇନର ଉଦ୍ଦେଶ୍ୟ ବିରୋଧୀ ଏବଂ ଏହା ଦ୍ୱାରା ଆବେଦନକାରୀମାନେ ବ୍ୟାପକ ଭାବେ ହଇରାଣ ହେଉଥିବା କୋର୍ଟ ନିରୀକ୍ଷଣ କରିଥିଲେ। ନ୍ୟାୟିକ ନିର୍ଦ୍ଦେଶ ପାଳନ ନ ହେଲେ ଅଦାଲତ ଅବମାନନା ମାମଲା ରୁଜୁ କରାଯିବ ବୋଲି ମଧ୍ୟ ଚେତାବନୀ ଦିଆଯାଇଥିଲା। ବିଶ୍ୱ ଖାଉଟି ଅଧିକାର ଦିବସ ଅବସରରେ ଏଭଳି ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିବା ପରେ ଖାଉଟି ଅଦାଲତଗୁଡ଼ିକର ସ୍ୱଚ୍ଛତା ଓ ବିଶ୍ୱସନୀୟତାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏସମ୍ପର୍କରେ ଜିଲା ଖାଉଟି ବିବାଦ ସମାଧାନ ଆୟୋଗ ସଭାପତି ରମାକାନ୍ତ ଶତପଥୀଙ୍କୁ ପଚରା ଯିବାରେ ଏଭଳି କୌଣସି ନୋଟିସ ତାଙ୍କ ନିକଟକୁ ଆସିନାହିଁ ବା ଏଭଳି କୌଣସି ସୂଚନା ମଧ୍ୟ ତାଙ୍କ ନିକଟରେ ନାହିଁ ବୋଲି ସେ କହିଛନ୍ତି।



# ରାଲିରେ ବୈଷୟିକ ତ୍ରୁଟି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ରାଜସ୍ଥାନ ବାଂଶୱାଡ଼ାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଲିରେ ଦଶ ମିନିଟ୍‌ର ଏକ ବୈଷୟିକ ତ୍ରୁଟି ଯୋଗୁ ସ୍କ୍ରିନ୍ କିଛି ସମୟ ପାଇଁ ଶୂନ୍ୟ ହୋଇଯାଇଥିଲା । ଏହି ଘଟଣା ଏତେ ଗମ୍ଭୀର ଥିଲା ଯେ, ବରିଷ୍ଠ ଆଇଏଏସ୍ ଅଧିକାରୀ ଅର୍ଚ୍ଚନା ସିଂହଙ୍କୁ ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଯୋଗାଯୋଗ ସଚିବ ପଦ ହରାଇବାକୁ ପଡ଼ିଲା । ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ଯେତେବେଳେ ପ୍ରଯୁକ୍ତିବିଦ୍ୟା ବିଫଳ ହୁଏ, ସେତେବେଳେ କେହି ଜଣେ ଏଥିପାଇଁ ଉତ୍ତରଦାୟୀ ହେବାକୁ ପଡ଼ିବ । କିନ୍ତୁ ଏହି ଅଧ୍ୟାୟକୁ ନେଇ ଅଜବ ପ୍ରଶ୍ନ ଉଠିଛି । ଯଦି ୧୦ ମିନିଟ୍‌ର ଡିଜିଟାଲ ସମସ୍ୟା ଏତେଶୀଘ୍ର ଏକ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନକୁ ତ୍ୱରାନ୍ୱିତ କରିପାରେ, ତେବେ ସରକାରଙ୍କ ଡିଜିଟାଲ ପୋର୍ଟାଲରେ କରଦାତାମାନେ ବର୍ଷ ବର୍ଷ ଧରି ସହ୍ୟ କରୁଥିବା ବୈଷୟିକ ଯନ୍ତ୍ରଣାକୁ ଆମେ କ'ଣ କହିବା ? ଏହିକ୍ରମରେ ଆୟକର ପୋର୍ଟାଲ ଆରମ୍ଭରୁ ବ୍ୟବସାୟୀ ଏବଂ ବୃତ୍ତିଧାରୀମାନେ ଲଗ୍‌ଇନ୍ ବିଫଳତା, ପେମେଣ୍ଟ ତ୍ରୁଟି, ଧୀର ପ୍ରକ୍ରିୟାକରଣ ଏବଂ ଶେଷ ତାରିଖରେ ସିଷ୍ଟମରେ ତ୍ରୁଟିକୁ ଲଗାତର ସହ୍ୟ କରିଆସିଛନ୍ତି । ପୋର୍ଟାଲ ସହଯୋଗ ନ କରିବାରୁ କରଦାତାମାନେ ଫାଇଲିଂ କିମ୍ବା ପେମେଣ୍ଟ କରିପାରି ନଥିଲେ । ତଥାପି ନିର୍ଦ୍ଧାରିତ ସମୟ ପରେ ଜରିମାନା ଜାରି ରହିଥିଲା । ଜିଏସ୍‌ଟି ପୋର୍ଟାଲର 'ଅସ୍ଥାୟୀ ବୈଷୟିକ ସମସ୍ୟା'ର ଏକ ଲମ୍ବା ଇତିହାସ ଅଛି । ଏମ୍‌ସିଏ ପୋର୍ଟାଲରେ ମଧ୍ୟ ୟୁଜରମାନେ ସମୟ ସମୟରେ ତ୍ରୁଟି ଦେଖିବାକୁ ପାଆନ୍ତି । କୋର୍ଟଙ୍କୁ ଏକାଧିକ ଥର ଏଥିରେ ହସ୍ତକ୍ଷେପ କରିବାକୁ ପଡ଼ିଛି । ବୃତ୍ତିଗତ ସଂସ୍ଥାଗୁଡ଼ିକ ସମୟସୀମା ବୃଦ୍ଧି ପାଇଁ ଅନୁରୋଧ କରିଆସିଛନ୍ତି । ତେବେ ଲଗାତର ଦେଖାଯାଉଥିବା ଏପରି ତ୍ରୁଟି ସବୁ ବାଂଶୱାଡ଼ା ଭଳି ଦାୟିତ୍ୱବୋଧତା କ୍ଷେତ୍ରରେ କମ୍ ଦେଖିବାକୁ ମିଳେ । ନିଷ୍କର୍ଷ ହେଉଛି, ଟେକ୍ନୋଲୋଜି ବିଫଳତା ସେତେବେଳେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ ଯେତେବେଳେ ସେସବୁ ରାଜନୈତିକ ଲଜ୍ଜା ସୃଷ୍ଟି କରନ୍ତି, ବରଂ କରଦାତାଙ୍କୁ ଅସୁବିଧାରେ ପକାଇବା ସମୟରେ ନୁହେଁ ।

### ସିଏଟିଙ୍କ କଟକଣା

ବାବୁସାମ୍ରାଜ୍ୟରେ ବିବାଦ କେବେକେବେ ନାଟକୀୟ ଭାବେ ଖବରର ଶିରୋନାମା ହେଉଥିଲେ ବି ବେଳେବେଳେ ଆଇନଗତ ନାଟକ ସୃଷ୍ଟି କରେ । ଏବେ କେରଳରେ ଏଭଳି ଅଧ୍ୟାୟ ସାମ୍ନାକୁ ଆସିଛି । କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (ସିଏଟି) ରାଜ୍ୟ ସରକାରଙ୍କୁ ଚେତାଇ ଦେଇଛନ୍ତି ଯେ, ସିଭିଲ୍ ସର୍ଭିସ ପରିଚାଳନା କରୁଥିବା ନିୟମଗୁଡ଼ିକୁ ଅଦରକାରୀ ବୋଲି ବିବେଚନା କରାଯିବା ଉଚିତ ନୁହେଁ । ନିକଟରେ ଆଇଏଏସ୍ କ୍ୟାଡର ପାଇଁ ଉଦ୍ଦିଷ୍ଟ କେରଳର ଅବକାରୀ କମିଶନ ପଦବୀରେ ଜଣେ ଆଇପିଏସ୍ ଅଧିକାରୀଙ୍କୁ ନିଯୁକ୍ତ କରାଯିବାରୁ ସମସ୍ୟା ଉପୁଜିଥିଲା । ଆଇଏଏସ୍ କ୍ୟାଡର ଏହାକୁ ବିରୋଧ କରି ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲା । ସିଏଟି କ୍ୟାଡର ନିୟମଗୁଡ଼ିକୁ ଅନୁଧ୍ୟାନ କରିବା ପରେ କହିଥିଲେ ଯେ, ଏକ ଆଇଏଏସ୍ କ୍ୟାଡର ପଦବୀ କେବଳ ଜଣେ ଆଇଏଏସ୍ ଅଧିକାରୀ ଦ୍ୱାରା ପୂରଣ କରାଯାଇପାରିବ । ଟ୍ରିବ୍ୟୁନାଲ ପୁନଶ୍ଚ ଦର୍ଶାଇଛନ୍ତି ଯେ, ଅନ୍ୟାନ୍ୟ ପଦବୀ ଯଥା ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ଇନ୍ ଗଭର୍ନମେଣ୍ଟ (ଆଇଏମ୍‌ଜି)ର ମହାନିର୍ଦ୍ଦେଶକ ଏବଂ କେରଳ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲୋକାଲ ଆଡ୍‌ମିନିଷ୍ଟ୍ରେଶନ (କେଆଇଏଲ୍‌ଏ)ର ନିର୍ଦ୍ଦେଶକ ପଦବୀ ଆଇଏଏସ୍ କ୍ୟାଡର ପାଇଁ ଉଦ୍ଦିଷ୍ଟ ଏବଂ ଏଥିରେ ଅଣ-ଆଇଏଏସ୍ ଅଧିକାରୀ କିମ୍ବା ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀଙ୍କୁ ନିଯୁକ୍ତ କରାଯାଇପାରିବ ନାହିଁ । କ୍ୟାଡର ନିୟମଗୁଡ଼ିକ ସଂସ୍ଥାଗତ ସନ୍ତୁଳନ ରକ୍ଷାକରିବା, କ୍ୟାରିୟର ପ୍ରଗତି ସୁନିଶ୍ଚିତ କରିବା ଏବଂ ବରିଷ୍ଠ ପଦବୀରେ ଅଦଳବଦଳକୁ ନିୟନ୍ତ୍ରଣ ପାଇଁ ଗଠନ କରାଯାଇଛି । ତେବେ ବିଶ୍ୱସ୍ତ ଅଧିକାରୀଙ୍କ କ୍ଷେତ୍ରରେ ସରକାର ପ୍ରାୟତଃ ଟିକିଏ କୋହଳ ମନୋଭାବ ପୋଷଣ କରିଥାନ୍ତି । ଏହି ସମୟରେ ସିଭିଲ ସର୍ଭିସେସ କ୍ୟାଡର ନିୟମ ପୁସ୍ତିକାର କଥା ଉଠାଇଥାନ୍ତି । ସେଥିପାଇଁ ସିଏଟି ଏହାକୁ ଲାଗୁ କରିବାକୁ ଚାହିଁଛନ୍ତି ।

### ସଚ୍ଚୋଟତା ପରୀକ୍ଷା

ଯେତେବେଳେ ଜଣେ ମୁଖ୍ୟମନ୍ତ୍ରୀ ବାବୁମାନଙ୍କୁ 'ସଚ୍ଚୋଟ ମତାମତ' ମାଗନ୍ତି, ସେତେବେଳେ ଏହା ଗଣତାନ୍ତ୍ରିକ ସ୍ୱଶାସନର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଭାବେ ପ୍ରତୀୟମାନ ହୋଇଥାଏ । ଏହା ପ୍ରାୟତଃ ଏକ ବୈପ୍ଳବିକ ପଦକ୍ଷେପ ବୋଲି ମନେହୁଏ । କିନ୍ତୁ ଆମ ପ୍ରଶାସନିକ ସଂସ୍କୃତିରେ 'ସଚ୍ଚୋଟ ମତାମତ' ଭଳି ଖଣ୍ଡବାକ୍ୟ ସଚିବାଳୟରେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିପାରେ । ତେଲଙ୍ଗାନାରେ ଏଭଳି ପଦକ୍ଷେପ ନିଆଯାଇଛି । ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ସରକାରଙ୍କ ପ୍ରଦର୍ଶନ ଉପରେ ସ୍ପଷ୍ଟ ମତାମତ ଦେବାକୁ କହିଥିଲେ । ଏହାର ଉଦ୍ଦେଶ୍ୟ ହେଉଛି ପ୍ରଶାସନ ଆଗକୁ ବଢ଼ୁଥିବା ସମୟରେ ପ୍ରଗତିର ମୂଲ୍ୟାଙ୍କନ ଏବଂ ଶାସନକୁ ସୁନିୟନ୍ତ୍ରିତ କରିବାରେ ସାହାଯ୍ୟ କରିବା । ବ୍ୟବସ୍ଥା ଠିକ୍ ଏହିପରି କାମ କରିବା କଥା । ଉତ୍ତରାଧିକାରୀ ଭାବରେ ଭାରତ ପାଇଥିବା ପାର୍ଲାମେଣ୍ଟାରୀ ସରକାର ମଡେଲ ଏହି ନୀତି ଉପରେ ଗଢ଼ିଉଠିଥିଲା, ଯେଉଁଠି ବାବୁମାନେ ବ୍ୟକ୍ତିଗତ ଭାବରେ ସ୍ପଷ୍ଟ ଭାବରେ କଥା ହୁଅନ୍ତି, ମନ୍ତ୍ରୀମାନେ ସର୍ବସାଧାରଣରେ ନିଷ୍ପତ୍ତି ନିଅନ୍ତି । ବର୍ଷ ବର୍ଷ ଧରି ବାବୁମାନେ ମଧ୍ୟ ଫାଇଲରେ ସତର୍କତାର ସହିତ ମନ୍ତବ୍ୟ, ସୁପାରିସ ଆଦିରେ ସମନ୍ୱୟ ରକ୍ଷା କରିଆସିଛନ୍ତି । ସ୍ପଷ୍ଟତା, ଯଦିଓ ପ୍ରଶଂସନୀୟ, କେତେକ ସମୟରେ କ୍ୟାରିଅର ସ୍ଥିରତା ପାଇଁ ବିପଜ୍ଜନକ ପ୍ରମାଣିତ ହୋଇପାରେ । ତେବେ ସ୍ପଷ୍ଟ ମୂଲ୍ୟାଙ୍କନ ପାଇଁ ରେଭନ୍ତ ରେଡ୍ଡୀଙ୍କ ଆହ୍ୱାନ ବାସ୍ତବରେ ପ୍ରଶାସନକୁ ଉନ୍ନତ କରିବା ଏବଂ ପ୍ରମୁଖ ପଦକ୍ଷେପଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ଏହା ଏକ ବ୍ୟାପକ ପ୍ରୟାସର ଅଂଶ ମନେହୁଏ । ତେଲଙ୍ଗାନାର ନେତୃତ୍ୱ ମହତ୍ତ୍ୱାକାଂକ୍ଷୀ ନିବେଶ ଏବଂ ବିକାଶ ଯୋଜନାଗୁଡ଼ିକୁ ଅନୁସରଣ କରିବା ସହିତ ଦ୍ରୁତ କାର୍ଯ୍ୟାନ୍ୱୟନ ଏବଂ ଉତ୍ତମ ପ୍ରଶାସନିକ ସମନ୍ୱୟ ଚାହୁଁଛି । କିନ୍ତୁ ଏଠାରେ ପ୍ରକୃତ ପରୀକ୍ଷା ହେଉଛି ସଂସ୍କୃତିଗତ, ପ୍ରକ୍ରିୟାଗତ ନୁହେଁ । ବାବୁମାନେ କ'ଣ ପ୍ରକୃତରେ ନିଜ ମତାମତ ଦେବେ ? ବ୍ୟବସ୍ଥା କ'ଣ ଦଣ୍ଡିତ କରିବା ପରିବର୍ତ୍ତେ ଅସତ୍ୟକୁ ଗ୍ରହଣ କରିବ ?

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | 9 | | | | | | 4 |
| | | | | | 4 | | 8 | |
| | | | | | | | 7 | |
| | 8 | 7 | | | 9 | 2 | | |
| 2 | | | | 1 | | 8 | 5 | |
| 6 | | 1 | | 2 | | | | |
| | | 2 | 3 | 4 | 1 | | | 7 |
| | | 6 | | | 8 | | | |
| | | | 7 | | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 1 | 3 | 5 | 2 | 7 | 4 | 6 |
| 5 | 6 | 7 | 8 | 4 | 1 | 9 | 2 | 3 |
| 2 | 3 | 4 | 6 | 7 | 9 | 8 | 5 | 1 |
| 4 | 1 | 8 | 9 | 2 | 3 | 6 | 7 | 5 |
| 6 | 2 | 5 | 4 | 1 | 7 | 3 | 9 | 8 |
| 3 | 7 | 9 | 5 | 6 | 8 | 4 | 1 | 2 |
| 1 | 9 | 2 | 7 | 3 | 6 | 5 | 8 | 4 |
| 7 | 4 | 6 | 2 | 8 | 5 | 1 | 3 | 9 |
| 8 | 5 | 3 | 1 | 9 | 4 | 2 | 6 | 7 |

ଗତକାଲିର ଉତ୍ତର

# ଜଳ ହିଁ ଜୀବନ



ବୈକୁଣ୍ଠନାଥ ମିଶ୍ର

ଜଳର ଅନ୍ୟ ନାମ ଜୀବନ । ମଣିଷପାଇଁ ଉପଲବ୍ଧ ଅତ୍ୟାବଶ୍ୟକ ପ୍ରାକୃତିକ ଉପାଦାନ ମଧ୍ୟରେ ଜଳ ଅନ୍ୟତମ । କେବଳ ମଣିଷ ନୁହେଁ, ସମଗ୍ର ପ୍ରାଣୀ ଓ ଉଦ୍ଭିଦଜଗତ ପାଇଁ ଜଳ ଏକ ଶ୍ରେଷ୍ଠ ପ୍ରାକୃତିକ ଉପାଦାନ । ନିକଟ ଭବିଷ୍ୟତରେ ଏହି ଦୁର୍ଲଭ ଉପାଦାନଟି ଏକ ବୃହତ୍ ସଙ୍କଟରୂପେ ଉଭା ହେବାକୁ ଯାଉଛି । ପୃଥିବୀର ୭୨ ଭାଗ ଅଞ୍ଚଳ ଜଳପୂର୍ଣ୍ଣ ଥିଲେ ମଧ୍ୟ ପ୍ରାଣୀ ଆବଶ୍ୟକ କରୁଥିବା ଜଳର ପରିମାଣ ମାତ୍ର ଶତକଡା ୩ ଭାଗ । ସେଥିରୁ ୨ ପ୍ରତିଶତ ଜଳ ହିମତୁଷାର ଆକାରରେ ଥିବାବେଳେ ମାତ୍ର ଶତକଡା ୧ ଭାଗ ଜଳ ମନୁଷ୍ୟର ବ୍ୟବହାରରେ ଲାଗୁଛି । ଏହି ଏକଭାଗ ଜଳ ନଦୀ, ଝରଣା, ପୁଷ୍କରିଣୀ ଓ ଭୂତଳରେ ଗଚ୍ଛିତ ଅଛି । ଭୂତଳ ଜଳରାଶିର ବ୍ୟାପକ ଅବକ୍ଷୟ ଘଟିଚାଲିଛି । ଭୂତଳ ଜଳସ୍ତରରେ ୧୮ ଭାଗ ଜଳ ଭୂତଳଗାମୀ ହୋଇ ନ ପାରି ସମୁଦ୍ରକୁ ବହିଯାଉଛି । ଗତ ଶତାବ୍ଦୀର ୮୦ ଦଶକ ସୁଦ୍ଧା ନଦୀମାନଙ୍କରେ ପ୍ରବାହିତ ଜଳଧାରାର ୭୦ ପ୍ରତିଶତରୁ ଅଧିକ ବର୍ତ୍ତମାନ ହ୍ରାସ ପାଇଛି । ବର୍ଷ ତମାମ ଯେତିକି ବୃଷ୍ଟି ହେବା କଥା, ବର୍ତ୍ତମାନ ପ୍ରାୟତଃ ସମାନ ପରିମାଣର ବୃଷ୍ଟିପାତ ହେଉଥିଲେ ମଧ୍ୟ ଅକାଳ ଓ ଅନାବଶ୍ୟକ ବୃଷ୍ଟି ଉପକାର ପରିବର୍ତ୍ତେ ଅଧିକ ଅପକାର କରୁଛି ।

ଯେତେ ପରିମାଣର ମଧୁର ଜଳ ଉପଲବ୍ଧ ହେଉଛି, ତାହା ପୂର୍ଣ୍ଣମାତ୍ରାରେ ମଣିଷର ବ୍ୟବହାରରେ ଆସୁନାହିଁ । ପାନୀୟ ଜଳକ୍ରମେ ବିଷାକ୍ତ ହେବାରେ ଲାଗିଛି । ନିକଟରେ ମଧ୍ୟପ୍ରଦେଶର ଇନ୍ଦୋରରେ ପ୍ରଦୂଷିତ ଜଳପାନ କରି ୧୬ଜଣଙ୍କ ମୃତ୍ୟୁ ଘଟଣା ଆଧୁନିକ ମଣିଷ ପାଇଁ ଏକ ଚେତାବନୀ । ଆମ ରାଜ୍ୟର ଆଠଗଡ଼ ସମେତ ବହୁ ଅଞ୍ଚଳରେ ଭୂତଳ ଜଳରେ ମାତ୍ରାଧିକ ଫ୍ଲୋରାଇଡ୍ ଥିବାର ପ୍ରମାଣ ମିଳିଛି । ଏହି ଜଳପାନ କରିବା ଫଳରେ ଲିଭର କିଡ୍‌ନୀ ଜନିତ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଉଛି । ଗଙ୍ଗା ଓ ଯମୁନାର ଜଳ ବିଷାକ୍ତ ହେବାରେ ଲାଗିଛି । ମଣିଷ ଯେଉଁ ଟ୍ୟାପ ଜଳ ବ୍ୟବହାର କରୁଛି, ତାହା ଆଦୌ ବିଶୋଧିତ ନୁହେଁ । ଘରେ ସଂଯୁକ୍ତ ନଳ ଓ ଟ୍ୟାପ୍‌କୁ ନିୟମିତ ବ୍ୟବଧାନରେ ସଫା କରିବା କଥା । କିନ୍ତୁ ତାହା ପ୍ରାୟତଃ ହେଉନାହିଁ । ମଣିଷ ବଜାରରେ ଉପଲବ୍ଧ ପ୍ଲାଷ୍ଟିକ ବୋତଲରେ ବିଭିନ୍ନ ବ୍ରାଣ୍ଡର ଜଳକୁ କ୍ରୟ କରି ପାନ କରୁଛି । ଆମର ଏକ ଧାରଣା ଯେ, ବଜାରରେ ଉପଲବ୍ଧ ବୋତଲ ପାଣି ବିଶୁଦ୍ଧ, କିନ୍ତୁ ତାହା ଠିକ୍ ନୁହେଁ । ବୋତଲ ପିଛା ଦଶଟଙ୍କାଠାରୁ ଆରମ୍ଭ କରି ହଜାର ଟଙ୍କିଆ କାଚ ବୋତଲରେ



ସ୍ପାର୍କଲିଙ୍ଗ ୱାଟର ବଜାରରେ ଉପଲବ୍ଧ ହେଲାଣି ।

ପାନୀୟ ଜଳକୁ ଦିନେ ପ୍ରକୃତିର ମାଗଣା ଉପହାର ମନେକରାଯାଉଥିଲା । କିନ୍ତୁ ସମ୍ପ୍ରତି ତାହା ଏକ ବିଶାଳ ବ୍ୟବସାୟିକ କ୍ଷେତ୍ରରେ ପରିଣତ ହୋଇ ସାରିଲାଣି । ଇତିହାସ କହେ ମୋଗଲ ସମ୍ରାଟ୍ ଆକବର ଉଚ୍ଚ ପାର୍ବତ୍ୟାଞ୍ଚଳରେ ପ୍ରବାହିତ ଗଙ୍ଗା ଜଳକୁ ପ୍ରତ୍ୟହ ସଂଗ୍ରହ କରାଇ ନିତ୍ୟ ବ୍ୟବହାର୍ଯ୍ୟ ଆବଶ୍ୟକତା ମେଣ୍ଟାଉଥିଲେ । ଆଜି କିନ୍ତୁ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ । ସାଧାରଣ ଜଳ ପରିବର୍ତ୍ତେ ବିଦେଶୀ ଓ ପ୍ରାକୃତିକ ଭାବେ ପ୍ରବାହମାନ ଝରଣାର ଜଳକୁ ଧନୀ ତଥା ସମ୍ଭ୍ରାନ୍ତ ଶ୍ରେଣୀୟ ଲୋକମାନେ ହଜାର ହଜାର ଟଙ୍କା ବିନିମୟରେ କ୍ରୟ କରୁଛନ୍ତି । ଏହା କେବଳ ତୃଷା ମେଣ୍ଟାଇବା ପାଇଁ ଉଦ୍ଦିଷ୍ଟ ନୁହେଁ; ବରଂ ନିଜ ଆଭିଜାତ୍ୟପୂର୍ଣ୍ଣ ଜୀବନଶୈଳୀ ତଥା ସ୍ୱାସ୍ଥ୍ୟ ପ୍ରତି ପ୍ରଗାଢ଼ ସଚେତନତା ବୋଲି ଅନ୍ୟକୁ ଦେଖାଇ ଦେବାର ଏକ କୃତ୍ରିମତାଭରା ପ୍ରୟାସ ମାତ୍ର । ଲୋକଙ୍କର ଆବଶ୍ୟକତାକୁ ଅନୁଭବ କରି ବହୁରାଷ୍ଟ୍ରୀୟ କମ୍ପାନୀମାନେ ବୈଜ୍ଞାନିକ ପଦ୍ଧତିରେ ସାଧାରଣ ଜଳକୁ ବିଶୁଦ୍ଧ କରି ପ୍ରାକୃତିକ ଜଳ ନାମରେ ବ୍ୟବସାୟ କରି ବେଶ୍ ଲାଭବାନ ହେଉଛନ୍ତି । ଏଠାରେ ଗୋଟିଏ କଥା ସ୍ପଷ୍ଟ କରିଦିଆଯାଇପାରେ ଯେ, ବୋତଲ ମାଧ୍ୟମରେ ବଜାରରେ ଉପଲବ୍ଧ ବିଭିନ୍ନ ବ୍ରାଣ୍ଡ୍‌ର ଜଳ ମଧ୍ୟରୁ ୧୮ଟି ବ୍ରାଣ୍ଡ୍‌ର ଜଳ ଅସୁରକ୍ଷିତ ଏବଂ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ । ଦ୍ୱିତୀୟ କଥା ପ୍ଲାଷ୍ଟିକ ବୋତଲରେ ଜଳଧାରଣ ଏବଂ ତାହା ପୁଣି ଦିନଦିନ ଧରି ଆବଦ୍ଧ ରହିବା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ । ସାଧାରଣ ଲୋକଙ୍କ ପାଖରେ ଜଳର ନମୁନା ପରୀକ୍ଷା କରିବାର କୌଣସି ସାଧନ ଉପଲବ୍ଧ ନ ଥିବାରୁ ସେ ଏହାକୁ କିଣିନେଇ ଆଗ୍ରହରେ ପାନ କରୁଛି । ନିକଟରେ ଓଡ଼ିଶା ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ଚଳିତବର୍ଷ ୨୯ଟି ଜଳ ନମୁନା ପରୀକ୍ଷା କରାଯାଇଥିଲା, ଯେଉଁଥିରୁ ୮ଟି ନମୁନା ଅସୁରକ୍ଷିତ ବୋଲି ଜଣାପଡ଼ିଥିଲା । ଏକଥା ମଧ୍ୟ ପ୍ରକାଶ କରିଛନ୍ତି ଯେ, ବିଗତ ଚାରିବର୍ଷରେ ୬୮ଟି ପାନୀୟଜଳର ନମୁନା ପରୀକ୍ଷା କରାଯାଇ ତନ୍ମଧ୍ୟରୁ ୧୮ଟି ନମୁନା ପାନୀୟଯୋଗ୍ୟ ନୁହେଁ ବୋଲି ଜଣାପଡ଼ିଛି ।

ଅପରପକ୍ଷେ ବିଶ୍ୱକଥା ଚିନ୍ତାକଲେ ଜଣାଯାଏ ଯେ, ବିଶ୍ୱର ଜଳ ସ୍ଥିତି ଉଦ୍‌ବେଗଜନକ । ବିଶ୍ୱ ବର୍ତ୍ତମାନ ଜଳ ସଂକଟର ଦ୍ୱାରଦେଶରେ ଉପନୀତ । ଜାତିସଂଘ ଜଳ ସମ୍ମିଳନୀରେ ଜଳ ସଂକଟ ଉପରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା । କୁହାଯାଇଥିଲା ଯେ, ପ୍ରକୃତିର ସହନୀୟତାଠାରୁ ଅଧିକ ଜଳ ବ୍ୟବହାର ଯୋଗୁ ବିଶ୍ୱରେ ଜଳାଭାବର ଭୟଙ୍କର ସ୍ଥିତି ଉପୁଜିଛି । ପୃଥିବୀର ପ୍ରାୟ ଅର୍ଦ୍ଧେକ ଲୋକ ବର୍ଷକରେ ଅନ୍ୟୁନ ଏକମାସ ଜଳସଙ୍କଟର ସମ୍ମୁଖୀନ ହେଉଛନ୍ତି । ନଦୀ ଅବବାହିକାମାନଙ୍କରେ ବ୍ୟାପକ ବୃକ୍ଷଛେଦନ ଯୋଗୁ ବୃଷ୍ଟିଜଳ ଭୂଗର୍ଭକୁ ନ ଯାଇପାରି ନଦୀ ଓ ଝରଣା ମାଧ୍ୟମରେ ତତ୍କ୍ଷଣାତ୍ ନିମ୍ନକୁ ଗଡ଼ିଯାଉଛି । ନଦୀର ଉପରମୁଣ୍ଡରେ ବ୍ୟାପକ ବୃକ୍ଷ ସମ୍ଭାର ଥିଲେ ବୃଷ୍ଟିଜଳ ତତ୍କ୍ଷଣାତ୍ ନିମ୍ନକୁ ନିର୍ଗତ ନ ହୋଇ ଧୀରେଧୀରେ ଭୂତଳଗାମୀ ହୁଅନ୍ତା । ଫଳରେ ଝରଣା ଓ ନଦୀଗୁଡ଼ିକରେ ବର୍ଷତମାମ ଜଳଧାରା ପ୍ରବାହିତ ହୋଇ କୃଷିକର୍ମଣଠାରୁ ଆରମ୍ଭ କରି ମନୁଷ୍ୟର ନାନାବିଧ ଆବଶ୍ୟକତା ପୂରଣ ହୋଇ ପାରନ୍ତା । ବର୍ଷାଦିନେ ନଦୀ ଝରଣା ଜଳ ପ୍ଲାବିତ ହେଉଥିବା ବେଳେ ବର୍ଷର ଅନ୍ୟ ସମୟରେ ଶୁଷ୍କ ହୋଇ ପଡ଼ିରହୁଛି । ଏ ସବୁ କେବଳ ମଣିଷର ଦୂରଦୃଷ୍ଟିହୀନତାର ପରିଚୟ । ମନେ ଅଛି ଗ୍ରେଟା ଅନ୍‌ବର୍ଗ ଜଣେ ସ୍ୱଳ୍ପବୟସ୍କା ସ୍କୁଲଛାତ୍ରୀ ହୋଇ ମଧ୍ୟ କିପରି ଜାତିସଂଘ ଅଧିବେଶନରେ ବିଶ୍ୱର ତୁଙ୍ଗ ନେତୃମଣ୍ଡଳୀକୁ ପ୍ରଶ୍ନ କରିଥିଲେ- ତୁମେ ଆମ ଭବିଷ୍ୟତ ସହ କ'ଣ କରୁଛ ? ଜାତିସଂଘର ଜଳବାୟୁ ସଂକ୍ରାନ୍ତୀୟ ବୈଠକରେ ଅତି ଦୃଢ଼ତାର ସହ ପଚାରିଥିଲେ- ତୁମେ ଆମ ଭବିଷ୍ୟତ ସହ ଖେଳିବାକୁ କିପରି ସାହସ କରୁଛ ? । ଅନ୍‌ବର୍ଗଙ୍କ ପ୍ରଶ୍ନରେ ଯେଉଁ ଯାଦୁକରୀ ଶକ୍ତିଥିଲା ତା'ର ମର୍ମାଂଶ ହେଲା ତୁମେମାନେ ପୃଥିବୀର କ୍ଷତିକୁ ରୋକିବାକୁ ଏବେଠୁଁ ଉଦ୍ୟମ ଜାରିରଖ । ନଚେତ୍ ଭବିଷ୍ୟତ ବଂଶଧର ତୁମକୁ କ୍ଷମା ଦେବେ ନାହିଁ ।

ଜଳ ସମ୍ମିଳନୀର ଶେଷକଥା ଥିଲା ଯେ, ଜଳ ପରିଚାଳନାରେ ଓ ବ୍ୟବହାରରେ କିପରି ମିତବ୍ୟୟିତା ଅବଲମ୍ବନ କରାଯାଇ ପାରିବ, ସେ ବିଷୟରେ ଚିନ୍ତା କରିବାର ସମୟ ଉପଗତ । ଜଳ ଆଉ ପ୍ରକୃତିର ମୁକ୍ତ ଉପାଦାନ ହୋଇ ନାହିଁ ପାହାଡ଼, ପର୍ବତ, ଜଙ୍ଗଲମାନଙ୍କ ପରି ଜଳ ଉତ୍ସଗୁଡ଼ିକ ମନୁଷ୍ୟର ଦୌରାତ୍ମ୍ୟର ଶିକାର ହୋଇଛି । ମଣିଷ ଯେତେବେଳେ ନିଜର ଆବଶ୍ୟକତା ଅନୁଭବ କରିବ ଓ ଜଳ ବ୍ୟବହାର ଉପରେ ସଂଯମ ହେବ, ସେତେବେଳେ ଯାଇ ଜଳ ସଙ୍କଟରୁ ଉଦ୍ଧାର ପାଇବାର ମାର୍ଗ ଅନୁସନ୍ଧାନ କରିବ । ନିଜେ ନ ଭୋଗିଲେ କଷ୍ଟର ଗଭୀରତା ବୁଝିହୁଏ ନାହିଁ ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

# ଧୈର୍ଯ୍ୟ, କ୍ଷମା ଲୋଡ଼ା



ଡ. କମଳା ପ୍ରସାଦ ମହାପାତ୍ର

ହୃଦୟରେ ଅନ୍ୟ ପ୍ରତି ଏପରିକି ପରମ ଶତ୍ରୁ ପ୍ରତି କୌଣସି ପରିସ୍ଥିତିରେ ଘୃଣାଭାବ ପୋଷଣ ନ କରି କ୍ଷମା, ଅନୁକମ୍ପା, କରୁଣା, ତିତିକ୍ଷା, ଦୟା ଭାବ ପ୍ରଦର୍ଶନକରିବା ଆବଶ୍ୟକ । ଏହାର ଅନେକ ଦୃଷ୍ଟାନ୍ତ ପୁରାଣ ଶାସ୍ତ୍ର ଓ ଇତିହାସରୁ ମିଳିଥାଏ । ଏହି ପରିପ୍ରେକ୍ଷୀରେ ସନ୍ଥ ଏକନାଥଙ୍କ ଧୈର୍ଯ୍ୟ ଓ କ୍ଷମା ପ୍ରଦର୍ଶନର ଏକ ରୋଚକ ଘଟଣା ମନକୁ ଆସେ । ଦିନକର କଥା । ସନ୍ଥ ଏକନାଥ ଗୋଦାବରୀ ନଦୀରୁ ଶୌଚ,ସ୍ନାନ ଓ ତର୍ପଣ ସାରି ଫେରିବା ରାସ୍ତାରେ ଜଣେ ଚଣ୍ଡାଳ ସମ୍ପ୍ରଦାୟର ବ୍ୟକ୍ତି ତାଙ୍କ ଉପରକୁ କାଦୁଅପାଣି ପକାଇଲେ । ସେ ଭାବିଥିଲେ ସାଧୁ ଏକନାଥ ତା' ଉପରେ କ୍ଷୁବ୍ଧ ହୋଇ ଅଭିଶାପ ଦେବେ । ମାତ୍ର ସେପରି କିଛି ହେଲାନାହିଁ । ସାଧୁ ମହାତ୍ମା ଫେରିଯାଇ ପୁଣି ଥରେ ନଦୀରେ ସ୍ନାନକରି ଆସନ୍ତେ ସେହି ଚଣ୍ଡାଳ ପୁଣି କାଦୁଅପାଣି ନିକ୍ଷେପ କଲେ । ଚଣ୍ଡାଳ ଯେତେଥର ମଇଳାପାଣି ପକାଉଥାଏ ଏକନାଥ ସେତେଥର ନଦୀକୁ ଯାଇ ଗାଧୋଇ ଫେରୁଥାନ୍ତି । ଏହି ପ୍ରକ୍ରିୟା ୧୦୮ ଥର ହେବା ପରେ ଚଣ୍ଡାଳର ଧୈର୍ଯ୍ୟଚ୍ୟୁତି ଘଟିଲା । ଚଣ୍ଡାଳ ପଚାରିଲେ ହେ ମହାଭାଗ, ମୁଁ ଆପଣଙ୍କୁ ଏତେ ଥର ଅପବିତ୍ରକରି ଅପମାନିତକଲି ମାତ୍ର ଆପଣ ମୋ ଉପରେ ରୋଷ ପ୍ରକଟ କଲେନାହିଁ । ଏହାର ରହସ୍ୟ କ'ଣ ? ଏକନାଥ କହିଲେ, ମୁଁ ତୁମ ପାଖରେ କୃତଜ୍ଞ, କାରଣ ତୁମର ଏହି ଆଚରଣ ମୋତେ ପରୋକ୍ଷରେ ୧୦୮ ଥର ପବିତ୍ର ଗୋଦାବରୀ ନଦୀରେ ସ୍ନାନକରି ଧର୍ମ ଅର୍ଜନ କରିବାର ସୁଯୋଗ ପ୍ରଦାନ କଲା । ଏକନାଥ ପରିଶେଷରେ ଚଣ୍ଡାଳର ଆଚରଣ ଶୁଦ୍ଧି ପାଇଁ କହିଲେ, ବତ୍ସ ! ଜଣେ ବ୍ୟକ୍ତିର ଧୈର୍ଯ୍ୟ ଓ କ୍ଷମା ଗୁଣ ତା'ର ଅନ୍ତର୍ନିହିତ ମଣିଷ ପଣିଆକୁ ପ୍ରଦର୍ଶିତ କରିଥାଏ । ଏକନାଥଙ୍କୁ ଚଣ୍ଡାଳ କ୍ଷମା ଭିକ୍ଷାକଲେ ।

କେହି ଆମର ତ୍ରୁଟି ବା ଦୁର୍ବଳତାକୁ ଅତିରଞ୍ଜିତ କରି ସର୍ବସାଧାରଣରେ ଅପମାନିତ, ନିନ୍ଦିତ କଲାବେଳେ ଆମେ ରାଗିଯାଇ ପ୍ରତିଶୋଧ ପରାୟଣ ହୋଇଥାଉ । ମାତ୍ର ଆମେ ସେଇଠି ଅଜାଣତରେ ଭୁଲ୍ କରିବସୁ । ପ୍ରତିଶୋଧ ଅପେକ୍ଷା ବରଂ ଅସୀମ ଧୈର୍ଯ୍ୟ ସହ କ୍ଷମା ଗୁଣ ପ୍ରଦର୍ଶନକଲେ ଶତ୍ରୁକୁ ଦମନ କରାଯାଇପାରିବ । ବିପଦ, ଅପମାନ, ବିରୋଧ, ସମାଲୋଚନା ସମୟରେ ଧୈର୍ଯ୍ୟ ମନରେ ସ୍ଥିରତା ଆଣିଥାଏ, ନିଜକୁ ପ୍ରତିକୂଳ ପରିସ୍ଥିତିରେ ସମ୍ଭାଳିବାର କ୍ଷମତା ପ୍ରଦାନ କରିଥାଏ । କ୍ଷମା ହେଉଛି ଉଦାରତା, କରୁଣା, ମହାନୁଭବତା ଯାହା ଜଣେ ବ୍ୟକ୍ତିର ଶକ୍ତିର ପରିଚୟ ଦେଇଥାଏ । ଯେଉଁ ବ୍ୟକ୍ତି ଅନ୍ୟକୁ କ୍ଷମାକରେ ସେ ପରୋକ୍ଷରେ ନିଜକୁ ମୁକ୍ତକରେ । ସେହିପରି କରୁଣା ଏକ ଶ୍ରେଷ୍ଠ ମାନବୀୟ ଗୁଣ, ଯେଉଁ ବ୍ୟକ୍ତି ପାଖରେ କରୁଣା ଥାଏ ସେ ଅନ୍ୟର ଦୁଃଖକୁ ଅକ୍ଳେଶରେ ବୁଝିପାରନ୍ତି । ଆମ ପରମ୍ପରାରେ ଧୈର୍ଯ୍ୟ, କ୍ଷମା ଓ କରୁଣାକୁ ଆତ୍ମୋନ୍ନତିର ମାର୍ଗ ଭାବେ ବିବେଚନା କରାଯାଏ । ବୁଦ୍ଧଙ୍କ କରୁଣା, ମହାବୀରଙ୍କ କ୍ଷମା ଓ ଗାନ୍ଧୀଙ୍କ ଧୈର୍ଯ୍ୟ ମାନବ ସମାଜରେ ଉଚ୍ଚ ମୂଲ୍ୟବୋଧର ମାଇଲଖୁଣ୍ଟ । ଅନ୍ୟପକ୍ଷରେ ଦ୍ୱେଷ, ଘୃଣା, ହିଂସା,



ଅସହିଷ୍ଣୁତା ମଣିଷକୁ ଜଣେ ସ୍ୱାର୍ଥାନ୍ଧ ଅମଣିଷ ଭାବରେ ଗଢ଼ିତୋଳିଥାଏ । ପ୍ରଚଣ୍ଡ ଅହଂକାରର ବଶବର୍ତ୍ତୀ ହୋଇ ସେ ଅନ୍ୟମାନଙ୍କୁ ବେଖାତିର କରିବା ସହ ଭିନ୍ନମତକୁ ଶତ୍ରୁତା ବୋଲି ବିବେଚନା କରନ୍ତି ।

ହିଟ୍‌ଲର ଇହୁଦୀମାନଙ୍କୁ ଅକଥନୀୟ ନିର୍ଯାତନା ଦେବା ବେଳେ ସେ ଅହଂକାର, ହିଂସା, ଅସହିଷ୍ଣୁତା, ଧର୍ମଗତ ବିଦ୍ୱେଷର ପ୍ରତିଫଳନ କରିଥିଲେ । ଧର୍ମଗତ ବିଭେଦ, ଘୃଣା, ଅସହିଷ୍ଣୁତା ଯୋଗୁ ଭାରତ ସ୍ୱାଧୀନତା ସମୟରେ ସାମ୍ପ୍ରଦାୟିକ ହିଂସା ସୃଷ୍ଟି ହେବା ସହ ଦେଶ ବିଭାଜନ ହୋଇଥିଲା । ଶକୁନିଙ୍କ ଦ୍ୱେଷ ଓ ଈର୍ଷା ପାଇଁ ମହାଭାରତ ଯୁଦ୍ଧ ସଂଘଟିତ ହୋଇଥିଲା । ଅହଂକାର ପାଇଁ ସ୍ୱର୍ଣ୍ଣ ଲଙ୍କା ଧ୍ୱଂସହେବା ସହ ରାବଣର ବିନାଶ ହୋଇଥିଲା । ସେକ୍ସପିଅରଙ୍କ ଅଥେଲୋ ନାଟକରେ ଇଆଗୋର ଈର୍ଷା ପାଇଁ ଅଥେଲୋଙ୍କ ବୈବାହିକ ଜୀବନ ନଷ୍ଟ ହୋଇଯାଇଥିଲା । ଦ୍ୱେଷ ହୃଦୟକୁ ସଂକୀର୍ଣ୍ଣ କରେ, ଘୃଣା ହୃଦୟକୁ କଠୋରକରେ ଓ ହିଂସା ସମାଜରେ ଭୟ, ଅଶାନ୍ତି ବାତାବରଣ ସୃଷ୍ଟିକରେ । ମନୋବିଜ୍ଞାନୀ ଫ୍ରଏଡ୍ କହନ୍ତି, ଅବଦମିତ ଆକାଂକ୍ଷା, ଆଶାରୁ ଦ୍ୱେଷ ଓ ଘୃଣା ସୃଷ୍ଟି ହୋଇଥାଏ । ଭାରତୀୟ ଦର୍ଶନ ତତ୍ତ୍ୱରେ କାମ, କ୍ରୋଧ, ଲୋଭ, ମୋହ, ମଦ,ମାତ୍ସର୍ଯ୍ୟ ଆଦି ଷଡ଼ରିପୁ ଭବେ ବର୍ଣ୍ଣନା କରାଯାଇଛି ଏବଂ ଏହାକୁ ମଣିଷ ଦମନ କରିପାରିଲେ ଜୀବନରେ ସଫଳତା ହାସଲ କରିଥାଏ ।

ଭଗବାନ୍ ଯିଶୁଙ୍କୁ ଯେତେବେଳେ କ୍ରୁଶବିଦ୍ଧ କରାଗଲା ସେ କେବଳ କହିଲେ, ହେ ପ୍ରଭୁ, ଏହି ଅଜ୍ଞ ବ୍ୟକ୍ତିମାନଙ୍କୁ କ୍ଷମାକରନ୍ତୁ ସେମାନେ ନିଜେ ଜାଣନ୍ତି ନାହିଁ ସେ କ'ଣ କରୁଛନ୍ତି । ଯିଶୁ କେବେ ତାଙ୍କ ଶତ୍ରୁଙ୍କୁ ଅଭିଶାପ ଦେଇ ନ ଥିଲେ । ମହାତ୍ମା ଗାନ୍ଧୀ ମଧ୍ୟ ଆତତାୟୀଠାରୁ ଗୁଳି ଖାଇଲା ବେଳେ କେବଳ 'ହାୟ ରାମ' କହି ଟଳି ପଡ଼ିଥିଲେ । ବିଷ୍ଣୁ ଭକ୍ତ ପ୍ରହଲ୍ଲାଦ ପିତାଙ୍କ କଠୋର ନିର୍ଯାତନା ସତ୍ତ୍ୱେ ହୃଦୟରେ ପିତା ହିରଣ୍ୟ କଶିପୁଙ୍କ ପ୍ରତି ଘୃଣା ଭାବ ପୋଷଣକରି ନ ଥିଲେ । ରାମଚନ୍ଦ୍ର ମାତା କୈକେୟୀଙ୍କ ଚକ୍ରାନ୍ତର ଶିକାର ହୋଇ ବନବାସରୁ ଅଯୋଧ୍ୟା ଫେରିବା ପରେ ମନରେ ଘୃଣା,ଦ୍ୱେଷ ବା ପ୍ରତିଶୋଧ ନ ରଖି ପ୍ରଥମେ ମାତା କୈକେୟୀଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ । ଧର୍ମଗୁରୁ ମହମ୍ମଦ ଅନେକ ନିର୍ଯାତନା ପାଇବା ପରେ ମକ୍କା ବିଜୟକରି ସେଠାରେ ପହଞ୍ଚି ତାଙ୍କର ସମସ୍ତ ଶତ୍ରୁଙ୍କୁ କ୍ଷମା କରିଦେଇଥିଲେ ।

ସେକ୍ସପିଅର ନାଟକ ମର୍ଚ୍ଚାଣ୍ଟ ଅଫ୍ ଭେନିସ୍‌ରେ କହିଛନ୍ତି, ଅନୁକମ୍ପା ଦ୍ୱିଗୁଣା ଆଶୀର୍ବାଦ ପ୍ରଦାନ କରିଥାଏ । ଯେଉଁ ବ୍ୟକ୍ତି ଅନୁକମ୍ପା ପ୍ରଦର୍ଶନ କରନ୍ତି ତାଙ୍କୁ ଆଶୀର୍ବାଦ ମିଳେ ଏବଂ ଯେଉଁ ବ୍ୟକ୍ତି ଅନୁକମ୍ପା ଲାଭ କରନ୍ତି ତାଙ୍କୁ ମଧ୍ୟ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ । ସୁତରାଂ ଦୟା, କ୍ଷମା, ଅନୁକମ୍ପା, ଧୈର୍ଯ୍ୟ ଭଳି ଗୁଣ ଆହରଣକରିବା ଦ୍ୱାରା ଜଣେ ବ୍ୟକ୍ତି ଘୃଣା, ଈର୍ଷା, ଦ୍ୱେଷ, ପ୍ରତିଶୋଧ ଭଳି ସଂକୀର୍ଣ୍ଣ ମନୋଭାବର ଊର୍ଦ୍ଧ୍ୱକୁ ଯାଇ ସମାଜରେ ଏକ ଆଦର୍ଶ ସ୍ଥାନ ହାସଲ କରିଥାନ୍ତି । ବିଜ୍ଞାନ, ସୂଚନା ପ୍ରଯୁକ୍ତି ବିଦ୍ୟାର ଅଭୂତପୂର୍ବ ଉନ୍ନତିରେ ଆମେ ଗର୍ବିତ, ଉଲ୍ଲସିତ, ପ୍ରଫୁଲ୍ଲିତ, ଆନନ୍ଦିତ ହେବାର ଯେତିକି ଯଥାର୍ଥତା ଅଛି; ନିଜ କାର୍ଯ୍ୟକଳାପରେ ମହନୀୟ ମାନବୀୟ ଗୁଣ ଧୈର୍ଯ୍ୟ, କ୍ଷମା, ଦୟା, ସହିଷ୍ଣୁତା ପ୍ରଦର୍ଶନକରି ଏକ ସୁସ୍ଥ ସମାଜ ଗଠନ କରିବାରେ ସହାୟକ ହେବା ତା'ଠାରୁ ଅଧିକ ପ୍ରାସଙ୍ଗିକ ମନେ ହୁଏ ।

ମୋ: ୭୩୮୧୦୭୩୧୩୬

## ଏଇ ଭାରତରେ

ରେଲ୍‌ୱେ ସମ୍ପତ୍ତି ଓ ଏହାର ଯାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବା ରେଲ୍‌ୱେ ପ୍ରୋଟେକ୍ସନ ଫୋର୍ସ(ଆର୍‌ପିଏଫ୍)ର ଦାୟିତ୍ୱ । ଆର୍‌ପିଏଫ୍ ଅଧିକାରୀ ଚନ୍ଦନା ସିଂ ଏହି ଦାୟିତ୍ୱ ତୁଲାଇବା ସହ ନିଖୋଜ ଶିଶୁଙ୍କୁ ଉଦ୍ଧାରକରି ସେମାନଙ୍କ ପରିବାରକୁ ହସ୍ତାନ୍ତର କରୁଛନ୍ତି । ଏଯାବତ୍ ସେ ଉତ୍ତରପ୍ରଦେଶର ବିଭିନ୍ନ ଷ୍ଟେଶନରୁ ୧,୫୦୦ ପିଲାଙ୍କୁ ଉଦ୍ଧାର କରିସାରିଲେଣି । କେବଳ ୨୦୨୫ରେ ସେ ୧,୦୩୨ ପିଲାଙ୍କୁ ଉଦ୍ଧାର କରିପାରିଛନ୍ତି । ବିଶେଷକରି ବିହାରରୁ ପଞ୍ଜାବ ଓ ହରିୟାଣାକୁ ଚାଲାଣ ହେଉଥିବା ପିଲାଙ୍କ ସଂଖ୍ୟା ଏମାନଙ୍କ ମଧ୍ୟରେ ବେଶି । ୨୦୨୨ରେ ଛଟ୍‌ପୂଜା ସମୟରେ ଦିଲ୍ଲୀ ରେଳଷ୍ଟେଶନରେ ଚନ୍ଦନା କର୍ତ୍ତବ୍ୟ ନିର୍ବାହ କରୁଥିବା ଜଣେ ମା'ଙ୍କଠାରୁ ପିଲା ଅଲଗା ହୋଇଯାଇଥିଲା । ପରେ ଚନ୍ଦନା ୩ ଘଣ୍ଟା ଧରି ଷ୍ଟେଶନର ବିଭିନ୍ନ ସ୍ଥାନ ଖୋଜିବା ପରେ ଶେଷରେ ପିଲାଟିକୁ ପାଇଥିଲେ । ସେବେଠାରୁ ସେ ପିଲା ନିଖୋଜ ହେଉଥିବା ତଥ୍ୟ ବିଷୟରେ ଅବଗତ ହୋଇଥିଲେ । ପରେ 'ନନ୍ହେ ଫରିସ୍ତେ' ଅଭିଯାନ ଆରମ୍ଭ କରି ଚାଲାଣ ହେଉଥିବା ଶିଶୁଙ୍କୁ ବିଭିନ୍ନ ଷ୍ଟେଶନରୁ ଉଦ୍ଧାର କରିବା ଆରମ୍ଭ କରିଥିଲେ, ଯାହାକି ପରେ ଭାରତୀୟ ରେଲ୍‌ୱେର ମିଶନ ପାଲଟିଗଲା । ଏବେ ଏହି ମିଶନର ନେତୃତ୍ୱରେ ରହିଛନ୍ତି ଚନ୍ଦନା । ଉଦ୍ଧାର ପାଇଁ ଅଧିକାରୀମାନଙ୍କୁ ପିଲାଙ୍କ ଲକ୍ଷଣ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବା ସହ ଷ୍ଟେଶନର ଭେଣ୍ଡର, କର୍ମଚାରୀ ଓ ଏନ୍‌ଜିଓଙ୍କୁ ନେଇ ଏକ ନେଟ୍‌ୱର୍କ କରାଯାଇଛି । ଏହି କାର୍ଯ୍ୟ ନିମନ୍ତେ ଚନ୍ଦନାଙ୍କୁ ଅତି ବିଶିଷ୍ଟ ରେଲ୍‌ସେବା ପୁରସ୍କାର ପ୍ରଦାନ କରାଯାଇଛି ।

## ୫୦ ବର୍ଷ ତଳର ଧରିତ୍ରୀ

### ୧୪ ମାର୍ଚ୍ଚ ୧୯୭୬

- ରାଜ୍ୟ ହାଇକୋର୍ଟ ଓକିଲ ସଂଘ ପକ୍ଷରୁ ନିର୍ବାଚନର ନିରପେକ୍ଷତା ତଦାରଖ ଲାଗି ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଗଠନ ।
- ଶୋରିଷ ଅଭାବରୁ ହାଓ୍ୱଡ଼ା ଓ କଲିକତାର ୧୯୦ଟି ତେଲ କଳର ୨୦,୦୦୦ କର୍ମଚାରୀଙ୍କୁ ବିନା ପାଉଣାରେ ଚାକିରିରୁ ବିଦାୟ କରିଦିଆଯାଇଛି ।

## ପାଠକ ଶ୍ରେଷ୍ଠ ବିଚାରକ

### ମହିଳାଙ୍କ ଅଧିକାର ସୁନିଶ୍ଚିତ କରାଯାଉ

ମହାଶୟ,

ଆଜିର ସମୟରେ ମହିଳାମାନେ ଉଭୟ ଦେଶ ତଥା ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ମହିଳାମାନେ କ୍ରୀଡ଼ାଠାରୁ ଆରମ୍ଭକରି ମନୋରଞ୍ଜନ, ରାଜନୀତିଠାରୁ ଆରମ୍ଭ କରି ସାମରିକ ଓ ପ୍ରତିରକ୍ଷା ମନ୍ତ୍ରଣାଳୟ ପର୍ଯ୍ୟନ୍ତ ସବୁଥିରେ ଜଡ଼ିତ ହେଉଛନ୍ତି । ତେବେ ଦେଶରେ ଅଭୂତପୂର୍ବ ବିକାଶ ସତ୍ତ୍ୱେ ଏବେ ବି ମହିଳାଙ୍କୁ ନେଇ ସମାଜରେ ଭେଦଭାବ, ହିଂସା ଏବଂ ସାମାଜିକ କଟକଣା ସାମ୍ନାକୁ ଆସୁଛି, ଯାହାକି ମହିଳାଙ୍କ ସମ୍ପୂର୍ଣ୍ଣ ଉନ୍ନତି ଏବଂ ବିକାଶରେ ବାଧକ ସାଜିଛି । ପରିବାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାରୁ ମହିଳାମାନଙ୍କ ଜୀବନରେ ସୁଧାର ଆଣିବା ଓ ସେମାନଙ୍କ ମଧ୍ୟରେ ପ୍ରତି ବିଷୟକୁ ନେଇ ସଚେତନତା ସୃଷ୍ଟି କରାଯିବା ଦରକାର । ଏହାଦ୍ୱାରା ଅଧିକାର ଓ ସୁଯୋଗର ସମାନତା ନେଇ ମହିଳାମାନେ ଅଧିକ ସଚେତନ ହୋଇପାରିବେ । ଯଦିଓ ଆଜି ବିଶ୍ୱର ସମସ୍ତ ଦେଶ ସଚେତନ, କିନ୍ତୁ ମହିଳାଙ୍କ ଅଧିକାର ପାଇଁ ସଂଗ୍ରାମ ଜାରି ରହିଛି । ଅନେକ କ୍ଷେତ୍ରରେ ମହିଳାମାନେ ଏବେ ମଧ୍ୟ ସମାନ ସମ୍ମାନ ଏବଂ ଅଧିକାର ପାଇପାରିନାହାନ୍ତି । ମହିଳାଙ୍କୁ ସେମାନଙ୍କ ଅଧିକାର ଏବଂ ସମ୍ମାନ ସୁନିଶ୍ଚିତ କରାଯିବା ଆବଶ୍ୟକ, ନଚେତ୍ ଦେଶ କିମ୍ବା ବିଶ୍ୱର ପ୍ରଗତି ଅସମ୍ଭବ ହୋଇପଡ଼ିବ ।

-ରବିନାରାୟଣ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଗୀତାର ଉଚ୍ଛ୍ୱାସେ ସେ ତା'ର ପ୍ରାଣ ଉଠେ ମାତି
ସ୍ୱପନ ଭାଙ୍ଗିଲେ ପୁଣି ହୃଦ ଯାଏ ତାତି
ସେ କିବା ମୋହରି ଆଶେ ବିରହ-ସାଗରେ ଭାସେ
ମୋର ଲାଗି ଏହି ରୂପେ ପୀଡ଼ଇ କି ଛାତି ?
ଗୀତେ ତା'ର ପ୍ରାଣ ଉଠେ ମାତି ।
-(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ସଂହତି ଶିବିର

**ସମ୍ବଲପୁର,୧୩।୩(ପ୍ରମୋଦ ବହିଦାର)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ଜାତୀୟ ସଂହତି ଶିବିର ଅନୁଷ୍ଠିତ ହୋଇଛି। ଭାରତରେ ବିବିଧତା ମଧ୍ୟରେ ଏକତାକୁ ସୁଦୃଢ଼ କରିବାରେ ଏହି ଶିବିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କୁହାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ତଥା କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟର ମିଳିତ ସହଯୋଗରେ ଏହି ଶିବିର ଆୟୋଜିତ ହୋଇଛି। ୮ତାରିଖରୁ ଆରମ୍ଭ ହୋଇଥିବା ଏହି ୭ଦିନିଆ ଜାତୀୟ ସଂହତି ଶିବିରରେ ଦେଶର ୧୨ଟି ରାଜ୍ୟରୁ ପ୍ରାୟ ୨୨୦ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ସାମିଲ ହୋଇଛନ୍ତି। ଏନ୍‌ଏସ୍‌ଏସ୍ ସମ୍ବଲପୁର ଜିଲା କାର୍ଯ୍ୟକ୍ରମ ଅଧିକାରୀ ଶାନ୍ତନୁ ପ୍ରଧାନ କହିଛନ୍ତି, ବିଭିନ୍ନ କର୍ମଶାଳା ଓ ଆଲୋଚନାଚକ୍ର ମାଧ୍ୟମରେ ଯୁବପିଢ଼ିଙ୍କ ବ୍ୟକ୍ତିତ୍ୱ ବିକାଶ ଓ ସାମାଜିକ ଦାୟିତ୍ୱବୋଧତା ବୃଦ୍ଧି ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ। ଏହି ଶିବିର ମାଧ୍ୟମରେ ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଯୁବପିଢ଼ିଙ୍କ ମଧ୍ୟରେ ଏକତା, ସମନ୍ୱୟ ଏବଂ ସାଂସ୍କୃତିକ ଭାବ ବିନିମୟ ପାଇଁ ଏକ ଅପୂର୍ବ ସୁଯୋଗ ସୃଷ୍ଟି ହୋଇଛି। ସେ ଆହୁରି କହିଛନ୍ତି, ଏହି ଶିବିରରେ ସ୍ୱେଚ୍ଛାସେବୀମାନେ ପରସ୍ପରର ଭାଷା, ଖାଦ୍ୟପେୟ, ନୃତ୍ୟ ଓ ସଙ୍ଗୀତ ସହ ପରିଚିତ ହେଉଛନ୍ତି। ଗୁରୁବାର ଶିବିରରେ ଅତିଥିଭାବେ ଯୋଗଦେଇ ଦେବ୍ରିଗଡ଼ ବନ୍ୟପ୍ରାଣୀ ଏସିଏଫ୍ ବନ୍ୟଜନ୍ତୁ ସଂରକ୍ଷଣ ଓ ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ପୋଲିସ ବିଭାଗ ପକ୍ଷରୁ ସାମ୍ପ୍ରତିକ ସମୟର ବଡ଼ ଆହ୍ୱାନ ସାଇବର ସୁରକ୍ଷା ସମ୍ପର୍କରେ ସ୍ୱେଚ୍ଛାସେବୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁରଠାରେ ଶୁକ୍ରବାର ଏକ ମନୋଜ୍ଞ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସବୁଜ ପତାକା ଦେଖାଇ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ନେଲସନ ମାଣ୍ଡେଲା ଛକରୁ ବାହାରି ସହର ପରିକ୍ରମା କରି ମା'ସମଲେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା।

# ଛାତ୍ର ଜୀବନ ଭବିଷ୍ୟତର ପ୍ରଥମ ପୃଷ୍ଠା



ବାର୍ଷିକ ଉତ୍ସବରେ ଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।



ବାର୍ଷିକ ଉତ୍ସବରେ ଅତିଥି ଏବଂ ଛାତ୍ରୀଛାତ୍ରମାନେ।

**ବରଗଡ଼,୧୩।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସରକାରୀ ପଲିଟେକ୍‌ନିକ୍ କଲେଜର ବାର୍ଷିକ ଉତ୍ସବ ଭାଇବ୍ରାଣ୍ଟ-୨୦୨୬ ଶୁକ୍ରବାର ଉଦ୍‌ଯାପିତ ହୋଇଛି। କାର୍ଯ୍ୟକ୍ରମରେ ଭାରତୀୟ ହସ୍ତଶିଳ୍ପ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଏଚ୍‌ଟି)ର ନିର୍ଦ୍ଦେଶକ ବ୍ରିଜେଶ କୁମାର ଅବସ୍ଥି ମୁଖ୍ୟ ଅତିଥି ଏବଂ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ବିପିସିଏଲ)ର ତୁଷାର ସାହୁ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ସଚିନ୍ଦ୍ର କୁମାର ଗୋଖୁରା ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ଛାତ୍ର ଜୀବନ ହିଁ ଭବିଷ୍ୟତ ଜୀବନର ପ୍ରଥମ ପୃଷ୍ଠା। ଏହି ସମୟକୁ ଉଚିତ ଭାବେ ବିନିଯୋଗ କଲେ ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇଥାଏ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ମହକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରୀତିପ୍ରଭା ମିଞ୍ଜ, ସ୍ୱାଗତିକା ବାବୁ, ଶ୍ରଦ୍ଧା ସୁମନ ଅଦାବର, ଉତ୍କଳିକା ପ୍ରଧାନ, ତାପସ କୁମାର ଶତପଥୀ, ବିନାୟକ ଶତପଥୀ, ଭଗବାନ ଚନ୍ଦ୍ର ମଲ୍ଲିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପିଏମ୍‌ଶ୍ରୀ ଜର୍ଜ ହାଇସ୍କୁଲରେ ବାର୍ଷିକ ସମ୍ମିଳନୀ

**ବରଗଡ଼,୧୩।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ସ୍ଥିତ ପିଏମ୍‌ଶ୍ରୀ ଜର୍ଜ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ପିଏମ୍‌ଶ୍ରୀ ଯୋଜନା ଅନ୍ତର୍ଭୁକ୍ତ ୟୁଥ୍ ଏଣ୍ଡ ଇକୋ କ୍ଲବର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସାହିତ୍ୟିକ ଦିବ୍ୟକିଶୋର ଦେବତା ମୁଖ୍ୟ ଅତିଥି ଏବଂ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପଦ୍ମଜା ପତି, ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ଅଭିମନ୍ୟୁ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅପରିଣାମଦର୍ଶିତା ଏବଂ ସକାରାତ୍ମକ ଚିନ୍ତନର ଅଭାବ ଯୋଗୁ ବର୍ତ୍ତମାନ ପୃଥିବୀର ଅବସ୍ଥା ଦୁର୍ବିସହ ହୋଇ ପଡ଼ିଥିବା ଏବଂ ଏକ ଆସନ୍ନ ତୃତୀୟ ବିଶ୍ୱଯୁଦ୍ଧକୁ ସାମ୍ନା କରୁଥିବା କଥା ଅତିଥିମାନେ ସୂଚାଇଥିଲେ। ଏହି ସମସ୍ୟାରୁ ମୁକୁଳିବାକୁ ହେଲେ ଆମେ ଆମର ମାଟି, ପାଣି, ପବନକୁ ଭଲ ପାଇବା ନିତାନ୍ତ ଆବଶ୍ୟକତା ରହିଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ସେହିପରି ପରିବେଶ ସୁରକ୍ଷା ଏବଂ ପ୍ଲାଷ୍ଟିକମୁକ୍ତ ଦୁନିଆଁ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷକ ସୁରେଶ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଜୟଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ୟୁଥ୍ ଏଣ୍ଡ ଇକୋ କ୍ଲବର ଛାତ୍ର, ସଦସ୍ୟମାନେ ସହଯୋଗ କରିଥିଲେ।




ବାର୍ଷିକ ସମ୍ମିଳନୀରେ ଉପସ୍ଥିତ ଅତିଥିଗଣ।

# ନାମଯଜ୍ଞ ପ୍ରସ୍ତୁତି ବୈଠକ

**ବରଗଡ଼,୧୩।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ପୌର ପରିଷଦ ଅନ୍ତର୍ଗତ ନିଗମାନନ୍ଦ ବିହାରରେ ସ୍ଥାନୀୟ ସଂକୀର୍ତ୍ତନ ପରିଷଦ ଅଧ୍ୟକ୍ଷ ବାଙ୍କା ବିହାରୀ ସାହୁଙ୍କ ଅଧ୍ୟକ୍ଷତାରେ ନାମଯଜ୍ଞ ପାଇଁ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଏପ୍ରିଲ ୧୧ ଓ ୧୨ ତାରିଖ ୨ଦିନ ଧରି ନାମଯଜ୍ଞ ଆୟୋଜନ ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ପଣ୍ଡିତ ଉତ୍ତମ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅବସରପ୍ରାପ୍ତ ଶିକ୍ଷକ ସୁଶାନ୍ତ ଭୋଇ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିବେ ବୋଲି କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ବୈଠକରେ ସମସ୍ତ ପଡ଼ାବାସୀ ଉପସ୍ଥିତ ରହିଥିବା ବେଳେ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆ ପରିବାର ଦ୍ୱାରା ପୋଷ୍ୟସନ୍ତାନ ହେଲେ ୫ ଶିଶୁ

## ରୁକ୍ମିଣୀ ଲାଠ ବାଳ ନିକେତନ ଶିଶୁଗୃହ

**ସମ୍ବଲପୁର,୧୩।୩(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ପ୍ରଶାସନର ପ୍ରୟାସରେ ଶୁକ୍ରବାର ୫ ଶିଶୁଙ୍କ ଜୀବନରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଶୁକ୍ରବାର ଆନୁଷ୍ଠାନିକ ଭାବେ ପୋଷ୍ୟ ସନ୍ତାନ ଗ୍ରହଣ ଆଦେଶନାମା ଜାରି କରିଛନ୍ତି। ଏହାସହ ୫ ଶିଶୁଙ୍କୁ ସେମାନଙ୍କର ନୂତନ ପରିବାରକୁ ହସ୍ତାନ୍ତର କରାଯାଇଛି। ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ୫ ପରିବାର ମଧ୍ୟରୁ ୩ଟି ପରିବାର ପଶ୍ଚିମବଙ୍ଗର ହୋଇଥିବା ବେଳେ ଗୋଟିଏ ପରିବାର ଯୁକ୍ତରାଷ୍ଟ୍ର ଆମେରିକାରୁ ଆସି ଶିଶୁଙ୍କୁ ଆପଣେଇଛନ୍ତି। ଏହି ଅବସରରେ ଜିଲା ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ ଉପସ୍ଥିତ ଥିଲେ। ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟାକୁ ସରଳ ଓ ସ୍ୱଚ୍ଛ କରିବା ପାଇଁ ସରକାରୀ ନିୟମ ଅନୁଯାୟୀ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିବା ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ସୂଚନା ଦିଆଯାଇଛି।

# ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା ; ୨ ଚାଳକ ମୃତ



**ଅତାବିରା,୧୩।୩(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼-ସମ୍ବଲପୁର ଜାତୀୟ ରାଜପଥର ଅତାବିରା ମାରୱାଡ଼ି ଧର୍ମଶାଳା ଛକରେ ଗୁରୁବାର ବିଳମ୍ବିତ ରାତ୍ରିରେ ୨ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକ ହେଲେ ବିହାର ରାଜ୍ୟର ମହମଦ ଇସ୍ମାଇଲ ଓ ମଧ୍ୟପ୍ରଦେଶର ବିକାଶ ଗନ୍ଧର(୨୭)। ଏହି ଦୁର୍ଘଟଣାରେ ଜଣେ ହେଲ୍‌ପର ଆହତ ହୋଇଛନ୍ତି। ଏନେଇ ଅତାବିରା ପୋଲିସ ଏକ ମାମଲା(ନଂ.୧୦୨/୨୦୨୬) ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ପ୍ରକାଶ କର୍ଣ୍ଣ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ବରଗଡ଼ ପଟୁ ଏକ ଟ୍ରକ୍(ଡବ୍ଲୁବି ୨୩ଏମ୍ ୯୭୮୬) ତରଭୁଜ ବୋଝେଇକରି ଆସୁଥିଲା। ଅତାବିରା ମାରୱାଡ଼ି ଧର୍ମଶାଳା ଛକରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ଡିଭାଇଡର ଉପରେ ଚଢ଼ି ରାସ୍ତାର ଆରପାର୍ଶ୍ୱକୁ ମାଡ଼ି ଆସିଥିଲା। ଏହି ସମୟରେ ସମ୍ବଲପୁର ପଟରୁ ଆସୁଥିବା ଏମ୍‌ଏଚ୍ ୪୦ ସିଟି ୮୩୪୫ ନମ୍ବରବିଶିଷ୍ଟ ଅନ୍ୟ ଟ୍ରକ୍ ସହ ମୁହାଁମୁହିଁ ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଉଭୟ ଟ୍ରକ୍ ଭାଙ୍ଗି ଚୂର୍‌ମାର ହୋଇଯାଇଛି। ଘଟଣାସ୍ଥଳରେ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ଗାଡ଼ି ଭିତରୁ ଡ୍ରାଇଭର ଓ ହେଲ୍‌ପରଙ୍କୁ ଉଦ୍ଧାରକରି ବୁର୍ଲା ହସ୍ପିଟାଲ ପଠାଇଥିଲେ। ତେବେ ହସ୍ପିଟାଲରେ ଡାକ୍ତର ଉଭୟ ଚାଳକଙ୍କୁ ମୃତ ଘୋଷଣା କରିଥିଲେ। ଆହତ ହେଲ୍‌ପର ଚିକିତ୍ସିତ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି।

# ସାମାଜିକ କର୍ମୀ କର୍ମୁ ପରୁଆଙ୍କ ପରଲୋକ

**କୁଚିଣ୍ଡା,୧୩।୩(ବିରଞ୍ଚି ଦର୍ଶା)**

ସମ୍ବଲପୁର ଜିଲା ବାମରା ବ୍ଲକ ଅନ୍ତର୍ଗତ କରିବାହାଲ ପଞ୍ଚାୟତ ବନ୍ଧକାନୀ ଗ୍ରାମର ସାମାଜିକ କର୍ମୀ କର୍ମୁ ପରୁଆଙ୍କ ଶୁକ୍ରବାର ପୂର୍ବାହ୍ନ ୧୧ଟା ୪୫ରେ ହୃଦଘାତରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୪ବର୍ଷ ବୟସ ହୋଇଥିଲା। ସେ ଜଣେ ପରୋପକାରୀ ମେଳାପୀ ବ୍ୟକ୍ତି ଥିଲେ। ମୃତ୍ୟୁ ସମୟରେ ତାଙ୍କର ୩ପୁଅ ସରୋଜ, ମନୋଜ ଓ ଅନୋଜଙ୍କ ସହ ବୋହୂମାନେ ଉପସ୍ଥିତ ଥିଲେ। ଅପରାହ୍ନରେ ଗ୍ରାମସ୍ଥିତ ମଶାଣିରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ସରୋଜ ମୁଖାଗ୍ନି ଦେଇଥିଲେ।

**Form No. INC-26**

[Pursuant to rule 30 the Companies (Incorporation) Rules, 2014] Advertisement to be published in the newspaper for change of Registered office of the company from one state to another Before the Central Government

South East Region
In the matter of sub-section (4) of Section 13 of Companies Act, 2013 and clause (a) of sub-rule (5) of rule 30 of the Companies (Incorporation) Rules, 2014

AND

In the matter of **M/S SCHWETTMANN TECHNOLOGIES PRIVATE LIMITED** having its registered office at C/O GOPINAATH PARIDA,H NO. 122,GUNDICHA VIHAR,SARBODAYA NAGAR(SAR), Puri, MILL LANE, PURI, Orissa, India, 752001

——Petitioner

Notice is hereby given to the General Public that the company proposes to make application to the Central Government under section 13 of the Companies Act, 2013 seeking confirmation of alteration of the Memorandum of Association of the Company in terms of the special resolution passed at the Annual General Meeting/ Extra ordinary general meeting held on **20/02/2026** C/O GOPINAATH PARIDA,H NO. 122,GUNDICHA VIHAR,SARBODAYA NAGAR(SAR), Puri, MILL LANE, PURI, Orissa, India, 752001 to enable the company to change its Registered Office Shifted from the State of Orissa ROC - Cuttack to State of Telangana ROC - Hyderabad.

Any person whose interest is likely to be affected by the proposed change of the registered office of the company may deliver either on the MCA-21 portal (www.mca.gov.in) by filing investor complaint form or cause to be delivered or send by registered post of his/her objections supported by an affidavit stating the nature of his/her interest and grounds of opposition to the South East Regional Director at the address 4th Floor, Corporate Bhavan, Bandlaguda, Nagole, Tattiannaram Village, Hayat Nagar Mandal, Ranga Reddy District, Hyderabad-500068, Telangana within fourteen days of the date of publication of this notice with a copy to the applicant company with a copy of the applicant company at its registered office at the address mentioned below:

For and on behalf of the **SCHWETTMANN TECHNOLOGIES PRIVATE LIMITED**

DILLIP KUMAR PARIDA (07832616) (Director and Shareholder)
NORMEN SCHWETTMANN (09057343) (Director)

**ZILLA SWASTHYA SAMITI, RAYAGADA**
(Procurement of Laptops with Licensed Softwares)
Advt. No. 01/ Rayagada — Date 09/03/2026

**Procurement of Laptops**

No.10001/119/2526:Zilla Swasthya Samiti (ZSS), Rayagada invites the application from the eligible Dealer/Agency for Supply of Laptops with licensed softwares under NHM Programme. The details can be downloaded from district website www.rayagada.odisha.gov.in. The eligible Dealer/ Agency fulfilling the eligibility criteria may apply as per prescribe format & submit to the undersigned by Regd. Post/ Speed Post on or before **19.03.2026 by 5.00 P.M.** with all relevant documents addressed to the Chief District Medical & Public Health Officer, Rayagada, Barijhola, Pin- 765002. The envelope containing the application should be superscripted "Tender for Supply of Laptop" otherwise it will be rejected.
The undersigned reserves the right to cancel/reject any or all the applications without assigning any reason thereof.

Sd./- CDM & PHO-cum-DMD Rayagada
OIPR-10001/10035/1/25-26/0006

**JHARKHAND URJA SANCHARAN NIGAM LIMITED**
(CIN No.:U40108JH2013SGC001704)
Regd. Office: 2nd Floor, JUSNL (SLDC) Building Kusai Colony, Doranda, Ranchi - 834002
(E-mail:cetjusnl@gmail.com)

**TENDER CANCELLATION NOTICE**

Due to unavoidable circumstances, tender invited vide **NIT no. 508/PR/JUSNL/2025-26** for survey and assessment of feasibility for modification of existing 2 ph. double circuit towers to 3-ph double circuit towers by erecting two extra cross arms as proposed by Railway for construction of 132 kV 3-ph D/C Transmission line from GSS, Kendposi to New TSS at Kendposiis hereby cancelled.

स्वहित एवं राष्ट्रहित में ऊर्जा बचावें। कृपया अपनी शिकायतों को 18003456570(कॉल सेन्टर) पर दर्ज करायें।

PR No. 366333
Sd/-
General Manager, C&M (NWBP)
PR 375059 (Jharkhand Urja Sancharan Nigam Ltd) 25-26 (D)

**वरीय पुलिस अधीक्षक का कार्यालय, राँची**

सर्वसाधारण के लिए सूचना



नाम–नारायण साह, उम्र–48 वर्ष, उँचाई–5 फीट 6 ईंच, रंग–साँवला,पहनावा–टी शर्ट एवं पैंट पहने हुए है।

उपरोक्त लापता व्यक्ति नारायण साह, उम्र–48 वर्ष, पे0–भदू साह, सा0–कोकलामारी, थाना–पुकड़िया जिला–मालदाह (पं0 बंगाल), जो दिनांक–19.01.2026 को सी0आई0पी0 राँची से ईलाज के दौरान बगैर बताए कहीं चले गए है जो आजतक अपने घर वापस नहीं आए है। जिसके संबंध में कॉके थाना सनहा सं0–16/2026, दिनांक–19.01.2026 दर्ज कर इनकी खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

Email ID(rnc-dcb@jhpolice.gov.in)
पुलिस उपाधीक्षक, मु0, द्वितीय, राँची। –9431706141
थाना प्रभारी, कॉके, राँची। –9431706185

वरीय पुलिस अधीक्षक, राँची
PR 375045 Police(25-26).D

सीएमपीडीआई cmpdi Mini Ratna
सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Limited)
Gondwana Place, Kanke Road, Ranchi-834 008, Jharkhand, INDIA
Email : hodiad.cmpdi@coalindia.in, Visit us at https://www.cmpdi.co.in
Phone : 0651-2792068

Notice No. CMPDI(HQ)/IAD/EoI/2025-26/01

**APPOINTMENT OF INTERNAL AUDITORS FOR A PERIOD OF 3 YEARS FROM 2026-27**

Online Expression of Interest (EoI) are invited through e-tender on CIL's e-procurement portal **(https://coalindiatenders.nic.in)** from Firms/LLP's of the Chartered Accountants / Cost Accountants for empanelment of Internal Auditors for Central Mine Planning & Design Institute Limited (CMPDIL), Ranchi and its Regional Institutions situated at Asansol, Dhanbad, Ranchi, Nagpur, Bilaspur, Singrauli and Bhubaneswar for audit throughout the year 2026-27 with a provision for yearly renewals for the year 2027-28 and 2028-29.
For complete details of documents to be submitted by the firm, terms of reference, scope of work of Internal Audit, audit fees, selection criteria, etc. please visit tender section of our website **https://www.cmpdi.co.in**

**ସାର୍ବଜନୀନ ସୂଚନା**
**(Section 8 Company - INC-12)**

ଏହାଦ୍ୱାରା ସାର୍ବଜନୀନଙ୍କୁ ଜଣାଇ ଦିଆଯାଉଛି ଯେ, କମ୍ପାନୀ ଆଇନ, 2013ର ଧାରା 8 ଅନୁସାରେ ଏକ ନନ୍-ପ୍ରଫିଟ କମ୍ପାନୀକୁ **"MOSHIKSHA O ANUSANDHAN FOUNDATION"** (ପ୍ରସ୍ତାବିତ ନାମ) ନାମରେ ପଞ୍ଜୀକୃତ କରିବା ପାଇଁ ଆବେଦନ କରାଯାଇଛି।
ଏହି କମ୍ପାନୀର ଉଦ୍ଦେଶ୍ୟ ହେଉଛି ଶିକ୍ଷା, ଅନୁସନ୍ଧାନ, ସାମାଜିକ କଲ୍ୟାଣ ଏବଂ ସମ୍ବନ୍ଧିତ କାର୍ଯ୍ୟକଳାପର ପ୍ରୋତ୍ସାହନ ଓ ବିକାଶ କରିବା।
ଯଦି କୌଣସି ବ୍ୟକ୍ତି/ସଂସ୍ଥାଙ୍କର ଉପରୋକ୍ତ ପ୍ରସ୍ତାବିତ ନାମ ସମ୍ପର୍କରେ କୌଣସି ଆପତ୍ତି ଥାଏ, ତେବେ ସେମାନେ ଏହି ସୂଚନା ପ୍ରକାଶ ପାଇଥିବା ତାରିଖରୁ 30 ଦିନ ମଧ୍ୟରେ ରେଜିଷ୍ଟ୍ରାର ଅଫ୍ କମ୍ପାନୀଜ୍, Odisha ନିକଟରେ ଲିଖିତ ଭାବେ ଆପତ୍ତି ଜଣାଇପାରିବେ।
ତାରିଖ: 13.03.26 — ଆବେଦକ
ସ୍ଥାନ: ରାଉରକେଲା — ନାମ: ବିକ୍ରମ ସାମନ୍ତରାୟ
ଠିକଣା: ଉଦିତ୍‌ନଗର, ରାଉରକେଲା – 769012

**ରାଞ୍ଚି ମଣ୍ଡଳରେ ଏସ୍‌ଏଲ୍‌ଆର୍ ପାର୍ସଲ ଭ୍ୟାନ୍ ନିମନ୍ତେ ଇ-ନିଲାମ**

ନଂ.: ସି/ଆର୍‌ଏନ୍‌ସି/ଇ-ନିଲାମ/୨୦୨୬ — ତାରିଖ: ୧୩।୦୩।୨୦୨୬

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଦ.ପୂ. ରେଳପଥ, ରାଞ୍ଚି, ରାଞ୍ଚି ମଣ୍ଡଳ ପାଇଁ ଇ-ନିଲାମ ଆହ୍ୱାନ କରୁଛନ୍ତି। କାଟାଲଗ୍ ଆଇଆରଇପିଏସ୍ ୱେବ୍‌ସାଇଟ୍‌ରେ ପ୍ରକାଶିତ ହୋଇସାରିଛି। ବିବରଣୀ ନିମ୍ନ ଅନୁଯାୟୀ ଅଟେ : ବର୍ଗ : ପାର୍ସଲ। କାଟାଲଗ୍ ନଂ.: ଆର୍‌ଏନ୍‌ସିପାର୍ସଲ-୯। **ପରିସମ୍ପତ୍ତିର ବିବରଣୀ:** ରାଞ୍ଚି ମଣ୍ଡଳରୁ ଆରମ୍ଭ ହେଉଥିବା ୩୨ ଗୋଟି ପାସେଞ୍ଜର/ମେଲ୍ ଏକ୍ସପ୍ରେସ୍ ଟ୍ରେନ୍ ଦ୍ୱାରା ଏସ୍‌ଏଲ୍‌ଆର୍ କମ୍ପାର୍ଟମେଣ୍ଟଗୁଡ଼ିକର ଲିଜିଂ ପାଇଁ ୩୪ ଗୋଟି ପରିସମ୍ପତ୍ତିର ଇ-ନିଲାମ। **ନିଲାମ ଆରମ୍ଭ ହେବ:** ତା୨୭।୦୩।୨୦୨୬ରିଖ ୧୦.୦୦ ଘଟିକା। **ନିଲାମ ବନ୍ଦ ହେବ:** ତା୨୭।୦୩।୨୦୨୬ରିଖ ୧୬.୦୦ ଘଟିକା। **ଦ୍ରଷ୍ଟବ୍ୟ:** ସମ୍ଭାବ୍ୟ ବିଡରମାନଙ୍କୁ ଆଇଆରଇପିଏସ୍ ୱେବ୍‌ସାଇଟ୍ **(www.ireps.gov.in)**ରେ ଇ-ନିଲାମ ଲିଜିଂ ମଡ୍ୟୁଲ୍ ପରିଦର୍ଶନ କରିବା ପାଇଁ ଅନୁରୋଧ। ଉପରଦର୍ଶିତ କାଟାଲଗ୍ ଅଧୀନରେ ଲଟ୍‌ୱାରୀ ବିବରଣୀ ଉପଲବ୍ଧ।
(PR-1301) — ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ରାଞ୍ଚି
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

NO.38001/12/2526

**Directorate of Ports & Inland Water Transport**
Fortune Tower, Ground Floor, Zone - A, Chandrasekharpur, Bhubaneswar, Phone : 0674-2300885, Email : portsniwt.od@nic.in

**e-PROCUREMENT NOTICE**

| Sl. No. | Name of the work | Amount (in Rs.) |
|---|---|---|
| 01. | Renovation, Up-gradation & Modernization of Existing Fish Landing Center at Hatabaradi in Khordha District, Odisha. **(Bid Identification No.DPIWT-37/2025-26)** | 167.82 Lakh |
| 02. | Renovation, Up-gradation & Modernization of Existing Fish Landing Center at Panchubisha in Balasore District, Odisha **(Bid Identification No. DPIWT-38/2025-26)** | 167.79 Lakh |

| | | |
|---|---|---|
| 03. | No. of Covers | Double cover |
| 04. | Bid Cost | Rs.10,000.00 |
| 05. | Period of Completion | 11 (Eleven) Calendar Months |
| 06. | Date & Time of availability of bid document in the portal | 13.03.2026 to 25.03.2026 upto 05.00 P.M. |
| 07. | Date & Time of Bid Clarification | 13.03.2026 to 18.03.2026 upto 03.00 P.M. |
| 08. | Last date & time for receipt of bids in the portal | 25.03.2026 up to 05.00 P.M. |
| 09. | Date of opening of bid document (Cover-I) | 26.03.2026 at 11.30 A.M. |
| 10. | Date of document verification | Within five (05) working days from the date of Technical Bid (Cover-I) opening |
| 11. | Date of transparent lottery process (If situation aries) | Intimation will be given through online |
| 12. | Class of Contractor | "B" & "A" Class Contractor |
| 13. | Name and address of Officer Inviting Tender (OIT) | Director, Ports & Inland Water Transport, Fortune Tower, Ground Floor, Zone-A, Chandrasekharpur, Bhubaneswar, Odisha, PIN-751023 Phone : 0674-2390355, Fax - 2396885, e-Mail : portsniwt.od@nic.in |

Further details can be seen from the e-Procurement market place, https://tendersodisha.gov.in. The Addendum / Corrigendum if any will be hosted in the website only.

Sd./- Director
Ports & IWT, Odisha
OIPR-38001/38035/1/25-26/0007

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
Electrician, Labour, House Keeping, Welder, Fitter, Supervisor, Driver ଦରକାର। ରହିବା ସୁବିଧା ଅଛି।
- ଯୋଗାଯୋଗ -
8249176583 / 9938506850

**RDM PUBLIC SCHOOL**
**PATIA, BHUBANESWAR**
URGENT HIRING
PGT & TGT Teacher's (All Subjects)
Must have Graduate/ Post Graduate/ CT/B.Ed.
CONTACT : 9337325035, 9668484511

**WANTED**
LADY OFFICE EXECUTIVE
FREE ACCOMMODATION
FREE FOODING
SALARY 10000
BISWAJIT INFRATECH PVT. LTD, CUTTACK
Mob: 7809525452

**REQUIRED**
Driver Required with Free accommodation and Food.
Contact:
9437107124, 9337160036

**ସିକ୍ୟୁରିଟି ଗାର୍ଡ ଆବଶ୍ୟକ**
Required Security Guard for Bhubaneswar Accommodation and Food available.
CONTACT
8917662664

**WANTED**
ଏକ ପ୍ରତିଷ୍ଠିତ ସଂସ୍ଥା ପାଇଁ କିଛି ଦକ୍ଷ Sales Staff ଏବଂ ଜଣେ ଅଭିଜ୍ଞ Accountant ଆବଶ୍ୟକ। ଯୋଗ୍ୟତା: ପଦବୀ ଅନୁସାରେ ଶିକ୍ଷାଗତ ଯୋଗ୍ୟତା ଏବଂ କାର୍ଯ୍ୟଦକ୍ଷତା ରହିବା ଜରୁରୀ। ଦରମା: ଯୋଗ୍ୟତା ଭିତ୍ତିରେ (Negotiable). ଆଗ୍ରହୀ ପ୍ରାର୍ଥୀମାନେ ନିମ୍ନଲିଖିତ ନମ୍ବରରେ ଯୋଗାଯୋଗ କରନ୍ତୁ କିମ୍ବା ନିଜର Resume ପଠାନ୍ତୁ।
MALATI TRADERS
Pithapur Road, Cuttack
M.: 9348083542, 9437274386

**RECRUITMENT**
DAV PUBLIC SCHOOL, KONARK
REQUIRED STAFF: Vice-Principal, Primary Teacher (PRT), NTT Teacher, Care Taker (Aya - Only Ladies), Peon and Security.
At: Madhipur Chhak, Konark, Puri
Mob.: 6372762032
Dt.22.03.2026 (Sunday)
Time: 10 A.M. onwards

See Career Appointment on every **Wednesday & Saturday**

NCL GROUP — NAGARJUNA CEMENT

**NCL Industries Limited**, pioneer in manufacturing of Cement with a brand name of **Nagarjuna Cement** for a more than 40 years, is looking for

**GENERAL MANAGER - CEMENT MARKETING**

Location: Bhubaneswar, Odisha
Qualification: Any Graduation
Experience: Minimum of 20 years in Sales & Marketing, with atleast 3 years in leadership role.

Candidates, may mail **resume** along with a photograph to **careers@nclind.com** on or before **20th March'2026.**

Contact Details : **Mr. Satish Kumar T, Sr. DGM-HR & Admin, Contact No. 9154203651**

www.nclind.com / www.nagarjunacement.com

**URGENTLY REQUIRED**

We ARE ONE OF THE LEADING OUTDOOR ADVERTISING AGENCY IN ODISHA REQUIRE EXPERIENCE PERSONS AS PER THE FOLLOWINGS FOR BHUBANESWAR LOCATION, INTERESTED CANDIDATES MAY APPLY/SEND THEIR CV TO - **teamadmark@gmail.com** OR WHATSAPP NO. **6370948509/7205006004** MAXIMUM WITHIN 7 DAYS FROM THE DATE OF ADVERTISEMENT.

- **Sr. Marketing Executive/Sales Executive** – Graduate/ MBA, Minimum 5 yrs. Experience in Outdoor Advertising Industry in Achieving Monthly Sales Target or Any Other Industry with Computer Skill (Both Male and Female Candidates can apply). Own Conveyance Must. **Salary 18,000-20,000 (Fuel & Mobile Cost Extra)**. Extra Sales Incentive will be given On Pro Rate basis on Achievement of 100% Monthly Sales Target.
- **Marketing Executive –** Graduate, Minimum 3 yrs. Experience outdoor Advertising industry in Achieving Monthly Sales Target with Computer Skill. (Both Male & Female Candidates can apply) Own Conveyance Must. **Salary -15,000 (Fuel & Mobile Cost Extra)**. Extra Sales Incentive will be given on Pro rate basis on Achievement of 100% Monthly Sales Target.
- **Back Office Executive** – Graduate/Must Have Computer Skill (Word, Excel, PPT, Internet Etc.) Minimum 3 yrs. Experience Managing Back Office Job (Only Female Candidates.). **Salary - 12,000-13,000 pm**.

## ସଂକ୍ଷେପରେ

### ଆତ୍ମନିର୍ଭରଶୀଳ ହେବା ନିମନ୍ତେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଆବଶ୍ୟକ

**ଖଡ଼ିଆଳ, ୧୩।୩ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ 'ଆଧୁନିକ ବ୍ୟାଙ୍କର ଦିଗ୍‌ଦର୍ଶନ ଓ ଆର୍ଥିକତାର ପଥ ପ୍ରଦର୍ଶକ' ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ବକ୍ତା ଭାବରେ ଇଂଲଣ୍ଡର ଲୋୟାଡ଼ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ ଭାରତୀୟ ଛାତ୍ରୀଛାତ୍ରଙ୍କର ବିଦେଶରେ ଥିବା ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ଆତ୍ମନିର୍ଭରଶୀଳ ହେବା ନିମନ୍ତେ ଶିକ୍ଷା, ଏକାଗ୍ରତା, ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଆବଶ୍ୟକ ବୋଲି ମତ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଯୁକ୍ତ୨ ଅଧ୍ୟକ୍ଷ ଡ. ରଣବୀର ସିଂ, ପ୍ରାଧ୍ୟାପକ ଡ. ତରୁଣ କୁମାର ପ୍ରଧାନ, ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ସୁନୀଲ କୁମାର ପାଢ଼ୀ, ଛାତ୍ରକଲ୍ୟାଣ ଅଧିକାରୀ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସ୍ନାତକ ଓ ସ୍ନାତକୋତ୍ତର ଶେଷବର୍ଷର ଛାତ୍ରୀଛାତ୍ର ଯୋଗଦେଇଥିଲେ।

### ସ୍କୁଲରେ ଶିକ୍ଷକ ଅଭାବ, ଶିକ୍ଷାଦାନରେ ବାଧା

କଲମପୁର, ୧୩।୩(ଗଣେଶରାମ ବାଗ): କଳାହାଣ୍ଡି ଜିଲା କଲମପୁର ଗୋଷ୍ଠୀ ଶିକ୍ଷା ଅଧୀନରେ ଥିବା ଇଚ୍ଛାପୁର ସ୍କୁଲରେ ଆବଶ୍ୟକ ଶିକ୍ଷକ ନ ଥିବାରୁ ଶିକ୍ଷାଦାନରେ ବାଧା ସୃଷ୍ଟି ହୋଇଛି। ଏହି ସ୍କୁଲରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୬୬ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏତେ ସଂଖ୍ୟକ ପିଲାଙ୍କୁ ପଢାଇବା ପାଇଁ ରହିଛନ୍ତି ମାତ୍ର ୪ ଶିକ୍ଷକ। ଫଳରେ ପାଠପଢା କିଭଳି ହେଉଥିବ ତାହା ସହଜରେ ଅନୁମେୟ। ବିଭାଗୀୟ କର୍ତ୍ତୃପକ୍ଷ ବିଦ୍ୟାଳୟରୁ ଶିକ୍ଷକ ବଦଳି କରି ନିଯୁକ୍ତି ନ କରିବା ପରିତାପର ବିଷୟ ବୋଲି ପରିଚାଳନା କମିଟି ସଭାପତି ଚମରୁ ନାଏକ ପ୍ରକାଶ କରିଛନ୍ତି। ଏଥିପାଇଁ ବିଭାଗଠାରେ ଲିଖିତ ଭାବେ ଅଭିଯୋଗ କରିଥିବାବେଳେ ଅଦ୍ୟାବଧି କୌଣସି ସୁଫଳ ମିଳି ନ ଥିବା ସେ କହିଛନ୍ତି। ବର୍ତ୍ତମାନ ପରୀକ୍ଷା ସମୟ ଆସୁଥିବାରୁ ତୁରନ୍ତ ଶିକ୍ଷକ ନିଯୁକ୍ତି କରିବାକୁ ଅଭିଭାବକ ମହଲରେ ଦାବି ହେଉଛି। ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ପରିଚାଳନା କମିଟି କର୍ମକର୍ତ୍ତା ରାଜ ରାସ୍ତାକୁ ଓହ୍ଲାଇବାକୁ ସଜବାଜ ହେଉଥିବା ଜଣାପଡ଼ିଛି।

### ତୀବ୍ର ହେଉଛି ନିର୍ବାଚନମଣ୍ଡଳୀ ପୁନଃ ଗଠନ ଦାବି

**କୋକସରା, ୧୩।୩ (ଦୁଷ୍ମନ୍ତ କୁମାର ପାଇଯୋଷୀ):** କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପୁନଃ ଗଠନ ନିମନ୍ତେ ଶୁକ୍ରବାର ଗୋତମୁଣ୍ଡା ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପଞ୍ଚାୟତସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆମପାଣି ଜିଲାପରିଷଦ ସଭ୍ୟ ହେମନ୍ତ ମାଝୀ ସଭାପତିତ୍ୱ କରିଥିଲେ। ଏଥିରେ କମିଟି ସଭାପତି ରାଜୀବ କୁମାର ଅଗ୍ରୱାଲ, ଉପସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ପୁରୁଷୋତ୍ତମ ଦାସ ଗୁପ୍ତା, ତ୍ରିଭୁବନ ନାଏକ, ମହେନ୍ଦ୍ର ନେଗୀ, ପ୍ରମୋଦ ପ୍ରଧାନୀ, ଦୁଷ୍ମନ୍ତ କୁମାର ପାଇଯୋଷୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କ୍ରମରେ ବିଧାନସଭା ନିର୍ବାଚନ ମଣ୍ଡଳୀ ପୁନଃ ଗଠନ ଦାବି ଉପରେ ଆଲୋଚନା କରାଯାଇ ଜନମତ ସଂଗ୍ରହ କରାଯାଇଥିଲା। ବୈଠକରେ ଉପସ୍ଥିତ ରହିଥିବା ଗୋତମୁଣ୍ଡା ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମର ବୁଦ୍ଧିଜୀବୀ ସମେତ ବ୍ୟକ୍ତି ବିଶେଷ ଉକ୍ତ ଦାବିକୁ ସମର୍ଥନ ଦେଇଥିଲେ।



କଳାହାଣ୍ଡି ଜିଲାର ଏକ ଗଛ ମୂଳରୁ ମହୁଲ ଫୁଲ ସଂଗ୍ରହ କରୁଛନ୍ତି ମହିଳାପୁରୁଷ।

# ଅସ୍ୱାଭାବିକ ପାଣିପାଗ, ମହୁଲ ଗଛରେ ଧରୁନି ଫୁଲ

**ଭବାନୀପାଟଣା, ୧୩।୩(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ଆଦିବାସୀ ତଥା ଦୁର୍ଗମ ଅଞ୍ଚଳବାସୀଙ୍କ ଜୀବନଜୀବିକା ସହ ଜଡିତ ଲଘୁ ବନଜାତ ଦ୍ରବ୍ୟ ମହୁଲ ଫୁଲ। ହେଲେ ଅସ୍ୱାଭାବିକ ପାଣିପାଗ ଯୋଗୁ ଜିଲାରେ ଆଉ ପୂର୍ବଭଳି ମହୁଲ ଗଛରେ ପର୍ଯ୍ୟାପ୍ତ ଫୁଲ ଧରୁନି। ଫଳରେ କମିଯାଉଛି ମହୁଲ ଫୁଲ ସଂଗ୍ରହ। ଜିଲାରେ ବିଶେଷ କରି ମାର୍ଚ୍ଚରୁ ଏପ୍ରିଲ ମଧ୍ୟଭାଗରେ ତାପମାତ୍ରା ୩୫ରୁ ୪୦ଡିଗ୍ରୀ ଭିତରେ ରହିଥାଏ। ଏହି ସମୟ ହିଁ ପ୍ରକୃଷ୍ଟ ସମୟ। ଏହି ସମୟରେ ମହୁଲ ଫୁଲ ଧରିବା ସହିତ ଝଡ଼ି ତଳେ ପଡ଼ିଥାଏ। ହେଲେ ଏବେ ପାଗରେ ପରିବର୍ତ୍ତନ ଯୋଗୁ ପ୍ରାୟ ୫୦ ପ୍ରତିଶତ ମହୁଲ ଗଛରେ ଫୁଲ ଧରୁ ନାହିଁ। ଯେଉଁ ଗଛରେ ଫୁଲ ଧରୁଛି ତାକୁ ଗୋଟାଳିମାନେ ମାର୍ଚ୍ଚରୁ ଏପ୍ରିଲ ମାସ ଯାଏ ଗୋଟାଇ ଥାଆନ୍ତି। ପରେ ସେମାନେ

**ଅଭାବୀ ବିକ୍ରିର ଶିକାର ହେଉଛି ସଂଗ୍ରହକାରୀ**

ଏହାକୁ କେଜି ପ୍ରତି ୧୫ରୁ ୨୦ଟଙ୍କାରେ ଦଲାଲଙ୍କ ହାତରେ ଟେକିଦିଅନ୍ତି। ଏହା ଦ୍ୱାରା ସେମାନଙ୍କ ଜୀବନଜୀବିକା ପ୍ରଭାବିତ ହୋଇଥାଏ। ପ୍ରତିବର୍ଷ ଏହି ସମସ୍ୟା ସମ୍ପର୍କରେ ଅଭିଯୋଗ ହେଉଥିଲେ ବି ସରକାର ସେମାନଙ୍କ ଦୁଃଖ ଶୁଣୁ ନ ଥିବାରୁ ଅଭାବୀ ବିକ୍ରିର ଶିକାର ହେଉଛନ୍ତି ସଂଗ୍ରହକାରୀ। ଜିଲାର ଧର୍ମଗଡ଼ ଓ ଭବାନୀପାଟଣା ଉପଖଣ୍ଡରେ ବର୍ଷକୁ ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ମହୁଲ ଫୁଲ ସଂଗ୍ରହ ହେଉଥିବା ବେଳେ ଏବେ ଅସ୍ୱାଭାବିକ ତଥା ପ୍ରତିକୂଳ ପାଣିପାଗ ସାଙ୍ଗକୁ ଅଭାବୀ ବିକ୍ରି ଆଦିବାସୀଙ୍କ ପରିବାର ପ୍ରତିପୋଷଣରେ ବାଧା ସୃଷ୍ଟି କରିଛି। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ବିପଦସଙ୍କୁଳ ଅବସ୍ଥାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

**ଲାଞ୍ଜିଗଡ଼, ୧୩।୩(ରମେଶ ଚନ୍ଦ୍ର ନାୟକ)**



୧୩୫ ବର୍ଷର ସ୍କୁଲକୁ ଅଣଦେଖା

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ୧୮୯୧ ମସିହାରେ ସ୍ଥାପିତ ହୋଇଥିବା ବିଦ୍ୟାଳୟକୁ ଇତିମଧ୍ୟରେ ୧୩୫ ବର୍ଷ ବିତିବାକୁ ବସିଥିବାବେଳେ ଅଣଦେଖା କରାଯିବା ଘଟଣା ଆଲୋଚନାର ବିଷୟ ହୋଇଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ସ୍କୁଲରେ ୩୮୧ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସ୍କୁଲ ପାଚେରିର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ବେଳେ ଛାତରୁ ପାଣି ଗଳୁଛି। ସମ୍ପୂର୍ଣ୍ଣ ଛପର ଘର ଥିବା ଏହି ସ୍କୁଲର ବିଭିନ୍ନ ସ୍ଥାନରେ କାନ୍ଥ ଫାଟି ଆଁ କଲାଣି। ଚଟାଣ ଫାଟି ଯାଇଥିବା ବେଳେ ଛପରରେ ଲାଗିଥିବା କାଠ ଉଈ ଖାଇ ଝୁଲିକି ରହିଛି। ଏ ନେଇ ସ୍କୁଲ ପରିଚାଳନା କମିଟି ସଭାପତି ବଳରାମ ପୂଜାରୀଙ୍କୁ ପଚାରିବାରୁ ବାରମ୍ବାର ପ୍ରଶାସନକୁ ଅବଗତ କରିବା ପରେ ବି ସ୍ଥିତିରେ କୌଣସି ସୁଧାର ଆସୁ ନ ଥିବା କହିଛନ୍ତି। ଏହି ସମସ୍ୟା ଯୋଗୁ ପ୍ରାୟ ୫୦ ପ୍ରତିଶତ ଛାତ୍ରୀଛାତ୍ର ବାରଣ୍ଡାରେ ବସି ପାଠ ପଢୁଛନ୍ତି। ମଧ୍ୟାହ୍ନ ଭୋଜନ ରୋଷେଇ ହେଉଥିବା ସ୍ଥାନରେ ପାଣି ଗଳୁଛି। ଅଳ୍ପ ବର୍ଷାରେ ବି ଲାଞ୍ଜିଗଡ଼ ବସ୍ତିର ଡ୍ରେନ୍ ପାଣି ସ୍କୁଲରେ ପ୍ରବେଶ କରି କୃତ୍ରିମ ପୋଖରୀ ସୃଷ୍ଟି କରୁଛି। ପ୍ରଶାସନିକ ଅଣଦେଖା ଯୋଗୁ ଏହି ବିଦ୍ୟାଳୟର ଅବସ୍ଥା ଜରାଜୀର୍ଣ୍ଣ ହୋଇ ରହିଥିବା ବେଳେ ଅଭିଭାବକମାନେ ପିଲାଙ୍କୁ ଛାଡିବା ନେଇ ଆଶଙ୍କା ବ୍ୟକ୍ତ କଲେଣି। ୨୦୨୩ ଅଗଷ୍ଟ ୨୧ରେ ରାଜ୍ୟ ସରକାରଙ୍କ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସ୍କୁଲ ଭିତ୍ତିଭୂମି, ସ୍କୁଲରେ ଅତିରିକ୍ତ ଶିକ୍ଷା ସୁବିଧା, ସ୍କୁଲ ଶିକ୍ଷାର ଆଧୁନିକୀକରଣ ପାଇଁ ଅନୁଦାନ ଦିଆଯାଇଥିଲା। କିନ୍ତୁ ସେତେବେଳେ ଏହି ଯୋଜନାରୁ ବାଦ ପଡ଼ିଥିଲା ଲାଞ୍ଜିଗଡ଼ ଉଚ୍ଚ ପ୍ରାଥମିକ ସ୍କୁଲ। ଗତବର୍ଷ ଜିଲା ପ୍ରଶାସନ ପକ୍ଷରୁ ଏହି ସ୍କୁଲକୁ ଗୋଦାବରୀଶ ମିଶ୍ର ସ୍କୁଲ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଖୋଦ ଜିଲାପାଳ ସୁପାରିସ କରିଥିଲେ। ମାତ୍ର ତାହା ବି ହୋଇପାରି ନ ଥିଲା। ଏହି ପୁରୁଣା ସ୍କୁଲକୁ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ଓ ରାଜନେତାମାନେ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରୁଥିବା ନେଇ ଅଭିଭାବକଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ତେଣୁ ପ୍ରଶାସନ ଏହି ବିଦ୍ୟାଳୟ ଶୀଘ୍ର ପୁନରୁଦ୍ଧାର ପାଇଁ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଲାଞ୍ଜିଗଡ଼ ବିଇଓ ରଷିଆ ମେହେରଙ୍କୁ ପଚାରିବାରୁ ସ୍କୁଲର ଉନ୍ନତୀକରଣ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି। ଅନୁଦାନ ଆସିଲେ ଏହି କାର୍ଯ୍ୟ କରାଯିବ ବୋଲି ସେ କହିଥିଲେ।

# ପ୍ରତାପଗିରି ମନ୍ଦିର ଲୁଟ୍ ଘଟଣାରେ ୫ ଗିରଫ

**ଥୁଆମୂଳ ରାମପୁର, ୧୩।୩ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ କୁମୁଡ଼ାବାହାଲ ଗ୍ରାମର ପ୍ରାଚୀନ ପ୍ରତାପଗିରି (ବୁଢ଼ାରଜା-ଠାକୁରାଣୀ) ମନ୍ଦିର ଲୁଟ୍ ଘଟଣାରେ ପୋଲିସ ମାଷ୍ଟରମାଇଣ୍ଡ ସମେତ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ କଲମପୁରର ଇଶାନ ଟେଣ୍ଟକାରୀ (୩୯), ତାଳବନ୍ଧପଡ଼ାର ରିତେଶ ଧ. ମାଝୀ ଓରଫ ପିଚୁଡ଼ (୨୧), ଶିବମନ୍ଦିର ପଡ଼ାର ରୋଶନ ବିଶି ଓରଫ ସତ୍ୟମ (୨୨), ଡାକକୋଟାର ଚନ୍ଦ୍ର ନାୟକ (୪୦) ଓ ଗୋପାଳପୁରର ନବ କୁମାର ନାୟକ (୩୪)। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ମନ୍ଦିର ପରିସରରେ ମୂଲ୍ୟବାନ ସମ୍ପତ୍ତି ଥିବା ନେଇ ଇଶାନ ବିଶେଷ ସୂତ୍ରରୁ ଖବର ପାଇଥିଲେ। ଏହି ଗୁପ୍ତ ସମ୍ପତ୍ତି ହାତେଇବା ପାଇଁ ସେ ଯୋଜନା ପ୍ରସ୍ତୁତ କରିଥିଲେ। ଉପରୋକ୍ତ ଅଭିଯୁକ୍ତଙ୍କ ସହଯୋଗରେ ସେ ମନ୍ଦିର ସମ୍ପତ୍ତି ଲୁଟି ନେବାରେ ସଫଳ ହୋଇଥିଲେ। ଏହି ସମ୍ପତ୍ତି ମଧ୍ୟରେ ସୁନା ଓ ରୁପା ଅଳଙ୍କାର ସାମିଲ ରହିଥିଲା। ପୋଲିସ ଏ ନେଇ ଏକ ମାମଲା (ନଂ.୧୦/୨୬) ରୁଜୁକରି ୫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ତେବେ ଲୁଟ ସମ୍ପତ୍ତିକୁ ପୋଲିସ ଜବତ କରିପାରି ନାହିଁ। ତଦନ୍ତକାରୀ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ କହିବା ଅନୁସାରେ, ଏହି ଘଟଣାରେ ଆହୁରି ଅନେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି।

# ଅଷ୍ଟମଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

**ଜୟପାଟଣା, ୧୩।୩ (ଓମ୍ ପ୍ରକାଶ ବୈଠାରୁ)**

ଜୟପାଟଣା ବ୍ଲକ ରେଙ୍ଗାଲପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଉମାଶଙ୍କର ଦୀପ ସଭାପତିତ୍ୱ କରିଥିଲେ। ଏବିଇଓ ପୂର୍ଣ୍ଣଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି, ଲଡୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ସଞ୍ଜୟ କୁମାର ପୁରୋହିତ ମୁଖ୍ୟ ବକ୍ତା, ରେଙ୍ଗାଲପାଲି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବେଦବର ନିଆଲ, ଖବରଦାତା ଅସରଫ ଅଲ୍ଲୀ, ସାମାଜିକ କର୍ମୀ କୁଞ୍ଜବିହାରୀ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସପ୍ତମ ଶ୍ରେଣୀର ଛାତ୍ରୀଛାତ୍ର ନାଚଗୀତ ମାଧ୍ୟମରେ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ର ମଧ୍ୟ ବିଦ୍ୟାଳୟରେ କଟାଇଥିବା ସ୍ମୃତିମୟ ଦିନଗୁଡ଼ିକୁ ସ୍ମରଣ କରିଥିଲେ। ପରେ ବିଦାୟ ନେଉଥିବା ଛାତ୍ରୀଛାତ୍ରଙ୍କୁ ସ୍ମୃତିଚିହ୍ନ ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷକ ରଞ୍ଜନ ବରିହା ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ରୁଚିରା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସାହସ ଆଗରେ ହାର ମାନିଛି ଭିନ୍ନକ୍ଷମ

**ଭବାନୀପାଟଣା, ୧୩।୩(ଉତ୍ତମ କୁମାର ଦାଶ)**



ପ୍ରଶଂଶାପତ୍ର ଦେଖାଉଛନ୍ତି କ୍ଷୀରାବ୍ଧି।

ଜନ୍ମରୁ ଭିନ୍ନକ୍ଷମ ହୋଇ ବି ସକ୍ଷମ ଭାବରେ ଜୀବନଯାପନ କରୁଛନ୍ତି। ଜୀବନ ଯୁଦ୍ଧରେ କେବେ ହାର ନ ମାନି ସୃଷ୍ଟି କରିପାରିଛନ୍ତି ନିଜର ସ୍ୱତନ୍ତ୍ର ପରିଚୟ। ସେ ହେଲେ କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ନକଟିଗୁଡା ଗ୍ରାମର କ୍ଷୀରାବ୍ଧି ମାଝୀ। ଜନ୍ମରୁ ତାଙ୍କର ଦୁଇଟି ଗୋଡ଼ ପଙ୍ଗୁ ହୋଇଯାଇଛି। ଛୋଟବେଳୁ ପାଠପଢା ପ୍ରତି ତାଙ୍କର ଥିଲା ଅଦମ୍ୟ ଇଚ୍ଛା। ଗାଁ ସ୍କୁଲରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଲେ। ପରେ ଜୁନାଗଡ଼ରେ ଥିବା କନ୍ୟାଶ୍ରମରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢି ପାସ୍ କରିଛନ୍ତି। ବାପା ଥିବା ପର୍ଯ୍ୟନ୍ତ ତାଙ୍କର ସବୁ ସୁବିଧା ଥିଲା। କିନ୍ତୁ ବାପାଙ୍କ ଦେହାନ୍ତ ପରେ ସେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତଥାପି ସଂଘର୍ଷ କରି ୨୦୧୭ରୁ ବ୍ଲକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର କର୍ମଚାରୀଙ୍କ ସଂସ୍ପର୍ଶରେ ଆସିବା ପରେ ଆଉ ସେ ପଛକୁ ଫେରିନାହାନ୍ତି। ସରକାରଙ୍କ ପକ୍ଷରୁ କ୍ଷୀରାବ୍ଧିଙ୍କୁ ଇ ରିକ୍ସା, ସିଲେଇ ମେଶିନ ସାଙ୍ଗକୁ ଭିନ୍ନକ୍ଷମ ଭତ୍ତା ଓ ରାଶନ କାର୍ଡ ପ୍ରଦାନ କରାଯାଇଛି। ବର୍ତ୍ତମାନ କ୍ଷୀରାବ୍ଧି ୫୦ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀ ତିଆରି କରି ଅନେକ ପ୍ରଶଂସାପତ୍ର ପାଇଛନ୍ତି। ସେହିପରି ୨୦୨୨ ପଞ୍ଚାୟତ ନିର୍ବାଚନରେ ସେ ୪ନଂ. ୱାର୍ଡର ୱାର୍ଡସଭ୍ୟା ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ଲୋକଙ୍କ ସେବା କରୁଛନ୍ତି। ବର୍ତ୍ତମାନ ସେ ଲୋକଙ୍କ ପାଇଁ କାମ କରୁଥିବା ବେଳେ ବଞ୍ଚିଥିବା ପର୍ଯ୍ୟନ୍ତ ଏଭଳି କାର୍ଯ୍ୟ ଜାରିରଖିବେ ବୋଲି କ୍ଷୀରାବ୍ଧି ପ୍ରକାଶ କରିଛନ୍ତି।

# କିରେକେଲା ରାମକାଠି ନୃତ୍ୟ ମନ ମୋହିଲା

**ନୂଆପଡା, ୧୩।୩ (ମକାରୁ ବେମାଲ)**

ନୂଆପଡ଼ା ଜିଲା ତଥା ଓଡିଶାର ମହିଳା ଉଦ୍ୟୋଗୀଙ୍କୁ ସୁଯୋଗ ଦେବା ସହ ସାଂସ୍କୃତିକ ପରମ୍ପରାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ଓ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ନ୍ୟାଶନାଲ ମହାବିଦ୍ୟାଳୟ ପଡିଆରେ ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଅନୁଷ୍ଠିତ ହେଉଛି। ଉପଜିଲାପାଳ ସୁର୍ମି ସୋରେନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଶୀ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ରଣଜିତ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ତୃତୀୟ ରଜନୀର ସାଂସ୍କୃତିକ ସନ୍ଧ୍ୟାରେ ମା' ଧରଣି ଘୁମୁରା ଦଳ ଗମ୍ଭାରିଗୁଡା, ନଟରାଜ ଡ୍ୟାନ୍ସ ଏକାଡେମୀ ବଲାଙ୍ଗୀର, ନେହେନା ଆଶ୍ରମ ବିଦ୍ୟାଳୟ, ପଲସଦା ଆଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ର ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ବୋଡେନ କିରେକେଲା ରାମକାଠି ନୃତ୍ୟ ଦର୍ଶକଙ୍କ ମନମୋହି ନେଇଥିଲା। ଶେଷରେ ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ମା' କନକଦୁର୍ଗା ନକ୍‌ଆଉଟ କ୍ରିକେଟ: ଜଗନ୍ନାଥପୁର ଚାମ୍ପିୟନ

**ଲାଞ୍ଜିଗଡ଼, ୧୩।୩ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ବିଜେପୁର ଖେଳ ପଡ଼ିଆଠାରେ ମା' କନକ ଦୁର୍ଗା ଯୁବକ ସଂଘ ପକ୍ଷରୁ ଚାଲିଥିବା ଗ୍ରାମାଞ୍ଚଳ ସ୍ତରୀୟ ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ମଦନଗୁଡା ଓ ଜଗନ୍ନାଥପୁର ମଧ୍ୟରେ ହୋଇଥିଲା। ମଦନଗୁଡ଼ା ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୮ ଉଇକେଟ ବିନିମୟରେ ୭୮ ରନ କରିଥିଲା। ଜବାବରେ ଜଗନ୍ନାଥପୁର ଦଳ ୯.୫ ଓଭରରେ ୬ ଉଇକେଟ ହରାଇ ୭୯ ରନ କରି ବିଜୟ ଲାଭ କରି ଚାମ୍ପିୟନ ହୋଇଥିଲା। ଉଦଯାପନୀ ଉତ୍ସବରେ ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ ମୁଖ୍ୟ ଅତିଥି ଓ ବିଜେପୁର ସରପଞ୍ଚ ପ୍ରତିନିଧି ଟିକା ମାଝୀ, ପାହାଡ଼ପଦର ସରପଞ୍ଚ ଲକ୍ଷ୍ମଣ ମାଝୀ, ବିଜେପୁର ପୂର୍ବତନ ସମିତି ସଭ୍ୟ ରଞ୍ଜିତ ନାଏକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ରମେଶ ବାଗ ଓ ବରୁଣ ନାଏକ ଖେଳ ପରିଚାଳନା କରିଥିଲେ। ଆୟୋଜକ କମିଟିର ଜଗତରାମ ବାଗ, ବିକାଶ ନାଏକ, ମଳୟ ନାଏକ, ପଙ୍କଜ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ନାମଯଜ୍ଞ ପ୍ରସ୍ତୁତି ବୈଠକ

**ବରଗଡ଼, ୧୩।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ନିଗମାନନ୍ଦ ବିହାରରେ ସ୍ଥାନୀୟ ସଂକୀର୍ତ୍ତନ ପରିଷଦ ଅଧ୍ୟକ୍ଷ ବାଙ୍କା ବିହାରୀ ସାହୁଙ୍କ ଅଧ୍ୟକ୍ଷତାରେ ନାମଯଜ୍ଞ ପାଇଁ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଏପ୍ରିଲ ୧୧ ଓ ୧୨ ତାରିଖ ୨ଦିନ ଧରି ନାମଯଜ୍ଞ ଆୟୋଜନ ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ପଣ୍ଡିତ ଉତ୍ତମ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅବସରପ୍ରାପ୍ତ ଶିକ୍ଷକ ସୁଶାନ୍ତ ଭୋଇ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିବେ ବୋଲି କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ବୈଠକରେ ସମସ୍ତ ପଡ଼ାବାସୀ ଉପସ୍ଥିତ ରହିଥିଲେ।

# ଗ୍ୟାସ ସଙ୍କଟ: ଅଧାରୁ ଅଧିକ ଜଳଖିଆ, ଚା' ଦୋକାନ ବନ୍ଦ

**ନୂଆପଡ଼ା, ୧୩।୩ (ମକାରୁ ବେମାଲ)**

ମଧ୍ୟ ପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ସ୍ଥିତି କାରଣରୁ ଗ୍ୟାସ୍ ସଙ୍କଟ ଦେଖାଦେଇଛି। ଏହାର ପ୍ରଭାବ ବଡ ବଡ ସହରଠାରୁ ନେଇ ଛୋଟ ସହରରେ ପଡିବା ଆରମ୍ଭ କଲାଣି। ଏଥିରୁ ନୂଆପଡ଼ା ଜିଲା ମଧ୍ୟ ବାଦ ପଡି ନାହିଁ। ସରକାର କମର୍ସିଆଲ ରନ୍ଧନ ଗ୍ୟାସ ଉପରେ ଅଙ୍କୁଶ ଲଗାଇଥିବାରୁ ଏହାର ପ୍ରଭାବ ଜିଲା ସଦର ମହକୁମା ରାସ୍ତା କଡରେ ଥିବା ହୋଟେଲ, ଜଳଖିଆ ଦୋକାନ, ଚା' ଦୋକାନରେ ପଡ଼ିଛି। ସହରର ଟାନୱାଟ ଛକଠାରୁ ତେଲିପଡା ଛକ ପର୍ଯ୍ୟନ୍ତ ଅଧାରୁ ଅଧିକ ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ଚା' ଦୋକାନ, ଜଳଖିଆ ଦୋକାନ ବନ୍ଦ ହୋଇ ଯାଇଛି । ଗ୍ୟାସ ଅଭାବରୁ ବ୍ୟବସାୟୀ ଦୋକାନ ଖୋଲି ପାରୁନାହାନ୍ତି । ଏଥିଯୋଗୁ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରର ମୁଖ୍ୟ ହୋଟେଲ କୁହାଯାଉଥିବା ଦୀପକ ହୋଟେଲରେ ମଧ୍ୟ ଜଳଖିଆ ତିଆରି ବନ୍ଦ କରିଦେଲେଣି। ଗ୍ୟାସ ସଙ୍କଟ ଦେଖି ଖୋଦ ଜିଲାପାଳ ମଧୁସୂଦନ ଦାଶ ସହରର ଦୁଇଟି ଗ୍ୟାସ ଏଜେନ୍ସିକୁ ତଦାରଖ କରି ଜିଲା ଯୋଗାଣ ଅଧିକାରୀଙ୍କୁ ତୁରନ୍ତ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜିଲାପାଳ କହିଥିଲେ ଯଦି କେହି ଗ୍ୟାସର କଳାବଜାରି କରେ ତାକୁ ଛଡାଯିବ ନାହିଁ।



ଜିଲାପାଳ ଗ୍ୟାସ୍ ଷ୍ଟକ ତଦାରଖ କରୁଛନ୍ତି।

# ରନ୍ଧନ ଗ୍ୟାସ୍ ଅଚଳାବସ୍ଥା: କଂଗ୍ରେସର ଅଭିନବ ପ୍ରତିବାଦ

**ନୂଆପଡ଼ା, ୧୩।୩ (ମକାରୁ ବେମାଲ)**

ନୂଆପଡ଼ା ଜିଲାରେ ରନ୍ଧନ ଗ୍ୟାସକୁ ନେଇ ସୃଷ୍ଟି ହୋଇଥିବା ଅଚଳାବସ୍ଥାକୁ ନେଇ ଶୁକ୍ରବାର ଜିଲା କଂଗ୍ରେସ ପକ୍ଷରୁ ଅଭିନବ ପ୍ରତିବାଦ କରାଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଏକତା ଛକଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ଗ୍ୟାସ୍ ସିଲିଣ୍ଡର ରଖି କାଠଚୁଲିରେ ଚା' ତିଆରି କରି ପଥିକ ଓ ଯାନବାହାନ ଅଟକାଇ ଯାତ୍ରୀଙ୍କୁ ଚା' ଦେଇଥିଲେ। ଏହାସହ ମୁଖ୍ୟ ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ। ଦୀର୍ଘ ୩ ଘଣ୍ଟା ପରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସେହି ସମୟରେ କଂଗ୍ରେସ କମିଟି ପକ୍ଷରୁ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରମୁଖ ଦାବି ମଧ୍ୟରେ ଏଲ୍‌ପିଜି ସିଲିଣ୍ଡର ଓ ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାରୀ ରୋକିବା, ଗଚ୍ଛିତ ଓ କୃତ୍ରିମ ଅଭାବ ଉପରେ କଡା ନଜର ରଖିବା, ସ୍ୱତନ୍ତ୍ର ଯାଞ୍ଚ କମିଟି ଗଠନ, ଖାଦ୍ୟସାମଗ୍ରୀ ମୂଲ୍ୟ ସ୍ଥିର ରଖିବା ପାଇଁ ପଦକ୍ଷେପ, ଏଲ୍‌ପିଜି ସିଲିଣ୍ଡର ଉପଲବ୍ଧତା ଓ ଯୋଗାଣ, ଛୋଟ ହୋଟେଲ, ରେଷ୍ଟୁରାଣ୍ଟକୁ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ଯୋଗାଣ ନିଶ୍ଚିତ କରିବା ଆଦି ଅନ୍ୟତମ। ଏହିସବୁ ଦାବି ଉପରେ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦେଇଛନ୍ତି। ଏହି ସମୟରେ ଜିଲା ପରିଷଦ ସଭ୍ୟ ଭରତ ଲାଲ ରାଉତ, ଜିଲା ସାଧାରଣ ସମ୍ପାଦକ ସୁଧିର ମିଶ୍ର, ଗରିବସେନା ଜିଲା ଆବାହକ ରବି ମଙ୍ଗରାଜ, ବିରଞ୍ଚି ବାଗ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



କାଠଚୁଲିରେ ଚା' ତିଆରି କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ଦଳୀୟ କର୍ମକର୍ତ୍ତା।

## ସଂକ୍ଷେପରେ

## ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଜବତ

### ଜମି ବିବାଦକୁ ନେଇ ହତ୍ୟା ସନ୍ଦେହ, ୩ ଅଟକ

**ଅତାବିରା,୧୩।୩(ଯୁଧିଷ୍ଠିର ମହାପାତ୍ର):** ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ହିର୍ଲିପାଲି- ଟୋପ ଗାଁ ରାସ୍ତାର ଏକ ପୋଖରୀରୁ ଶୁକ୍ରବାର ଜଣେ ବୃଦ୍ଧଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ହିର୍ଲିପାଲି ଗ୍ରାମର ଲମ୍ବୋଦର ରଣା(୬୫) । ଏନେଇ ଅତାବିରା ଥାନାରେ କେସ୍ ନଂ.୧୦୦/୨୬ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଆଇଆଇସି ପ୍ରକାଶ କର୍ଣ୍ଣ କହିଛନ୍ତି। ଅନ୍ୟପଟେ ଘଟଣାକୁ ଗୁରୁତ୍ୱ ନେଇ ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ, ଲମ୍ବୋଦର ବିବାହ କରି ନ ଥିଲେ। ତାଙ୍କର ଦୁଇ ଭାଇ ଅଛନ୍ତି । ଗତ ୩୦ ବର୍ଷ ହେଲା ସେ ଘରୁ ଆସି ହିର୍ଲିପାଲି- ଟୋପ ଗାଁ ରାସ୍ତାର ଏକ ପୋଖରୀ ପାଖରେ ଘର କରି ରହୁଥିଲେ। ହେଲେ ହଠାତ୍ ଶୁକ୍ରବାର ସକାଳେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଲୋକେ ଅତାବିରା ଥାନାକୁ ଖବର ଦେଇଥିଲେ । ମୃତଦେହ ଜବତ ପରେ କାଠଫାଳିଆରେ ତାଙ୍କୁ ମାଡ଼ମାରି ପୋଖରୀକୁ ଫିଙ୍ଗି ଦେଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତାଙ୍କ ବେକ ଓ ମୁଣ୍ଡରେ ଆଘାତ ଲାଗିଛି ଏବଂ କାନରୁ ରକ୍ତସ୍ରାବ ହୋଇଥିବା ପୋଲିସ ଜାଣିବାକୁ ପାଇଛି। ତେବେ ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଜମିଜମା ଗଣ୍ଡଗୋଳକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଥିବା ଅତାବିରା ଆଇଆଇସି କର୍ଣ୍ଣ କହିଛନ୍ତି।

## ସକାଳୁଆ ସ୍କୁଲ ପାଇଁ ଦାବି

**ପଦ୍ମପୁର,୧୩।୩ (ପ୍ରଦୀପ୍ତ ଦାଶ):** ପଦ୍ମପୁର ଉପଖଣ୍ଡ ଅଞ୍ଚଳରେ ମାର୍ଚ୍ଚ ମାସ ପ୍ରଥମ ସପ୍ତାହରୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇ ତାପମାତ୍ରା ୪୦ ଡିଗ୍ରୀ ଟପିଲାଣି। ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍କୁଲଗୁଡ଼ିକୁ ସକାଳୁଆ କରିବା ପାଇଁ ଅଭିଭାବକ ମହଲରୁ ଦାବି ହୋଇଛି। ପାଠପଢ଼ା ସକାଳୁଆ ସମୟରେ କରାଗଲେ ଛାତ୍ରୀଛାତ୍ରମାନେ ଗରମରୁ ରକ୍ଷା ପାଇବେ ଓ ସୁସ୍ଥ ପରିବେଶରେ ଶିକ୍ଷା ଗ୍ରହଣ କରିପାରିବେ ବୋଲି ଅଭିଭାବକମାନେ କହିଛନ୍ତି। ଏଣୁକରି ତୁରନ୍ତ ସ୍କୁଲ ସମୟ ପରିବର୍ତ୍ତନ କରି ସକାଳୁଆ କରିବା ପାଇଁ ପଦ୍ମପୁର ଉପଖଣ୍ଡର ଅଭିଭାବକ ଶିକ୍ଷା ବିଭାଗ ନିକଟରେ ଦାବି କରିଛନ୍ତି।


କଂଗ୍ରେସ କର୍ମୀ ଦାବିପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି।

# ପ୍ରଶାସନକୁ ଦାବିପତ୍ର ଦେଲା କଂଗ୍ରେସ

### ରନ୍ଧନ ଗ୍ୟାସ ଦରବୃଦ୍ଧିର ପ୍ରତିବାଦ

**ବରଗଡ଼,୧୩।୩(ପ୍ରେମାନନ୍ଦ ଖମାରୀ)**

ରନ୍ଧନ ଗ୍ୟାସ ଏବଂ ଖାଇବା ତେଲ ବୃଦ୍ଧିକୁ ନେଇ ବରଗଡ଼ ଜିଲା କଂଗ୍ରେସ ପ୍ରତିବାଦ କରିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଜିଲା କଂଗ୍ରେସ ପକ୍ଷରୁ ବରଗଡ଼ରେ ପ୍ରତିବାଦ ସଭା, ବିକ୍ଷୋଭ ଶୋଭାଯାତ୍ରା ସହିତ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ୯ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ରରେ ଉଲ୍ଲେଖ ରହିଛି, ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଉତ୍ତେଜନା ସ୍ଥିତି ଯୋଗୁ ରନ୍ଧନ ଗାସ ବିତରଣ ପ୍ରଭାବିତ ହୋଇଛି। କେବଳ ସେତିକି ନୁହେଁ, ରନ୍ଧନ ଗ୍ୟାସ ଯୋଗାଣ ହ୍ରାସ ପାଇଥିବାବେଳେ ସିଲିଣ୍ଡର ପ୍ରତି ୬୦ଟଙ୍କା ବୃଦ୍ଧି ପାଇଛି। ସେହିପରି ଖାଇବା ତେଲ ମଧ୍ୟ ଲିଟର ପିଛା ୧୦ଟଙ୍କାରୁ ୨୫ଟଙ୍କା ପର୍ଯ୍ୟନ୍ତ ବଢ଼ିଛି। ଏହା ଉପଭୋକ୍ତାମାନଙ୍କୁ ଯନ୍ତ୍ରଣା ଦେଉଥିବାବେଳେ ହୋଟେଲ, ରେଷ୍ଟୁରାଣ୍ଟ, ଫୁଟପାଥ୍ ଦୋକାନୀ ତଥା ସାଧାରଣ ଜନତାଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରିଛି। ଏଭଳି ସ୍ଥଳେ ରନ୍ଧନ ଗ୍ୟାସ କଳାବଜାର ଯୋଗୁ ଉପଭୋକ୍ତାଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଫଳରେ ଏଥିପ୍ରତି ତ୍ୱରିତ ପଦକ୍ଷେପ ନେବା ପାଇଁ କଂଗ୍ରେସ ଦାବି କରିଛି।

ବରଗଡ଼ ଜିଲାରେ ଠିକ୍ ଭାବେ ରନ୍ଧନ ଗ୍ୟାସ ବିତରଣ, କଳାବଜାର ରୋକିବା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ, କଳାବଜାର ପ୍ରତି ନଜର ରଖିବା ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ, ରନ୍ଧନ ଗ୍ୟାସ ବିତରଣ ନେଇ ସାଧାରଣ ଜନତାଙ୍କୁ ସ୍ପଷ୍ଟ ଓ ସଠିକ୍ ସୂଚନା ପ୍ରଦାନ, ଛୋଟ ହୋଟେଲ, ରେଷ୍ଟୁରାଣ୍ଟ, କ୍ୟାଟରିଂ ସେବା ପାଇଁ ରନ୍ଧନ ଗ୍ୟାସ ଯୋଗାଣ, ନିୟମିତ ରନ୍ଧନ ଗ୍ୟାସ ବିତରଣ ଯାଞ୍ଚ ଏବଂ ଉପଭୋକ୍ତାମାନଙ୍କୁ ଠିକ୍ ଭାବେ ରନ୍ଧନ ଗ୍ୟାସ ଯୋଗାଇବାକୁ ଦାବି କରାଯାଇଛି।

ଏହାସହିତ ଜିଲାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାରେ ସୁଧାର ଆଣିବା ପାଇଁ ପାଟ୍ରୋଲିଂ କଡ଼ାକଡ଼ି କରିବା, ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟାରେ ପଞ୍ଜୀକରଣରୁ ବାଦ୍ ପଡ଼ିଥିବା ଜିଲାର ସମସ୍ତ ଚାଷୀଙ୍କ ଧାନ କିଣିବାକୁ ମଧ୍ୟ କଂଗ୍ରେସ ଦାବି କରିଛି। ଜିଲା କଂଗ୍ରେସ ସଭାପତି ହରଦୀପ ସିଂଙ୍କ ନେତୃତ୍ୱରେ ଉପସଭାପତି ପ୍ରତାପ କୁମାର ନାୟକ, ଯତିରଞ୍ଜନ ପୂଜାରୀ, ଅନନ୍ତ ଶୟନ ପାଢ଼ୀ, ବ୍ରହ୍ମାନନ୍ଦ ମହାକୁଡ଼, କିଶୋର ଦଫାଦାର, ଅଭିଷେକ ସେଟ୍, ସୁନୀତା ବାଗ, ଆନନ୍ଦ ପ୍ରଧାନ, ଗୌନ୍ତିଆ କୁମାର ସାହୁ, ନନ୍ଦଲାଲ ସାଙ୍କ ସମେତ ଅନେକ ଦଳୀୟ ନେତା, କର୍ମୀ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ସମ୍ବଲପୁର, କୋରାପୁଟ, ବାଲେଶ୍ୱରରେ ନୂତନ ଏମ୍ସ ହସ୍ପିଟାଲ ପ୍ରତିଷ୍ଠା ଦାବି

**ପଦ୍ମପୁର ତା୧୩.୩( ପ୍ରଦୀପ୍ତ ଦାଶ)**

ରାଜ୍ୟସଭା ଏମ୍‌ପି ନିରଞ୍ଜନ ବିଶି ରାଜ୍ୟସଭାରେ ଓଡ଼ିଶାର ସମ୍ବଲପୁର, କୋରାପୁଟ ଓ ବାଲେଶ୍ୱରରେ ନୂତନ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥା (ଏମ୍ସ) ପ୍ରତିଷ୍ଠା ପାଇଁ ଦୃଢ଼ ଦାବି କରିଛନ୍ତି। ଏମ୍‌ପି ବିଶି ଦାବି କରି କହିଛନ୍ତି ଯେ, ଓଡ଼ିଶାର ଭୌଗୋଳିକ ଅଞ୍ଚଳ ଓ ଜନସଂଖ୍ୟା ଆଧାର ଅନୁସାରେ ସମସ୍ତ ଅଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ଆବଶ୍ୟକ। ବର୍ତ୍ତମାନ ଓଡ଼ିଶା ରାଜ୍ୟର ଭୁବନେଶ୍ୱରରେ ଏକ ଏମ୍ସ ହସ୍ପିଟାଲ ରହିଛି। ଯାହା ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ମାନକୁ ଉନ୍ନତ କରିଛି। କିନ୍ତୁ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ଆଦିବାସୀ ବହୁଳ ଅଞ୍ଚଳ କୋରାପୁଟ ଓ ଉତ୍ତର ଉପକୂଳ ଅଞ୍ଚଳ ବାଲେଶ୍ୱରରେ ଏପର୍ଯ୍ୟନ୍ତ ଏଭଳିଆ ଉନ୍ନତ ଧରଣର ଚିକିତ୍ସା ସଂସ୍ଥା ନାହିଁ। ଏମପି ନିରଞ୍ଜନ ବିଶି କହିଥିଲେ ଯେ, ଏହି ଏମ୍ସ ହସ୍ପିଟାଲ ଗୁଡ଼ିକ ମାତ୍ର ସାଟେଲାଇଟ ସେଣ୍ଟର ନୁହେଁ, ବରଂ ଏମ୍ସ ଭୁବନେଶ୍ୱର ପରି ସମସ୍ତ ସୁବିଧା, ଆବଶ୍ୟକୀୟ ପରୀକ୍ଷା ନିରୀକ୍ଷା ଉପକରଣ ହସ୍ପିଟାଲ ଭାବେ ସ୍ଥାପିତ ହେବା ଉଚିତ। ଏମପି ବିଶି କହିଛନ୍ତି ଯେ ସମ୍ବଲପୁର, କୋରାପୁଟ, ବାଲେଶ୍ୱରରେ ଏମ୍ସ ପ୍ରତିଷ୍ଠା ହେଲେ ଲୋକମାନେ ଉତ୍ତମ ମାନର ଚିକିତ୍ସା ସେବା ପାଇବେ ଓ ଏହି ଅଞ୍ଚଳରେ ଚିକିତ୍ସା, ଶିକ୍ଷା ଓ ଗବେଷଣାକୁ ମଧ୍ୟ ବିକଶିତ କରିପାରିବ। ତେଣୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅବହେଳିତ ଅଞ୍ଚଳରେ ଏମସ ସଂସ୍ଥାଗୁଡ଼ିକ ଶୀଘ୍ର ସ୍ଥାପନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି।

## ତମାଖୁ ନିୟନ୍ତ୍ରଣ ନିୟମ ଉଲ୍ଲଂଘନକାରୀଙ୍କୁ ଜରିମାନା


ପାନ ମସଲା ଦୋକାନରେ ମିଳିତ ସ୍କ୍ୱାଡ୍ ଯାଞ୍ଚ କରୁଛି।

**ବରଗଡ଼,୧୩।୩(ପ୍ରେମାନନ୍ଦ ଖମାରୀ)**

ବରଗଡ ଜିଲା ସ୍ୱାସ୍ଥ୍ୟ ବିଭାଗ, ପୋଲିସ ଏବଂ ଅବକାରୀ ବିଭାଗକୁ ନେଇ ଗଠିତ କାର୍ଯ୍ୟକାରୀ ସ୍କ୍ୱାଡ୍ ଶୁକ୍ରବାର ବରଗଡ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଥିବା ବିଭିନ୍ନ ଦୋକାନରେ ଅତର୍କିତ ଚଢାଉ କରିଥିଲା। ଚଢାଉରେ ତମାଖୁ ଉତ୍ପାଦ ବିକ୍ରି କରୁଥିବା ୧୭ଜଣ ନିୟମ ଖିଲାପକାରୀଙ୍କଠାରୁ ୩୦୫୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହାସହିତ ସବୁ ହୋଟେଲ, ଠେଲାମାନଙ୍କରେ ସଫା ପାଣି ଦେବା, ପରିବେଶ ସଫା ସୁତୁରା ରଖିବା, ବାସି ଖାଦ୍ୟ ନ ଦେବା, ଖାଦ୍ୟରେ ରଙ୍ଗ ବ୍ୟବହାର ନ କରିବା, ଖବରକାଗଜରେ ଖାଦ୍ୟ ସାମଗ୍ରୀ ନ ଦେବା ଏବଂ ଭେଷଜ ବ୍ୟବସାୟୀମାନଙ୍କୁ ଭେଟି ନାରକୋଟିକ ଔଷଧଗୁଡ଼ିକୁ ଡାକ୍ତରଙ୍କ ବିନା ପରାମର୍ଶରେ ବିକ୍ରି ନ କରିବା ଉପରେ ଉକ୍ତ ମିଳିତ କାର୍ଯ୍ୟକାରୀ ସ୍କ୍ୱାଡ୍‌ର ଅଧିକାରୀମାନେ ସଚେତନ କରାଇଥିଲେ। ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ପରମେଶ୍ୱର ନାଏକ, ଜିଲା ପରାମର୍ଶଦାତା ସ୍ୱାଗତିକା ବେହେରା, ଜିଲା ଭେଷଜ ନିରୀକ୍ଷକ ଦୀପକ କୁମାର ସିଂହ, ପୋଲିସ ବିଭାଗରୁ ଅକ୍ଷୟ ସାହୁ ଏବଂ ଅବକାରୀ ବିଭାଗରୁ ଏଏସ୍‌ଆଇ ମଳୟ କୁମାର ପଧାନ ଉପସ୍ଥିତ ଥିଲେ।

## ବ୍ରାଉନସୁଗାର ଜବତ, ୩ ଗିରଫ

**ବରଗଡ଼,୧୩।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରରେ ନିଶାଜନିତ ଅପରାଧ ବୃଦ୍ଧି ଅଭିଯୋଗ ହେବା ପରେ ଟାଉନ ଥାନା ପୋଲିସ ନିଶା ଦମନ ଅଭିଯାନକୁ ଜୋରଦାର୍ କରିଛି। ସହରର ନିଶାଆଡ୍ଡା ଚିହ୍ନଟ କରି ସେଗୁଡ଼ିକୁ ବୁଲଡୋଜର ମାଡ଼ରେ ଧୂଳିସାତ୍ କରି ଦିଆଯାଉଥିବାବେଳେ ନିଶା କାରବାର ପ୍ରତି ପୋଲିସ ସଜାଗ ଦୃଷ୍ଟି ରଖିଛି। ଏହି କ୍ରମରେ ସହର ଉପକଣ୍ଠ ବ୍ରହ୍ମଚାରୀ-କଟାପାଲି ରାସ୍ତାର ଫ୍ଲାଏ ଓଭରବ୍ରିଜ୍ ତଳେ ଚାଲିଥିବା ବ୍ରାଉନ ସୁଗାର କାରବାର ଉପରେ ଚଢ଼ାଉ କରି ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ଟାଉନ ଥାନା ଅନ୍ତର୍ଗତ ୱାର୍ଡ ନଂ- ୧୧ ମହାନ୍ତିପଡ଼ାର ରାଜୁ ତାଣ୍ଡି(୪୬), ୱାର୍ଡ ନଂ-୧୪ ମାଷ୍ଟରଟିକ୍ରାର ଗୋପୀ ମହାନନ୍ଦ(୪୦) ଏବଂ ୱାର୍ଡ ନଂ-୫ ବିଶିପଡ଼ାର ଶ୍ରବଣ କୁମ୍ଭାର(୨୨)। ସେମାନଙ୍କ ପାଖରୁ ୧୬ ଗ୍ରାମ ବ୍ରାଉନ ସୁଗାର, ୨ ମୋବାଇଲ ଏବଂ ନଗଦ ୨୨୫୦ ଟଙ୍କା ଜବତ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ଟାଉନ ଥାନାରେ ଏକ ମାମଲା (ନଂ.୧୫୨/୨୬) ରୁଜୁ ହୋଇଛି।


ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

ଶୁକ୍ରବାର ଟାଉନ ଥାନାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ବରଗଡ଼ ଏସ୍‌ଡ଼ିପିଓ ପଦାରବିନ୍ଦ ତ୍ରିପାଠୀ କହିଥିଲେ, ଗିରଫ ଅଭିଯୁକ୍ତମାନେ ବ୍ରହ୍ମଚାରୀ-କଟାପାଲି ରାସ୍ତାର ଫ୍ଲାଇଓଭର ବ୍ରିଜ ତଳେ ବ୍ରାଉନ ସୁଗାର କରୁଥିବା ନେଇ ଖବର ମିଳିଥିଲା। ତାକୁ ଆଧାର କରି ଏସ୍‌ଆଇ ଆଲୋକ କୁମାର ମହାଲିକଙ୍କ ନେତୃତ୍ୱରେ ଦିନବେଳା ପାଟ୍ରୋଲିଂ କରୁଥିବା ଟିମ୍ ସେଠାରେ ଅତର୍କିତ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ ସହିତ ବ୍ରାଉନ ସୁଗାର ଜବତ କରିଥିଲେ। ତେବେ କୋଲକାତାରୁ ସମ୍ବଲପୁର ଦେଇ ବରଗଡ଼କୁ ସେହି ବ୍ରାଉନ ସୁଗାର ଆସିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ମାମଲା ରହିଥିବା ଏସ୍‌ଡ଼ିପିଓ ତ୍ରିପାଠୀ ସୂଚନା ଦେଇଥିଲେ।

## କଫ ସିରପ୍ ଜବତ, ୨ ଗିରଫ

**ବରଗଡ଼/ପଦ୍ମପୁର,୧୩।୩ (ପ୍ରେମାନନ୍ଦ ଖମାରୀ/ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ପୋଲିସ ଶୁକ୍ରବାର କଫ୍ ସିରପ୍ କାରବାର ଉପରେ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଗଦଲପୁର ଥାନା ଚନ୍ଦନଭାଟି ଗ୍ରାମର ତୋଷମଣି ସେଠ(୨୮) ଏବଂ ବେଣୁଧର ବାରିକ(୩୦)। ସେମାନଙ୍କ ପାଖରୁ ପ୍ଲାଷ୍ଟିକ ଜାରକିନ୍‌ରେ ଭର୍ତ୍ତି ୧୦ଲିଟର ଅପମିଶ୍ରିତ କଫ୍ ସିରପ୍, ୬୪ ବୋତଲ କଫ୍ ସିରପ୍, ୩ ଷ୍ଟ୍ରିପ୍ ନାଇଟ୍ରୋଶନ ନିଶା ବଟିକା, ଗୋଟିଏ ବାଇକ୍ (ନଂ.ସିଜି୦୬ ଜିକେ ୫୫୭୨), ନଗଦ ୩୭୧ ଟଙ୍କା ଏବଂ ୩ଟି ମୋବାଇଲ ଜବତ ହୋଇଛି। ଏ ନେଇ ଜଗଦଲପୁର ଥାନାରେ ଏକ ମାମଲା (ନଂ.୪୩/୨୬) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତମାନେ ଦିନ ପ୍ରାୟ ୧୦ଟା ୩୦ମିନିଟ୍‌ରେ ଜଗଦଲପୁର ଥାନା ସୁକୁଲିପାହାରରେ କଫ୍ ସିରପ୍ ବିକ୍ରି କରୁଥିଲେ। ଏ ନେଇ ସୂଚନା ପାଇ ପୋଲିସ ସେଠାରେ ଅତର୍କିତ ଚଢ଼ାଉ କରିଥିଲା ଏବଂ କଫ୍ ସିରପ୍ ଜବତ ସହିତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଶନିବାର ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ଅଧ୍ୟାପିକା ଡ. ମନ୍ଦାକିନୀଙ୍କୁ ଗୋପବନ୍ଧୁ ଶିକ୍ଷା ରତ୍ନ ସମ୍ମାନ


ଗୋପବନ୍ଧୁ ଶିକ୍ଷା ରତ୍ନରେ କବୟିତ୍ରୀଙ୍କୁ ସମ୍ମାନିତ କରାଯାଉଛି।

**ପଦ୍ମପୁର,୧୩।୩(ପ୍ରଦୀପ୍ତ ଦାଶ )**

କୈବଲ୍ୟ ସାହିତ୍ୟ ସଂସଦ ଓଡ଼ିଶା ଆନୁକୂଲ୍ୟରେ ଜାତୀୟ ଶିକ୍ଷା ନୀତି ସମୀକ୍ଷା ସମ୍ମିଳନୀ ୨୦୨୬ କଟକ ସ୍ଥିତ ସାରଳା ଭବନଠାରେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡ.ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କଟକ ମେୟର ସୁବାସ ସିଂ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଲୋଚନା ଚକ୍ରଟି ୪ଟି ସୋପାନରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଓଡ଼ିଶାର ପ୍ରତ୍ୟେକ ଜିଲାରୁ ଶିକ୍ଷାବିତଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କ୍ରମରେ ବରଗଡ଼ ଜିଲା ପଦ୍ମପୁରର ବିଶିଷ୍ଟ ସାହିତ୍ୟିକା ଅଧ୍ୟାପିକା ଡ. ମନ୍ଦାକିନୀ ପାଢ଼ୀଙ୍କୁ "ଗୋପବନ୍ଧୁ ଶିକ୍ଷା ରତ୍ନ ସମ୍ମାନ"ରେ ସମ୍ମାନିତ କରାଯାଇଥିଲା। ଡ.ପାଢ଼ୀଙ୍କ ଏହି ସଫଳତାରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଅନେକ ଶୁଭେଚ୍ଛୁ ଓ ବୁଦ୍ଧିଜୀବୀ ଡ. ପାଢ଼ୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ଗ୍ୟାସ୍ ଦୋକାନରେ ଲୋକମାନେ ଲାଇନରେ ଅଛନ୍ତି ।

## ଦୋକାନରେ ଲମ୍ବା ଲାଇନ ସତ୍ତ୍ୱେ ମିଳୁନି ଗ୍ୟାସ୍

**ପଦ୍ମପୁର୧୩।୩(ପ୍ରଦୀପ୍ତ ଦାଶ)**

ପଦ୍ମପୁରରେ ଗ୍ୟାସ ଅଭାବକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବୁକିଂ କରି ଦୀର୍ଘ ଦିନ ଧରି ଗ୍ୟାସ ମିଳୁ ନ ଥିବା ଏବଂ ହୋମ ଡେଲିଭରି ଠିକ ଭାବରେ ହେଉ ନ ଥିବାରୁ ଲୋକେ ସମସ୍ୟା ଭୋଗୁଛନ୍ତି। ଏହାର ଫାଇଦା କଳାବଜାରୀମାନେ ଉଠାଉଛନ୍ତି। ଏବେ ଗ୍ୟାସ ସିଲିଣ୍ଡର ୧୬୦୦/୧୮୦୦ ରେ କଳାବଜାରରେ ବିକ୍ରି ହେଉଛି । ଶୁକ୍ରବାର ସକାଳେ ଗ୍ୟାସ ପ୍ରଦାନକାରୀ ସଂସ୍ଥାର ଅଫିସ ଆଗରେ ଉପଭୋକ୍ତାମାନେ ସିଲିଣ୍ଡର ଧରି ଲମ୍ବା ଲାଇନରେ ଛିଡା ହୋଇଥିବା ଦେଖିବାକୁ ମିଳିଛି। ସେହିପରି କଳାବଜାରୀ ରୋକିବା ସହିତ ଯେଉଁମାନେ ସିଲିଣ୍ଡର ମହଜୁଦ ରଖିଛନ୍ତି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜନସାଧାରଣରେ ଦାବି ହେଉଛି।

## ରବି ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ ଆରମ୍ଭରୁ ଅସନ୍ତୋଷ

- ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ
- ଅବଧି ବୃଦ୍ଧି ଦାବି କଲେ ଚାଷୀ

**ଅତାବିରା,୧୩।୩(ଯୁଧିଷ୍ଠିର ମହାପାତ୍ର)**

ସରକାର ଖରିଫ ଧାନ କିଣା ସାରି ନ ଥିବା ବେଳେ ଗତ ମଙ୍ଗଳବାରରୁ ରବି ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଏଥିପାଇଁ ରହିଥିବା ଅବଧିକୁ ନେଇ ଆରମ୍ଭରୁ ବରଗଡ ଜିଲା ଅତାବିରାରେ ଚାଷୀ ଅସନ୍ତୋଷ ଦେଖାଯାଇଛି। ପଞ୍ଜୀକରଣ ଅବଧିକୁ ଏକ ମାସ ଯାଏଁ ବୃଦ୍ଧି କରିବା ପାଇଁ ଶୁକ୍ରବାର ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ପକ୍ଷରୁ ଅତାବିରା ତହସିଲଦାର କେ. ଟିଟୀ କୁମାରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, ସରକାରୀ ବିଜ୍ଞପ୍ତି ଅନୁଯାୟୀ ପଞ୍ଜୀକରଣ ପାଇଁ ଚଳିତ ମାସ ୧୦ତାରିଖରୁ ୨୦ତାରିଖ ପର୍ଯ୍ୟନ୍ତ ପ୍ରାଥମିକ କୃଷି ସମବାୟ ସମିତିର ଉର୍ଦ୍ଦିଷ୍ଟ ଆବେଦନ ଫର୍ମ ବଣ୍ଟନ ଅବଧି ରହିଛି। ସେହିପରି ଆସନ୍ତା ୨୨ତାରିଖ ସୁଦ୍ଧା ଆବଶ୍ୟକ କାଗଜପତ୍ର ଦାଖଲ ସହିତ ଆବେଦନ ଫର୍ମ ଜମା ଏବଂ ଆବେଦନ ଫର୍ମର ଡିଜିଟାଇଜେଶନ ଅବଧି ରହିଛି। ଏହାପରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆବେଦନ ଫର୍ମ ଗୁଡ଼ିକର ଯାଞ୍ଚ ପରେ ପଞ୍ଜୀକୃତ ଚାଷୀଙ୍କ ଚୂଡ଼ାନ୍ତ ତାଲିକା ଜେନେରେଶନ ହେବ। ତେବେ ଜିଲାର ଚାଷୀମାନେ ଆବଶ୍ୟକ କାଗଜପତ୍ର ଦାଖଲ ସତ୍ତ୍ୱେ ଏପର୍ଯ୍ୟନ୍ତ ଗତ ଖରିଫ ଧାନ କିଣାବିକା ପାଇଁ ପଞ୍ଜୀକୃତ ହୋଇ ପାରିନାହାନ୍ତି। ଫଳରେ ଅମଳ ଧାନ ବିକ୍ରି କରି ପାରି ନ ଥିବାବେଳେ ସ୍ୱଳ୍ପ ଅବଧିରେ ରବି ଧାନ ପାଇଁ ପଞ୍ଜୀକରଣ କରିବା ସମ୍ଭବ ନୁହେଁ ବୋଲି ଚାଷୀ ସଙ୍ଗଠନ ଅଭିଯୋଗ କରି ପଞ୍ଜୀକରଣ ପ୍ରକ୍ରିୟାକୁ ଏକ ମାସ ବୃଦ୍ଧି କରିବାକୁ ଦାବି କରିଛନ୍ତି। ଏହାସହ ପଞ୍ଜୀକରଣ ଯାନ୍ତ୍ରିକ ବ୍ୟବସ୍ଥା ଅଧିକ ବଢ଼ାଯାଇ ଶୀଘ୍ର ପଞ୍ଜିକରଣ କରାଯିବା, ନବୀକରଣରେ କୌଣସି କାଗଜପତ୍ର ମଗାନଯାଇ ପୂର୍ବପରି ଅନଲାଇନ କରି ନବୀକରଣ କରାଯିବା, ଗତ ଖରିଫ ଋତୁର ବଂଶାବଳୀ ଓ ସହମତି ପତ୍ର ଆଧାରରେ ପଞ୍ଜିକରଣ କରିବା, ପଞ୍ଜିକରଣକୁ ସରଳୀକରଣ କରି ଅଯଥା କାଗଜପତ୍ର ବାହାନାରେ ଚାଷୀଙ୍କୁ ହଇରାଣ କରା ନ ଯାଇ ଅତ୍ୟାଧୁନିକ ଜ୍ଞାନ କୌଶଳ ବ୍ୟବହାର କରି ଶୀଘ୍ର ପଞ୍ଜିକରଣର ବ୍ୟବସ୍ଥା କରାଯିବା, ଭାଗଚାଷୀଙ୍କ ପଞ୍ଜିକରଣ ପୂର୍ବ ବର୍ଷ ଭଳି ଯେପରି ହେଉଥିଲା ସେହିଭଳି କରାଯାଇ ଏବଂ କୌଣସି ଚାଷୀ ଯେମିତି ପଞ୍ଜିକରଣରୁ ବାଦ ପଡିବେ ନାହିଁ ତାକୁ ଦୃଷ୍ଟିରେ ରଖି ଶୀଘ୍ର ପଞ୍ଜିକରଣ କରାଯିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବି ନେଇ ତହସିଲଦାରଙ୍କୁ ଭେଟିବା ସମୟରେ ଅତାବିରା ସ୍ଥିତ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନର ସଭାପତି ବିରେନ୍ଦ୍ର କର, କାର୍ଯ୍ୟକାରୀ ସଭାପତି ଟିକେଲାଲ ମିଶ୍ର, ସୁବାସ ବିଶ୍ୱାଳ, ଅମୂଲ୍ୟ ସ୍ୱାଇଁ, ସମୀର ପ୍ରଧାନଙ୍କ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ ।


ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ସମର୍ଥନ ମିଳୁଛି, ସମାଧାନ ହେଉନି

### ଧାନବିକ୍ରି ଦାବିରେ ଚାଷୀଙ୍କ ଆନ୍ଦୋଳନ ଘଟଣା

**ବରଗଡ଼,୧୩।୩(ପ୍ରେମାନନ୍ଦ ଖମାରୀ)**

ଧାନବିକ୍ରି ଦାବିରେ ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାନ ଗଦା କରି ଚାଲିଥିବା ଚାଷୀଙ୍କ ଆନ୍ଦୋଳନ ଶୁକ୍ରବାର ପଞ୍ଚମ ଦିନରେ ପହଞ୍ଚିଛି। ହେଲେ ସେମାନଙ୍କ ଧାନକ୍ରୟ ନେଇ ଏପର୍ଯ୍ୟନ୍ତ ଚାଷୀମାନଙ୍କୁ ଠୋସ୍ ପ୍ରତିଶ୍ରୁତି ମିଳିପାରିନାହିଁ। ଫଳରେ ଚାଷୀମାନେ ଆନ୍ଦୋଳନରେ ଅଟଳ ରହିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରୋଷେଇ କରି ଚାଷୀମାନେ ରାତ୍ରିଯାପନ ମଧ୍ୟ କରୁଛନ୍ତି। ସେମାନଙ୍କ ଧାନବିକ୍ରି ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ସହରାଟିକ୍ରା ଧାନକ୍ରୟ କେନ୍ଦ୍ର ଉପରେ ନିର୍ଭରଶୀଳ ବିଭିନ୍ନ ଗ୍ରାମର ଚାଷୀଙ୍କ ସମେତ ଜିଲାର ଅନ୍ୟ କେତେକ ଅଞ୍ଚଳର ଚାଷୀମାନଙ୍କୁ ଏପର୍ଯ୍ୟନ୍ତ ଗତ ଖରିଫ୍ ଧାନବିକ୍ରି ପାଇଁ ପଞ୍ଜୀକୃତ କରାଯାଇନାହିଁ। ଜିଲା ପ୍ରଶାସନ ଏବଂ ସ୍ଥାନୀୟ ବିଧାୟକ, ସାଂସଦଙ୍କୁ ଅବଗତ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ସହରାଟିକ୍ରା ଧାନକ୍ରୟ କେନ୍ଦ୍ର ଉପରେ ନିର୍ଭରଶୀଳ ଚାଷୀମାନେ ବାଇକ୍ ଯୋଗେ ଧାନ ଆଣି ଜିଲାପାଳଙ୍କ କାର୍ଯ୍ୟାଳୟରେ ଗଦା କରିଥିଲେ। ତେବେ ପୋଲିସ ସେମାନଙ୍କୁ ସେଠାରୁ ଉଠାଇ ନେବା ସହିତ ଧାନକୁ ମଧ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟ ବାହାରେ ରଖିଦେଇଥିଲା। ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ସେହି ଧାନ ଗଦା କରି ଚାଷୀମାନେ ଦିନରାତି ଧାରଣାରେ ବସିଛନ୍ତି।


ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଧାରଣା।

ଏହା ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଗଦା କରିଥିବା ୧୫ ପ୍ୟାକେଟ୍ ଧାନ ରାତାରାତି ଗାଏବ ହୋଇଯିବାରୁ ସମ୍ପୃକ୍ତ ଚାଷୀମାନେ ଥାନାରେ ଲିଖିତ ଏତଲା ଦେଇ ଥିବାବେଳେ ଚାଷୀଙ୍କ ଏହି ଆନ୍ଦୋଳନକୁ ବିଭିନ୍ନ ସଙ୍ଗଠନ ସମର୍ଥନ କରୁଛନ୍ତି। ପୂର୍ବରୁ ବିଜେଡ଼ି, ଆମ୍ ଆଦମୀ ପାର୍ଟି, ସମ୍ବିଧାନ ସୁରକ୍ଷା ଆନ୍ଦୋଳନକୁ ସମର୍ଥନ କରି ଧାରଣାରେ ସାମିଲ ହୋଇଥିବାବେଳେ ଶୁକ୍ରବାର କଂଗ୍ରେସ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲା। ଜିଲା କଂଗ୍ରେସ ସଭାପତି ହରଦୀପ ସିଂଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଧାରଣାରେ ସାମିଲ ହୋଇଥିଲେ। ଏହାସହିତ ଜିଲାର ବିଭନ୍ନ ଚାଷୀ ସଙ୍ଗଠନ ମଧ୍ୟ ଆନ୍ଦୋଳନକୁ ସମର୍ଥନ ଜଣାଇ ଧାରଣାରେ ସାମିଲ ହେଉଛନ୍ତି। ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ଗାଇସିଲେଟର ସଭାପତି ଅରବିନ୍ଦ ପଣ୍ଡା, ଆନନ୍ଦ ପ୍ରଧାନ, ସରୋଜ ସାହୁ, ପ୍ରସନ୍ନ କୁମାର, ବିଜେପୁର କୃଷକ ସଙ୍ଗଠନର ସଭାପତି ସୁବାସ ପ୍ରଧାନ, ଭେଡ଼େନ କୃଷକ ସଙ୍ଗଠନର ସୁଦାମ ପାତ୍ର, ବିକାଶ ମାଝି, ରବିଶଙ୍କର ପ୍ରଧାନ ପ୍ରମୁଖ ଶୁକ୍ରବାର ଧାରଣାରେ ସାମିଲ ହୋଇଥିଲେ। ସେହିପରି ଗୁରୁବାର ରାଜବୋଡ଼ାସମ୍ବର କୃଷକ ସଙ୍ଗଠନର ଆଇନ ପରାମର୍ଶଦାତା ଅଜିତ ଶତପଥୀ, ସୁବାସ ସାମନ୍ତରାୟ, ପ୍ରକାଶ ଦାଶ, କାହ୍ନୁ ଚରଣ ମେହେର, ଲିଙ୍ଗରାଜ ପ୍ରଧାନ ପ୍ରମୁଖ ଧାରଣାସ୍ଥଳକୁ ପହଞ୍ଚି ସମର୍ଥନ ଜଣାଇଥିଲେ।

## ସଂକ୍ଷେପରେ

### ଷ୍ଟେଶନ ପରିସରରୁ ବୃଦ୍ଧଙ୍କ ମୃତଦେହ ଜବତ

ରାଉରକେଲା,୧୩।୩(ଦିନେଶ ମିଶ୍ର)

ରାଉରକେଲା ରେଳ ଷ୍ଟେଶନ ପରିସରରୁ ଜିଆର୍‌ପି ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହକୁ ଶୁକ୍ରବାର ଉଦ୍ଧାର କରିଛି। ମୃତକଙ୍କ ବୟସ ପାଖାପାଖି ୬୨ରୁ ୬୫ ବର୍ଷ ହେବ ବୋଲି ପୋଲିସ ଅନୁମାନ କରିଛି। ରିପୋର୍ଟ ଲେଖିବା ପର୍ଯ୍ୟନ୍ତ (ରାତି ୯ଟା) ବୃଦ୍ଧଙ୍କ ପରିଚୟ ମିଳିନାହିଁ। ଏ ନେଇ ଜିଆରପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୬) ରୁଜୁ କରି ମୃତଦେହକୁ ଆର୍‌ଜିଏଚ୍ ମର୍ଗ ହାଉସ୍‌ରେ ରଖି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ରାଉରକେଲା ରେଳ ଷ୍ଟେଶନ ପ୍ଲାଟଫର୍ମ ନଂ-୫ରେ ଜଣେ ବୃଦ୍ଧଙ୍କ ମୃତଦେହ ପଡିଥିବା ଦେଖି କିଛି ଯାତ୍ରୀ ଶୁକ୍ରବାର ଜିଆର୍‌ପି ପୋଲିସକୁ ସୂଚନା ଦେଇଥିଲେ। ଜିଆରପି ପୋଲିସ ଘଟଣାସ୍ଥଳରୁ ମୃତଦେହକୁ ଉଦ୍ଧାର କରିଥିଲା।

# ଚଢାଉ ହେଉନି, ଅମାନିଆ ବ୍ୟବସାୟୀ

### ରାଉରକେଲା ସହରରେ ବଢୁଛି ପଲିଥିନ ବ୍ୟବହାର

ରାଉରକେଲା,୧୩।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ସିଙ୍ଗଲ ୟୁଜ୍ ପଲିଥିନ ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଏହା ସ୍ଥାନୀୟ ପରିବେଶ ପାଇଁ ଘାତକ ସାବ୍ୟସ୍ତ ହେଉଛି। ସଚେତନତା ଏବଂ ସରକାରୀ ସ୍ତରରେ ଦୃଢ କାର୍ଯ୍ୟାନୁଷ୍ଠାନ ଅଭାବ ଯୋଗୁ ସହରରେ ଏହାର ବ୍ୟବହାର ବଢୁଥିବା ଆଲୋଚନା ହେଉଛି।

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୦୮ରୁ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ରୋକିବା ପାଇଁ ଆଇନଗତ କଟକଣା ସହିତ ବ୍ୟାପକ ସଚେତନା ଅଭିଯାନ କରାଯାଉଛି। ଏଥିସହ ୨୦୨୨ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ଏବଂ ପଲିଥିନ ସମ୍ପୂର୍ଣ୍ଣ ବ୍ୟାନ



ରାଉରକେଲା ସହରରେ କୁଢ କୁଢ ପଲିଥିନ ଗଦା ହୋଇଛି।

ହୋଇଛି। ଏହାସତ୍ତ୍ୱେ ସହରର ପ୍ରାୟ ହୋଟେଲ, ରେଷ୍ଟୁରାଣ୍ଟ, ଆମିଷ ବଜାର, ମିଷ୍ଟାନ୍ନ ଦୋକାନ, ବିଭିନ୍ନ ମଲ୍, ପରିବା ବଜାର ଏବଂ ଗ୍ରୋସରୀ ଦୋକାନରେ ପଲିଥିନ ଖୁଲମଖୁଲା ବ୍ୟବହାର ହେଉଛି। ସହରରେ ଏଭଳି ଉପାଦାନ ନଷ୍ଟ ପାଇଁ ପୋଡା ଯାଉଥିବା ବେଳେ ଧୂଆଁରେ ସହରର ବାୟୁମଣ୍ଡଳ ପ୍ରଦୂଷିତ ହେଉଛି। ରାଉରକେଲାରେ ପଲିଥିନ ଉଦ୍ୟୋଗ ନ ଥିବାବେଳେ ଏହା ଛତିଶଗଡ, ରାୟପୁର ଆଦି ଅଞ୍ଚଳରୁ ଏଠାକୁ ଆସୁଥିବା ପରିବେଶ ବିଭାଗ ସୂତ୍ରରୁ ଜଣାପଡିଛି। ଏଥିସହ ପ୍ରାୟ ସବୁ ପଲିଥିନ ପ୍ୟାକେଟ ଚାଇନା ମେଡ୍ ରହିଛି। ଆର୍‌ଏମ୍‌ସି ପକ୍ଷରୁ ଦୈନିକ ୧୫୦ ଏମ୍‌ଟି ଆବର୍ଜନା ସଲିଡ ୱେଷ୍ଟ ପୁନଃଚକ୍ରଣରେ ବିଶୋଧନ ହେଉଛି। ଦୈନିକ ୩୩ ସିୟୁଏମ୍ ସଲିଡ ୱେଷ୍ଟରୁ ୬୭ ସିୟୁଏମ ସଲିଡ ୱେଷ୍ଟ ପୁନଃଚକ୍ରଣ ହୋଇ କମ୍ପୋଷ୍ଟ ଉତ୍ପାଦନ ହେଉଛି। ମାତ୍ର ଏଭଳି କ୍ଷତିକାରକ ଉପାଦାନ ବ୍ୟବହାରରେ ଅଙ୍କୁଶ ଲଗାଯାଇପାରୁ ନ ଥିବା ଅଭିଯୋଗ ହେଉଛି। ଏଣୁ ଏ ଦିଗରେ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

ଏ ନେଇ ରାଉରକେଲା ଆଞ୍ଚଳିକ ପ୍ରଦୂଷଣ ବିଭାଗୀୟ ମୁଖ୍ୟ ଅଧିକାରୀ ଅନୁପ ମଲ୍ଲିକଙ୍କୁ ପଚାରିବାରୁ ସେ କହିଲେ, ଆର୍‌ଏମ୍‌ସି ସହଯୋଗରେ ସହରର ବିଭିନ୍ନ ସ୍ଥାନରେ ରିସାଇକ୍ଲିଂ ହୋଇପାରୁ ନ ଥିବା ଏକ୍ସଜିନ କିସମ ପତଳା ପଲିଥିନ ଓ ପ୍ଲାଷ୍ଟିକ ରଖୁଥିବା ଦୋକାନ ଉପରେ ୧୧ମାସ ମଧ୍ୟରେ ୫ ଥର ଚଢାଉ ହୋଇଛି। ଆଗକୁ ପରିବେଶ ଓ ବାୟୁମଣ୍ଡଳ ପାଇଁ ଘାତକ ସାଜୁଥିବା ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ଉପରେ ଅଙ୍କୁଶ ଲଗାଇବା ପାଇଁ ବ୍ୟାପକ ଚଢାଉ କରାଯିବ ବୋଲି ମଲ୍ଲିକ କହିଥିଲେ।

# ଏଆଇଏସ୍‌ଏମ୍‌ଓସିରେ ଆଇଜିଏଚ୍ ଡାକ୍ତରଙ୍କ ପ୍ରଭାବଶାଳୀ ପ୍ରଦର୍ଶନ



ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ଡାକ୍ତର।

ରାଉରକେଲା,୧୩।୩(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଅଧୀନ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ୍)ର ଡାକ୍ତରମାନେ ଦୁର୍ଗାପୁରରେ ଅନୁଷ୍ଠିତ ୪୫ତମ ଅଲ୍ ଇଣ୍ଡିଆ ଷ୍ଟିଲ୍ ମେଡିକାଲ୍ ଅଫିସର ସମ୍ମିଳନୀ (ଏଆଇଏସ୍‌ଏମ୍‌ଓସି)-୨୦୨୬ରେ ପ୍ରଭାବଶାଳୀ ପ୍ରଦର୍ଶନ ସହିତ ସଙ୍ଗଠନ ପାଇଁ ଗୌରବ ଆଣିଛନ୍ତି। ଏମ୍‌ବିବିଏସ୍ ପୋଷ୍ଟର ଉପସ୍ଥାପନାରେ ଡକ୍ଟର ରାଜଶ୍ରୀ ଦାସ ପ୍ରଥମ ପୁରସ୍କାର ହାସଲ କରିଥିବାବେଳେ ଡକ୍ଟର ପି. ଜେ. ରାୟ ଦ୍ୱିତୀୟ ପୁରସ୍କାର ପାଇଛନ୍ତି। ସେହିପରି ଡିଏନ୍‌ବି ପୋଷ୍ଟର ଉପସ୍ଥାପନା ବର୍ଗରେ ଡକ୍ଟର ନୀଳକଣ୍ଠ ସାହୁ ଦ୍ୱିତୀୟ ପୁରସ୍କାର ହାସଲ କରିଥିଲେ। ସୂଚନାଯୋଗ୍ୟ, ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡକ୍ଟର ଜୟନ୍ତ କୁମାର ଆଚାର୍ଯ୍ୟ ଆଇଜିଏଚ୍ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେଇଥିଲେ। ଏହି ଦଳ ସମ୍ମିଳନୀର ବିଭିନ୍ନ ବୈଜ୍ଞାନିକ ଅଧିବେଶନରେ ସକ୍ରିୟ ଅଂଶଗ୍ରହଣ କରିବା ସହ ପ୍ରଶଂସନୀୟ ଶିକ୍ଷାଗତ ଉପସ୍ଥାପନା ପ୍ରଦାନ କରିଥିଲେ। ଡକ୍ଟର ଦେବାଶିଷ ରାୟ ଏବଂ ଡକ୍ଟର ମାୟା ବୋଷ ମଧ୍ୟ ସମ୍ମାନ ଏବଂ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିବା ସହ ମୂଲ୍ୟବାନ ଶୈକ୍ଷିକ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ। ଦଳର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ଡା. ସି. କେ. କାସି, ଡା. ନବନୀଲ ରାୟ, ଡା. ନେହା ଦାଶ, ଡା. ବିବେକାନନ୍ଦ ସିଂହ ଏବଂ ଡା. ବାସୁଦେବ ଜେନା ସାମିଲ ଥିଲେ। ଡାକ୍ତରମାନଙ୍କ ଏହି ସଫଳତା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଶୈକ୍ଷିକ ଉତ୍କର୍ଷତା ଏବଂ ବୃତ୍ତିଗତ ବିକାଶ ଉପରେ ଆଇଜିଏଚ୍‌ର ନିରନ୍ତର ଧ୍ୟାନକୁ ପ୍ରତିଫଳିତ କରିଛି।

# ମହିଳା ସଫେଇ କର୍ମୀ ସମ୍ବର୍ଦ୍ଧିତ

ରାଉରକେଲା,୧୩।୩(ଦିନେଶ ମିଶ୍ର)

ରାଉରକେଲା ମହାନଗର ନିଗମ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ସ୍ଥାନୀୟ ଉଦିତନଗରସ୍ଥିତ ମହାନଗର ନିଗମ ପାଠାଗାରରେ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଆର୍‌ଏମ୍‌ସି ତରଫରୁ ସହରର ସ୍ୱଚ୍ଛ କର୍ମୀ, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପରିମଳ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଶ୍ରେଷ୍ଠ ମହିଳା କର୍ମଚାରୀଙ୍କୁ ପ୍ରୋତ୍ସାହନ ରାଶି ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ଅନୀତା ନାଏକ ଉପସ୍ଥିତ ରହି ଶ୍ରେଷ୍ଠ ମହିଳାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତଙ୍କର କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଁ ଏକ କର୍ମଶାଳା କରାଯାଇଥିଲା। ଏଥିରେ ବର୍ଜ୍ୟବସ୍ତୁ ପୃଥକୀକରଣ, ପୁନଃ ବ୍ୟବହାର ଯୋଗ୍ୟ ବର୍ଜ୍ୟବସ୍ତୁ, ପୁନଃଚକ୍ରଣ ଯୁକ୍ତ ବର୍ଜ୍ୟବସ୍ତୁ, ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ଉପରେ ଅବଗତ କରାଯାଇଥିଲା। ସେହିପରି ରାଉରକେଲା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିକ୍ଷୋଭ କଲେ କଂଗ୍ରେସ କର୍ମୀ




ରାଉରକେଲା ଏଡିଏମ୍ ଅଫିସ ଆଗରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାଉରକେଲା,୧୩।୩(ଦିନେଶ ମିଶ୍ର)

### ରନ୍ଧନ ଗ୍ୟାସ ଦରବୃଦ୍ଧିର ପ୍ରତିବାଦ

ରନ୍ଧନ ଗ୍ୟାସ ଦରବୃଦ୍ଧିକୁ ନେଇ ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରନ୍ଧନ ଗ୍ୟାସର ମୂଲ୍ୟବୃଦ୍ଧି ତଥା ଗ୍ୟାସ ବିତରଣରେ ବ୍ୟାପକ ଅବ୍ୟବସ୍ଥା ଯୋଗୁ ହିତାଧିକାରୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ରାଉରକେଲା ଜିଲା କଂଗ୍ରେସ ସଭାପତି ସବୀର ହୁସେନଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଏହାକୁ ବିରୋଧ କରିଥିଲେ। ଏଥିସହ ଏଲ୍‌ପିଜିର ମୂଲ୍ୟବୃଦ୍ଧି ପ୍ରତ୍ୟାହାର କରିବା ସହିତ ପ୍ରଶାସନ ବିତରଣ ପ୍ରଣାଳୀରେ ଥିବା ଅବ୍ୟବସ୍ଥା ସମାଧାନ କରିବାକୁ ସେମାନେ ଦାବି କରିଥିଲେ। ବିକ୍ଷୋଭରେ ବି.ଏନ୍. ପଟ୍ଟନାୟକ, ରଶ୍ମିରଞ୍ଜନ ପାଢ଼ୀ, ମନୋଜ ପାଣିଗ୍ରାହୀ, ଝରଣା ତ୍ରିପାଠୀ, ବ୍ରଜବନ୍ଧୁ ତ୍ରିପାଠୀ, ସୁନିଲ ସିଂ, ପ୍ରଦୀପ ସେଠୀ, ମହମ୍ମଦ ଗୁଲାମ, ଭିକି ଯାଦବ ପ୍ରମୁଖ ସାମିଲ ହୋଇଥିଲେ।

# ୨୮ରେ ସିଆଇଟିୟୁର ବିକ୍ଷୋଭ

ରାଉରକେଲା,୧୩।୩(ଦିନେଶ ମିଶ୍ର):

ରାଉରକେଲା ଶ୍ରମିକ ଭବନ ପରିସରରେ ଶୁକ୍ରବାର ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମହାନ୍ତି କହିଥିଲେ, ଚଳିତ ଆର୍ଥିକ ବର୍ଷରେ ୧ଲକ୍ଷ ୧୦ ହଜାର କୋଟି ଟଙ୍କାର ଆର୍ଥିକ କାରବାର ସତ୍ତ୍ୱେ ଦୀର୍ଘ ୧୦ ବର୍ଷ ପରେ ମଧ୍ୟ ଏନ୍‌ଜେସିଏସ୍ ଚୁକ୍ତିନାମା ହୋଇପାରିଲାନାହିଁ। ଶ୍ରମିକମାନଙ୍କୁ ୩୯ ମାସର ଏରିଅର ପ୍ରଦାନ କରାଗଲାନାହିଁ। ତ୍ରୁଟିପୂର୍ଣ୍ଣ ବୋନସ ଚୁକ୍ତିନାମା କରାଗଲା। ୟକ୍ୟାଣ୍ଟିନ୍ ଓ ଶିକ୍ଷା ବ୍ୟବସ୍ଥା ଘରୋଇକରଣ ହେଲା। ଏହି ଆଧାରରେ ସେଲ୍ ପେନସନ ପ୍ରତ୍ୟାହାର ପରେ ଏବେ ସିଆଇଟିୟୁର ବିରୋଧ ସତ୍ତ୍ୱେ ଗତ ଫେବୃଆରୀ ୨ ତାରିଖରେ ଏସ୍‌ଏଲଏବିଏଫ୍ ବୈଠକରେ ସମସ୍ତ ୟୁନିୟନ ଓ କର୍ତ୍ତୃପକ୍ଷ ଏସ୍‌ଏଏସ୍‌ବିଏଫ୍‌ଆଇ ଫଣ୍ଡକୁ ଭଙ୍ଗକରି ସମସ୍ତ ଅର୍ଥକୁ ଏନ୍‌ପିଏସ୍‌ରେ ଜମା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ବିରୋଧରେ ଏସ୍‌ଡବ୍ଲ୍ୟୁଏଫ୍‌ଆଇ ସଭାପତି ତପନ ସେନ୍‌ଙ୍କ ସଭାପତିତ୍ୱରେ ଜରୁରୀ କାର୍ଯ୍ୟକାରୀ କମିଟି ବୈଠକରେ ସମସ୍ତ ଇସ୍ପାତ କାରଖାନା ନେତୃତ୍ୱରେ ମାର୍ଚ୍ଚ ୨୮ ତାରିଖରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କ୍ରମରେ ରାଉରକେଲାରେ ଆନ୍ଦୋଳନ କରିବା ପାଇଁ ମହାନ୍ତି ଆହ୍ୱାନ ଦେଇଥିଲେ। ବୈଠକରେ ସାଧାରଣ ସମ୍ପାଦକ ବସନ୍ତ ନାୟକ, ଜୀବନ ବରିହା, ବିମାନ ମାଇତି, ପ୍ରଦୀପ ସେଠୀ, ରତ୍ନାକର ନାୟକ, ଯଜ୍ଞେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସାଇବର ଠକେଇ, ୨ ଗିରଫ



ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ।

ରାଉରକେଲା,୧୩।୩(ଦିନେଶ ମିଶ୍ର)

### ବ୍ୟାଙ୍କ ପାସ୍‌ବୁକ ଓ ମୋବାଇଲ ଜବତ

ରାଉରକେଲା ସହରରେ ବିଭିନ୍ନ ଲୋକଙ୍କୁ ସାଇବର ଠକେଇ ଅଭିଯୋଗରେ ଝିରପାଣି ପୋଲିସ ୨ ଜଣଙ୍କୁ ଶୁକ୍ରବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବନ୍ଧମୁଣ୍ଡା ଅଞ୍ଚଳର ଗଣେଶ ତିର୍କୀ(୩୭) ଓ ଜଗଦା ଅଞ୍ଚଳର ଆଶୁତୋଷ କୁଜୁର(୩୯)। ଉଭୟଙ୍କଠାରୁ ୩ଟି ଡେବିଟ୍ କାର୍ଡ, ୩ଟି ପ୍ୟାନ କାର୍ଡ, ୨୫ଟି ବିଭିନ୍ନ ବ୍ୟାଙ୍କର ଏକାଉଣ୍ଟ ଏବଂ ୩ଟି ମୋବାଇଲ ଜବତ ହୋଇଛି। ଏ ନେଇ ଝିରପାଣି ପୋଲିସ ଏକ ମାମଲା (ନଂ.୪୪/୨୬) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଝିରପାଣି ଥାନାରେ ରାଉରକେଲା ଡିଏସ୍‌ପି ଯୋଗେଶ ପଣ୍ଡା ଏ ନେଇ ସୂଚନା ପ୍ରଦାନ କରିଛନ୍ତି।

ଡିଏସ୍‌ପି ପଣ୍ଡା କହିଥିଲେ, ଗଣେଶ ଓ ଆଶୁତୋଷ ଲୋକଙ୍କୁ ତାଙ୍କ ପାଖରେ ଟଙ୍କା ବିନିଯୋଗ କଲେ ଡବଲ ହୋଇଯିବା, ଅନ୍ ଲାଇନ୍‌ରେ ପାର୍ଟ୍ ଟାଇମ୍ ନିଯୁକ୍ତି ପ୍ରଦାନ କରେଇଦେବା ଭଳି ପ୍ରଲୋଭନ ଦେଖାଇ ଠକୁଥିଲେ। ପୋଲିସ ଏ ନେଇ ବିଶେଷ ସୂତ୍ରରୁ ଖବର ପାଇ ୨ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଯାଞ୍ଚ କରିଥିଲା। ଯାଞ୍ଚବେଳେ ସେମାନଙ୍କର ଏକାଧିକ ବ୍ୟାଙ୍କରେ ଆକାଉଣ୍ଟ ଥିବା ଏବଂ ସେମାନେ ଠକେଇ କରିଥିବା ଜଣାପଡିବା ପରେ ପୋଲିସ ଉଭୟଙ୍କୁ ଗିରଫ କରିଥିଲା।

# ଷ୍ଟିଲ ସିଟିରେ କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ସମାବେଶ

ରାଉରକେଲା,୧୩।୩(ବିପ୍ଳବ ରଞ୍ଜନ ଦାଶ)




ସମାବେଶରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ରାଉରକେଲା ସହର ମଧୁସୂଦନ ମାର୍ଗସ୍ଥିତ ଏକ ହୋଟେଲରେ ଗୁରୁବାର ଓଡିଶା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସଂଘ ସଭାପତି ରଜତ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଆର୍‌ଏସ୍‌ପି ଇଡି ଏମ୍. ଏମ୍. ଅନୀଲ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ଅଂଶଗ୍ରହଣକାରୀ ଉଦ୍ୟୋଗୀମାନଙ୍କୁ ସରକାରଙ୍କ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ଥିବା ପ୍ରୋତ୍ସାହନ ଓ ସୁଯୋଗ ବିଷୟରେ ମାର୍ଗଦର୍ଶନ ଦେବା ସହିତ ଏହାର ଲାଭ ଉଠାଇବା ପାଇଁ ଉତ୍ସାହିତ କରିଥିଲେ। ପରେ ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓ ମନ୍ତ୍ରଣାଳୟର ଦୀପକ କେ. ଆର. ନାୟକ ପ୍ରତିନିଧିତ୍ୱ କରି ଉଦ୍ୟୋଗ କ୍ଷେତ୍ରରେ ନବସୃଜନ କରିବାର କୌଶଳ ବିଷୟରେ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ଏହାପରେ ଡି. ଚକ୍ରବର୍ତ୍ତୀ ସ୍ଥାନୀୟ ଅଞ୍ଚଳର କଞ୍ଚାମାଲ ଓ ସ୍ଥାନୀୟ ଯୋଗାଣ ଶୃଙ୍ଖଳକୁ ସଶକ୍ତ ଓ ସୁଦୃଢ କରିବା ପାଇଁ ଏସ୍‌ସି ଓ ଏସ୍‌ଟି ବର୍ଗର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନଙ୍କ ପାଇଁ ସରକାର ଆୟୋଜନ କରୁଥିବା ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ବିକ୍ରେତା ବିକାଶ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ଜିଲା ସାଧାରଣ ସଂଯୋଜକ ସନ୍ଦୀପ ପାଲ ସମାବେଶ ସଂଯୋଜନା କରିଥିଲେ। ଏନ୍‌ଏସ୍‌ଆଇସି, ନୂଆଦିଲ୍ଲୀ ଜୋନାଲ ଜିଏମ୍ ଅନୁପମ ଗେନ ସହଯୋଗ କରିଥିଲେ। ସମାବେଶରେ ଏସ୍‌ସି ଏବଂ ଏସ୍‌ଟି ବର୍ଗର ୭୦ରୁ ଊର୍ଦ୍ଧ୍ୱ ଉଦ୍ୟୋଗୀ ଅଂଶଗ୍ରହଣ କରିଥିଲେ। ହିନ୍ଦୁସ୍ଥାନ ଏରୋନୋଟିକ୍ସ ଲିମିଟେଡର ଚନ୍ଦନ ବେହେଲ, ଏମ୍‌ସିଏଲର ଏ. ସି. ଚୌଧୁରୀ, ନାଲକୋର ଜିଏମ୍ ସୂର୍ଯ୍ୟକାନ୍ତ ମହାନ୍ତି, ଏନ୍‌ଏସ୍‌ପିସିଏଲ ରାଉରକେଲାର ଏଜିଏମ ଶୀଳାଦ୍ରି ମହାରଣା, ଏନ୍‌ଏସ୍‌ଆଇସିର ମ୍ୟାନେଜର ଡି. ଏମ୍ ନାୟକ, ଜିଇଏମ୍ ପୋର୍ଟାଲର ଏକ୍ସପର୍ଟ ଆନନ୍ଦ କିଶୋର ମିଶ୍ର ଓ ରାଉରକେଲା ଜିଲା ଶିଳ୍ପ କେନ୍ଦ୍ର ଏଥିରେ ସହଭାଗୀ ଥିଲେ। ରଜତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଛେଣ୍ଡରେ ଆମ ପୋଲିସ ବୈଠକ

ରାଉରକେଲା,୧୩।୩(ଦିନେଶ ମିଶ୍ର)

ଛେଣ୍ଡ ଥାନା ପରିସରରେ ଶୁକ୍ରବାର ଥାନାଧିକାରୀ ବିଜୟ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛେଣ୍ଡ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ଜରୁରୀ ବୋଲି କହିଥିଲେ। ରାଉରକେଲା ଏସ୍‌ପି ନିତେଶ ୱାଧୱାନି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଛେଣ୍ଡ ଅଞ୍ଚଳରେ ଆଗାମୀ ଦିନରେ କିଭଳି ଶାନ୍ତି ଶୃଙ୍ଖଳା ରହିବ ସେ ନେଇ କଲୋନୀବାସୀଙ୍କଠାରୁ ସୁଚିନ୍ତିତ ମରାମତ ଲୋଡିଥିଲେ। ଛେଣ୍ଡର ବହୁ ବରିଷ୍ଠ ନାଗରିକ, ସମାଜସେବୀ, ଯୁବନେତା ଉପସ୍ଥିତ ରହି ଛେଣ୍ଡ ଅଞ୍ଚଳରେ ନାଇଟ୍ ପାଟ୍ରୋଲିଂକୁ ତ୍ୱରାନିତ କରିବା, ଅପରାଧମୂଳକ କାର୍ଯ୍ୟ ଘଟୁଥିବା ସ୍ଥାନଗୁଡିକରେ ପୋଲିସ ମୁତୟନ ସହ ଛେଣ୍ଡ ଅଞ୍ଚଳର ପ୍ରମୁଖ ଛକମାନଙ୍କରେ କଡାକଡି ଯାଞ୍ଚ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ଛେଣ୍ଡର ଇ-ବିଟ୍ କାର୍ଯ୍ୟଶୈଳୀକୁ ସ୍ଥାନୀୟବାସୀ ପ୍ରଶଂସା କରିଥିଲେ। ଆଦର୍ଶ ବରିଷ୍ଠ ନାଗରିକ କେନ୍ଦ୍ରରେ ନୋଡାଲ ଅଫିସର କାର୍ଯ୍ୟ କରୁଥିବା ମହେନ୍ଦ୍ର କୁମାର ସାହୁଙ୍କ କାର୍ଯ୍ୟକାଳ ୨ବର୍ଷ ବଢାଇବାକୁ ଡିଆଇଜି ରାୟ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପାନପୋଷ ଏସ୍‌ଡିପିଓ ମନୋରଞ୍ଜନ ପ୍ରଧାନ ଓ ଅତିରିକ୍ତ ଏସ୍‌ପି ଶ୍ରାବଣୀ ନାୟକ ଉପସ୍ଥିତ ଥିଲେ। ସବ୍‌ଇନ୍ସପେକ୍ଟର ଆର.ଏନ୍ ପୁରୋହିତ, ପ୍ରିୟଙ୍କା ସାହୁ, ବାସନ୍ତୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ସୁରକ୍ଷା ସଚେତନତା ବୃଦ୍ଧି ପାଇଁ ନିୟମିତ ଅଧିବେଶନକୁ ଗୁରୁତ୍ୱ

ରାଉରକେଲା,୧୩।୩(ବିପ୍ଳବ ରଞ୍ଜନ ଦାଶ)



କାର୍ଯ୍ୟକ୍ରମରେ ଉପସ୍ଥିତ ଆର୍‌ଏସ୍‌ପି ଅଧିକାରୀଗଣ।

ଆର୍‌ଏସ୍‌ପିରେ ଜାତୀୟ ସୁରକ୍ଷା ସପ୍ତାହ-୨୦୨୬ ପାଳନ ଅବସରରେ ସୋମବାର ଜ୍ଞାନାର୍ଜନ ଓ ବିକାଶ କେନ୍ଦ୍ରରେ 'ସୁରକ୍ଷା ପରିଚାଳନା ନିମନ୍ତେ ଡିଜିଟାଲ ଏବଂ ଏଆଇର ସଦୁପଯୋଗ' ଶୀର୍ଷକରେ ଏକ ବୈଷୟିକ ବକ୍ତବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସେବା ବିଭାଗର ସିଜିଏମ ଇନ୍‌ଚାର୍ଜ ଅତିଶ ଚନ୍ଦ୍ର ସରକାର, ଏନ୍‌ପିଏମ୍ ଏବଂ ଡିଜିଟାଲାଇଜେଶନ ବିଭାଗର ସିଜିଏମ ଆର. କେ. ମୁଦୁଲି, ସୁରକ୍ଷା ଓ ଅଗ୍ନିଶମ ସେବା ବିଭାଗର ସିଜିଏମ୍ ହୀରାଲାଲ ମହାପାତ୍ର ଏବଂ କାରଖାନାର ବହୁ ସିଜିଏମଙ୍କ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପଲାଇ ସମସ୍ତଙ୍କ ମଧ୍ୟରେ ସୁରକ୍ଷା ସଚେତନତା ବୃଦ୍ଧି କରିବା ପାଇଁ ନିୟମିତ ଭାବେ ଏପରି ଅଧିବେଶନ ଆୟୋଜନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ଡିଜିଟାଲାଇଜେଶନ ଏବଂ ଏଆଇ କାର୍ଯ୍ୟ ପରିବେଶକୁ ସୁରକ୍ଷିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ବୋଲି ନିଜର ଅଭିମତ ରଖିଥିଲେ। ଏହାର ବୈଷୟିକ ଅଧିବେଶନକୁ ଟାଟା ଷ୍ଟିଲର ରେଳ ଏବଂ ସଡକ ବିଭାଗର ମୁଖ୍ୟ ଉଦିତ ବର୍ମା ପରିଚାଳନା କରିଥିଲେ। ଏହି ଅଧିବେଶନରେ ଏଆଇର ବିଭିନ୍ନ ଦିଗ ଏବଂ କାର୍ଯ୍ୟକ୍ଷେତ୍ରରେ ଡିଜିଟାଲାଇଜେଶନ ବ୍ୟବହାର ଉପରେ ଆଲୋଚନା କରାଯାଇଥିଲା। ଏହି ଅଧିବେଶନରେ ବିଭିନ୍ନ ବିଭାଗର ସୁରକ୍ଷା ଅଧିକାରୀ, କ୍ଷେତ୍ର ସୁରକ୍ଷା ଅଧିକାରୀ ଏବଂ ଲାଇନ ମ୍ୟାନେଜରମାନେ ଯୋଗ ଦେଇଥିଲେ। ହୀରାଲାଲ ମହାପାତ୍ର ସ୍ୱାଗତ କରିଥିବାବେଳେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଅବକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏସ୍‌ଇଡ଼ି ବିଭାଗର ଏଜିଏମ ବି. କେ. ପାଢୀଙ୍କ ମାର୍ଗଦର୍ଶନରେ ଆସିଷ୍ଟାଣ୍ଟ ମ୍ୟାନେଜର ସୁଶ୍ରୀ ପ୍ରଜ୍ଞା ନାଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ

ରାଉରକେଲା,୧୩।୩(ବିପ୍ଳବ ରଞ୍ଜନ ଦାଶ)




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ଓଡ଼ିଶା ସାହିତ୍ୟ ଏକାଡେମୀ, ଅଖିଳ ଭାରତୀୟ ସାହିତ୍ୟ ପରିଷଦ ରାଉରକେଲା ଓ ରାଉରକେଲା କଲେଜର ମିଳିତ ଆନୁକୂଲ୍ୟରେ ଦ୍ୱି ଦିବସୀୟ ଜାତୀୟ ଆଲୋଚନାଚକ୍ର ଗୁରୁବାର ଉଦ୍‌ଯାପିତ ହୋଇଛି। ଆଲୋଚନାଚକ୍ରର ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ରଫେସର ଗିରିଜା ଶଙ୍କର ଗୋସ୍ୱାମୀ ସଭାପତିତ୍ୱ କରିଥିଲେ। ଅଧ୍ୟାପିକା ସୁଶ୍ରୀ ପ୍ରିୟଙ୍କା ପଲେଇଙ୍କ ସଂଯୋଜନାରେ ଆର୍‌ଏସ୍‌ପିର ମହାପ୍ରବନ୍ଧକ ସଞ୍ଜୟ କୁମାର ଦେଓ ମୁଖ୍ୟ ଅତିଥି ଓ ଶର୍ମିଷ୍ଠା କବି ଶତପଥୀ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗରେ ମତ ରଖିଥିଲେ। ବିଷୟ ବିଶେଷଜ୍ଞ ଶତପଥୀ ତାଙ୍କ ବକ୍ତବ୍ୟରେ କହିଲେ, ସକାରାତ୍ମକ ପରିବର୍ତ୍ତନ ହିଁ ଧର୍ମ। ରାଷ୍ଟ୍ର ପ୍ରତି ସମର୍ପିତ ବ୍ୟକ୍ତି ଯେତେବେଳେ ନିଜର ଶକ୍ତି ଚିହ୍ନିବ ସେତେବେଳେ ସେ ଆତ୍ମବୋଧ ତଥା ପିଲାମାନଙ୍କ ମଧ୍ୟରେ ଚେତନା ସୃଷ୍ଟି ସହ ଚରିତ୍ରରେ ଶୁଦ୍ଧତା ଆଣିବ ବୋଲି ସେ କହିଥିଲେ। ପରିଷଦର ସାଧାରଣ ସମ୍ପାଦିକା ଡ. ସୁଷମା ମୋଦୀ ବାର୍ଷିକ ବିବରଣୀ ପାଠ ଏବଂ ପ୍ରତାପ ରୁଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ 'ଆତ୍ମବିସ୍ମୃତିରୁ ଆତ୍ମବୋଧ' ଶୀର୍ଷକ ଆଲୋଚନାଚକ୍ରକୁ ଗୀତାରାଣୀ ବେହେରା ସଂଯୋଜନା କରିଥିଲେ। ଚିନ୍ମୟ ଏକାଡେମୀର ନିର୍ଦ୍ଦେଶକ ତ୍ରିନାଥ ଦାଶ ମୋହିନୀ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ରଜନୀକାନ୍ତ ମିଶ୍ର ମୁଖ୍ୟ ଅତିଥି ଓ ସୁସ୍ମିତା ମହାପାତ୍ର ବିଷୟ ବିଶେଷଜ୍ଞ ଭାବେ ଯୋଗ ଦେଇଥିଲେ। ଗଙ୍ଗାଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ତୃତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରବୀର କୁମାର ଦୁବେଙ୍କ ସଂଯୋଜନାରେ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ସଭାପତି, ଅଧ୍ୟାପିକା ମହାଶ୍ୱେତା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମମତା ଜେନା ଓ ସୁମିତ୍ରା ମିଶ୍ରଙ୍କ ସଂଯୋଜନାରେ ୩୨ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ମନୋଜ କୁମାର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଆଲୋଚ୍ୟ ପ୍ରସଙ୍ଗ ଆତ୍ମବୋଧରୁ ବିଶ୍ୱବୋଧ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିକ୍ଷାବିତ୍ ବ୍ରଜେନ୍ଦ୍ର ଦାଶଙ୍କ ସଭାପତିତ୍ୱ ଓ ନିରୁପମା ପତିଙ୍କ ସଂଯୋଜନାରେ ପ୍ରାଧ୍ୟାପକ ରଶ୍ମିରଞ୍ଜନ ରାଉତ ମୁଖ୍ୟଅତିଥି ଓ ପ୍ରାଧ୍ୟାପକ ବଭ୍ରୁବାହନ ମହାପାତ୍ର ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗରେ ମତ ରଖିଥିଲେ। ଡ. ବିଶ୍ୱନାଥ ପରିଜା ବାର୍ଷିକ ବିବରଣୀ ଓ ସୁମନ୍ତ ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଚାରମାଳ ପୋଲିସ ଦ୍ୱାରା ବିଦେଶୀ ମଦ ଜବତ

ସମ୍ବଲପୁର,୧୩।୩(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଚାରମାଳ ଥାନା ଅନ୍ତର୍ଗତ କର୍ଦ୍ଦାପାଳ ଛକ ନିକଟରୁ ଶୁକ୍ରବାର ଚୋରା ଚାଲାଣ ବେଳେ ବିଦେଶୀ ମଦକୁ ଜବତ କରିଛି ପୋଲିସ। ଏନେଇ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବିହାର ବୈଶାଳି ଜିଲା ରାଘପୁର ଥାନା ଅନ୍ତର୍ଗତ ରାଘପୁର ଅଞ୍ଚଳର ମୁଲୁ ରାୟ(୪୩)। ଏହାସହ ତାଙ୍କ ନିକଟରୁ ବିଭିନ୍ନ ବ୍ରାଣ୍ଡର ୫୫.୯୮୦ ଲିଟର୍ ବିଦେଶୀ ମଦ, ଚୋରା ଚାଲାଣରେ ବ୍ୟବହୃତ ମାରୁତୀ ଭ୍ୟାନ, ଏକ ମୋବାଇଲ୍ ଫୋନକୁ ପୋଲିସ ଜବତ କରିଛି।

### ବୁଢ଼ାରଜା ବାଳିକା ଉଚ୍ଚ ବିଦ୍ୟାଳୟର କୃତୀ ପ୍ରତିଯୋଗୀ ପୁରସ୍କୃତ

ସମ୍ବଲପୁର,୧୩।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ବରିଷ୍ଠ ନାଗରିକ ସମାଜ ପକ୍ଷରୁ ବୁଢାରଜା ବାଳିକା ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ସାଧାରଣଜ୍ଞାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଶୁକ୍ରବାର ପୁରସ୍କୃତ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁବ୍ରତା ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିକିତା ସାହୁ ଏବଂ ନିହାରିକା ଲୁହା ଯୁଗ୍ମ ଭାବେ ପ୍ରଥମ ସ୍ଥାନରେ ରହିଥିବା ବେଳେ ବେଦମତୀ ମହାପାତ୍ର ଦ୍ୱିତୀୟ, ଭାଗ୍ୟଶ୍ରୀ ମହାରଣା ଏବଂ ଅଞ୍ଜୁ ବାଗ ଯୁଗ୍ମ ଭାବେ ତୃତୀୟ ସ୍ଥାନ ହାସିଲ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ନାଗରିକ ସମାଜର ସମ୍ପାଦକ ପ୍ରଦୀପ କୁମାର ପଣ୍ଡା ପରିଚାଳନା କରିଥିଲେ।

### ଖଡ଼ିଆ ସାଂସ୍କୃତିକ ସମାଜର ମହାସମାବେଶ

ରେଙ୍ଗାଲି,୧୩।୩(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଅନ୍ତର୍ଗତ ବାରିକପାଲିଠାରେ ଖଡିଆ ସାଂସ୍କୃତିକ ସେବା ସମାଜ ପକ୍ଷରୁ ଫାଗୁଣ ତେହାର, ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡାର ଖଡିଆ ସମାଜର ୯ଟି ଗୋତ୍ରର ମା'ଭଉଣୀ ଯୋଗଦାନ କରିଥିଲେ। ଏହି ଫଗୁନ ପୂଜାରେ ମହୁଲ, ଚାର, ନୁଆଁନୁଆଁ ଫୁଲଫଳ ସବୁ ପ୍ରକୃତିକୁ ଅଭାନ କରି ପୂଜା କରାଯାଇଥିଲା। ଏହି ସଭାର ମୁଖ୍ୟ ସଭାପତି ବାସୁ ଖଡିଆ, ବୁଲୁ ଖଡିଆ,ରେଙ୍ଗାଲି ବ୍ଲକ ସଭାପତି ସଞ୍ଜୁ ଖଡିଆ, ଉପସଭାପତି ବାଦାମ ଖାଡ଼ିଆ, ସମ୍ପାଦକ, ସନ୍ତୋଷ ଖଡିଆ, ଜିଲା ସଭାପତି ରାଜୁ ଖଡିଆ, ସମ୍ପାଦକ ବସନ୍ତ କୋକବାଗ ଶ୍ୟାମ ଖଡିଆ, ସଞ୍ଜୟ ଖଡିଆ ଓ ସହଯୋଗୀମାନେ ଯୋଗ ଦେଇଥିଲେ। ଶେଷରେ ଛୋଟ ଛୋଟ ଏଭଳି ମହାସମାବେଶ କରିବାକୁ ଖଡିଆ ସମାଜର ନେତୃବୃନ୍ଦ ସ୍ଥିର କରିଥିଲେ। ଶେଷରେ ପିଲାମାନେ ନୃତ୍ୟଗୀତ ପରିବେଷଣ କରିଥିଲେ।

### ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ

ସମ୍ବଲପୁର,୧୩।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଠାରେ ଥିବା ଶୋଭନୀୟ ଶିକ୍ଷାଶ୍ରମର ତୟୋବିଂଶତମ ବାର୍ଷିକ ଉତ୍ସବ ଶୋଭନୀୟ ଆନ୍ଦୋଳନର ଆନ୍ତର୍ଜାତିକ ନିର୍ଦ୍ଦେଶିକା ଅରୁନ୍ଧତୀ ଦେବୀଙ୍କ ପୌରୋହିତ୍ୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାଏକ ଯୋଗଦେଇ ବୌଦ୍ଧିକ ଓ ନୈତିକ ଶିକ୍ଷାର ଉନ୍ନତି ପାଇଁ ପୂଜ୍ୟ କୁମାର ଭାଇଙ୍କ ଶୋଭାନୀୟ ଶିକ୍ଷାଶ୍ରମ ଶିକ୍ଷାଦାନ ସମାଜ ପାଇଁ ଏକ ଦର୍ଶନ। ପିଲାଟି ଦିନରୁ ପ୍ରାଥମିକ ଶିକ୍ଷା ସହିତ ବୌଦ୍ଧିକ ଓ ନୈତିକ ଶିକ୍ଷା ପିଲାଙ୍କ ଭବିଷ୍ୟତ ପାଇଁ ସୁନାଗରିକ ହେବାର ଏକ ମହାନ ଶିକ୍ଷା ବୋଲି ନାଏକ ଅଭିହିତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫୁଲ୍ଲ କୁମାର ଦାଶ ଯୋଗଦେଇଥିଲେ। ଇନହୁଇଲ କ୍ଲବର ସଭାନେତ୍ରୀ ଜୟଶ୍ରୀ ରାଏଗୁରୁ ଓ ସମାଜସେବୀ ସ୍ୱର୍ଣ୍ଣବାଳା ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷାର୍ଥୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ।

# ଅଂଶୁଘାତ ମୁକାବିଲା ପାଇଁ ସତର୍କତା ଅବଲମ୍ବନ କର

## ଗ୍ରୀଷ୍ମ ପ୍ରବାହ ପରିଚାଳନା ନେଇ ପ୍ରସ୍ତୁତି ବୈଠକ

ସମ୍ବଲପୁର,୧୩।୩(ଭବାନୀ ଶଙ୍କର ଭୋଇ)



ଜିଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ପରିଚାଳନାର ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅଧିକାରୀ।

ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ପରିଚାଳନାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଜୁନ ପର୍ଯ୍ୟନ୍ତ ଅଂଶୁଘାତର ମୁକାବିଲା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସଚେତନତା ଓ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ସେ ନେଇ ଜିଲାର ସମସ୍ତ ଲାଇନ ବିଭାଗୀୟ ଅଧିକାରୀମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ସମସ୍ତ ବିଭାଗୀୟ ଅଧିକାରୀ, ତହସିଲଦାର ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ସଜାଗ ରହି ଗ୍ରୀଷ୍ମ ପ୍ରବାହ ପରିସ୍ଥିତିର ମୁକାବିଲା କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଯେହେତୁ ଗ୍ରୀଷ୍ମ ପ୍ରବାହ ଯୋଗୁ ଅଂଶୁଘାତରେ ଜୀବନ ପ୍ରତି ବିପଦ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି, ତେଣୁ ସ୍ୱାସ୍ଥ୍ୟ ବିଭାଗକୁ ଉପଯୁକ୍ତ ପରିମାଣ ଓଆରଏସ, ପେକେଟ ଓ ଆବଶ୍ୟକୀୟ ଔଷଧ ମହଜୁଦ ରଖିବା ସହିତ ସଜାଗ ରହିବାକୁ କୁହାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ କହିଥିଲେ। ସେହିପରି ସମସ୍ତ ଗ୍ରାମାଞ୍ଚଳ, ଏନଏସି ଓ ସମସ୍ତ ବ୍ଲକ ପକ୍ଷରୁ ବିଭିନ୍ନ ଛକରେ ଜଳଛତ୍ର ଖୋଲିବା, ଅଚଳ ନଳକୂପ ଯୁଦ୍ଧକାଳୀନ ଭିତ୍ତିରେ ମରାମତି, ଜନବହୁଳ ଅଞ୍ଚଳରେ ସ୍ଥାୟୀ ପାନୀୟଜଳର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀଷ୍ମଦିନରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପଶୁପକ୍ଷୀଙ୍କ ପାଇଁ ପାନୀୟଜଳର ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ମଧ୍ୟାହ୍ନରେ ବାହାରେ ବୁଲିବା ସମୟରେ ପାଣି ବୋତଲ, ଛତା, ଟୋପି ତଥା ଓଦା କପଡା ଇତ୍ୟାଦି ମୁଣ୍ଡରେ ପକାଇ ଯାତାୟତ କରିବା ଏବଂ ଏନେଇ ଜିଲାର ସମସ୍ତ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରାଇବାକୁ ଆଲୋଚନା ହୋଇଥିଲା। ପାନୀୟଜଳ ସଙ୍କଟ ଥିବା ଅଞ୍ଚଳଗୁଡିକୁ ଚିହ୍ନଟ କରି ଆବଶ୍ୟକସ୍ଥଳେ ଭ୍ରାମ୍ୟମାଣ ଟ୍ୟାଙ୍କର ଦ୍ୱାରା ପିଇବା ପାଣିର ସୁବ୍ୟବସ୍ଥା କରିବା, ଗ୍ରୀଷ୍ମପ୍ରବାହକୁ ଦେଖି ଶିକ୍ଷାନୁଷ୍ଠାନଗୁଡିକର ସମୟ ପରିବର୍ତ୍ତନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ରେହାନ କ୍ଷତ୍ରି, ସମ୍ବଲପୁର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଜାଧବ, କୁଚିଣ୍ଡା ଏବଂ ରେଢାଖୋଲ ଉପଜିଲାପାଳ, ଆଇଏଏସ ଶିକ୍ଷାନବିସ ଶୁଭ୍ରା ପଣ୍ଡା, ଜିଲା ଏବଂ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବିଶ୍ୱ ଗ୍ଲୁକୋମା ସପ୍ତାହ ଉପଲକ୍ଷେ ସଚେତନତା ଶୋଭାଯାତ୍ରା

ସମ୍ବଲପୁର,୧୩।୩(ପ୍ରମୋଦ ବହିଦାର)

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଚିକିତ୍ସା ଓ ଗବେଷଣା ପ୍ରତିଷ୍ଠାନ(ଭିମ୍‌ସାର)ରେ ବିଶ୍ୱ ଗ୍ଲୁକୋମା ସପ୍ତାହ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଏକ ସଚେତନତା ଶୋଭାଯାତ୍ରା ବୁର୍ଲା ସହର ପରିକ୍ରମା କରିଥିଲା। ଭିମ୍‌ସାର ଚକ୍ଷୁ ବିଭାଗ ମୁଖ୍ୟ ପ୍ରଫେସର ଡା. ଜୟଶ୍ରୀ ଦୋରାଙ୍କ ତତ୍ତ୍ୱାବଧାନରେ ଭିମ୍‌ସାର ପରିସରରେ ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ଡା. ପ୍ରଦୀପ କୁମାର ମହାନ୍ତି ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିରେ ଶତାଧିକ ଛାତ୍ରୀଛାତ୍ର ହାତରେ ସଚେତନତା ଧର୍ମୀ ବ୍ୟାନର ଓ ପ୍ଲାକାର୍ଡ ଧରି ନଗର ପରିକ୍ରମା କରିଥିଲେ। ଏହାବାଦ ଭିମ୍‌ସାର ଚକ୍ଷୁ ବିଭାଗ ସମ୍ମିଳନୀ କକ୍ଷରେ ବିଭାଗୀୟ ମୁଖ୍ୟ ପ୍ରଫେସର ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଚେତନତା କାର୍ଯ୍ୟକ୍ରମରେ ପ୍ରଫେସର ଡା. ସି.ଟୁଡୁ ଅତିଥିଭାବେ ଯୋଗଦେଇ ଗ୍ଲୁକୋମା ରୋଗର ଭୟାବହତା ଓ ଏହାର ନିରାକରଣ ଉପରେ ଆଲୋକପାତ କରିଥିଲେ। ଶେଷରେ ପ୍ରଫେସର ଡା. ଶର୍ମିଷ୍ଠା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ଭିମ୍‌ସାରରେ ବିଶ୍ୱ ଗ୍ଲୁକୋମା ସପ୍ତାହ ପାଳନ ଅବସରରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

# ଗ୍ରୀଷ୍ମ ଋତୁରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ହେବ


କମ୍ପାନୀର ବ୍ୟବସାୟିକ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଟିପିଡବ୍ଲ୍ୟୁଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ସୂଚିତ କରୁଛନ୍ତି।

ସମ୍ବଲପୁର,୧୩।୩(ବି.ଶଙ୍କର)

**ଅଘୋଷିତ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବ ଟିପିଡବ୍ଲ୍ୟୁଓଡିଏଲ**

ଚଳିତ ଗ୍ରୀଷ୍ମ ଋତୁରେ ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ। ଏନେଇ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ) ବ୍ୟାପକ ଭାବେ ପ୍ରାକ୍ ପ୍ରସ୍ତୁତି କରିଛି। କମ୍ପାନୀର ବିତରଣ କ୍ଷେତ୍ରରେ ରହିଥିବା ସମସ୍ତ ୫ଗୋଟି ବିଦ୍ୟୁତ୍ ମଣ୍ଡଳ ତଥା ପଶ୍ଚିମ ଓଡ଼ିଶାର ୯ଟି ଜିଲାରେ ଏହି ପ୍ରାକ୍ ପ୍ରସ୍ତୁତି ଶେଷ ହୋଇଛି। ଏନେଇ ଶୁକ୍ରବାର ସମ୍ବଲପୁର ସହର ଅଇଁଠାପାଲି ସ୍ଥିତ କମ୍ପାନୀର ବ୍ୟବସାୟିକ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଟିପିଡବ୍ଲ୍ୟୁଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ସୂଚିତ କରିଛନ୍ତି। ସିଇଓ ବର୍ମା ଗ୍ରୀଷ୍ମକାଳୀନ ପ୍ରାକ୍ ପ୍ରସ୍ତୁତିର ବିବରଣୀ ଦେଇ କହିଥିଲେ, ଚଳିତ ଗ୍ରୀଷ୍ମ ଋତୁରେ ସମସ୍ତ ବିତରଣ ଅଞ୍ଚଳରେ ସର୍ବୋଚ୍ଚ ବିଦ୍ୟୁତ୍ ଚାହିଦା (ପିକ ଡିମାଣ୍ଡ) ୧୯୯୨ ମେଗାୱାଟ୍ ରହିବ ବୋଲି ଆକଳନ କରାଯାଉଛି। ଏହି ଆବଶ୍ୟକତାକୁ ପୂରଣ କରିବା ଲାଗି କମ୍ପାନୀ ନିକଟରେ ୪୫୨୪ ମେଗାୱାଟ୍ ବିତରଣ କ୍ଷମତା ରହିଛି। ଗ୍ରୀଷ୍ମ ଋତୁରେ ୧୪୯୪୫ ମିଲିୟନ ୟୁନିଟ୍ ବିଦ୍ୟୁତ୍ ଶକ୍ତି ବ୍ୟବହାରର ଆକଳନ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଚଳିତ ଆର୍ଥିକ ବର୍ଷରେ ୩୩ କେଭି ଲାଇନରେ ୧୦୪ ସିକେଏମ୍ (ସର୍କିଟ୍ କିଲୋମିଟର) ଲାଇନର ଉନ୍ନତିକରଣ, ୭୯୮ ସିକେଏମ୍ (ସର୍କିଟ୍ କିଲୋମିଟର) ନୂତନ ଲାଇନର ସ୍ଥାପନ ଏବଂ ୯ଟି ନୂତନ ପାୱାର ସବ୍‌ଷ୍ଟେସନର ନିର୍ମାଣ କରାଯାଇଛି। ଏହି ଉନ୍ନତିକରଣ ତଥା ନୂତନ ନିର୍ମାଣ ସହ ବର୍ତ୍ତମାନ କମ୍ପାନୀ ନିକଟରେ ମୋଟ୍ ୬୪୩୦ ସିକେଏମ (ସର୍କିଟ୍ କିଲୋମିଟର)ର ୩୩ କେ.ଭି. ଲାଇନ ଏବଂ ମୋଟ ୩୨୬ ଗୋଟି ପାୱାର ସବଷ୍ଟେସନ୍ କାର୍ଯ୍ୟକ୍ଷମ ହେଉଛି। ରକ୍ଷଣାବେକ୍ଷଣ କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ମୋଟ୍ ୭୮୬୩ଜଣ ଲାଇନମେନ୍ ଏବଂ ହେଲପରଙ୍କୁ ବ୍ୟବସାୟ ସହଯୋଗୀ ଦ୍ୱାରା ନିଯୁକ୍ତି କରାଯାଇଛି। ସେହିପରି ବୁର୍ଲାଠାରେ କମ୍ପାନୀର ସେଣ୍ଟ୍ରାଲ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟରକୁ କାର୍ଯ୍ୟକ୍ଷମ ରହିଥିବା ସହ ରାଉରକେଲା, ବଲାଙ୍ଗିର ଏବଂ କଳାହାଣ୍ଡିଠାରେ ୮ଟି ଡିଭିଜନକୁ ମନିଟର କରିବା ପାଇଁ ଆଡିସନାଲ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟରର ସ୍ଥାପନ କରାଯାଇଛି। ଏଥିସହ କାଳବୈଶାଖୀ ସମୟରେ ସମନ୍ୱୟ ପାଇଁ ବିଭାଗୀୟସ୍ତରୀୟ ନିୟନ୍ତ୍ରଣ କକ୍ଷଗୁଡ଼ିକୁ ସକ୍ରିୟ କରାଯାଇଛି। ବିଗତ ୨ବର୍ଷ ମଧ୍ୟରେ କାଳବୈଶାଖୀ ସଂଖ୍ୟା ସମଗ୍ର ୯ଟି ଜିଲାରେ ୫୨ରୁ ୨୨୭କୁ ବୃଦ୍ଧି ପାଇଛି। ଏହି ଅଘୋଷିତ ପ୍ରାକୃତିକ ବିପର୍ଯ୍ୟୟକୁ ଆଖି ଆଗରେ ରଖି କମ୍ପାନୀ ପକ୍ଷରୁ ୬ ଘଣ୍ଟା ମଧ୍ୟରେ ବିଦ୍ୟୁତ୍ ସେବାକୁ ପୁନଃ ସ୍ଥାପିତ କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରିଛି। ସମ୍ପୂର୍ଣ୍ଣ ଯାନ୍ତ୍ରିକ ପ୍ରସ୍ତୁତି ସହିତ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର, ଜିଲା କଣ୍ଟ୍ରୋଲ ରୁମ, ଅଗ୍ନିଶମ ସେବା ସଂସ୍ଥା, ଜଙ୍ଗଲ ବିଭାଗ, ରାସ୍ତା ଓ କୋଠାବାଡ଼ି ବିଭାଗ, ଜାତୀୟ ରାଜପଥ ବିଭାଗ, ରାଜ୍ୟ ସଡ଼କ ନିର୍ମାଣକାରୀ ସଂସ୍ଥା, ସ୍ୱାସ୍ଥ୍ୟ ବିଭାଗ ସହିତ ସମନ୍ୱୟ ରକ୍ଷା କରିବା ନିମନ୍ତେ ଭିନ୍ନ ଭିନ୍ନ ଦଳ ଗଠନ କରାଯାଇଛି। ତେଣୁ ଚଳିତ ଗ୍ରୀଷ୍ମ ଋତୁରେ ଗ୍ରାହକଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦେବା ସକାଶେ କମ୍ପାନୀ ପ୍ରସ୍ତୁତ ଅଛି ବୋଲି ସିଇଓ ବର୍ମା ସୂଚିତ କରିଛନ୍ତି। କର୍ପୋରେଟ୍ ଯୋଗାଯୋଗ ଏବଂ ସରକାରୀ ସମ୍ପର୍କ ମୁଖ୍ୟ ମନୋଜ କୁମାର ପଟ୍ଟନାୟକ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ଅଧିକାରୀ ପ୍ରଶାନ୍ତ ସିଂ, ଆଶିଷ କୁମାର ପାଢୀଜୋଷୀ ଏବଂ ଅନିଲ କୁମାର ଓଝା ଖବରଦାତା ସମ୍ମିଳନୀରେ ବିଭିନ୍ନ ବିଷୟରେ ସୂଚନା ଦେଇଥିଲେ।

# ନାଟକ ମହୋତ୍ସବ ରଙ୍ଗସଙ୍ଗମ ଉଦ୍‌ଯାପିତ

## ଭୁବନେଶ୍ୱର ଆରୋହଣ ନାଟ୍ୟାନୁଷ୍ଠାନର ନାଟକ ଅନୋମାର କନ୍ୟା ମଞ୍ଚସ୍ଥ

ସମ୍ବଲପୁର,୧୩।୩(ବି.ଶଙ୍କର)

ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଏବଂ ଭୁବନେଶ୍ୱର ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପ୍ରଥମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ରଙ୍ଗ ସଙ୍ଗମ-୨୦୨୬ ଶୁକ୍ରବାର ରାତି ୯ଟା ୩୦ରେ ଉଦ୍‌ଯାପିତ ହୋଇଯାଇଛି। ସମ୍ବଲପୁରସ୍ଥିତ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଭୁବନେଶ୍ୱର ଆରୋହଣ ନାଟ୍ୟାନୁଷ୍ଠାନର କଳାକାରମାନେ ନାଟକ ଅନୋମାର କନ୍ୟା ନାଟକ ମଞ୍ଚସ୍ଥ କରିଥିଲେ। ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ମୂଳ ଉପନ୍ୟାସ ଅନୋମାର କନ୍ୟାକୁ ଡ. ଶୈଳେଶ୍ୱର ନନ୍ଦ ନାଟ୍ୟରୂପ ଦେଇଥିଲେ। ନାଟ୍ୟ ନିର୍ଦ୍ଦେଶକ ପ୍ରିତିରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶନାରେ ନାଟକ ମଞ୍ଚସ୍ଥ ହୋଇଥିଲା। ଅନୋମା ମହାନଦୀର ପ୍ରାଗ ଐତିହାସିକ ନାମ। ଏହାର ଶାଖା ଚିତ୍ରୋତ୍ପଳା ଅଟେ। ଅନୋମାର କନ୍ୟା ଚିତ୍ରୋତ୍ପଳା ଏହି ନାଟକର ନାୟିକା। କଳିଙ୍ଗରେ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଆଲାର କଲାମ ନାମରେ ଜଣେ ଋଷି ଥିଲେ। ସେ ଋଷି ଭଗବାନ ବୁଦ୍ଧଙ୍କ ଆଦ୍ୟଗୁରୁ। ସେଇ ବଂଶରେ ଜନ୍ମିତ ରଘୁନାଥ କଲାମ ଏହି ନାଟକର ମୁଖ୍ୟ ଚରିତ୍ର। ଘର ତାଙ୍କର ଚିତ୍ରୋତ୍ପଳା ନଦୀ କୂଳରେ କେଶନଗର ତଥା କେଶପୁର ଗ୍ରାମ। ତାଙ୍କ ଘର କାନ୍ଥରେ ଗୋଟାଏ ପୁରୁଣା ଛବି ଅଙ୍କା ହେଇଥିଲା। ଯେଉଁଥିରେ ଜଣେ ରଜାପୁଅ ଲଣ୍ଡା ହେଉଛି। ଗୋଟାଏ ଖଣ୍ଡା ସାହାଯ୍ୟରେ ନିଜେ ନିଜ ମୁଣ୍ଡ ବାଳକୁ କାଟି ପକାଉଛି। କୁହାଯାଏ ସେ ରାଜପୁତ୍ର ଥିଲେ ଗୌତମ ବୁଦ୍ଧ। ସେ ଘରର ମାଟିତଳେ ଥିବା ଅମୂଲ୍ୟ ରତ୍ନ ସେ ଖୋଜୁଥିଲେ ଅନେକ ଦିନଧରି। ସେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟ। ଭାରତ ଇଂରେଜମାନଙ୍କ ଅଧିନରେ ରହିଥିଲା। ରଘୁନାଥ କଲାମ ନିଜର ଘର ପଛ ପଟେ ସୁଡ଼ଙ୍ଗ ତଳେ ବୁଦ୍ଧଦେବଙ୍କ ଦେହାବଶେଷ ଖୋଜୁ ଖୋଜୁ ବୌଦ୍ଧଭିକ୍ଷୁ କାଜୁକୟୋଦାଙ୍କୁ ଆବିଷ୍କାର କରନ୍ତି। ଏଭଳି କଥାବସ୍ତୁକୁ ନେଇ ନାଟକ ଅନୋମାର କନ୍ୟା ଗତିଶୀଳ ହୋଇଥିଲା। ବିଭିନ୍ନ ଭୂମିକାରେ ନିରଞ୍ଜନ ବେହେରା, ସୁବ୍ରତ କୁମାର ମହାପାତ୍ର, ଆଲୋକ କୁମାର ବେହୁରା, ରାଜେନ୍ଦ୍ର କୁମାର ନାଥ, ପୀୟୁଷ ରଞ୍ଜନ ପରିଡ଼ା, ସନ୍ଦିପ ମହାନ୍ତି, ସଞ୍ଜିତ ଦାସ, ଭାନୁ ପ୍ରକାଶ ସ୍ୱାଇଁ, ସୌମ୍ୟରଞ୍ଜନ ଦୀକ୍ଷିତ, ନିତିନ କୁମାର ସାହୁ, ପ୍ରଫୁଲ୍ଲ କୁମାର ବାରିକ, ଉଷାକାନ୍ତ ପାଢୀଜୋଶୀ, କୈଳାଶ ଚନ୍ଦ୍ର ସାହୁ, ଦେବୀଦେବାଶିଷ ସାହୁ, ପ୍ରଦୀପ କୁମାର ଗିରି, ଉମାରାଣୀ ଦାସ, ସୀମା ସାହୁ, ଅନନ୍ୟା ମହାପାତ୍ର, ଅନୁସୟା ସ୍ୱାଇଁ, ଜିତ ପ୍ରକାଶ ଅଭିନୟ କରିଥିଲେ। ପୀୟୁଷ ରଞ୍ଜନ ପରିଡ଼ା ସମ୍ପାଦନା କରିଥିବା ବେଳ ପ୍ରତାପ କୁମାର ରାଉତ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ମାମା ଚିତ୍ରାଳୟ ରୂପ ସଜ୍ଜା ଓ ଦୋଳଗୋବିନ୍ଦ ରଥ ମଞ୍ଚ ପରିକଳ୍ପନା ଏବଂ ଅଶୋକ କୁମାର ଆଚାର୍ଯ୍ୟ ମଞ୍ଚ ସଜ୍ଜା କରିଥିଲେ। ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ତଥା ମଞ୍ଚ ନାୟକର ସମ୍ପାଦକ ପ୍ରଦୀପ ପଣ୍ଡାଙ୍କ ପରିଚାଳନା ଏବଂ ନାଟ୍ୟ ନିର୍ଦ୍ଦେଶକ ସତ୍ୟରଞ୍ଜନ ବେହେରାଙ୍କ ସଂଯୋଜନାରେ ଉଦ୍‌ଯାପନୀ ଉତ୍ସବ ହୋଇଥିଲା। ସମ୍ବଲପୁର ଆଇଆଇଏମ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସମ୍ବଲପୁରର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଯୁବ ଉଦୟନ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସମ୍ବଲପୁର ମଞ୍ଚ କଳାକାରମାନଙ୍କ ପକ୍ଷରୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀର କର୍ମଚାରୀ ଭବାନୀ ଚରଣ ପଣ୍ଡା, ଅକ୍ଷୟ ମୁଦୁଲି, ଦେବେନ୍ଦ୍ରନାଥ ମହାପାତ୍ର, ଲକ୍ଷ୍ମୀଧର ବାରିକ, ମାନସ ରଞ୍ଜନ ବାରିକଙ୍କୁ ପୁଷ୍ପଗୁଚ୍ଛ ଓ ସାର୍ଟିଫିକେଟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।


ସମ୍ବଲପୁରସ୍ଥିତ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଭୁବନେଶ୍ୱର ଆରୋହଣ ନାଟ୍ୟାନୁଷ୍ଠାନର କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ଅନୋମାର କନ୍ୟା ନାଟକର ଏକ ଦୃଶ୍ୟ।

# କୁଚିଣ୍ଡା ଲ୍ୟାମ୍ପ୍ସର ବାର୍ଷିକ ସାଧାରଣ ସଭା


ବାର୍ଷିକ ସାଧାରଣ ସଭାରେ ଯୋଗଦେଇଥିବା ଅତିଥିମାନେ।

କୁଚିଣ୍ଡା,୧୩।୩(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ତେଲିଟିଲେଇମାଲ ଠାରେ ଶୁକ୍ରବାର କୁଚିଣ୍ଡା ଲ୍ୟାମ୍ପ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଲ୍ୟାମ୍ପ୍ସ ସଭାପତି ନବୀନ ମାଝିଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ କୁଚିଣ୍ଡା ଏସଏଆରସିଏସ(ଅତିରିକ୍ତ ସହକାରୀ ନିବନ୍ଧକ) ମନୋଜ ମହନ୍ତ ଓ ମଙ୍ଗଳ ମୁର୍ମୁ, ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, କୁଚିଣ୍ଡା ସମବାୟ ବ୍ୟାଙ୍କର ଶାଖା ପ୍ରବନ୍ଧକ ମିଳନ କୁଜୁର, ଡାଇରେକ୍ଟର ତରଣିକାନ୍ତ ମିଶ୍ର ଓ ସୁବ୍ରତ ପଟେଲ, ଗଗନ ଶର୍ମା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ, ଗ୍ରାମର ସାହୁକାର କିମ୍ବା ମହାଜନଙ୍କ ଋଣ ଜାଲରେ ନ ପଡ଼ି ଲ୍ୟାମ୍ପରୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ନେଇ ଚାଷ କାମରେ ଲଗାଇ ଲାଭବାନ ହୋଇପାରିବେ। ସଭାରେ ଲ୍ୟାମ୍ପ ଏମଡି କୁମୋଦ ପ୍ରଧାନ ବାର୍ଷିକ ବିବରଣୀ ପଠନ ସହ ବିଗତ ବର୍ଷର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ୨୦୨୨ /୨୩ଆର୍ଥିକ ବର୍ଷରେ କୁଚିଣ୍ଡା ଲ୍ୟାମ୍ପ୍ସ ମାଧ୍ୟମରେ ବୀମା କରିଥିବା ଚାଷୀମାନେ ମରୁଡି ଜନିତ ବୀମା ସହାୟତା ରାଶି ପାଇ ନ ଥିବା ଅଭିଯୋଗ କରି ଏଦିଗରେ ପଦକ୍ଷେପ ନେବାକୁ ଦାବି କରିଥିଲେ। ଲ୍ୟାମ୍ପ୍ସ ସଭାପତି ମାଝି ଚାଷୀଙ୍କ ଅଭିଯୋଗ ଉପରେ ଉତ୍ତର ଦେଇଥିଲେ। ଶେଷରେ ଲ୍ୟାମ୍ପ୍ସ କର୍ମଚାରୀ ସରୋଜ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୫୯ ହଜାର ଚାଷୀଙ୍କୁ ପିଏମ୍ କିଷାନ ସହାୟତା

## ସମ୍ବଲପୁର ଜିଲା

**ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଯିବ ୧୧.୮ କୋଟି**

ସମ୍ବଲପୁର,୧୩।୩(ପ୍ରମୋଦ ବହିଦାର)


ଜିଲା ପରିଷଦ ସମ୍ମିଳନୀ କକ୍ଷରେ ପିଏମ୍ କିଷାନ ଉତ୍ସବ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

କେନ୍ଦ୍ର ସରକାରଙ୍କ ପ୍ରଗତିଶୀଳ କୃଷକ କଲ୍ୟାଣକାରୀ ଯୋଜନା 'ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି' ଯୋଜନା ମାଧ୍ୟମରେ ସମ୍ବଲପୁର ଜିଲାର ୫୯ ହଜାରରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ମିଳିବ ପିଏମ୍ କିସାନ ସହାୟତା ରାଶି। ସମ୍ବଲପୁର ଜିଲା ପରିଷଦ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ପିଏମ୍ କିଷାନ ଉତ୍ସବ ଦିବସ ପାଳନ ଅବସରରେ ଚାଷୀଙ୍କୁ କିସ୍ତି ବଣ୍ଟନ କରାଯାଇଛି। ଆସାମ ଗୁଆହାଟୀରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟମରେ ଚାଷୀମାନଙ୍କୁ ଏହି କିସ୍ତି ବଣ୍ଟନ କରିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନରୁ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ। ଚଳିତ ପର୍ଯ୍ୟାୟରେ ସମ୍ବଲପୁର ଜିଲାର ୯ଟି ବ୍ଲକର ୫୯,୬୬୭ ଜଣ ଯୋଗ୍ୟ ଚାଷୀଙ୍କୁ ଏହି ସୁବିଧା ମିଳିବ। ସେଥିମଧ୍ୟରେ ଜିଲାର ବାମରା ବ୍ଲକରୁ ସର୍ବାଧିକ ୯,୪୬୩ ଓ ଧନକଉଡ଼ାରୁ ସର୍ବନିମ୍ନ ୨,୬୨୬ ଜଣ ଚାଷୀ ପିଏମ୍ କିଷାନ ସହାୟତା ରାଶି ପାଇବେ। ସେହିପରି କୁଚିଣ୍ଡାରୁ ୮,୨୭୮, ନାକଟିଦେଉଳରୁ ୭,୯୯୫ , ଜମନକିରାରୁ ୭,୭୯୫, ଯୁଯୋମୁରାରୁ ୬,୮୬୫, ରେଢ଼ାଖୋଲରୁ ୬,୮୬୨, ରେଙ୍ଗାଲିରୁ ୫,୫୦୮ ଏବଂ ମାନେଶ୍ୱର ବ୍ଲକରୁ ୪,୨୭୫ ଜଣ ଚାଷୀଙ୍କୁ ଏହି ସହାୟତା ରାଶି ମିଳିବ। ପ୍ରତ୍ୟେକ ଚାଷୀଙ୍କ ଖାତାରେ ଚଳିତ ୨୨ତମ କିସ୍ତିରେ ୨ ହଜାର ଟଙ୍କା ଲେଖାଁଏ ମୋଟ ୧୧.୮୮ କୋଟି ଟଙ୍କା ସିଧାସଳଖ ଜମା ହେବ। ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଉପଯୁକ୍ତ ବ୍ୟବହାର ପୂର୍ବକ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଉକ୍ତ ରାଶି ଜମା କରାଯାଉଛି। ଯାହାଦ୍ୱାରା ଜିଲାର କୃଷି ଓ କୃଷକ ମୁଖ୍ୟସ୍ରୋତରେ ସାମିଲ ହେବା ପ୍ରକ୍ରିୟା ଅଧିକ ତ୍ୱରାନ୍ୱିତ ହୋଇପାରିଛି ବୋଲି ମତ ପ୍ରକାଶ ପାଇଛି। ସମ୍ବଲପୁର ଜିଲା ପରିଷଦ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ଅତିଥିମାନଙ୍କ ପୁଷ୍ପମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନରୁ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏଥିରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ପୂର୍ବତନ ବିଧାୟକ ନାଉରୀ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ପ୍ରତିନିଧି ସମୀର ବାବୁ, ଭାଜପା ସମ୍ବଲପୁର ଜିଲା ସଭାପତି ରାମଚନ୍ଦ୍ର ମେହେର, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ପ୍ରତିନିଧି ବିଭୁତି କଲ୍ୟାଣ ପଟେଲ୍, ଚାଷୀ ନେତା ଚନ୍ଦ୍ରଶେଖର ପଣ୍ଡା, ଜିଲା ପରିଷଦ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ ପାତ୍ର, ଜିଲା ମୁଖ୍ୟ କୃଷି ଅଧିକାରୀ ସତ୍ୟବାନ ସୋରେନ୍ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ।



**ପ୍ରତିବର୍ଷ ମାର୍ଚ୍ଚ ୧୪ରେ ପାଳିତ ହୋଇଆସୁଛି 'ନଦୀ ସୁରକ୍ଷା ପାଇଁ ଅନ୍ତର୍ଜାତୀୟ କାର୍ଯ୍ୟାନୁଷ୍ଠାନ ଦିବସ'। ନଦୀ ଆମର ଜୀବନଧାରା, ଏହି ଭାବନାକୁ ଲୋକଙ୍କ ମଧ୍ୟରେ ସୃଷ୍ଟି କରାଇବା ଏହି ଦିବସ ପାଳନର ଅସଲ ଉଦ୍ଦେଶ୍ୟ। ତେବେ ଏହି ଦିବସ ଅବସରରେ ଆମ ରାଜ୍ୟର କେତେକ ନଦୀର ସାମ୍ପ୍ରତିକ ଅବସ୍ଥାକୁ ନେଇ ରିପୋର୍ଟ...**



# ବିପଦରେ ସୋନା ନଦୀ

**କେନ୍ଦୁଝରରୁ ନରେଶ ଚନ୍ଦ୍ର ପଟ୍ଟନାୟକ**

ଅନେକ ଜୀବଜନ୍ତୁଙ୍କ ପାଇଁ ଆଶୀର୍ବାଦ ସାଜିଥିବା ଯୋଡା ଅଞ୍ଚଳର ଅନ୍ୟତମ ପ୍ରମୁଖ ନଦୀ 'ସୋନା ନଦୀ' ଏବେ ଲୋପ ପାଇବାକୁ ବସିଛି। ଏହାର କାଚକେନ୍ଦୁ ଭଳି ବା ମଧୁର ପାଣି ଏବେ ଖଣି ଓ ଶିଳ୍ପ ଯୋଗୁଁ ପ୍ରଦୂଷିତ ହୋଇ ବିଷାକ୍ତ ପାଲଟିଥିବା ବେଳେ ଏହା ବହୁ ବର୍ଷ ହେଲା ଯୋଡା ବାସୀଙ୍କ ପାଇଁ ବିପଦର କାରଣ ହୋଇଛି।

ଖରା ଦିନରେ ଏହି ନଦୀ ଶୁଷ୍କ ହୋଇଯାଉଥିବା ବେଳେ ବର୍ଷା ଦିନରେ ବାରମ୍ବାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଧନଜୀବନ ହାନୀ କରୁଛି। ଫଳରେ ଏହା ଉପରେ ନିର୍ଭରଶୀଳ ଅନେକ ଲୋକ ରୋଗ ବ୍ୟାଧିରେ ପଡୁଛନ୍ତି। ଏହି ଅଞ୍ଚଳରୁ ସରକାର ଅନେକ ହଜାର କୋଟିର ରାଜସ୍ୱ ପାଉଥିବା ବେଳେ ଏଠାକାର ଲୋକଙ୍କୁ ସୁରକ୍ଷା ମିଳୁନାହିଁ। ଏଣୁ ଏହି ନଦୀର ସୁରକ୍ଷା କରାଯାଉନଥିବା ଏବଂ ଏହାର ପ୍ରଦୂଷଣର କାରଣ ଖଣି ଓ ଶିଳ୍ପ ସଂସ୍ଥା ହୋଇଥିବାରୁ ଉକ୍ତ ନଦୀର ବନ୍ୟା ଓ ପ୍ରଦୂଷଣ ମନୁଷ୍ୟକୃତ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ, ସୁନ୍ଦରଗଡ଼ ଜିଲାର ବଣେଇ ଅଞ୍ଚଳରୁ ବାହାରି କେନ୍ଦୁଝର ଜିଲା ଯୋଡା ବ୍ଲକର ଲହଣ୍ଡା ନିକଟରେ ବୈତରଣୀ ନଦୀରେ ମିଶିଥିବା ସୋନା ନଦୀ ଉଭୟ ଜିଲାର ଲକ୍ଷ ଲକ୍ଷ ମନୁଷ୍ୟ ତଥା ଜୀବସମୂହକୁ ପରିପୁଷ୍ଟ କରିଆସୁଥିବା ବେଳେ ଗତ କିଛି ବର୍ଷ ହେଲା ପ୍ରଦୂଷିତ ହୋଇ ଏହା ପୋତିଯାଉଥିବାରୁ ପରିବେଶବିତ୍ ମାନେ ଚିନ୍ତା ପ୍ରକଟ କରୁଛନ୍ତି। ବିଶେଷ କରି କେନ୍ଦୁଝର ଜିଲାର ଯୋଡା ବ୍ଲକ ଓ ପୌରାଞ୍ଚଳର ଲକ୍ଷାଧିକ ପରିବାର ଏହି ନଦୀରୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପକୃତ ହୋଇଥାନ୍ତି। ନଦୀର ଜଳକୁ ଲୋକେ ପାନୀୟ ଜଳ ସହ ଚାଷ କାର୍ଯ୍ୟ ପାଇଁ ବ୍ୟବହାର କରୁଛନ୍ତି। ବୈତରଣୀ ନଦୀର ଅନ୍ୟତମ ଶାଖା ନଦୀ ଭାବରେ ପରିଗଣିତ ସୋନା ନଦୀଟି ଏବେ ପ୍ରଦୂଷିତ ହେବା ସାଙ୍ଗକୁ ପୋତି ହୋଉଥିବା ଘଟଣା ଜନସାଧାରଣଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏହି ନଦୀଟିର କ୍ୟାଚମେଣ୍ଟ ଏରିଆ ବା ଜଳଧାରଣ କ୍ଷମତା ବିଭିନ୍ନ କାରଣରୁ ସଂକୁଚିତ ହେବାକୁ ଲାଗିଛି। ବିଶେଷ କରି ଯୋଡା ଓ ରୋଇଡା ଖଣି ଅଞ୍ଚଳ ହୋଇଥିବାରୁ ଏବେ ଏହି ନଦୀଟି ପ୍ରତି ନାନା ବିପଦ ଦେଖାଦେଇଛି। ଖଣିଖାଦାନ ଓ ଶିଳ୍ପର ବର୍ଜ୍ୟବସ୍ତୁ ନଦୀରେ ମିଶୁଥିବା, ବ୍ୟାପକ ଜଙ୍ଗଲ ନଷ୍ଟ ଯୋଗୁଁ ବହୁ ପରିମାଣରେ ହେଉଥିବା ମୃତ୍ତିକା କ୍ଷୟ ଆଦି ଯୋଗୁ ଏହା ପୋତିହୋଇଯାଉଥିବାର ପ୍ରମୁଖ କାରଣ ପାଲଟିଛି। ତେବେ ବୈଜ୍ଞାନିକ ପଦ୍ଧତିରେ ଏହାର ସୁରକ୍ଷା ପାଇଁ ଖଣି କଂପାନୀ କିମ୍ବା ସରକାରୀ ସ୍ତରରେ ସେଭଳି ବ୍ୟବସ୍ଥା କରାଯାଉନଥିବାରୁ ଏହା ଅସ୍ତିତ୍ୱ ହରାଇବାକୁ ବସିଛି। ଏହା ବ୍ୟତୀତ ଏହି ନଦୀଟି ମଧ୍ୟ 'ବୃହତ୍ କାନପୁର ଜଳଭଣ୍ଡାର'ର ଉପର ଭାଗରେ ପ୍ରବାହିତ ହୋଇ ବୈତରଣୀରେ ମିଶୁଥିବାରୁ ଉଭୟ ନଦୀ ପାଇଁ 'ସିଲଟିଂ' (ନଦୀ ଗର୍ଭରେ ଆବର୍ଜନାର ଆସ୍ତରଣ) ସମସ୍ୟା ସୃଷ୍ଟି ହୋଇଛି। ପ୍ରତିବର୍ଷ 'ସିଲଟିଂ' ଯୋଗୁଁ ନଦୀଟି କ୍ରମେ ପୋତି ହେବାରେ ଲାଗିଛି। ସେହିପରି ବୈତରଣୀ ନଦୀ ଭଳି ସୋନା ନଦୀ କାନପୁର ଜଳସେଚନ ପ୍ରକଳ୍ପର ଏକ ପ୍ରମୁଖ କ୍ୟାଚମେଣ୍ଟ ଏରିଆ ହୋଇଥିବାରୁ ଏହା ଜଳଭଣ୍ଡାର ପାଇଁ ବିପଦ ସୃଷ୍ଟି କରିବ ବୋଲି ମତପ୍ରକାଶ ପାଉଛି।

କୃଷି ଓ କୃଷକର ସାଥୀ ସାଜିଥିବା ଏହି ନଦୀ ଏବେ ଖଣି କମ୍ପାନୀଙ୍କ ଦ୍ୱାରା ଜର୍ଜରିତ। ୧୫/୨୦ ବର୍ଷ ତଳେ ସୋନା ନଦୀ ଏକଦା ଉକ୍ତ ଅଞ୍ଚଳର କୃଷିକାର୍ଯ୍ୟରେ ପ୍ରମୁଖ ଭୂମିକା ତୁଲାଇ ଆସୁଥିଲା। ମାତ୍ର ଧୀରେ ଧୀରେ କେନ୍ଦୁଝର ଜିଲାର ଯୋଡ଼ା-ବଡ଼ବିଲ ଓ ସୁନ୍ଦରଗଡ଼ ଜିଲାର ରୋଇଡ଼ା ଖଣି ଅଞ୍ଚଳରେ ବ୍ୟାପକ ଖଣି ଖନନ, ଜଙ୍ଗଲ ନଷ୍ଟ ଯୋଗୁଁ ଏହି ନଦୀର ରୂପରେଖ ବଦଳିବାକୁ ଲାଗିଲା।

ଖଣି ଓ ଖାଦାନର ମଇଳା ଆବର୍ଜନା ବା ବର୍ଜ୍ୟବସ୍ତୁ ଯୋଗୁଁ ନଦୀଟି ପୋତି ହେବା ସହ ବିଷାକ୍ତ ହୋଇଯାଉଥିବାରୁ ଚିନ୍ତାର କାରଣ ପାଲଟିଛି। ବ୍ୟାପକ ଖଣି ଖନନ ଓ 'ସିଲଟିଂ' କାରଣରୁ ଧୀରେ ଧୀରେ ଏହାର ପ୍ରବାହ ସଂକୁଚିତ ହୋଇ ଚିରସ୍ରୋତା ସୋନା ନଦୀ 'ନାଳ' ପାଲଟିଛି। ଏହି ନଦୀର ପାଣି ବର୍ଷାଦିନରେ ଲାଲ ରଙ୍ଗ ପାଲଟେ। ଯାହାକି ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ସାଧାରଣତଃ, ଏହି ନଦୀର ଉପରମୁଣ୍ଡରେ ଥିବା ଖଣିଖାଦାନରୁ ନିର୍ଗତ ଲୌହପଥର ଗୁଣ୍ଡ,ଅନ୍ୟାନ୍ୟ ଖାଦାନ ବର୍ଜ୍ୟବସ୍ତୁ ବର୍ଷା ଜଳରେ ଧୋଇ ହୋଇ ନଦୀରେ ପଡ଼ିଥାଏ। ଉପର ମୁଣ୍ଡରେ ଅବସ୍ଥିତ ଖଣିଖାଦାନରୁ ବର୍ଷାଦିନେ ଲୁହାଗୁଣ୍ଡ( ଆଇରନ୍ ଅକ୍ସାଇଡ୍ ପାର୍ଟିକିଲ୍) ଓ କଳକାରଖାନାର ବର୍ଜ୍ୟବସ୍ତୁ ଧୋଇ ହୋଇ ନଦୀଟିକୁ କ୍ରମଶଃ ପୋତି ପକାଉଛି।

ସେହିପରି ଯୋଡା ପୌରାଞ୍ଚଳରୁ ବାହାରୁ ଥିବା ମଇଳା ଆବର୍ଜନାକୁ ଠିକ ଭାବରେ ପରିଚାଳନା ନ କରି ଏଣେ ତେଣେ ଫିଙ୍ଗାଯାଉଥିବା ଏବଂ ମଇଳା ଆବର୍ଜନା ପାଣିକୁ ବିନା ଟ୍ରିଟମେଣ୍ଟରେ ନଦୀକୁ ଛାଡିଦିଆଯାଉଥିବାରୁ ଜଳ ପ୍ରଦୂଷିତ ହେଉଛି। ନଦୀଜଳ ପ୍ରଦୂଷଣ ଯୋଗୁଁ ସହରରେ ବିଭିନ୍ନ ବସ୍ତିରେ ରହୁଥିବା ଲୋକେ ନଦୀରେ ଗାଧୋଇ ବା ବ୍ୟବହାର କରି ଚର୍ମ ଓ ପେଟ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ, ଏହି ନଦୀର ଉପର ମୁଣ୍ଡରେ ଥିବା ଖଣି ଅଞ୍ଚଳରୁ ବ୍ୟାପକ ମାତ୍ରାରେ ଖଣି ଖନନ ପାଇଁ ଲିଜ୍ ଦିଆଯାଇଥିବାରୁ ପରିସ୍ଥିତି ଉତ୍କଟ ହୋଇପଡିଛି। ଏହି ନଦୀରୁ ଅନେକ ଛୋଟବଡ କାରଖାନା ନିଜସ୍ୱ ବ୍ୟବହାର ନିମନ୍ତେ ପାଣି ନେଉଥିବାରୁ ନଦୀଟି ଶୁଷ୍କ ହୋଇପଡୁଛି। କେନ୍ଦୁଝର ଜିଲାର ଯୋଡ଼ା-ବଡ଼ବିଲ ଅଞ୍ଚଳରେ ଗଢି ଉଠିଥିବା ଶିଳ୍ପକାରଖାନାଗୁଡିକ ଯୋଗୁଁ ସୋନା ନଦୀ ସମେତ କୁନ୍ଦୁରୁନାଳ,ବଳଦା ନାଳ,ଦଲକି ନାଳ,ଜରିବାର ନାଳ,ଖଣ୍ଡାନାଳ ଭଳି ଛୋଟବଡ ଜଳଉତ୍ସ ବିଶେଷ ଭାବେ ପ୍ରଭାବିତ ହେଉଛି। ଏବେ ନଦୀଟି ଏକ ପ୍ରକାର ମୃତହେବାକୁ ବସିଥିବାବେଳେ ଏହାର ପ୍ରଦୂଷଣ ସମସ୍ୟା ଯୋଡ଼ା-ବଡ଼ବିଲବାସୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। କ୍ଷୁଦ୍ରନାଳ ପାଲିଟିଥିବାବେଳେ ଚିରସ୍ରୋତା ସୋନା ନଦୀର ପାଣି ବିଷାକ୍ତ ହୋଇଛି। ଏହି ନଦୀ କୂଳରେ ଗଢି ଉଠିଥିବା ଅନେକ କାରଖାନା ଓ ଖଣିଖାଦାନ ଏଥିପାଇଁ ଦାୟୀ ବୋଲି ସାଧାରଣରେ ଆଲୋଚନା ହେଉଛି। ଟ୍ରିଟମେଣ୍ଟ ପ୍ଲାଣ୍ଟ ନ ଥିବାରୁ ଯୋଡା ପୌରପାଳିକାର ମଇଳା ଆବର୍ଜନା ପାଣି ସିଧା ନଦୀକୁ ଛାଡି ଦିଆଯାଉଥିବାରୁ ଜଳ ପ୍ରଦୂଷଣ ହେଉଛି।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର କହିଛନ୍ତି,ଏଠାରେ ଜଳ ପ୍ରଦୂଷଣ ରୋକିବା ପାଇଁ ପ୍ରତ୍ୟେକ ଖଣି ଏବଂ ଶିଳ୍ପ ସଂସ୍ଥା ଟ୍ରିଟମେଣ୍ଟ ପ୍ଲାଣ୍ଟ କରିଛନ୍ତି। ଯୋଡ଼ା ପୌରପାଳିକା ଅଦ୍ୟାବଧି ତାହା କରିନାହିଁ। ଜାତୀୟ ୱାଟର ମନିଟରିଂ ପ୍ରୋଗ୍ରାମରେ ନଦୀ ଜଳକୁ ପ୍ରତ୍ୟେକ ମାସ ଯାଞ୍ଚ ପାଇଁ ପଠାଯାଉଛି। ନଦୀ ଜଳକୁ ବ୍ୟବହାର ଉପଯୋଗୀ କରିବା ପାଇଁ ଫିଟ୍ ଫର ବାଥ୍ କାର୍ଯ୍ୟକ୍ରମ ଆରମ୍ଭ ହେବ।

ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ରାଧାକାନ୍ତ ନାୟକ କହିଛନ୍ତି, ଯୋଡ଼ା ଅଞ୍ଚଳର ସୋନା ନଦୀ ସମେତ ଅନ୍ୟାନ୍ୟ ନଦୀନାଳ ଖଣିଖାଦାନ ଓ ଶିଳ୍ପ ଯୋଗୁଁ ବ୍ୟାପକ ପ୍ରଦୂଷଣ ହେବାସହ ପୋତିହୋଇଯିବାକୁ ବସିଛି। ଏହା ଦ୍ୱାରା ଜଳସଂକଟ ସୃଷ୍ଟି ହେଉଛି। ଖଣିଖାଦାନ ଓ ଶିଳ୍ପର ବର୍ଜ୍ୟବସ୍ତୁକୁ ଠିକ୍ ଭାବରେ ଟ୍ରିଟମେଣ୍ଟ କରାଯାଉନଥିବାରୁ ତାହା ନଦୀରେ ପଶୁଛି। ଏ ନେଇ ଖଣି କଂପାନୀ କିମ୍ବା ପ୍ରଶାସନ ପଦକ୍ଷେପ ନେଉନାହାନ୍ତି। ଏଣୁ ଅନେକ ସମୟରେ ଲୋକେ ନଦୀନାଳ ସଫେଇ କରୁଥିବା ବେଳେ ଏନେଇ କୌଣସି ସହଯୋଗ କାହାରିଠାରୁ ମିଳୁନାହିଁ।

## ନଦୀକୁ ସୁରକ୍ଷା ଦିଅ, ଲୋକଙ୍କୁ ସୁରକ୍ଷା ଦିଅ

ଚଳିତ ବର୍ଷ ନଦୀ ସୁରକ୍ଷା ପାଇଁ ଅନ୍ତର୍ଜାତୀୟ କାର୍ଯ୍ୟାନୁଷ୍ଠାନ ଦିବସ 'ନଦୀକୁ ସୁରକ୍ଷା ଦିଅ, ଲୋକଙ୍କୁ ସୁରକ୍ଷା ଦିଅ' ବିଷୟବସ୍ତୁ ଉପରେ କେନ୍ଦ୍ରିତ। ବିଶ୍ୱବ୍ୟାପୀ ସମ୍ପ୍ରଦାୟର ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ଜୀବିକା ସୁନିଶ୍ଚିତ କରିବା ପାଇଁ ନଦୀ ପରିସଂସ୍ଥାକୁ ରକ୍ଷା କରିବା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏଥିଲାଗି ପରସ୍ପର ଯୋଡ଼ି ହେବା ସହ ଏହାର କାର୍ଯ୍ୟାନ୍ୱୟନ ଲାଗି ଶପଥ ନେବାକୁ ଏହା ଆହ୍ୱାନ ଦିଏ।

# ଖୋଲିଲା ମୃତ ଶୁକପାଇକା ନଦୀର ମୁହାଣ

**କଟକ ସଦରରୁ ସୁଶାନ୍ତ କୁମାର ଜେନା**

କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶୁକ ପାଇକା ନଦୀର ମୁହାଣ ମହାନଦୀର ଆୟଓପୁର ନିକଟରେ ୨୦୨୫ରେ ଖୋଲି ଦିଆଯାଇଛି। ଏହାକୁ ଅଦ୍ୟାବଧି ନଦୀ କୁହା ନ ଯାଇ କେନାଲ ବୋଲି କୁହାଯାଉଛି। ୩୪ କିମି ଲମ୍ବ ଏହି କେନାଲରେ ୩୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି କେନାଲ ଦ୍ୱାରା ଜଳସେଚନ ଅପେକ୍ଷା ମତ୍ସ୍ୟଚାଷକୁ ଅଧିକ ପ୍ରୋତ୍ସାହନ ମିଳିବ ବୋଲି ଲକ୍ଷ୍ୟ ରଖାଯାଇଛି। କଟକ ସଦର ତହସିଲର ଆୟଓପୁର,କିଶନ ନଗର ତହସିଲର ବାରଦା, ଧରିଣା, ଯଶପଡ଼ା, ଅରିଲୋ, ସୋମପୁର୍, ବୋଧପୁର, ପ୍ରହରାଜପୁର, ମାଣପୁର, ଇସାଣୀ ବ୍ରହ୍ମପୁର,ସିର୍ଲୋ ଆଦି ପଞ୍ଚାୟତ ଦେଇ ବାଙ୍କଳ ନିକଟରେ ଏହି କେନାଲ ପୁଣି ମହାନଦୀରେ ମିଶିଯାଇଛି। ଆୟଓପୁର ଓ ବାଙ୍କଳ ନିକଟରେ ୨ଟି ସ୍ଲୁଇସ ରହିଛି। ମହାନଦୀରୁ ଏହି କେନାଲ ବାଟେ ଜଳ ପ୍ରବାହିତ ହେବ। ମାତ୍ର ଏବେ ମହାନଦୀରେ କେବଳ ୩ ମାସ ପାଇଁ ନଦୀ ଜଳ ପ୍ରବାହିତ ହେଉଛି। ଅନ୍ୟ ସମୟରେ ଶୁଖିଲା ରହିଥିବାରୁ ତାଳଦଣ୍ଡା ମୁଖ୍ୟ କେନାଲର ୧ନଂ ଶାଖା କେନାଲରୁ ଏକ ଏସ୍କେପ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ଚାଲିଛି। ବର୍ଷର ଅନ୍ୟ ସମୟରେ ଏହି ବାଟେ ପାଣି ଶୁକ ପାଇକାକୁ ଛଡାଯିବ। ଉପର ବର୍ଣ୍ଣିତ ଗ୍ରାମ ପଞ୍ଚାୟତଗୁଡ଼ିକରେ ଜଳ ସେଚନ ସୁବିଧା ପାଇଁ ୧୯୫୧ ମସିହାରେ ତତ୍କାଳୀନ ଜଳ ସେଚନ ମନ୍ତ୍ରୀ ସ୍ୱର୍ଗତ ରାଜ କୃଷ୍ଣ ବୋଷ ଶୁକପାଇକା ନଦୀକୁ ବନ୍ଦ କରି ଦେଇଥିଲେ। ତାପରେ ୧ ନଂ ଶାଖା କେନାଲ ତାଳଦଣ୍ଡାରୁ ବାହାର କରାଯାଇ ସାଉଥ୍ ଓ ନର୍ଥ ଚାନେଲ ମାଧ୍ୟମରେ ନଦୀ ଜଳକୁ ଚାଷ ଜମିକୁ ଯୋଗାଇ ଦିଆଯାଇଥିଲା।



ମୁହାଣ ଖୋଲାଯାଇଥିବା ଶୁକ ପାଇକା



ଦଳରେ ପରିପୂର୍ଣ୍ଣ ଗଙ୍ଗୁଆ ନାଳ

# ଅସ୍ତିତ୍ୱ ହରାଉଛି 'ଗଙ୍ଗୁଆ'

**ଭୁବନେଶ୍ୱରରୁ ବନ୍ଦନା ସେଠୀ**

ରାଜଧାନୀ ଭୁବନେଶ୍ୱରରେ ପ୍ରବାହିତ ଗନ୍ଧବତୀ ନଦୀ ଏବେ ପାଲଟିଛି ଗଙ୍ଗୁଆ ନାଳ। ଅବହେଳା ପାଇଁ ପ୍ରଥମେ ନାଳ ଏବଂ ଏବେ ଅଦୃଶ୍ୟ ପ୍ରାୟ ଅବସ୍ଥାରେ ରହିଛି। ଜବରଦଖଲକାରୀଙ୍କ କବ୍‌ଜାରେ ରହି ଏହା ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। କେଉଁଠି ଆବର୍ଜନାରେ ପୋତି ହୋଇଗଲାଣି ତ ଆଉ କେଉଁଠି ନାଳ ଉପରେ ଜବରଦଖଲକାରୀମାନେ ଦୋକାନ ବଜାର ନିର୍ମାଣ କରି ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି। ଫଳରେ ବର୍ଷା ଦିନେ ଭୁବନେଶ୍ୱରରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ଗଙ୍ଗୁଆ ନାଳର ପୁନରୁଦ୍ଧାର ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ ବିଏମ୍‌ସି କିମ୍ବା ରାଜ୍ୟ ସରକାର ଏଥିପ୍ରତି ଆବଶ୍ୟକ ଦୃଷ୍ଟି ଦେଉ ନାହାନ୍ତି। ପୌରାଣିକ କିମ୍ବଦନ୍ତୀର ଅନନ୍ୟ ପରିଚୟ ଏକାମ୍ରର ପୁଣ୍ୟତୋୟା ଗଙ୍ଗା ଭାବେ ପରିଚିତ ଥିବା ଗନ୍ଧବତୀ ନଦୀ, ଏବେ ଭୁବନେଶ୍ୱରର ଆବର୍ଜନା ଦ୍ୱାରା ଦୂଷିତ ହୋଇ ଗଙ୍ଗୁଆ ନାଳରେ ପରିଣତ ହୋଇଛି। କଳିଙ୍ଗର ଗୌରବମୟ ଇତିହାସର ଚୋଡ଼ଙ୍ଗଗଡ଼ରୁ ଶିଶୁପାଳଗଡ଼ ପର୍ଯ୍ୟନ୍ତ ପରିବ୍ୟାପ୍ତ ଏହି ଗନ୍ଧବତୀ ନଦୀ କୋଡିଏ ପଚିଶ ବର୍ଷ ତଳେ ସାଧାରଣଲୋକଙ୍କ ପାଇଁ ଅମୃତ ପାନୀୟ ସଦୃଶ ଥିଲା। ସ୍ଥାନୀୟ ଲୋକମାନେ ଏହି ପାଣିକୁ ବ୍ୟବହାର ସହିତ ପାନୀୟ ଜଳ ଭାବେ ମଧ୍ୟ ଗ୍ରହଣ କରୁଥିଲେ। ମାତ୍ର ଭୁବନେଶ୍ୱର ସହର ମଧ୍ୟଦେଇ ବାହାରୁଥିବା ସମସ୍ତ ବର୍ଜ୍ୟ ପାଣିକୁ ବିଏମ୍‌ସି ଏହି ନଦୀରେ ଛାଡିଦେଇ ଗଙ୍ଗୁଆକୁ ଏବେ ମୃତ ନଦୀ ଭାବେ ସଜାଇ ଦେଇଛି। ଦିନେ ସହରବାସୀଙ୍କ ଜୀବନଧାରା ପାଲଟିଥିଲା ଗଙ୍ଗୁଆ ଏବେ ବିଷାକ୍ତ ଜଳରାଶିରେ ପରିଣତ ହୋଇଛି। ସେହିପରି ଏହି ନାଳର ଅପରିଷ୍କାର ଜଳ ଦୟାନଦୀରେ ମିଶି ସେହି ପାଣିକୁ ମଧ୍ୟ ବିଷାକ୍ତ କରୁଛି।

> ଗନ୍ଧବତୀ ନଦୀ ଭୁବନେଶ୍ୱରର ବର୍ଜ୍ୟ ବହନକରି ଗଙ୍ଗୁଆ ନାଳରେ ପରିଣତ ହୋଇଛି। ଏହି ବର୍ଜ୍ୟ ଯୋଗୁଁ ବିଷାକ୍ତ ହୋଇଥିବା ପାଣି ଦୟାନଦୀରେ ମିଶିବା ଦ୍ୱାରା ସେଠାକାର ଅଧିବାସୀଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଛି। ଗଙ୍ଗୁଆର ବିଷାକ୍ତ ପାଣି ବର୍ତ୍ତମାନ ଦୟାକୁ କବର ଦେବା ପାଇଁ କମାଣ କଷୁଛି। ଗଙ୍ଗୁଆ ପୁନରୁଦ୍ଧାର ପାଇଁ ଅନେକ ପ୍ରୟାସ ହୋଇଥିଲେ ହେଁ ଫଳ ଶୂନ୍। ଏଥିସହ ଏହା ଓଡିଶାର ଗର୍ବ ଚିଲିକାର ଜୈବ ବିବିଧତା ନଷ୍ଟ କରି ସାରିଲାଣି। ଗଙ୍ଗୁଆର ପୁନରୁଦ୍ଧାର ନ ହେଲେ ଆଗାମୀ ଦିନରେ ଦୟା ନଦୀ ଏବଂ ଚିଲିକା ମଧ୍ୟ ନଷ୍ଟ ହୋଇଯିବ।
>
> **- ପ୍ରସନ୍ନ ବିଷୋୟୀ, ମୁଖପାତ୍ର, ମହାନଦୀ ବଞ୍ଚାଅ ଆନ୍ଦୋଳନ**

> ଗଙ୍ଗୁଆ ନଦୀ ଚନ୍ଦକା ଡମପଡା ଜଙ୍ଗଲରୁ ବାହାରି ପିପିଲି କଣ୍ଟିର ଦୟା ନଦୀ ପାଖରେ ପଡିଛି। ଏହି ନଦୀର ଓସାର ପ୍ରାୟ ୨୦୦ଫୁଟ ଥିବାବେଳେ ଏବେ ଉଭୟ ପାର୍ଶ୍ୱରୁ ପ୍ରାୟ ୬୦ ଭାଗ ପୋତି ହୋଇ ନାଳରେ ପରିଣତ ହୋଇ ସାରିଲାଣି। ପ୍ରଶାସନିକ ଅବହେଳା ଏବଂ ସାଧାରଣଲୋକଙ୍କ ସଚେତନା ଅଭାବରୁ ଏଭଳି ସ୍ଥିତି ଉପୁଜିଛି। ଗତ ୧୫ ବର୍ଷ ତଳେ ଏହି ପାଣିକୁ ଆମେ ବ୍ୟବହାର କରୁଥିଲୁ। ମାତ୍ର ଏବେ ତାହା ସମ୍ପୂର୍ଣ୍ଣ ଭାବେ ନର୍ଦ୍ଦମାରେ ପରିଣତ ହୋଇଛି।
>
> **- ଭୀଷ୍ମ ନାରାୟଣ ନାୟକ, ସଭାପତି, ଏକାମ୍ର ଜନଜାଗରଣ ମଞ୍ଚ**

# ମୂଳ ଖରସ୍ରୋତା ୩୧ ବର୍ଷ ହେଲା ବୋହୁନି ପାଣି

**ଯାଜପୁରରୁ ହର୍ଷବର୍ଦ୍ଧନ ବେହେରା**

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଟିକରପଡ଼ାଠାରେ ମୂଳ ଖରସ୍ରୋତା ନଦୀ ଶୁଷ୍କ ହୋଇ ପଡିଛି। ଦୀର୍ଘ ୩୧ ବର୍ଷ ହେଲା ପୋତି ହୋଇ ଯାଇଛି ୧୨ କିଲୋମିଟର ବ୍ୟାପ୍ତ ଏହି ନଦୀ। ନଦୀ ଶଯ୍ୟାର ପୁନରୁଦ୍ଧାର ଓ ସ୍ୱାଭାବିକ ଜଳ ପ୍ରବାହ ବ୍ୟବସ୍ଥା କରାଇବା ଲାଗି ଗତ ଦୁଇ ଦଶନ୍ଧି ହେଲା ଅଞ୍ଚଳବାସୀ ସରକାରଙ୍କ ନିକଟରେ ଦାବି କରି ଆସୁଛନ୍ତି। ହେଲେ ଦାବିକୁ ନେଇ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଫଳରେ ହଜାର ହଜାର ଅଞ୍ଚଳବାସୀ ମୂଳ ଖରସ୍ରୋତାର ଲାଭ ପାଇବାରୁ ବଞ୍ଚିତ ରହିଛନ୍ତି। ଏ ସମସ୍ୟା ସମ୍ପର୍କରେ ଖରସ୍ରୋତା ପୁନରୁଦ୍ଧାର ସମିତି ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତେବେ ୨୪।୫।୨୦୨୩ରେ ଜଳ ସମ୍ପଦ ବିଭାଗର ଅନୁସଚିବ ଭାଗୀରଥି ପାଢୀ ଏହି ଅଭିଯୋଗର ସତ୍ୟାସତ୍ୟ ଜାଣିବା ସହ ଏକ ବାସ୍ତବ ରିପୋର୍ଟ ପ୍ରସ୍ତୁତ କରିବାକୁ ବିଭାଗୀୟ ଇଞ୍ଜିନିୟର-ଇନ-ଚିଫଙ୍କୁ ପତ୍ର ଲେଖିଥିଲେ। ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ଇତିମଧ୍ୟରେ ଏଭଳି ଏକାଧିକ ପତ୍ର ଦେଇ ନିଜର ଦାୟିତ୍ୱ ମାତ୍ର ସମ୍ପାଦନ କରୁଛନ୍ତି ବୋଲି ଅଭିଯୋଗ ହେଉଛି।

ମୂଳ ଖରସ୍ରୋତା ଦିନେ ଯାଜପୁର ଜିଲା ରସୁଲପୁର ବ୍ଲକ ଟିକରପଡା, ନଥୁଆବର, ବଡକଇଁଚି, ଗନ୍ଧଣ, ରାହାମ୍ବା, ଭୋଟକା ଓ ରସୁଲପୁର ପଞ୍ଚାୟତବାସୀଙ୍କ ଜୀବନ ରେଖା ଭାବେ ପରିଚିତ ଥିଲା। ପ୍ରାୟ ୩୦ ହଜାର କୃଷକ, କୃଷି ଶ୍ରମିକ, ସାଧାରଣ ବାସିନ୍ଦା ଏହି ନଦୀ ଜଳ ଉପରେ ନିର୍ଭର କରୁଥିଲେ। ୧୯୯୨-୯୩ ଆର୍ଥିକ ବର୍ଷରେ ଶ୍ରୀବନ୍ତପୁର ଠାରୁ ୧୨.୫ କିଲୋମିଟର ଲମ୍ବ ବିଶିଷ୍ଟ ବନ୍ଧ ନିର୍ମାଣ କରାଗଲା। ଏଥିଯୋଗୁ ମୂଳ ଖରସ୍ରୋତା ଶୁଖି ଯାଇଥିଲା। ନିର୍ମାଣ ସମୟରେ ଯଦି ଏକ ସ୍ଲୁଇସ ଫାଟକ ତିଆରି ହୋଇଥାନ୍ତା ତେବେ ମୂଳ ଖରସ୍ରୋତାରେ ଏବେବି ଜଳ ପ୍ରବାହିତ ହେଉଥାନ୍ତା। ଏହାର ପୁନରୁଦ୍ଧାର ପାଇଁ ୨୭।୯।୨୦୨୨ରେ ଖରସ୍ରୋତା ପୁନରୁଦ୍ଧାର ସମିତି ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ଆଲୋଚନା ହୋଇଥିଲା। ଏହାପରେ ୨୦୨୨ ନଭେମ୍ବର ୨୦ ତାରିଖରେ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ ଦଳ କ୍ଷେତ୍ର ପରିଦର୍ଶନ କରି ଫେରିଥିଲେ। ଜଳ ପ୍ରବାହ ବନ୍ଦ ହେବାରୁ ଶୁଖିଲା ନଦୀପଠାରେ ତଣ୍ଡି, ଅମରି ଓ ଅନ୍ୟାନ୍ୟ ବଣୁଆବୁଦା ଭର୍ତ୍ତି ହୋଇଯାଇଥିବାରୁ ମଶା, ମାଛି, କୀଟ ଓ ସରୀସୃପ ବଂଶ ବୃଦ୍ଧି ପାଇଛି। ଫଳରେ ଏହାର ତଟବର୍ତ୍ତୀ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଅଞ୍ଚଳବାସୀ ଓ ଗୃହପାଳିତ ପ୍ରାଣୀ ବିଭିନ୍ନ ରୋଗରେ ପଡୁଛନ୍ତି। ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବାରୁ ଗ୍ରୀଷ୍ମ ମାସରେ କୂଳ, ପୋଖରୀ ଓ ଗଡିଆ ଶୁଖି ଯାଉଛି। ନଦୀ ଶୁଷ୍କ ହେବାରୁ ଶତାଧିକ ମତ୍ସ୍ୟଜୀବୀ ଜୀବିକା ହରାଇଛନ୍ତି। ସମିତି ପକ୍ଷରୁ ଦୀର୍ଘଦିନ ହେଲା ଟିକରପଡା ବନ୍ଧକୁ ମଜଭୁତ କରି ଏକ ସ୍ଲୁଇସ ଗେଟ ନିର୍ମାଣ କରାଯାଇ ଶୁଷ୍କ ନଦୀଶଯ୍ୟାରେ ଜଳପ୍ରବାହ ସହ ଖଣ୍ଡିତର ଗ୍ରାମଠାରେ ଜଳ ନିଷ୍କାସନ ବ୍ୟବସ୍ଥା ପାଇ ଦାବି କରାଯାଉଛି। ଖଣ୍ଡିତର ଠାରେ ଏକ ସ୍ଲୁଇସ ଗେଟ୍ ନିର୍ମାଣ ହୋଇଛି। କିନ୍ତୁ ନଦୀର ଉପରମୁଣ୍ଡରେ ଜଳପ୍ରବାହକୁ ବନ୍ଦ କରାଯାଇଥିବାରୁ ଉକ୍ତ ସ୍ଲୁଇସ ଗେଟ୍ କୌଣସି କାର୍ଯ୍ୟରେ ଆସୁନାହିଁ। ଗତ ୧୩।୮।୨୦୧୯ରେ ଲୋୟର ମହାନଦୀ ବେସିନର ବନ୍ୟା ନିୟନ୍ତ୍ରଣ ତଥା ନଦୀଶଯ୍ୟା ସୁରକ୍ଷା ବିଭାଗୀୟ ମୁଖ୍ୟ ଯନ୍ତ୍ରୀ ଟିକରପଡ଼ାର ସ୍ଲୁଇସ ଗେଟ୍ ନକ୍ସା ପ୍ରସ୍ତୁତ ପାଇଁ ଜଳ ସମ୍ପଦ ବିଭାଗ ଡିଜାଇନ ମୁଖ୍ୟଯନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ତା' ପରଠାରୁ ବିଭାଗୀୟ ତତ୍ପରତା ନୈରାଶ୍ୟଜନକ ରହିଛି।

୨୦୨୪ ଡିସେମ୍ବରରେ ମୂଳଖରସ୍ରୋତା ନଦୀ ଉପରମୁଣ୍ଡରେ ଏକ ସ୍ଲୁଇସ ଗେଟ ନିର୍ମାଣ ଓ ନଦୀ ପୁନଃରୁଦ୍ଧାର ପ୍ରକଳ୍ପକୁ ବୈଷୟିକ ମଞ୍ଜୁରୀ ମିଳିଥିବା ସୂଚନା ମିଳିଛି। ହେଲେ ଏଯାଏ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ।



ମୂଳ ଖରସ୍ରୋତା

**ଆଜି ରାଷ୍ଟ୍ରୀୟ ଲୋକ ଅଦାଲତ**

**ସୁନ୍ଦରଗଡ (ଜୟ ନାରାୟଣ ମେଣ୍ଟୁଳି) :** ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶନିବାର ଜିଲା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ଦେୱାନୀ, ଫୌଜଦାରୀ, ମୋଟର ଯାନ, ବ୍ୟାଙ୍କ, ଦୂର ସଞ୍ଚାର, ବକେୟା ବିଦ୍ୟୁତ୍ ଦେୟ ଆଦିର ଫଇସଲା ହେବ। ଏହାର ସୁବିଧା ନେବାକୁ ଜିଲା ଆଇନସେବା ପ୍ରାଧିକରଣର ସଚିବ ଡକ୍ଟର ରୀନତି ମିଶ୍ର ଅନୁରୋଧ କରିଛନ୍ତି।

# ୧୧ କେଭି ବିଦ୍ୟୁତ୍ ତାର କାଟିନେଲେ ଦୁର୍ବୃତ୍ତ

**ବଡ଼ଗାଁ,୧୩।୩(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ କୁରେଇବଗା ଗାଁ ନିକଟରେ ଥିବା ଧରିତ୍ରୀ ଫ୍ଲାଏ ବ୍ରିକ୍ସ (ଇଟାଭାଟି)କୁ ସଂଯୋଗ ଥିବା ୧୧ କେଭି ବିଦ୍ୟୁତ୍ ତାରକୁ ଦୁର୍ବୃତ୍ତମାନେ ଗୁରୁବାର ରାତିରେ କାଟି ନେଇଛନ୍ତି। ଏନେଇ ବଡ଼ଗାଁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଘଟଣା ଅନୁଯାୟୀ, ଫ୍ଲାଏ ବ୍ରିକ୍ସକୁ ୧୧ କେଭି ବିଦ୍ୟୁତ୍ ସରବରାହ ସତ୍ତ୍ୱେ ଦୁର୍ବୃତ୍ତମାନେ ସେହି ତାର କାଟି ନେଇଛନ୍ତି। ଇଟାଭାଟି ମାଲିକ ଭୋଲାନାଥ ନାଏକ ଗୁରୁବାର ଅନୁପସ୍ଥିତ ଥିଲେ। ତେଣୁ ଭାଟିର ଦେଖାଶୁଣା କରୁଥିବା କୁରେଇବଗା ଗ୍ରାମର ବୈଷ୍ଣବ ରକ୍ସା ଏନେଇ ଥାନା ଓ ବଡ଼ଗାଁ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

# ଭୂତତ୍ତ୍ୱ ବିଜ୍ଞାନ ବିଭାଗର ଜାତୀୟ କର୍ମଶାଳା ଉଦ୍‌ଘାଟିତ

**ସୁନ୍ଦରଗଡ଼,୧୩।୩(ଜୟ ନାରାୟଣ ମେଣ୍ଟୁଳି)**

ସୁନ୍ଦରଗଡ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ଓ ଭୂ-ବିଜ୍ଞାନ ସଂଗଠନ, ସରକାରୀ ମହିଳା ମହାବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ଏବଂ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ପୂର୍ବତନ ଛାତ୍ରୀଛାତ୍ର ସଂଘର ମିଳିତ ପ୍ରୟାସରେ ଏକ ୨ଦିନିଆ ଜାତୀୟ କର୍ମଶାଳା ଆୟୋଜନ କରାଯାଇଛି। ଶୁକ୍ରବାର ଏହି କର୍ମଶାଳାର ପ୍ରଥମ ଦିନରେ ଖଣିଜ ଲକ୍ଷ୍ୟ ନିର୍ଦ୍ଧାରଣ ଓ ଅନ୍ୱେଷଣ ଏବଂ ଭୂଗର୍ଭ ଜଳ ସମ୍ପଦ ମୂଲ୍ୟାଙ୍କନ ଭଳି ବିଷୟରେ ପ୍ରାୟୋଗିକ ପ୍ରାବିଧିକ ପର୍ଯ୍ୟାୟଗୁଡିକ ଆୟୋଜିତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଯୋଗଦେଇ କର୍ମଶାଳାକୁ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୃଷ୍ଠପୋଷକ ଓ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷା ବବିତା ଭିତ୍ରିଆ କର୍ମଶାଳାର ଉପଯୋଗୀତାକୁ ଉପଲବ୍ଧକରି କାର୍ଯ୍ୟରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟାନ୍ୟ ଅତିଥିଭାବେ ବିଶ୍ୱ ଗୋଷ୍ଠୀର ଧାତୁ ଓ ଖଣି ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁନୀତ ପଟେଲ ଏବଂ ପୂର୍ବତନ ଛାତ୍ର ବୃନ୍ଦାବନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କର୍ମଶାଳାର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟାନ୍ୟ ଅତିଥିଭାବେ ପୂର୍ବତନ ଛାତ୍ରୀଛାତ୍ର ସଂଘର ସଭାପତି ଅଧ୍ୟାପକ ଅଶୁତୋଷ ନାଏକ ଅଂଶଗ୍ରହଣ କରି ଭୂତତ୍ତ୍ୱ ବିଜ୍ଞାନର ପ୍ରାୟୋଗିକ ଦିଗ ଉପରେ ଦର୍ଶାଇଥିଲେ। କର୍ମଶାଳାର ସଂଯୋଜକ ଭାବେ ସହକାରୀ ପ୍ରାଧ୍ୟାପକ ଡକ୍ଟର ଶିବ ପ୍ରସାଦ ମହାନ୍ତି ଦାୟିତ୍ୱ ନିର୍ବାହ କରିଥିଲେ। ଏହିପରିପ୍ରେକ୍ଷୀରେ ଗବେଷଣା ଓ ଉନ୍ନୟନ କୋଷର ସଦସ୍ୟ ସହକାରୀ ପ୍ରଫେସର ଡ.ପ୍ରଦୀପ କୁମାର ସାମନ୍ତରାୟ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ନିଭାଇଥିଲେ। ଶେଷରେ ଅଧ୍ୟାପିକା ଡ. ସୁପ୍ରିୟା ପ୍ରିୟଦର୍ଶିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ବିଶ୍ୱବିଦ୍ୟାଳର ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ପ୍ରଥମ ପ୍ରାଯୁକ୍ତିକ ଅଧିବେଶନକୁ ଆୟୋଜନ ସଚିବ ଭାବେ ଅଧ୍ୟାପିକା ପ୍ରଜ୍ଞା ପରମିତା ଦାସ ସଂଯୋଜନା କରିଥିଲେ। ଦ୍ୱିତୀୟ ପ୍ରାଯୁକ୍ତିକ ଅଧିବେଶନକୁ ଅଧ୍ୟାପକ ଡ.ମାନସ ରଞ୍ଜନ ଜେନା ପରିଚାଳନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସୁମନ୍ତ କୁମାର ମହନ୍ତ ଭୂଗର୍ଭଜଳ ସମ୍ପଦ ମୂଲ୍ୟାଙ୍କନ ଭଳି ବିଷୟରେ ଆଲୋଚନା କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# କୋର୍ଟ ଚାଲାଣ ହେଲେ ଏଏସ୍‌ଆଇ

**ସୁନ୍ଦରଗଡ, ବଡ଼ଗାଁ,୧୩।୩**
**(ଜୟ ନାରାୟଣ ମେଣ୍ଟୁଳି/ ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନାର ଏଏସ୍‌ଆଇ ଅରୂପା ନନ୍ଦ ଦାସ ଗୁରୁବାର ସନ୍ଧ୍ୟାରେ ଜଣେ ଢାବା ମାଲିକଙ୍କଠାରୁ ୨୫,୦୦୦ ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡି ଗିରଫ ହୋଇଥିବା ବେଳେ ଶୁକ୍ରବାର ଭିଜିଲାନ୍ସ କୋର୍ଟକୁ ପଠାଯାଇଛି। ଏନେଇ ରାଉରକେଲା ଭିଜିଲାନ୍ସ ଥାନାରେ କେସ୍ ନଂ. ୧/୨୦୨୬, ୟୁ/ଏସ୍-୭ ପିସି (ସଂଶୋଧନ) ଆଇନ ଅନୁଯାୟୀ ଏଏସ୍‌ଆଇ ଦାସଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଭିଜିଲାନ୍ସ ଅଧିକାରୀମାନେ ଏଏସ୍‌ଆଇ ଦାସଙ୍କ ସହିତ ଜଡିତ ୪ଟି ସ୍ଥାନରେ ତଲାସି କରିଥିଲେ। ତଲାସି ସମୟରେ ଦାସଙ୍କ ଭୁବନେଶ୍ୱର ଏବଂ ବଡ଼ଗାଁ ସରକାରୀ କ୍ୱାର୍ଟର୍ସରୁ ନଗଦ ୩ ଲକ୍ଷ ୩୧ହଜାର ୩୧୬ଟଙ୍କା ଜବତ କରାଯାଇଥିଲା। ଏହା ବ୍ୟତୀତ ସେ

**୩ଲକ୍ଷରୁ ଅଧିକ ଟଙ୍କା ଜବତ**



ଗତ ବର୍ଷ ମେ ମାସରେ ଭିଏତନାମ ଗସ୍ତ କରିଥିବା ଜଣାପଡିଥିଲା। ତାଙ୍କ ପାଖରେ ଭିଏତନାମ ଏବଂ ନେପାଳର କିଛି ବିଦେଶୀ ମୁଦ୍ରା ଥିବା ଜଣାପଡିଛି। ବର୍ତ୍ତମାନ ଭୁବନେଶ୍ୱରରେ ତାଙ୍କ ସ୍ତ୍ରୀ ରହୁଥିବା ବାସଭବନ, କଟକ ଜିଲା ଆଠଗଡରେ ଥିବା ପୈତୃକ ଘରେ ଏକ କାଳୀନ ଚଢ଼ାଉ ଜାରି ରହିଥିବା ଜଣାପଡିଛି।

# ଚୋରା ବାଲି ଗଦା ଜବତକୁ ୩ ସପ୍ତାହ ପୂରିଲା, ହୋଇପାରୁନି ନିଲାମ

**କୁଆଁରମୁଣ୍ଡା,୧୩।୩(ମହେନ୍ଦ୍ର କୁମାର ସାହୁ)**

ରାଏବୋଗା ଥାନା ଅଞ୍ଚଳର ସଲଙ୍ଗାବାହାଲ ଓ ଦଲକି ପଞ୍ଚାୟତ ନିକଟ ଦେଇ ଶଙ୍ଖ ନଦୀ ପ୍ରବାହିତ ହୋଇଛି। ଶଙ୍ଖ ନଦୀ ପାର୍ଶ୍ୱରେ ଏହି ୨ପଞ୍ଚାୟତର ୪ ଟି ପ୍ଲଟରେ ୪ ଲକ୍ଷ ଘନ ମିଟର ଚୋରା ବାଲି ଗଦାକୁ ପ୍ରଶାସନ ଗତ ଫେବୃଆରୀ ମାସ ୨୪ ତାରିଖରେ ଜବତ କରିଥିଲା। ସୁନ୍ଦରଗଡ ଜିଲା ଆରକ୍ଷୀ ଅଧିକ୍ଷିକା ଅମ୍ରିତପଲ କୌରଙ୍କ ନିର୍ଦ୍ଦେଶକ୍ରମେ ବୀରମିତ୍ରପୁର ତହସିଲ, ରାଉରକେଲା ଖଣି ବିଭାଗ କର୍ମଚାରୀଙ୍କ ସହ ବୀରମିତ୍ରପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବେଆଇନ ବାଲି ଗଦା ଜବତ କରିଥିଲେ। ଉକ୍ତ ବାଲି ଗଦା ଗୁଡ଼ିକୁ ଖୁବ ଶୀଘ୍ର ନିଲାମ କରାଯିବ ଓ ଅନ୍ୟ ଚୋରା ବାଲି ଗଦା ଗୁଡ଼ିକୁ ଠାବ କରାଯାଇ ଜବତ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ହେଲେ ଘଟଣାକୁ ୩ ସପ୍ତାହ ବିତି ଯାଇଥିଲେ ମଧ୍ୟ ଉକ୍ତ ୪ ଲକ୍ଷ ବର୍ଗ ମିଟର ବାଲି ଗଦା ଅଦ୍ୟାବଧି ନିଲାମ ହୋଇପାରିନାହିଁ। ଏହାସହ ଆଖପାଖରେ ଥିବା ଅନ୍ୟ ବାଲି ଗଦା ଗୁଡ଼ିକ ଉପରେ ମଧ୍ୟ ଆଉ ଚଢ଼ାଉ କରାଯାଇ ନାହିଁ। ଏ ନେଇ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକଙ୍କୁ ପଚରାଯିବାରୁ, ଆମେ ଉକ୍ତ ଚୋରା ବାଲି ଗଦାକୁ ଜବତ କରି ଖଣି ବିଭାଗକୁ ଦେଇଥିଲୁ। ସେମାନେ ସେହି ବାଲି ଗଦାକୁ ଯଥାଶୀଘ୍ର ନିଲାମ କରିବା କଥା। କିନ୍ତୁ ଏ ପର୍ଯ୍ୟନ୍ତ ନିଲାମ ନ ହୋଇଥିବା ସମ୍ପର୍କରେ ପୁଣି ଖଣି ବିଭାଗର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଉପଜିଲାପାଳ ନାୟକ କହିଛନ୍ତି।

# ସଡ଼କ ସୁରକ୍ଷା ସଚେତନତା ସଭା, ଶୋଭାଯାତ୍ରା




ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଉଛି।

**ବଡ଼ଗାଁ,୧୩।୩(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ କଲେଜ ପରିସରରେ ଶୁକ୍ରବାର ପୂର୍ବାହ୍ନରେ ସଡକ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ସଭା ଓ ଛାତ୍ରୀଛାତ୍ର, କର୍ମଚାରୀଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ସଭାରେ ବଡ଼ଗାଁ ନର୍ସିଂ କଲେଜର ଚେୟାରମେନ ଡ. ଅରୁଣ କୁମାର ନାୟକ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତାଭାବେ ବଡ଼ଗାଁ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ଲାକ୍ରା ଯୋଗଦେଇଥିଲେ। ଆରମ୍ଭରେ ଏହି ସଚେତନତା ସଭା ଓ ଶୋଭାଯାତ୍ରାର ଆଭିମୁଖ୍ୟ ଉପରେ କଲେଜ ଅଧକ୍ଷ ହେମନ୍ତ କୁମାର ପଣ୍ଡା ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଡ. ନାୟକ ଦୁର୍ଘଟଣାର ଭୟାବହତା ଏବଂ ସଡକ ସୁରକ୍ଷା ସମ୍ବନ୍ଧୀୟ ନିୟମାବଳୀ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ଲାକ୍ରା ଅସାବଧାନତା ଯୋଗୁ କିପରି ମୂଲ୍ୟବାନ ଜୀବନ ଚାଲିଯାଇଥାଏ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। ଆୟୋଜିତ ସଭାରେ ଛାତ୍ରୀଛାତ୍ରମାନେ ସଡକ ସୁରକ୍ଷା ନିୟମ ଉପରେ ପଚାରି ବୁଝିଥିଲେ। ଛାତ୍ରୀଛାତ୍ରଙ୍କ ପ୍ରଶ୍ନ ଉପରେ ଅତିଥିମାନେ ସଡକ ସୁରକ୍ଷା ନିୟମ ଓ ଦୁର୍ଘଟଣା ନିରାକରଣ ଉପରେ ସବିଶେଷ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ କଲେଜର ଏନଏସଏସ ଓ ୱାଇଆରସି ସଂଯୋଜକ ସୁଶାନ୍ତ କୁମାର ବିଶି ପରିଚାଳନା କରିଥିଲେ। ଶେଷରେ କଲେଜର କର୍ମଚାରୀ ଉତ୍ତମ କୁମାର୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭା ଓ ଶୋଭାଯାତ୍ରାରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

# ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ

**ଲହୁଣିପଡ଼ା,୧୩।୩(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣିପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ତୁମକଲା ଗ୍ରାମରେ ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଅପରାହ୍ନରେ ଗ୍ରାମର ଶତାଧିକ ମହିଳା,ଯୁବତୀ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ପୂର୍ଣ୍ଣ କଳସୀ ଧରି କଳସ ଶୋଭାଯାତ୍ରାରେ ଆସି ଗ୍ରାମ ପରିକ୍ରମା କରିବା ସହିତ ଯଜ୍ଞ ସ୍ଥଳରେ ପହଞ୍ଚିବା ପରେ ଘଟ ସ୍ଥାପନ ଓ ଅଧିବାସ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଗୁରୁବାର ନାମ ଯଜ୍ଞ କରାଯାଇଥିବା ବେଳେ ଶୁକ୍ରବାର ପୂର୍ଣ୍ଣାହୁତି ଓ ନଗର କୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ନାମ ଯଜ୍ଞରେ କର୍ତ୍ତାଭାବେ ରମେଶ ଚନ୍ଦ୍ର କର ଓ ତାଙ୍କ ଧର୍ମପତ୍ନୀ ଆରତୀ କର କର୍ତ୍ତା ଦାୟିତ୍ୱ ତୁଲାଇଥିବା ଥିବା ବେଳେ ରମେଶ ନନ୍ଦ ଯଜ୍ଞ ସଞ୍ଚାଳନ କରିଥିଲେ। ନାମଯଜ୍ଞରେ ବରଗଡ଼ର ଜାମପାଲି, ଝୀରପାଣି, ଦେଓଗାଁ, ଜମିରପୋଷ, ଅର୍କେଇକଳା, ଗମଲେଇ, ଗୋବିନ୍ଦପୁର, କନ୍ତସରା, କେନାଭେଟା ଗ୍ରାମରର କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ଦୟାନିଧି କର,ବଭୂତି ଭୂଷଣ କର, ଟିଙ୍କୁ ପାଲ, ତପନ କୁମାର ସାହୁ, ମିଲୁ କର, ପ୍ରଶାନ୍ତ ଜିତ, ପଞ୍ଚାନନ କର, ମୁକେଶ ପାଲ, ଲିଙ୍ଗରାଜ ସାହୁ, ମନୋଜ ପାଲ, ସନ୍ତୋଷ ସାହୁ, ମହେଶ୍ୱର କର, ନେପାଳ ଝରା, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରମୋଦ ରଣାଙ୍କ ସମେତ ଗ୍ରାମବାସୀଙ୍କ ସହଯୋଗରେ ଅଷ୍ଟପ୍ରହରୀ ନାମଯଜ୍ଞ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା।

# ସଂସ୍କୃତି ମନ୍ତ୍ରୀଙ୍କୁ ସ୍ମାରକ ପତ୍ର ଦେଲେ ଯାତ୍ରା ସଂସଦ ସଭାପତି



ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ବଡ଼ଗାଁ,୧୩।୩(ଅଶୋକ ଷଡଙ୍ଗୀ)**

ଭୁବନେଶ୍ୱରରେ ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ସୁନ୍ଦରଗଡ଼ ଜିଲା ବଡ଼ଗାଁର ରାମଲୀଳା ଯାତ୍ରା ସଂସଦ ସଭାପତି ତଥା ବଡ଼ଗାଁ ବରିଷ୍ଠ ନାଗରିକ ସଂଘ ସଭାପତି ଦିଲ୍ଲୀପ ପୁରୋହିତ ଗୁରୁବାର ତାଙ୍କ କାର୍ଯ୍ୟାଳୟଠାରେ ସାକ୍ଷାତ କରିଛନ୍ତି। ଯାତ୍ରା ପାଇଁ ସରକାରୀ ସହାୟତା ପ୍ରଦାନ ବ୍ୟବସ୍ଥା କରିବାକୁ ଆଲୋଚନା କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଉପସ୍ଥିତରେ ଯାତ୍ରା ସଂସଦର ସଭାପତି ବଡ଼ଗାଁ ରାମଲୀଳା ଯାତ୍ରାର ପୁରାତନତା, ପରମ୍ପରା, ସଂସ୍କୃତି ଉପରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମନ୍ତ୍ରୀ ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାସହ ସଂସ୍କୃତି ମନ୍ତ୍ରୀଙ୍କୁ ରାମଲୀଳା ଯାତ୍ରାରେ ଯୋଗ ଦେବାକୁ ସଭାପତି ଦିଲିପ ପୁରୋହିତ ଅନୁରୋଧ କରିଥିଲେ। ମନ୍ତ୍ରୀଙ୍କୁ ସାକ୍ଷାତ ସମୟରେ ବଡ଼ଗାଁ ବ୍ରାହ୍ମଣ ସମାଜର ସମ୍ପାଦକ ସୌରଭ ପଣ୍ଡା, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର, କେନ୍ଦ୍ରମନ୍ତ୍ରୀଙ୍କ ବଡ଼ଗାଁ ପ୍ରତିନିଧି ଶିଶିର ରାଉତରାୟ, ଉପ ବାଚସ୍ପତିଙ୍କ ବଡ଼ଗାଁ ପ୍ରତିନିଧି ବାବୁଲି କର୍ସେଲ ଉପସ୍ଥିତ ଥିଲେ।

# ବିଧାନସଭାରେ ଉଠିଲା ବୀର ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ପ୍ରସଙ୍ଗ

**ସୁନ୍ଦରଗଡ଼,୧୩।୩ (ଜୟ ନାରାୟଣ ମେଣ୍ଟୁଳି)**

ଗାଙ୍ଗପୁର ବିଦ୍ରୋହର ଜନନାୟକ ଭୂୟାଁ ଆଦିବାସୀ ବୀର ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ପ୍ରଦାନ ପାଇଁ ସର୍ବଭାରତୀୟ ଅଖଣ୍ଡ ଭୂୟାଁସମାଜ ବହୁଦିନରୁ ଦାବି କରିଆସୁଛି। ଏହି ପରିପ୍ରେକ୍ଷୀରେ ବିଧାନସଭାରେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତାଦେବାକୁ ପ୍ରଶ୍ନ କରିଛନ୍ତି ଏବଂ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ଯାହାକୁ ଭୂୟାଁସମାଜ ସମେତ ସୁନ୍ଦରଗଡ଼ ଜିଲାର ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। କିଛିଦିନ ଆଗରୁ ସର୍ବଭାରତୀୟ ଅଖଣ୍ଡ ଭୂୟାଁସମାଜର ଏକ ପ୍ରତିନିଧି ମଣ୍ଡଳୀ ବୀର ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଦାବି ପତ୍ର ପ୍ରଦାନ କରିଥିଲେ। ଏପରିକି ଏ ନେଇ ଭୂୟାଁ ସମ୍ପ୍ରଦାୟର ୨ବିଧାୟକ ଯୋଗେଶ କୁମାର ସିଂହ ଓ ଭବାନୀଶଙ୍କର ଭୋଇଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଭୂୟାଁସମାଜ ଉଲ୍ଲେଖ କରିଛି ଯେ, ବିଗତଦିନରେ ଏମପି ଜୁଏଲ ଓରାମ ଓ ତତ୍କାଳୀନ ଆଦିବାସୀ ବିଭାଗ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ପ୍ରଦାନ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଦାବି ଜଣାଇଥିଲେ। ଏବେ ଡବଲ ଇଞ୍ଜିନ ସରକାର ଶାସନକୁ ଆସିଛି। ତେଣୁ ଖୁବ ଶୀଘ୍ର ଦାବି ପୂରଣ ହୋଇଯିବ, ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ମିଳିବ ବୋଲି ସମାଜ ଆଶାପୋଷଣ କରିଛି। ବିଧାନସଭାରେ ବିଧାୟକ ତନ୍ତୀ ମାଦ୍ରୀ କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ପ୍ରଦାନ ପାଇଁ ଦାବି ଉପସ୍ଥାପନ କରିଥିବାରୁ ସର୍ବଭାରତୀୟ ଅଖଣ୍ଡ ଭୂୟାଁସମାଜ ପକ୍ଷରୁ କେନ୍ଦ୍ରୀୟ ସଭାପତି ମେଘନାଦ ନାଏକ, ଉପଦେଷ୍ଟା ରବିରତ୍ନ ପଟେଲ, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ଅମାତ, ଜିଲା ସଭାପତି ଉଦିତ ଅମାତ, କେନ୍ଦ୍ରୀୟ ସମ୍ପାଦକ ରାମଚନ୍ଦ୍ର ଅମାତ, ଜିଲା କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମାଝୀ, ନଗର ସଭାପତି ରଘୁନାଥ ବେହେରା, ମଣ୍ଡଳ ସଭାପତି ପ୍ରତାପ ନାରାୟଣ ସିଂହ, ଭବାନୀ ମାଝୀ, ପଦ୍ମ ଲୋଚନ ନାଏକ, ବଶିଷ୍ଠ ଭିତ୍ରିଆ, କୁଞ୍ଜ ବିହାରୀ ସାମନ୍ତ, ନବୀନ ସାମନ୍ତ, ବିକ୍ରମ ନାଏକ, ବିପିନ ନାଏକ ପ୍ରମୁଖ ଧନ୍ୟବାଦ ଜଣାଇଛନ୍ତି।

# ୧୬୦ ବୋତଲ କଫ ସିରପ୍ ଜବତ, ଦୁଇ ଅଭିଯୁକ୍ତ ଗିରଫ

**ବଲାଙ୍ଗୀର,୧୩।୩(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଟାଉନ ଥାନା ପୋଲିସ ଟିମ୍ ଗୁରୁବାର ବେଆଇନ କଫ୍ ସିରପ୍ ଚାଲାଣ କରୁଥିବା ଦୁଇ ଜଣ ଅଭିଯୁକ୍ତଙ୍କୁ କାବୁ କରିଛି। ସେମାନଙ୍କ ଠାରୁ ୧୬୦ ବୋତଲ କଫ୍ ସିରପ୍ ଜବତ ହୋଇଛି। ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି ବଲାଙ୍ଗୀର ସହର ସୁଦପଡାର ଗୋପାଳ ପୁଟେଲ ଏବଂ ପିଣ୍ଟୁ ସେଲମା। ସେମାନଙ୍କ ଠାରୁ କଫ୍ ସିରଫ ସହ ଏକ ମୋଟର ସାଇକେଲ ଏବଂ ନଗଦ ୫୧୦ ଟଙ୍କା ଜବତ କରାଯାଇଛି। ପିଣ୍ଟୁ ତାଙ୍କ ଘର ସମ୍ମୁଖରୁ କଫ୍ ସିରପ୍ ଚାଲାଣ କରୁଥିବା ଖବର ପାଇ ପୋଲିସ ଟିମ୍ ଅତର୍କିତ ଚଢ଼ାଉ କରିଥିଲେ। ସେଠାରୁ ଅଭିଯୁକ୍ତ ପିଣ୍ଟୁ ଓ ଗୋପାଳଙ୍କୁ ଗିରଫ କରାଯାଇଥିଲା। ପୋଲିସ ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଟାଉନ ଥାନାରେ ଏକ ମାମଲା (ନଂ୧୩୫/୨୬) ରୁଜୁ କରିଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ସୂଚନା ଦିଆଯାଇଛି।

# ବଡ଼ଗାଁ କପ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ

**ବଡ଼ଗାଁ,୧୩।୩(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ମିନି ଷ୍ଟାଡିୟମରେ ଶୁକ୍ରବାର ବଡ଼ଗାଁ କପ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ୧୦ଟି ଟିମ ଅଂଶଗ୍ରହଣ କରିଥିବା ଏହି ଟୁର୍ନାମେଣ୍ଟର ଉଦଘାଟନୀ ମ୍ୟାଚ ମହାବୀର କ୍ଲବ ଚାମୁଣ୍ଡା ଓ ଶିଳ୍ପ ତାଲିମ କେନ୍ଦ୍ର ବଡ଼ଗାଁ ମଧ୍ୟରେ ହୋଇଥିଲା। ମହାବୀର କ୍ଲବ ଟସ ଜିତି ପ୍ରଥମେ ବୋଲିଂ କରିଥିଲେ। ଶିଳ୍ପ ତାଲିମ କେନ୍ଦ୍ର ଟିମ ୧୪ ଓଭର ୩ ବଲରେ ଅଲ ଆଉଟ ହୋଇ ୬୦ ରନ କରିଥିଲେ। ମହାବୀର କ୍ଲବ ୧୨ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ପୂରଣ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଡ଼ଗାଁ କେନ୍ଦୁପତ୍ର ବନାଞ୍ଚଳ ରେଞ୍ଜର ଅମିତ କୁମାର୍ ମହାନ୍ତି ମୁଖ୍ୟ ଅତିଥି ଓ ଭାଜପା ବଡ଼ଗାଁ ମଣ୍ଡଳ ସଭାପତି ବାବୁଲି କର୍ଶେଲ, ପୂର୍ବତନ ନାଏବ ସରପଞ୍ଚ କେଶବ କର୍ଶେଲ, ବ୍ୟବସାୟୀ ଅକ୍ଷୟ ପଟେଲ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ



ଉଦଘାଟନୀ ମ୍ୟାଚରେ ଖେଳାଳିଙ୍କ ସହିତ ଅତିଥି।

ଉଦ୍‌ଘାଟନ କରିଥିଲେ। ୧୪ ତାରିଖ ଆର ଜେ ଏଲେଭେନ ଓ ରାଜଗାଙ୍ଗପୁର ଏସିସି, ୧୬ ତାରିଖ ଆୟୋଜକ ଓରିଏଣ୍ଟ କ୍ରିକେଟ କ୍ଲବ ଓ ଓଜି ଏକାଦଶ ରାଜଗାଙ୍ଗପୁର, ୧୮ ତାରିଖ ୱାଇସିସିଏ ରାଉରକେଲା ବସନ୍ତି କଲୋନୀ ଓ ସୁନ୍ଦରଗଡ଼ ଡିଏଏ ମଧ୍ୟରେ ହେବ। ୨୪ ତାରିଖ ବଡ଼ଗାଁ କପ କ୍ରିକେଟ ଉଦ୍‌ଯାପିତ ହେବ। ବଡ଼ଗାଁ କପ କ୍ରିକେଟ ଟୁର୍ନାମେଣ୍ଟର ଚାମ୍ପିୟନ ଟିମକୁ ୨୦ ହଜାର ଟଙ୍କା ସହିତ ଟ୍ରଫି, ଉପ ବିଜେତା ଟିମକୁ ୧୫ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯିବ। ଏଥିସହିତ ବେଷ୍ଟ ବୋଲର, ବେଷ୍ଟ ଫିଲଡର, ବେଷ୍ଟ ଆମ୍ପାୟର, ବେଷ୍ଟ ଶୃଙ୍ଖଳିତ ଟିମ ଓ ବେଷ୍ଟ ଭଲେଣ୍ଟିୟରଙ୍କୁ ପୁରସ୍କୃତ କରାଯିବ। ଏହି ଟୁର୍ନାମେଣ୍ଟରେ ଶିବାଶିଷ ହୋତା ଓ ଓମ ସିହ୍ନା ଅମ୍ପେୟର ଦାୟିତ୍ୱ ତୁଲାଉଛନ୍ତି। ଓରିଏଣ୍ଟ କ୍ରିକେଟ କ୍ଲବର କର୍ମକର୍ତ୍ତା ସମ୍ବିଦ ନାଏକ, ପିଣ୍ଟୁ ହୋତା, ସୋନୁ ଦାସ, ଓଁକାର କର, କରନ ରାଉତଙ୍କ ସହିତ କ୍ଲବ ସଦସ୍ୟମାନେ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରୁଛନ୍ତି। ସୂଚନାଯୋଗ୍ୟ ଯେ, ୧୯୮୭ ମସିହାରୁ ବଡ଼ଗାଁ କପ କ୍ରିକେଟ ହୋଇଆସୁଛି।

**OFFICE OF THE NOTIFIED AREA COUNCIL, SURADA, GANJAM**
Main Road, Surada, Ganjam, Odisha, PIN-761108
Phone : 06819-270129
No.426/NAC Dt : 11.03.2026
**CORRIGENDUM TO CANCELATION OF TENDER**
(Through e-Procurement)
No.13001/617/2526 : The Tender ID No-2026_ORULB_126866, Published Date : 05.03.2026 having Tender Reference No-SUR/EO/03/2025/26 has been cancelled due to unavoidable circumstances.
Sd./- Executive Officer
NAC, Surada, Ganjam
OIPR-13001/13101/1/25-26/0001

ODISHA RURAL DEVELOPMENT AND MARKETING SOCIETY, Nuapada
ORMAS
(Panchayati Raj & Drinking Water Department, Government of Odisha)
**OFFICE OF THE ZILLA PARISHAD, NUAPADA**
CORRIGENDUM
NO. 1905/ORMAS/DATE: 10.03.2026
No.25001/336/2526 : ORMAS Nuapada issues corrigendum to the Tender Notice No. 1886 dated 05.03.2026 in addition to the existing terms & conditions, as follows:
2.4 Tentage & Stalls :
A. Structure Bamboo (3 to 6 inch) & Cloth (with Anti fire chemical Treatment) structure, Size of each stall - 10' X 10' with tarpaulin water proof roofing.
Flooring - Wooden Plank platform of 6" height from the ground covering with synthetic matting in entire stall area.
Ceiling & Wall - Three sides including partition walls of stall will be covered with New White Cotton Cloth. Backside outer wall will be covered with tarpaulin and G.I. sheets (22 gage corrugated sheet). The G.I. sheets will be fixed horizontally supported with the wooden bellies.
All other terms and conditions remain un-altered.
For details, please visit district website www.nuapada.odisha.gov.in, or the office of ORMAS Nuapada.
The authority reserves the right to reject any or all Tenders without assigning any reason thereof.
Sd./- Collector & DM
Nuapada
OIPR-25001/25201/1/25-26/0002

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୦୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ :www.oshb.org
ପତ୍ରସଂଖ୍ୟା ୫୩ **ବିଜ୍ଞାପନ** ତା.୨୬.୦୨.୨୬
No.13001/612/2526:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ୰ପୁନମଦେବ ପ୍ରଜାପତି ପି-୰ଶ୍ରୀକାନ୍ତୁ ପ୍ରଜାପତି ଏଲ୍.ସି.ଆର-୨୦୧ ଛେଣ୍ଡ, ପ୍ରଥମ ପର୍ଯ୍ୟାୟ ରାଉରକେଲା, ଜି-ସୁନ୍ଦରଗଡ଼ | ଏଲ.ସି.ଆର-୨୦୧ (LCR-201) ଛେଣ୍ଡ, ପ୍ରଥମ ପର୍ଯ୍ୟାୟ ରାଉରକେଲା | ୧. ସଂଜୟ କୁମାର ପ୍ରଜାପତି (ବି.ପୁତ୍ର) ୨. ଗୋଦାବରୀ ଦେବୀ (ସ୍ତ୍ରୀ) ୩. ରଂଜୟ ପ୍ରଜାପତି (ବି.ପୁତ୍ର) ୪.ପିଙ୍କି ପଣ୍ଡିତ (କନ୍ୟା) ୫. ସନ୍ତୋଷ ପ୍ରଜାପତି (ବି.ପୁତ୍ର) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13001/13030/1/25-26/0096

GOVERNMENT OF ODISHA
**OFFICE OF THE MUNICIPAL COUNCIL KABISURYANAGAR, DIST-GANJAM**
(H & UD Department)
E-mail: ksnnac@rediffmail.com, Phone:06810-295444
Lt.No. 449// Dt.10.03.2026
No.13001/620/2526: 1. The Executive Officer, Kabisuryanagar Municipality, Dist-Ganjam Invites Percentage Rate bids in Single Cover System in offline Mode for Execution of Civil Works in Kabisuryanagar Municipality area as specified in the detailed Tender Call Notice (DTCN) from the eligible Class of Contractors, which is available at office of the NAC, Polasara.
2. Name/Nature of the Work : Civil Works
3. No. of Work : 19 (Nineteen) Nos.
4. Estimated Cost Range of Works : Rs.52,998/- to Rs.1,67,888/- (excld.GST)
5. Eligible Class of Contractor : C & D, Govt.of Odisha
6. Start date of sale of tender paper : From 10.00 A.M. of dt.12.03.2026
7. Last date of sale of tender paper : 5.30 P.M. of dt.20.03.2026
8. Last date of receipt of document of original tender documents in Tender Box : 5.30 P.M. of dt.23.03.2026
9. Date and time of tender opening : 24.03.2026 at 11.00 A.M.
10. The Bidders have to participate in Offline bidding only and further details can be seen at office of the Kabisuryanagar Municipality.
11. Any Corrigendum/ Addendum will be publishing on daily newspaper.
12. Name & address of the Officer Inviting tender : Executive Officer, Office of the Municipal Council, Kabisuryanagar, Ganjam, Near Main Road, Kabisuryanagar, Dist-Ganjam, Pin- 761104
Sd./- Executive Officer
Kabisuryanagar Municipality (G.M.)
OIPR-13001/13208/1/25-26/0003

## ଆଇଟିଆଇ ଛାତ୍ରଙ୍କ ଅକାଳ ବିୟୋଗ

**କଣ୍ଟାବାଞ୍ଜି, ୧୩।୩(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ ସରକାରୀ ଆଇଟିଆଇର ଫିଟର ଟ୍ରେଡର ପ୍ରଥମ ବର୍ଷ ଛାତ୍ର ସୁଦିତ କୁମାର ନାଗ(୨୫)ଙ୍କ ଶୁକ୍ରବାର ଅକାଳ ବିୟୋଗ ଘଟିଛି । ଆଇଟିଆଇର ଅଧ୍ୟକ୍ଷ ପ୍ରାଣବନ୍ଧୁ ମହାପାତ୍ରଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ସୁଦିତ ସକାଳେ ଅନ୍ୟ ଛାତ୍ରମାନଙ୍କ ସହ ଖେଳକୁଦ କରିଥିଲେ । ଅପରାହ୍ନରେ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପ୍ରଥମେ କଣ୍ଟାବାଞ୍ଜି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇ ପରେ ବଲାଙ୍ଗୀର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ସୁଦିତ ଜଣେ ମେଳାପି, ମେଧାବୀ ଛାତ୍ର ଥିବା ବେଳେ ଭଲ ଖେଳୁଥିଲେ। ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏହାର ନିରପେକ୍ଷ ତଦନ୍ତ କରିବାକୁ ଦାବି ହେଉଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା

**ବଲାଙ୍ଗୀର, ୧୩।୩(ବୀରେନ୍ଦ୍ର କୁମାର ଝାଙ୍କର)**


ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ପକ୍ଷରୁ ଗଣଧାରଣା ଦିଆଯାଇଛି।

ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ଏବଂ ଭାରତୀୟ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାର ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏହି ଅବସରରେ ମୋର୍ଚ୍ଚାର ଜିଲା ଆବାହକ ସରୋଜ କୁମାର ମେଶ୍ରାଙ୍କ ନେତୃତ୍ୱରେ ୯ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କୁ ପ୍ରେରଣ କରାଯାଇଥିଲା। ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ସଭାରେ ଓବିସି ମଞ୍ଚର ରାଜ୍ୟ କୋଷାଧ୍ୟକ୍ଷ ପ୍ରଦେଶୀ ବିଶ୍ୱାଳ ୯ ଦଫା ଦାବି ଉପରେ ବକ୍ତବ୍ୟ ରଖିଥିଲେ। ୟୁଜିସି ନିର୍ଦ୍ଦେଶାବଳୀ ୨୦୨୬କୁ ସମର୍ଥନ ଘୋଷଣା କରି ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ବିଶ୍ୱାଳ ଦାବି କରିଥିଲେ। ଜାତି ଜନଗଣନାରେ ଓବିସି ମାନଙ୍କ ପ୍ରତି କରାଯାଉଥିବା ଅବିଚାର ଏବଂ ଉପେକ୍ଷା ଉପରେ ଜିଲା କୁଲୁତା ସମାଜ ସଭାପତି ଶଙ୍କର୍ଷଣ ପ୍ରଧାନ କହିଥିଲେ। ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ପଛୁଆ ବର୍ଗଙ୍କୁ ପାର୍ଲାମେଣ୍ଟରୁ ଆରମ୍ଭ କରି ଗ୍ରାମପଞ୍ଚାୟତ ସ୍ତରରେ ପ୍ରତିନିଧି ସଂରକ୍ଷଣ ବ୍ୟବସ୍ଥା ଯୋଗାଇ ଦେବାକୁ ଶିକ୍ଷା ସଙ୍ଗଠକ ମନୋରଞ୍ଜନ ସାହୁ କହିଥିଲେ। ଶିକ୍ଷା ଅଧିକାର ଆଇନକୁ କଡାକଡି କରି ଲାଗୁ କରିବା ପରିବର୍ତ୍ତେ ସରକାର ଆଇନ ଆଣି ୫୬୩୩ଟି ପ୍ରାଥମିକ ବିଦ୍ୟାଳୟ ବନ୍ଦ କରିଥିବାରୁ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଭୀମ ଆର୍ମି ସଦସ୍ୟ ନିକେଶ କୁମ୍ଭାର ବକ୍ତବ୍ୟ ରଖି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶିକ୍ଷାନୀତିକୁ କଡା ସମାଲୋଚନା କରିଥିଲେ। ଦାବି ପୂରଣ ନହେଲେ ଆଗାମୀ ଦିନରେ ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ଏବଂ ଭାରତୀୟ ମୁକ୍ତି ମୋର୍ଚ୍ଚା ସାମ୍ବିଧାନିକ ଓ ଶାନ୍ତିପୂର୍ଣ୍ଣ ଉପାୟରେ ରାଷ୍ଟ୍ର ବ୍ୟାପୀ ଜନ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ସଭାପତି ଦ୍ୱିଜ ଦଳପତି କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସଙ୍ଗଠନର ଲଳିତ କୁମାର ମହାନନ୍ଦ, ଦଣ୍ଡୁଆ କୁମ୍ଭାର, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଲୋକନାଥ ସୁନା, ମମତା ଛତ୍ରିଆ, ସନ୍ତୋଷ ଛତ୍ରିଆ, ଯଶୋବନ୍ତୀ ବରିହା, ସୁବାସିନୀ ସାହୁ, ସତ୍ୟ ବନଛୋର, ବିକ୍ରମ ମହାନନ୍ଦ, ରାମ ଶଙ୍କର ଶତପଥୀ, ରାଜେନ୍ଦ୍ର ପ୍ରସାଦ ସିଂଦେଓ ବକ୍ତବ୍ୟ ରଖିଥିଲେ।

## ଜଙ୍ଗଲରେ ଲାଗିଛି ନିଆଁ: ବନ୍ୟଜନ୍ତୁ ବିପଦରେ


ଝୁଲା ଡୁଙ୍ଗୁରିରେ ଲାଗିଥିବା ନିଆଁ।

**ଲାଠୋର, ୧୩।୩(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ରେଞ୍ଜ ଅଧୀନ ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଛି। ଏଥିଯୋଗୁ ଜଙ୍ଗଲ କ୍ଷତି ହେବା ସହ ବନ୍ୟଜନ୍ତୁଙ୍କ ଜୀବନ ବିପଦରେ ରହିଛି । ପ୍ରକାଶ ଯେ, ରେଞ୍ଜ ଅଧୀନ ଖର୍ଲୀ ଗ୍ରାମ ନିକଟ ପାଟପାଣି ଜଙ୍ଗଲ, ମାଲପଡା ନିକଟ ଝୁଲା ଡୁଙ୍ଗୁରି ସହ କୁର୍ଲୁମାଲ, ପଣ୍ଡକିମାଲ, ବେହେରାମୁଣ୍ଡା, ଧାଉଁରାଖମନ ଆଦି ଗ୍ରାମ ନିକଟ ଜଙ୍ଗଲରେ ଗତ ଦୁଇ ଦିନ ହେଲା ନିଆଁ ଲାଗିଛି। ବନ ବିଭାଗ କର୍ମଚାରୀ ମାନେ ସତର୍କତାର ସହ ନିଆଁକୁ ଆୟତ୍ତ କରିବାରେ ଲାଗିଥିବା ଜଣାପଡ଼ିଛି । କେତେକ ଜଙ୍ଗଲରେ ନିଆଁ ଲିଭିଥିବା ବେଳେ ଅନ୍ୟ କେତେକ ସ୍ଥାନରେ ନିଆଁ ଲାଗି ରହିଛି । ପ୍ରତିବର୍ଷ ବନ ବିଭାଗ ଜଙ୍ଗଲ ନିଆଁ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ କରି ଲୋକଙ୍କୁ ସଚେତନ କରୁଥିଲେ ମଧ୍ୟ ସେତେଟା ଫଳପ୍ରଦ ହେଉନାହିଁ। ଏନେଇ ଫରେଷ୍ଟର ସାଗରିକା ସେଠଙ୍କୁ ପଚାରିବାରେ ଜଙ୍ଗଲରେ ନିଆଁ ଲାଗିବା ଘଟଣାକୁ ସ୍ୱୀକାର କରିବା ସହ ବନ ବିଭାଗ କର୍ମଚାରୀମାନେ ରାତି ଦିନ ନିଆଁ ଲିଭାଇବା କାର୍ଯ୍ୟରେ ଲାଗିଛନ୍ତି ବୋଲି କହିଥିଲେ । ତେବେ ଯଥାଶୀଘ୍ର ଜଙ୍ଗଲ ନିଆଁକୁ ଆୟତ୍ତ କରା ନଗଲେ ଜଙ୍ଗଲ ଧ୍ୱଂସ ସହ ବନ୍ୟଜନ୍ତୁଙ୍କ ଜୀବନ ହାନି ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

## ଦରବୃଦ୍ଧି ନିୟନ୍ତ୍ରଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର


ଜିଲା କଂଗ୍ରେସ କମିଟି ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

**ବଲାଙ୍ଗୀର, ୧୩।୩(ବୀରେନ୍ଦ୍ର କୁମାର ଝାଙ୍କର)**

### ଏଲ୍‌ପିଜି ସିଲିଣ୍ଡର ଅଭାବ

ସମ୍ପ୍ରତି ଆମେରିକା, ଇସ୍ରାଏଲ ଏବଂ ଇରାନ୍ ଯୁଦ୍ଧ ସ୍ଥିତିରେ ଦେଶରେ ରନ୍ଧନ ଗ୍ୟାସ୍ ଅଭାବଜନିତ ସମସ୍ୟାକୁ ନେଇ ବଲାଙ୍ଗୀର ଜିଲା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲାପାଳଙ୍କୁ ୭ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ଅନିଲ ମେହେରଙ୍କ ନେତୃତ୍ୱରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରନ୍ଧନ ଗ୍ୟାସ୍ ବଣ୍ଟନକୁ ସୁନିୟନ୍ତ୍ରିତ କରିବା ସହ ଦରବୃଦ୍ଧି ରୋକିବା ଦିଗରେ ସ୍ୱତନ୍ତ୍ର ଟିମ୍ ଗଠନ ଏବଂ ନିରୀକ୍ଷଣ କରିବାକୁ ଦାବି କରାଯାଇଛି। ବିକ୍ଷୋଭରେ ଜ୍ୟୋତିରାଜ ନାଗ, ରାଧାକାନ୍ତ ନାୟକ, କୁଳମଣି ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ ଦାବିପତ୍ର ଗ୍ରହଣ କରିଥିଲେ।

## କାର୍ଯ୍ୟରେ ନୁହେଁ, ସଚେତନତା କାର୍ଯ୍ୟକ୍ରମରେ ସୀମିତ ଜଳ ସଂରକ୍ଷଣ

**ଲୋଇସିଂହା, ୧୩।୩(ସୁଶାନ୍ତ ବାରିକ)**



ଷ୍ଟାଣ୍ଡପୋଷ୍ଟରୁ ପାଣି ବହୁଛି(ବାମ), ସିନଟେକ୍ସ ଟାଙ୍କିରୁ ପାଣି ଉଚ୍ଛୁଳି ତଳେ ପଡୁଛି ।

ସରକାରୀ ରାଜକୋଷରୁ ଅର୍ଥ ବ୍ୟୟ କରାଯାଇ ଜଳ ସଂରକ୍ଷଣ ପାଇଁ ଜନସାଧାରଣଙ୍କୁ ସଚେତନ କରିବା ଲାଗି ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପ୍ରଶାସନ ଏ ଦିଗରେ ଆଦୌ ସଚେତନ ଥିବା ପରି ମନେ ହେଉନାହିଁ । ଲୋଇସିଂହା ବ୍ଲକ ପରିସରରେ ଜଳ ଅପଚୟ ହେଉଥିଲେ ମଧ୍ୟ ଏଥିପ୍ରତି କାହାରି ନିଘା ଥିବା ପରି ମନେ ହେଉନାହିଁ ।

ପ୍ରକାଶ ଯେ, ଲୋଇସିଂହା ବ୍ଲକ ପରିସର ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ନିକଟରେ ଏକ ଜଳଯୋଗାଣ ଷ୍ଟାଣ୍ଡ ପୋଷ୍ଟ ରହିଛି । ଏହି ଷ୍ଟାଣ୍ଡପୋଷ୍ଟରୁ ବ୍ଲକ ଛକରେ ରହିଥିବା କେତେକ ହୋଟେଲ ବ୍ୟବସାୟୀ ଓ ଦୋକାନୀ ପାଣି ନେଇଥାନ୍ତି। ସମ୍ପୃକ୍ତ ବ୍ୟକ୍ତିମାନେ ଅଧିକାଂଶ ସମୟରେ ପାଣି ନେଇ ସାରି ଟ୍ୟାପ୍‌କୁ ଭଲ ଭାବେ ବନ୍ଦ କରୁନାହାନ୍ତି। ଫଳରେ ଉକ୍ତ ଷ୍ଟାଣ୍ଡ ପୋଷ୍ଟରୁ ଅଯଥାରେ ପାଣି ବହି ରାସ୍ତା ଉପରକୁ ଆସୁଛି। ସେହିପରି ବ୍ଲକ କାର୍ଯ୍ୟାଳୟ ଛାତ ଉପରେ ଏକ ସିନ୍‌ଟେକ୍ସ ଟାଙ୍କି ବସାଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଥିବା ନଳକୂପରୁ ଉକ୍ତ ସିନ୍‌ଟେକ୍ସକୁ ଜଳଯୋଗଣ ପାଇପ ସଂଯୋଗ ହୋଇଛି । ମୋଟର ଚଳାଇ ଉକ୍ତ ସିନଟେକ୍ସରେ ପାଣି ଭର୍ତ୍ତି କରାଯାଇଥାଏ । କିନ୍ତୁ ମୋଟର ଚଳାଇ ଠିକ୍ ସମୟରେ ବନ୍ଦ କରାଯାଉ ନ ଥିବାରୁ ଅନେକ ସମୟରେ ଟାଙ୍କିରୁ ପାଣି ଉଚ୍ଛୁଳି ଦୀର୍ଘ ସମୟ ଧରି ତଳେ ପଡୁଥିବା ଦେଖିବାକୁ ମିଳୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏପରି କି ବ୍ଲକ କର୍ମଚାରୀ ଏସବୁ ଦେଖୁଥିଲେ ସୁଦ୍ଧା ନୀରବଦ୍ରଷ୍ଟା ସାଜିବା ଦେଖିବାକୁ ମିଳୁଛି । ଏହାଦ୍ୱାରା ଜଳ ଅପଚୟ ସହିତ ବିଦ୍ୟୁତ୍ ବିଲର ବୋଝ ପଡୁଥିବା ଅଭିଯୋଗ ହେଉଛି।

## ସ୍କୁଲକୁ ୱାଟର ଫିଲ୍‌ଟର ଯୋଗାଇଲେ ଜିଲାପରିଷଦ ସଭ୍ୟା

**ଲୋଇସିଂହା, ୧୩।୩(ସୁଶାନ୍ତ ବାରିକ)**

ଛାତ୍ରୀଛାତ୍ରଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉଦ୍ଦେଶ୍ୟରେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଜୋନ୨ର ଜିଲା ପରିଷଦ ସଭ୍ୟା ବୀଣାପାଣି ଦାଶ ତାଙ୍କ ପାଣ୍ଠିରୁ ଲୁହୁରାମୁଣ୍ଡା ପଞ୍ଚାୟତ ଅଧୀନ ୩ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୱାଟର ଫିଲଟର ଯୋଗାଇଛନ୍ତି। ସୂଚନା ଅନୁଯାୟୀ, ଲୁହୁରାମୁଣ୍ଡା ପଞ୍ଚାୟତ ଲୁହୁରାମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୦୯ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ସେହିପରି ଶଙ୍ଖୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୮୦ ଜଣ ଏବଂ ସାନଫାସଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୭୦ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ଯୋଗାଣ ହୋଇଥିବା ୱାଟର ଫିଲଟରରେ ଥଣ୍ଡା ଏବଂ ସାଧାରଣ ପିଇବା ପାଣି ମିଳିବ । ୩ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟଦେବ ମହାକୁର, ସୁନୀଲ ପଧାନ ଓ ଶାଶ୍ୱତୀ ମଞ୍ଜରୀ ସାହୁ ଏଥିପାଇଁ ଜିଲା ପରିଷଦ ସଭ୍ୟାଙ୍କୁ ସାଧୁବାଦ ଜଣାଇବା ସହ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି।


**OFFICE OF THE NOTIFIED AREA COUNCIL, SURADA, GANJAM**
Main Road, Surada, Ganjam, Odisha, PIN-761108
Phone : 06819-270129
No.426/NAC Dt : 11.03.2026
CORRIGENDUM TO CANCELATION OF TENDER
(Through e-Procurement)
No.13001/617/2526 : The Tender ID No-2026_ORULB_126866, Published Date : 05.03.2026 having Tender Reference No-SUR/EO/03/2025/26 has been cancelled due to unavoidable circumstances.
Sd./- Executive Officer
NAC, Surada, Ganjam
OIPR-13001/13101/1/25-26/0001


## ୧୬୦ ବୋତଲ କଫ ସିରପ୍ ଜବତ, ଦୁଇ ଅଭିଯୁକ୍ତ ଗିରଫ

**ବଲାଙ୍ଗୀର, ୧୩।୩(ବୀରେନ୍ଦ୍ର କୁମାର ଝାଙ୍କର)**




ବଲାଙ୍ଗୀର ଟାଉନ ଥାନା ପୋଲିସ ଟିମ୍ ଗୁରୁବାର ବେଆଇନ କଫ୍ ସିରପ୍ ଚାଲାଣ କରୁଥିବା ଦୁଇ ଜଣ ଅଭିଯୁକ୍ତଙ୍କୁ କାବୁ କରିଛି। ସେମାନଙ୍କ ଠାରୁ ୧୬୦ ବୋତଲ କଫ୍ ସିରପ୍ ଜବତ ହୋଇଛି। ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି ବଲାଙ୍ଗୀର ସହର ସୁଦପଡାର ଗୋପାଳ ପୁଟେଲ ଏବଂ ପିଣ୍ଟୁ ସେଲମା। ସେମାନଙ୍କ ଠାରୁ କପ୍ ସିରଫ ସହ ଏକ ମୋଟର ସାଇକେଲ ଏବଂ ନଗଦ ୫୧୦ ଟଙ୍କା ଜବତ କରାଯାଇଛି। ପିଣ୍ଟୁ ତାଙ୍କ ଘର ସମ୍ମୁଖରୁ କଫ୍ ସିରପ୍ ଚାଲାଣ କରୁଥିବା ଖବର ପାଇ ପୋଲିସ ଟିମ୍ ଅତର୍କିତ ଚଢ଼ାଉ କରିଥିଲେ। ସେଠାରୁ ଅଭିଯୁକ୍ତ ପିଣ୍ଟୁ ଓ ଗୋପାଳଙ୍କୁ ଗିରଫ କରାଯାଇଥିଲା। ପୋଲିସ ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଟାଉନ ଥାନାରେ ଏକ ମାମଲା (ନଂ୧୩୫/୨୬) ରୁଜୁ କରିଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ସୂଚନା ଦିଆଯାଇଛି।

## ମାହେଶ୍ୱରୀ ଜିଏନଏମ୍ ନର୍ସିଂ କଲେଜର ଶପଥ ଗ୍ରହଣ ଉତ୍ସବ


ଶପଥ ଗ୍ରହଣ ଉତ୍ସବରେ ଛାତ୍ରୀଛାତ୍ରମାନେ।

**ଟିଟିଲାଗଡ଼, ୧୩।୩(ଶରତ ମିଶ୍ର)**

ଟିଟିଲାଗଡ ସହର ବାନ୍ଧୁପଲାରେ ଥିବା ମାହେଶ୍ୱରୀ ଜିଏନଏମ ନର୍ସିଂ କଲେଜର ଶପଥ ଗ୍ରହଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । କଲେଜର ୩୫ ଜଣ ଛାତ୍ରୀଛାତ୍ର ଏହି ଶପଥ ଗ୍ରହଣ ଉତ୍ସବରେ ସାମିଲ ହୋଇ ଆଗାମୀ ଦିନରେ ସେବା ମନୋବୃତ୍ତି ନେଇ ଲୋକଙ୍କ କାର୍ଯ୍ୟ କରିବାକୁ ଦୃଢ ସଂକଳ୍ପ ନେଇଛନ୍ତି। ଉତ୍ସବରେ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାର ଏସ୍‌ଡିଏମଓ ଡାକ୍ତର ପ୍ରଦୀପ କୁମାର ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ନର୍ସିଂ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ । ଟିଟିଲାଗଡ଼ ଡାକ୍ତରଖାନା ସମେତ ସମଗ୍ର ଉପଖଣ୍ଡରେ ଥିବା ଚିକିତ୍ସାଳୟଗୁଡିକରେ ନର୍ସମାନଙ୍କ ଘୋର ଅଭାବ ରହିଛି । ଏଭଳି ପରିସ୍ଥିତିରେ ଏହି ଛାତ୍ରୀମାନେ ବିଭିନ୍ନ ଡାକ୍ତରଖାନାରେ ନିସ୍ୱାର୍ଥ ସେବା ଯୋଗାଇ ଦେବା ସହ ସେମାନଙ୍କର ତାଲିମକୁ ଆହୁରି ବ୍ୟାପକ କରିବା ନେଇ ଆଶା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବରେ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ପ୍ରଧାନ, ଟିଟିଲାଗଡ ମହିଳା କଲେଜର ଅଧ୍ୟକ୍ଷ ବେଲାରସେନ ନାୟକ, ଝାରସୁଗୁଡାସ୍ଥିତ ଡିଆଇଏସଟି କଲେଜ ଅଧ୍ୟକ୍ଷ ଡ. ବୀରେନ୍ଦ୍ର ପାଢ଼ୀ, ମାହେଶ୍ୱରୀ ନର୍ସିଂ ଜିଏମଏନ କଲେଜର ପ୍ରତିଷ୍ଠାତା ପ୍ରଭାକର ମିଶ୍ର, ଡାକ୍ତର ସିଦ୍ଧେଶ୍ୱର ମିଶ୍ର, ପରିଚାଳକ ପ୍ରଦୀପ୍ତ ମିଶ୍ର ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଦେଉର ଛତର, ଗୋବିନ୍ଦ ଚନ୍ଦ୍ର ପୁଟେଲ, ଆଶାଲତା ଭୋଇ, ଗ୍ଲୋରି ଲୁହା, ସଂଗୀତା ରଣା, ଛନ୍ଦା ଚରଣ ରଣା, ପିଙ୍କୁ ସାହୁ, ସୁମନ ପଟେଲ, ଶ୍ରୀକାନ୍ତ ରାଉତ ପ୍ରମୁଖ ସହଯୋଗ କରିଥିଲେ।


ODISHA RURAL DEVELOPMENT AND MARKETING SOCIETY, Nuapada
(Panchayati Raj & Drinking Water Department, Government of Odisha)
ORMAS
**OFFICE OF THE ZILLA PARISHAD, NUAPADA**
CORRIGENDUM
NO. 1905/ORMAS/DATE: 10.03.2026
No.25001/336/2526 : ORMAS Nuapada issues corrigendum to the Tender Notice No. 1886 dated 05.03.2026 in addition to the existing terms & conditions, as follows:
2.4 Tentage & Stalls :
A. Structure Bamboo (3 to 6 inch) & Cloth (with Anti fire chemical Treatment) structure, Size of each stall - 10' X 10' with tarpaulin water proof roofing.
Flooring - Wooden Plank platform of 6" height from the ground covering with synthetic matting in entire stall area.
Ceiling & Wall - Three sides including partition walls of stall will be covered with New White Cotton Cloth. Backside outer wall will be covered with tarpaulin and G.I. sheets (22 gage corrugated sheet). The G.I. sheets will be fixed horizontally supported with the wooden bellies.
All other terms and conditions remain un-altered.
For details, please visit district website www.nuapada.odisha.gov.in, or the office of ORMAS Nuapada.
The authority reserves the right to reject any or all Tenders without assigning any reason thereof.
Sd./- Collector & DM
Nuapada
OIPR-25001/25201/1/25-26/0002


## ଗଣିତ ବିଷୟରେ ସିଲାବସ୍ ବାହାରୁ ପ୍ରଶ୍ନ: ମନା କଲେ ପରୀକ୍ଷା ନିୟନ୍ତ୍ରକ

- ଯୁକ୍ତ ଦୁଇ ପରୀକ୍ଷା
- ଗ୍ରେସ୍ ମାର୍କ ପାଇଁ ଦାବି

**ବଲାଙ୍ଗୀର, ୧୩।୩(ବୀରେନ୍ଦ୍ର କୁମାର ଝାଙ୍କର)**

ଚଳିତବର୍ଷ ସିଏଚଏସ୍‌ଇର ଯୁକ୍ତ୨ ବିଜ୍ଞାନ ଗଣିତ ପ୍ରଶ୍ନପତ୍ରରେ ସିଲାବସ୍ ବାହାରୁ ୧୮ ମାର୍କର ପ୍ରଶ୍ନ ଆସିଥିବାରୁ ଛାତ୍ରୀଛାତ୍ର ଏବଂ ଅଭିଭାବକ ଚିନ୍ତାରେ ପଡ଼ିଛନ୍ତି। ସିଲାବସ୍ ବାହାରୁ ପ୍ରଶ୍ନ ଆସିଥିବା ନେଇ ଛାତ୍ରୀଛାତ୍ର ଅଭିଯୋଗ କରିବା ପରେ ଘଟଣା ଲୋକଲୋଚନକୁ ଆସିଛି। ଶୁକ୍ରବାର ଯୁକ୍ତ୨ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ଗଣିତ ବିଷୟ ପରୀକ୍ଷା ଥିଲା। ପରୀକ୍ଷା ହଲ୍‌ରେ ଛାତ୍ରୀଛାତ୍ରମାନେ ଠିକ୍‌ସମୟରେ ପହଞ୍ଚିଥିଲେ। ପ୍ରଶ୍ନପତ୍ର ଦିଆଯିବା ପରେ ସିଲାବସ୍ ବାହାରୁ ପ୍ରଶ୍ନ ଆସିଥିବା ଦେଖି ଚିନ୍ତାରେ ପଡ଼ିଥିଲେ। ଶୁକ୍ରବାର ଅନୁଷ୍ଠିତ ପରୀକ୍ଷାର ସେଟ୍ 'ସି'ରେ ୨ ନମ୍ବର ପ୍ରଶ୍ନ(ସି)ରେ କୋପ୍ଲାନରରୁ ୨ ମାର୍କ, ୩ ନମ୍ବର ପ୍ରଶ୍ନ(ଏ)ରେ ଡିଟରମିନାଣ୍ଟ ପ୍ରପର୍ଟିରେ ୩ ମାର୍କ, (କେ)ରେ ଡିଟରମିନାଣ୍ଟ ପ୍ରପର୍ଟିରେ ୩ ମାର୍କ, ୪ନମ୍ବର ପ୍ରଶ୍ନର(ଏ)ରେ ଏଲିମେଣ୍ଟାରିର ଅପରେଶନ୍ସରୁ ୫ ମାର୍କ ଏବଂ ପ୍ରଶ୍ନ (ବି)ରେ ଡିଟରମିନାଣ୍ଟ ପ୍ରପର୍ଟିରେ ୫ ମାର୍କର ପ୍ରଶ୍ନ ସିଲାବସ୍ ବାହାରୁ ଆସିଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ସେହିଭଳି ଅନ୍ୟ ପ୍ରଶ୍ନପତ୍ର ସେଟ୍‌ରେ ମଧ୍ୟ ଏଭଳି ସିଲାବସ୍ ବାହାରୁ ପ୍ରଶ୍ନ ଆସିଥିବା ଛାତ୍ରୀଛାତ୍ର ଦେଖିବାକୁ ପାଇଥିଲେ। ଚଳିତବର୍ଷ ଯୁକ୍ତ୨ ପରୀକ୍ଷା ଠିକ୍‌ଠାକ୍ ଚାଲିଥିବା ବେଳେ ଗଣିତ ପରୀକ୍ଷାରେ ସିଲାବସ୍ ବାହାରୁ ପ୍ରଶ୍ନ ଆସିଥିବା ନେଇ ବଲାଙ୍ଗୀର ଅଞ୍ଚଳର ଛାତ୍ରୀଛାତ୍ର ତଥା ଅଭିଭାବକ ଅଭିଯୋଗ କରିଛନ୍ତି। ଏଣୁ ସିଲାବସ୍ ବାହାରୁ ପ୍ରଶ୍ନ ଦିଆଯାଇଥିବାରୁ ଛାତ୍ରୀଛାତ୍ରଙ୍କୁ ଗ୍ରେସ୍ ମାର୍କ ଦିଆଯିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏହା ନ ହେଲେ ଛାତ୍ରୀଛାତ୍ରମାନଙ୍କୁ ଏହା ଅଧିକ ଚାପଗ୍ରସ୍ତ କରିବ । ଏଣୁ ଗ୍ରେସ୍ ମାର୍କ ଦେବାକୁ ଅଭିଭାବକମାନେ ପରୀକ୍ଷା ନିୟନ୍ତ୍ରକଙ୍କୁ ଅନୁରୋଧ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସିଏଚଏସ୍‌ଇର ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡା କହିଛନ୍ତି, ଗଣିତ ବିଷୟରେ ସିଲାବସ୍ ବାହାରୁ ଆସିଥିବା ପ୍ରଶ୍ନପତ୍ର ସମ୍ପର୍କରେ ଅଦ୍ୟାବଧି କୌଣସି ଅଭିଯୋଗ ଆସିନାହିଁ ।

## 'ଉତ୍ତମ ସମାଜ ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'



ସଚେତନତା ସଭାରେ ଉପସ୍ଥିତ ଅତିଥି ଏବଂ ସ୍କୁଲ କର୍ତ୍ତୃପକ୍ଷ ।

**ବଲାଙ୍ଗୀର, ୧୩।୩(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହର ଶାସ୍ତ୍ରୀନଗରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର୨ରେ ମହିଳାମାନଙ୍କ ସଫଳତାକୁ ସମ୍ମାନ ଦେବା ସହ ଲିଙ୍ଗଗତ ସମାନତା ଏବଂ ମହିଳା ସଶକ୍ତୀକରଣ ଉପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସ୍କୁଲ ଅଧ୍ୟକ୍ଷ ଗଣେଶ ପଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବ୍ରହ୍ମକୁମାରୀ ଅନୁଷ୍ଠାନର ବ୍ରହ୍ମକୁମାରୀ ଉଷା ଯୋଗଦାନ କରି ଉତ୍ତମ ସମାଜ ଗଠନରେ ମହିଳାଙ୍କ କିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ସେ ଉପରେ ଆଲୋଚନା କରିଥିଲେ। ଆତ୍ମିକ ଶକ୍ତି, ଆତ୍ମବିଶ୍ୱାସ ଏବଂ ନୈତିକ ମୂଲ୍ୟବୋଧ ବଳରେ ଆମେ ଏକ ସଶକ୍ତ ସମାଜ ଗଠନ କରିପାରିବା ବୋଲି ସେ କହିଥିଲେ। ମହିଳା ସଶକ୍ତୀକରଣ ଓ ଉତ୍ତମ ସମାଜ ଗଠନରେ ଆବଶ୍ୟକତା ନେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଡ. ଲକ୍ଷ୍ମୀକାନ୍ତ ବାରିକ ଯୋଗଦେଇ ଶିକ୍ଷା ମାଧ୍ୟମରେ ମହିଳା ହେଉ କି ପୁରୁଷ କିଭଳି ସାମାଜିକ ଜାଗରଣ ସୃଷ୍ଟି କରିପାରିବେ କହିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳସ୍ଥିତ ଯୋଗ ମହୋତ୍ସବ ସମିତିର ଭୁବନାନନ୍ଦ ସାହୁ ଯୋଗଦେଇ ଯୋଗ ଓ ସ୍ୱାସ୍ଥ୍ୟକର ଜୀବନ ଶୈଳୀର ଗୁରୁତ୍ୱ ଉପରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଷ୍ଟାଫ୍ ଉପସ୍ଥିତ ଥିଲେ।


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ :www.oshb.org
ପତ୍ରସଂଖ୍ୟା ୫୩ ତା.୨୬.୦୨.୨୬
**ବିଜ୍ଞାପନ**
No.13001/612/2526:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ୰ପୁନମଦେବ ପ୍ରଜାପତି<br>ପି-୰ଶ୍ରୀକାନ୍ତୁ ପ୍ରଜାପତି<br>ଏଲ୍.ସି.ଆର-୨୦୧<br>ଛେଣ୍ଡ, ପ୍ରଥମ ପର୍ଯ୍ୟାୟ<br>ରାଉରକେଲା, ଜି-ସୁନ୍ଦରଗଡ଼ | ଏଲ.ସି.ଆର-୨୦୧<br>(LCR-201)<br>ଛେଣ୍ଡ,<br>ପ୍ରଥମ ପର୍ଯ୍ୟାୟ<br>ରାଉରକେଲା | ୧. ସଂଜୟ କୁମାର ପ୍ରଜାପତି (ବି.ପୁତ୍ର)<br>୨. ଗୋଦାବରୀ ଦେବୀ (ସ୍ତ୍ରୀ)<br>୩. ରଂଜୟ ପ୍ରଜାପତି (ବି.ପୁତ୍ର)<br>୪.ପିଙ୍କି ପଣ୍ଡିତ (କନ୍ୟା)<br>୫. ସନ୍ତୋଷ ପ୍ରଜାପତି (ବି.ପୁତ୍ର) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13001/13030/1/25-26/0096



GOVERNMENT OF ODISHA
**OFFICE OF THE MUNICIPAL COUNCIL KABISURYANAGAR, DIST-GANJAM**
(H & UD Department)
E-mail: ksnnac@rediffmail.com, Phone:06810-295444
Lt.No. 449// Dt.10.03.2026
No.13001/620/2526: 1. The Executive Officer, Kabisuryanagar Municipality, Dist-Ganjam Invites Percentage Rate bids in Single Cover System in offline Mode for Execution of Civil Works in Kabisuryanagar Municipality area as specified in the detailed Tender Call Notice (DTCN) from the eligible Class of Contractors, which is available at office of the NAC, Polasara.
2. Name/Nature of the Work : Civil Works
3. No. of Work : 19 (Nineteen) Nos.
4. Estimated Cost Range of Works : Rs.52,998/- to Rs.1,67,888/- (excld.GST)
5. Eligible Class of Contractor : C & D, Govt.of Odisha
6. Start date of sale of tender paper : From 10.00 A.M. of dt.12.03.2026
7. Last date of sale of tender paper : 5.30 P.M. of dt.20.03.2026
8. Last date of receipt of document of original tender documents in Tender Box : 5.30 P.M. of dt.23.03.2026
9. Date and time of tender opening : 24.03.2026 at 11.00 A.M.
10. The Bidders have to participate in Offline bidding only and further details can be seen at office of the Kabisuryanagar Municipality.
11. Any Corrigendum/ Addendum will be publishing on daily newspaper.
12. Name & address of the Officer Inviting tender : Executive Officer, Office of the Municipal Council, Kabisuryanagar, Ganjam, Near Main Road, Kabisuryanagar, Dist-Ganjam, Pin- 761104
Sd./- Executive Officer
Kabisuryanagar Municipality (G.M.)
OIPR-13001/13208/1/25-26/0003

# ମହିଳା ସ୍ୱାବଲମ୍ବୀ ହେଲେ ଦେଶ ସଶକ୍ତ ହେବ

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

**ସୋନପୁର,୧୩।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବ୍ଲକ ସମ୍ମିଳନୀ କକ୍ଷଠାରେ ନାବାର୍ଡ, ଆଶାଦୀପ ଅନୁଷ୍ଠାନ ଓ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ଅନ୍ତର୍ଜାତୀୟ ମହିଳା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ମେହେର ତାଙ୍କ ବକ୍ତବ୍ୟରେ ମହିଳାମାନେ ସ୍ୱାବଲମ୍ବୀ ହେଲେ ଦେଶ ସଶକ୍ତ ହେବ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର, ସୋନପୁର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତୀକ କୁମାର କର, ଡିଆଇସି ସାଧାରଣ ପରିଚାଳକ ରମେଶ କୁମାର ପଟେଲ, ଡିଜିଏମ ନାବାର୍ଡ ସତ୍ୟସ୍ୱରୂପ, ବେଦାନ୍ତ, ଏଲଡିଏମ କାର୍ତ୍ତିକେଶ୍ୱର ପଣ୍ଡା, ସୋନପୁର ବ୍ଲକ ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ଲୁସି ପ୍ରିୟଦର୍ଶିନୀ ପୂଜାହାରୀ, ତପନ କୁମାର ପଟ୍ଟନାୟକ ଓ ଆଶାଦୀପ ବେସରକାରୀ ଅନୁଷ୍ଠାନ ସଭାପତି ମନୋରମା ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସେମାନଙ୍କର ସଫଳତା ପାଇଁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ୧୦ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ମାନିତ କରାଯାଇଥିଲା। ପରିବାର ଗଠନରେ ମହିଳାମାନଙ୍କର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଦେଶର ଉନ୍ନତିରେ ସେମାନେ ମେରୁଦଣ୍ଡ ଭୂମିକା ନିଭାଇ ପାରିବେ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଆଶାଦୀପ ଏକ ବେସରକାରୀ ସଂସ୍ଥା ଯାହା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଦକ୍ଷତା ବିକାଶ, ସଚେତନତା ସୃଷ୍ଟି ଓ ବିଭିନ୍ନ ପ୍ରକାର ଖାଦ୍ୟ ତିଆରି ପ୍ରଶିକ୍ଷଣ ଭଳି କାର୍ଯ୍ୟକ୍ରମ ଆୟୋଜନ କରିଆସୁଛି। ଏହା ମହିଳାମାନଙ୍କୁ ତୃଣମୂଳ ସ୍ତରରେ ବିକାଶରେ ପ୍ରତ୍ୟକ୍ଷ ଭାବେ ଜଡିତ ବୋଲି ସୂଚନା ଦିଆ ଯାଇଥିଲ। ବୀଣାପାଣି ମିଶ୍ର ଉପସ୍ଥିତ ମହିଳାମାନଙ୍କୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ବିଷୟରେ ଅବଗତ କରାଇଥିଲେ। ଅନୁସୂଚିତ ଜାତି, ଜନଜାତି ଝିଅ ଓ ବିଧବା ମହିଳାମାନେ ଏହି ଯୋଜନାରେ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ପାଇପାରିବେ। ସରକାର ୧୦ ହଜାର ଟଙ୍କାର ଉପହାର ଏବଂ ଝିଅମାନଙ୍କ ପାଇଁ ୩୫୦୦୦ ଟଙ୍କା ସରକାର ବ୍ୟାଙ୍କ ଖାତାରେ ଜମା କରିବେ। ସୋନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତୀକ କର ମା'ମାନଙ୍କୁ ତାଙ୍କ ଉତ୍ପାଦିତ ଦ୍ରବ୍ୟକୁ କିପରି ବଜାରରେ ବିକ୍ରୟ କରିପାରିବେ ଏବଂ ଅନଲାଇନ ମାର୍କେଟିଙ୍ଗ ଉପରେ ଗୁରୁତ୍ୱାରୋପ କରିଥିଲେ। ରଘୁନାଥ ସାହୁ ଓ ସଙ୍ଗଠନର କର୍ମକର୍ତ୍ତା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ମହିଳା ମାନେ।

# ୨୭ କେଜି ଗଞ୍ଜେଇ ସହ ବାଇକ୍ ଜବତ: ଜଣେ ଗିରଫ

**ବୌଦ୍ଧ,୧୩।୩(ଅଜିତ କୁମାର ବାରିକ)**

ବୌଦ୍ଧ ଅବକାରୀ ବିଭାଗ ମୋବାଇଲ ସ୍ୱାଡ୍ ପକ୍ଷରୁ ଶୁକ୍ରବାର ଚଢାଉ କରାଯାଇ ୨୭ କେଜି ଗଞ୍ଜେଇ ସହ ବାଇକ୍ ଜବତ ହୋଇଛି। ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଅବକାରୀ ମୋବାଇଲ ସ୍ୱାଡ୍ ବଘିଆପଡା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଆମ୍ବଝରି ପଞ୍ଚାୟତର ଖଜୁରୀପଡା ରାସ୍ତାରେ ଏକ ବାଇକ୍ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଚଢାଉ କରିଥିଲେ। ଗଞ୍ଜେଇ ଚାଲାଣ ଅଭିଯୋଗରେ ମନମୁଣ୍ଡା ଥାନା ମଲିକପଡା ଗ୍ରାମର ସୁବଳ ମହାକୁଡଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ଏକ ବସ୍ତାରେ ଥିବା ୨୭ କେଜି ଗଞ୍ଜେଇ ଓ ଏକ ମୋଟର ସାଇକେଲ (ନଂ ଓଡି୩୧ଜି-୮୫୦୫) ଜବତ ହୋଇଛି। ଚଢାଉରେ ଇନ୍ସପେକ୍ଟର ଦିଲିପ କୁମାର ଶତପଥୀ, ଏଏସଆଇ ଅସିତ ପ୍ରଧାନ, କନେଷ୍ଟବଳ ଲୋକନାଥ ଭୋଇ, ହୃଷୀକେଶ ବାରିକ, ରାଜ କିଶୋର କହଁର ସାମିଲ ଥିଲେ ।

# ଜଙ୍ଗଲରେ ଲାଗିଛି ନିଆଁ: ବନ୍ୟଜନ୍ତୁ ବିପଦରେ



ଝୁଲା ଡୁଙ୍ଗୁରିରେ ଲାଗିଥିବା ନିଆଁ।

**ଲାଠୋର,୧୩।୩(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ରେଞ୍ଜ ଅଧୀନ ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଛି। ଏଥିଯୋଗୁ ଜଙ୍ଗଲ କ୍ଷତି ହେବା ସହ ବନ୍ୟଜନ୍ତୁଙ୍କ ଜୀବନ ବିପଦରେ ରହିଛି। ପ୍ରକାଶ ଯେ, ରେଞ୍ଜ ଅଧୀନ ଖର୍ଲୀ ଗ୍ରାମ ନିକଟ ପାଟପାଣି ଜଙ୍ଗଲ, ମାଲପଡା ନିକଟ ଝୁଲା ଡୁଙ୍ଗୁରି ସହ କୁର୍ଲୁମାଲ, ପଣ୍ଡକିମାଲ, ବେହେରାମୁଣ୍ଡା, ଧାଉଁରାଖମନ ଆଦି ଗ୍ରାମ ନିକଟ ଜଙ୍ଗଲରେ ଗତ ଦୁଇ ଦିନ ହେଲା ନିଆଁ ଲାଗିଛି। ବନ ବିଭାଗ କର୍ମଚାରୀ ମାନେ ସତର୍କତାର ସହ ନିଆଁକୁ ଆୟତ୍ତ କରିବାରେ ଲାଗିଥିବା ଜଣାପଡ଼ିଛି । କେତେକ ଜଙ୍ଗଲରେ ନିଆଁ ଲିଭିଥିବା ବେଳେ ଅନ୍ୟ କେତେକ ସ୍ଥାନରେ ନିଆଁ ଲାଗି ରହିଛି । ପ୍ରତିବର୍ଷ ବନ ବିଭାଗ ଜଙ୍ଗଲ ନିଆଁ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ କରି ଲୋକଙ୍କୁ ସଚେତନ କରୁଥିଲେ ମଧ୍ୟ ସେତେଟା ଫଳପ୍ରଦ ହେଉନାହିଁ। ଏନେଇ ଫରେଷ୍ଟର ସାଗରିକା ସେଠଙ୍କୁ ପଚାରିବାରେ ଜଙ୍ଗଲରେ ନିଆଁ ଲାଗିବା ଘଟଣାକୁ ସ୍ୱୀକାର କରିବା ସହ ବନ ବିଭାଗ କର୍ମଚାରୀମାନେ ରାତି ଦିନ ନିଆଁ ଲିଭାଇବା କାର୍ଯ୍ୟରେ ଲାଗିଛନ୍ତି ବୋଲି କହିଥିଲେ। ତେବେ ଯଥାଶୀଘ୍ର ଜଙ୍ଗଲ ନିଆଁକୁ ଆୟତ୍ତ କରା ନଗଲେ ଜଙ୍ଗଲ ଧ୍ୱଂସ ସହ ବନ୍ୟଜନ୍ତୁଙ୍କ ଜୀବନ ହାନି ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ରାମେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା



ଟିଠିପାଲି ଜଳନ୍ଧର ଦରବାର ଦ୍ୱିତୀୟ ସନ୍ଧ୍ୟାରେ ମହାରାଜାଙ୍କ ସହିତ ଅତିଥିଗଣ।

## ଚଣ୍ଡୀ ଯଜ୍ଞ ଓ କର୍ଣ୍ଣାଭିଷେକ, ଜଳନ୍ଧର ଦରବାର ଦ୍ୱିତୀୟ ସନ୍ଧ୍ୟା

## ମହାରାଜା ଜଳନ୍ଧରଙ୍କ ଦିଗ୍‌ବିଜୟ, ଦେବତାମାନଙ୍କ ଉପରେ ଆକ୍ରମଣ

**ବୀରମହାରାଜପୁର,୧୩।୩(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଟିଠିପାଲିଠାରେ ନୂତନ ଭାବରେ ନବନିର୍ମିତ ରାମେଶ୍ୱର ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଶୁକ୍ରବାର ସକାଳ ଆଠଟାରୁ ଚଣ୍ଡୀଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେପଟେ ରାମାୟଣ ନବାହ ପାରାୟଣ ଅନୁଷ୍ଠିତ ହୋଇଥିଲା । ଶୁକ୍ରବାର ଜଳନ୍ଧର ଦରବାରରେ ରାଜ ଅତିଥି ଭାବରେ ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ କୁମାର ରାଓ, ବିଡ଼ିଓ ରାଜୀବ କୁମାର ହାଁସଦା, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଯୋଗଦେଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡେପୁଟି କଲେକ୍ଟର ପ୍ରିତମ ମହାନ୍ତି ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିବା ବେଳେ ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ ଧନ୍ୟବାଦ ଅର୍ପଣ କରିଥିଲେ । ଜଳନ୍ଧର ଭୂମିକାରେ ବିଶିଷ୍ଟ କଳାକାର ଗୁରୁ ଭୁବନେଶ୍ୱର ପ୍ରଧାନଙ୍କ ନିଖୁଣ ଅଭିନୟର ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଆଜି ଦରବାରରେ ଜଳନ୍ଧରଙ୍କ ଦିଗ ବିଜୟ, ଦେବତାମାନଙ୍କ ଉପରେ ଆକ୍ରମଣ, ବିଷ୍ଣୁଙ୍କ ଆର୍ବିଭାବ, ନାରଦଙ୍କ ପରାମର୍ଶ କ୍ରମେ ଜମପୁର ଆକ୍ରମଣ, ସଞ୍ଜିବନୀ ମନ୍ତ୍ର ଧାରଣ ଆଦି ପୌରାଣିକ ବିଷୟବସ୍ତୁ ଉପରେ ନାଟକ ମଞ୍ଚସ୍ଥ ହୋଇଥିଲା। ବ୍ୟାସ ଗାୟକ ଭାବରେ ବିଶିଷ୍ଟ ପୁରାଣ ଗାୟକ ମନୋରଞ୍ଜନ ମିଶ୍ର ପୁରାଣ ପାଠ କରୁଥିବା ବେଳେ ମୁଖ୍ୟ ଆଚାର୍ଯ୍ୟ ଭାବରେ ପଣ୍ଡିତ ଚକ୍ରଧର ଚାନ୍ଦଙ୍କ ସହିତ ରାଜୀବ ପ୍ରସାଦ ପାଢ଼ୀ,ଗୌରି କାନ୍ତ ମିଶ୍ର,ଗୌତମ ପଣ୍ଡା ଜଗନ୍ନାଥ ଦାସ ଓ ପ୍ରଭଞ୍ଜନ ରଥ କାର୍ଯ୍ୟ ତୁଲାଉଛନ୍ତି। ଟିଠି ପାଲି ମଠର ମଠାଧୀଶମଠ ମହନ୍ତ ସୀତାରାମ ଦାସଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଅନୁଷ୍ଠିତ ଆଧାତ୍ମିକ କାର୍ଯ୍ୟକ୍ରମରେ ମନ୍ଦିର ପ୍ରତିଷ୍ଠା ମୁଖ୍ୟକର୍ତ୍ତା ଭିଷ୍ମଦେବ ଅମାତ ଓ ପ୍ରେମଶିଳା ଅମାତ ନବାହ କର୍ତ୍ତା ଭାବରେ ସୁରୁବାବୁ ପଧାନ ସପତ୍ନୀକ କାର୍ଯ୍ୟ ନିର୍ବାହ କରୁଛନ୍ତି। କମିଟି ସଭାପତି ବିଦେଶୀ ମହାକୁର, ସମ୍ପାଦକ ମଳୟ କୁମାର ଅମାତ, ବରିଷ୍ଠ ସଦସ୍ୟ ଦୌଲତ ଅମାତ, ସଦସ୍ୟ ହିମାଂଶୁ ଖମାରୀ, ବିଶ୍ୱାମିତ୍ର ଦେହେରୀ, ଚନ୍ଦନ ପାତ୍ର, ଝାଣ୍ଟୁ ପଧାନ, ରଶ୍ମିରଞ୍ଜନ ଅମାତ, ସଞ୍ଜୟ ଅମାତ, ସୁବ୍ରତ ପାତ୍ର ପ୍ରମୁଖ ସହଯୋଗ କରୁଛନ୍ତି।ଏହା ସହିତ ମିନାବଜାର ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟର ମଜା ନେଇଥିଲେ ଦର୍ଶକ।

# ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ

**ସୋନପୁର,୧୩।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବ୍ଲକ ଡୁଙ୍ଗୁରିପାଲି ସ୍ଥିତ କୁଶଲେଶ୍ୱର ଉଚ୍ଚ ବିଦ୍ୟାଳୟ ଠାରେ ସୁବର୍ଣ୍ଣପୁର ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଉତ୍ସବରେ ସଭାପତିତ୍ୱ କରିଥିଲେ। ସୁବର୍ଣ୍ଣପୁର ଜିଲାପାଳ ଡ଼ ନୃପରାଜ ସାହୁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଓ ବୌଦ୍ଧିକ ସ୍ତରରେ ବିକାଶ ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଅନୁଦାନ ଯୋଗାଇ ଦେଉଛନ୍ତି। ପିଏମଶ୍ରୀ ବିଦ୍ୟାଳୟ ଗୁଡ଼ିକ ଏହାର ସର୍ବାଧିକ ସୁବିଧା ପାଉଛନ୍ତି। ଏହି ଉତ୍ସବ ଦ୍ୱାରା ଛାତ୍ରୀଛାତ୍ରଙ୍କ ପ୍ରତିଭାର ବିକାଶ ହୋଇପାରିବ ବୋଲି ଜିଲାପାଳ କହିଥିଲେ। ଜିଲା ପରିଷଦ ସଦସ୍ୟ ମଧୁସୂଦନ ଓତା, ଭୁବନେଶ୍ୱର ପଞ୍ଚସଖା ସେତୁର ଜିଲା ସହଯୋଗ ଅଧିକାରୀ ପ୍ରଭାତ କୁମାର ଦାସ, ସୋନପୁର ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ମିଶ୍ର, ଉଲୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହା, କୁଶଲେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ୍ମନାଭ କର୍ଣ୍ଣ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସୋନପୁର ବ୍ଲକ ଶିକ୍ଷା ଅଧିକାରୀ ମିଶ୍ର ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହିତ ଜିଲାସ୍ତରୀୟ ପିଏମଶ୍ରୀ ଉତ୍ସବର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଜାତୀୟ ଶିକ୍ଷା ନୀତି ଉପରେ ତାଙ୍କ ସ୍ୱାଗତ ଅଭିଭାଷଣରେ ଅବଗତ କରିଥିଲେ । ଏହି ଅବସରରେ ଅତିଥି ମାନେ ପିଏମଶ୍ରୀ ଉତ୍ସବ, ଜାତୀୟ ଶିକ୍ଷା ନୀତି ସହିତ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଓ ନୈତିକ ଶିକ୍ଷା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉତ୍ସବକୁ ଜିଲାପାଳ ଉଦଘାଟନ କରିଥିଲେ। ଜିଲାର ସମସ୍ତ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକମାନେ ଯୋଗଦାନ କରିଥିଲେ। ସମସ୍ତ ୬ଟି ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ୪୦୨ ଜଣ ଛାତ୍ରୀଛାତ୍ର ଯୋଗଦେଇ ଆକାଂକ୍ଷୀ ମେଳା, ଦୋକାନ ଯାତ୍ରା ଓ ଆକାଂକ୍ଷୀ ଛାତ୍ର ପରିଷଦ ବିଭାଗରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସୃଜନଶୀଳ ପ୍ରକଳ୍ପ ଗୁଡ଼ିକ ଏହି ଅବସରରେ ପ୍ରଦର୍ଶିତ କରାଯାଇଥିଲା।



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

## ପ୍ରତିଭା ପ୍ରଦର୍ଶନ କଲେ ୪୦୨ ଛାତ୍ରୀଛାତ୍ର

# ନୂତନ ପରିଚାଳନା ସମିତି ଗଠନ

**ଘଣ୍ଟାପଡ଼ା,୧୩।୩(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନୂତନ ପରିଚାଳନା ସମିତି ଗଠିତ ହୋଇଛି। ଏହି ଉପଲକ୍ଷେ ପୂର୍ବ ସମିତି ଅଧକ୍ଷ ଅଗସ୍ତି ମଲିକଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସର୍ବସମ୍ମତିକ୍ରମେ ନୀଳାଚଳ ଭୋଇ ସଭାପତି, ଗୁଣନିଧି କମ୍ପ ଉପ ସଭାପତି, ସମ୍ପାଦକ ରଣଜିତ ରଣା, ଯୁଗ୍ମ ସମ୍ପାଦକ ବଳରାମ ମଲିକ, କୋଷାଧ୍ୟକ୍ଷ ଭାବେ ଅଶୋକ କୁମାର ଦେହୁରୀ ଏବଂ ସଦସ୍ୟା ଭାବେ ଗୀତାଞ୍ଜଳି ନାଏକ ଓ ସୁଦେଷ୍ଣା ଥନାପତିଙ୍କୁ ମନୋନୀତ କରାଯାଇଥିଲା। ଉକ୍ତ ବୈଠକରେ କାର୍ତ୍ତିକେଶ୍ୱର ବେହେରା, ଜୟ କିଶୋର ପଣ୍ଡା, କଣ୍ଟାମାଳ ସଙ୍କୁଳ ପ୍ରମୁଖ ଅବସରପ୍ରାପ୍ତ ଅଧ୍ୟାପକ ସନ୍ତୋଷ କୁମାର ବିଶି, ପ୍ରଧାନ ଆଚାର୍ଯ୍ୟ ଲିଙ୍ଗରାଜ ସେଠ, ତୂଳଚକ୍ର ବର୍ଗେ ପ୍ରମୁଖ ଉପସ୍ଥିତ ଥିଲେ।

# କୁଲୁତା ସମାଜର ବାର୍ଷିକ ସାଧାରଣ ସଭା

**ବୌଦ୍ଧ,୧୩।୩(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ମୂଷାଢ ଆଞ୍ଚଳିକ କେନ୍ଦ୍ର କୁଲୁତା ସମାଜର ବାର୍ଷିକ ସାଧାରଣ ସଭା ତିଳେଶ୍ୱର ପଞ୍ଚାୟତ ଟଭାପଦର ଗ୍ରାମରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ସମାଜର ଇଷ୍ଟଦେବୀ ରଣେଶ୍ୱର ରାମଚଣ୍ଡିଙ୍କ ନିକଟରେ ପୂଜାର୍ଚ୍ଚନା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । କେନ୍ଦ୍ରର ସଭାପତି ବିକ୍ରମ ପ୍ରଧାନ ସଭାରେ ସଭାପତିତ୍ୱ କରିଥିଲେ । କୁଲୁତା ସମାଜର ଏକତା ଓ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଉପସଭାପତି ଶୁଭ୍ରଜିତ ପ୍ରଧାନ , ସମ୍ପାଦକ ବସନ୍ତ ପ୍ରଧାନ, ସହ ସମ୍ପାଦକ ଜୟଦେବ ପ୍ରଧାନ , କୋଷାଧ୍ୟକ୍ଷ ଅଶୋକ ପ୍ରଧାନ , ଉପଦେଷ୍ଟା ମଣ୍ଡଳୀର ପୁରୁଷୋତ୍ତମ ପ୍ରଧାନ, ଲବ କୁମାର ପ୍ରଧାନ, ଧର୍ମୁଧର ପ୍ରଧାନ, ବଲଣ୍ଡା କେନ୍ଦ୍ର ସଭାପତି ବିରେନ୍ଦ୍ର ପ୍ରଧାନ, ଲକ୍ଷ୍ମଣପୁର କେନ୍ଦ୍ର ସଭାପତି ସୁବାସ ପ୍ରଧାନ, ଗୁଡପଡା କେନ୍ଦ୍ର ସଭାପତି ସାନନ୍ଦ ଭୋଇଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କୁଲୁତା ସମାଜର ଜାତି ଭାଇ ଉକ୍ତ ସଭାରେ ଉପସ୍ଥିତ ଥିଲେ ।

# ତରଭା ବରିଷ୍ଠ ନାଗରିକଙ୍କ ବୈଠକ

**ତରଭା,୧୩।୩(ମାନଭଞ୍ଜନ ମିଶ୍ର)**

ତରଭା ବରିଷ୍ଠ ନାଗରିକ ସଂଘର ଏକ ବୈଠକ ସ୍ଥାନୀୟ ଏଫଆରସି ସି ସଭା ଗୃହରେ ସଂଘର ସଭାପତି ଦେବେନ୍ଦ୍ର ବିଜୟ ସାହୁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ୨୦୨୫ ଅକ୍ଟୋବର ୬ ତାରିଖ ପରେ ହୋଇଥିବା ଏହି ବୈଠକ ପ୍ରାରମ୍ଭରେ ଗତ ଅକ୍ଟୋବର ୧୪ରେ ଜମ୍ମୁ--କାଶ୍ମୀରର ପ୍ରସିଦ୍ଧ ଦେବୀ ପୀଠ ବୈଷ୍ଣୋଦେବୀ ଦର୍ଶନ ସାରି ଫେରୁଥିବା ବେଳେ ଜମ୍ମୁ କଟରା ଏକ୍ସପ୍ରେସ--ୱେରେ ଏକ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସଂଘର ସମ୍ପାଦକ ବିଚିତ୍ର କୁମାର ସାହୁ ଓ ସହ-ସମ୍ପାଦକ ଯୋଗୀନ୍ଦ୍ର ମଟାରୀଙ୍କ ଆତ୍ମାର ସଦଗତି ନିମନ୍ତେ ଗୋଟିଏ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ୨୦୧୯/୨୦ ମସିହାରେ ସୋସାଇଟି ଆକ୍ଟରେ ପଞ୍ଜିକୃତ ହୋଇଥିବା ଏହି ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ୨୦୨୩ ମଇ ୧୬ ତାରିଖ ସମ୍ପନ୍ନ ହୋଇଥିଲା।ପ୍ରତି ୨ ବର୍ଷରେ କର୍ମକର୍ତ୍ତା ନିର୍ବାଚନ କରାଯିବାର ନିୟମ ରହିଥିଲେହେଁ ଇତି ମଧ୍ୟରେ ତିନି ବର୍ଷ ହେବାକୁ ବସିଲାଣି ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇନାହିଁ।ଏହାବାଦ ସମ୍ପାଦକ ଓ ସହ- ସମ୍ପାଦକ ପଦବୀ ଖାଲି ପଡ଼ିଛି। ଏଣୁ ଏହି କମିଟିକୁ ଭଙ୍ଗ କରି ନୂତନ କମିଟି ଗଠନ ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ବୈଠକରେ ଆବଶ୍ୟକ ସଂଖ୍ୟାରେ ସଭ୍ୟ ଅନୁପସ୍ଥିତ ଥିବାରୁ ଆସନ୍ତା ୧୯ ତାରିଖ ବୈଠକ ଡାକିବାକୁ ସହମତି ପ୍ରକାଶ ପାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ କୁମାର ବାଘ, ଜୟକିଶୋର ସାହୁ, ରାଜକିଶୋର ସାହୁ, ଅଶୋକ କୁମାର ସାହୁ, ମାଙ୍ଗେଲାଲ ଅଗ୍ରୱାଲ, ଜୟପ୍ରକାଶ ନାରାୟଣ ସାହୁ, ଧୀରେନ୍ଦ୍ର ବିଜୟ ସାହୁ, କ୍ଷେତ୍ରବାସୀ ସାହୁ, ବୃକୋଦର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପ ସଭାପତି ଜୟକିଶୋର ସାହୁ ଧନ୍ୟବାଦ ଦେଇଥିଲେ।

# ୬୧,୯୪୫ କୃଷକଙ୍କୁ ମିଳିଲା ପିଏମ୍ କିଷାନ ସମ୍ମାନ ନିଧି

## ସୁବର୍ଣ୍ଣପୁରରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ

**ସୋନପୁର,୧୩।୩(ମୃତ୍ୟୁଞ୍ଜୟ ଶତପଥୀ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସାମର ଗୌହାଟୀରୁ ପିଏମ୍ କିଷାନ ସମ୍ମାନ ନିଧିର ୨୨ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମର ଶୁକ୍ରବାର ଶୁଭାରମ୍ଭ କରିଛନ୍ତି। ଏହି କ୍ରମରେ ଜିଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଆୟୋଜନ ହୋଇଥିଲା। ଏଥିରେ ଶତାଧିକ ଚାଷୀ ଯୋଗଦାନ କରି ପ୍ରଧାନମନ୍ତ୍ରୀ ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବକ୍ତବ୍ୟ ଶୁଣିଥିଲେ। ଏହି ଅବସରରେ ସୁବର୍ଣ୍ଣପୁର ଜିଲାର ୬୧ହଜାର ୯୪୫ଜଣ କୃଷକଙ୍କୁ ପିଏମ୍ କିଷାନ ସମ୍ମାନ ନିଧିର ୨୨ତମ କିସ୍ତି ୨ହଜାର ଟଙ୍କା ଲେଖାଏଁ ପ୍ରଦାନ କରା ଯାଇଥିଲା। ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପିଏମ୍ କିଷାନ ସମ୍ମାନ ନିଧି, ସିଏମ୍ କିଷାନରେ ସହାୟତା ଓ ଧାନ କୁଇଣ୍ଟାଲ ପ୍ରତି ୩୧୦୦ଟଙ୍କା ପ୍ରଦାନ ଫଳରେ ଚାଷୀମାନଙ୍କୁ ଅନେକ ସୁବିଧା ହେଉଥିବା ଜିଲାପାଳ କହିଥିଲେ। ସମ୍ମାନିତ ଅତିଥି ଭାବେ ଏଲଡିଏମ୍ କାର୍ତ୍ତିକେଶ୍ୱର ପଣ୍ଡା, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ବିଶ୍ୱରଞ୍ଜନ ପଟ୍ଟନାୟକ, ଭାରପ୍ରାପ୍ତ ମୁଖ୍ୟ ଜିଲା କୃଷି ଅଧିକାରୀ ଘନଶ୍ୟାମ ଦେହୁରୀ ଓ ବୈଜ୍ଞାନିକ ଡ. ତ୍ରିନାଥ ଖଣ୍ଡାୟତରାୟ ଯୋଗଦାନ କରିଥିଲେ। ଲୋପାମୁଦ୍ରା ରାୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସୋନପୁର ବ୍ଲକ ସହକାରୀ କୃଷି ଅଧିକାରୀ ବିଭୂତି ଭୂଷଣ ସେଠୀ ଓ ଶାଶ୍ୱତ ହୋତା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।




ପିଏମ୍ କିଷାନ ସମ୍ମାନ ନିଧିର ୨୨ତମ କିସ୍ତି ପ୍ରଦାନ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

**OFFICE OF THE NOTIFIED AREA COUNCIL, SURADA, GANJAM**
Main Road, Surada, Ganjam, Odisha, PIN-761108
Phone : 06819-270129
No.426/NAC Dt : 11.03.2026
**CORRIGENDUM TO CANCELATION OF TENDER**
(Through e-Procurement)
No.13001/617/2526 : The Tender ID No-2026_ORULB_126866, Published Date : 05.03.2026 having Tender Reference No-SUR/EO/03/2025/26 has been cancelled due to unavoidable circumstances.
Sd./- Executive Officer
NAC, Surada, Ganjam
OIPR-13001/13101/1/25-26/0001

ODISHA RURAL DEVELOPMENT AND MARKETING SOCIETY, Nuapada
(Panchayati Raj & Drinking Water Department, Government of Odisha)
ORMAS
**OFFICE OF THE ZILLA PARISHAD, NUAPADA**
CORRIGENDUM
NO. 1905/ORMAS/DATE: 10.03.2026
No.25001/336/2526 : ORMAS Nuapada issues corrigendum to the Tender Notice No. 1886 dated 05.03.2026 in addition to the existing terms & conditions, as follows:
2.4 Tentage & Stalls :
A. Structure Bamboo (3 to 6 inch) & Cloth (with Anti fire chemical Treatment) structure, Size of each stall - 10' X 10' with tarpaulin water proof roofing.
Flooring - Wooden Plank platform of 6" height from the ground covering with synthetic matting in entire stall area.
Ceiling & Wall - Three sides including partition walls of stall will be covered with New White Cotton Cloth. Backside outer wall will be covered with tarpaulin and G.I. sheets (22 gage corrugated sheet). The G.I. sheets will be fixed horizontally supported with the wooden bellies.
All other terms and conditions remain un-altered.
For details, please visit district website www.nuapada.odisha.gov.in, or the office of ORMAS Nuapada.
The authority reserves the right to reject any or all Tenders without assigning any reason thereof.
Sd./- Collector & DM
Nuapada
OIPR-25001/25201/1/25-26/0002

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ :www.oshb.org
ପତ୍ରସଂଖ୍ୟା ୫୩ ତା.୨୬.୦୨.୨୬
**ବିଜ୍ଞାପନ**
No.13001/612/2526:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ୰ପୁନମଦେବ ପ୍ରଜାପତି ପି-୰ଶ୍ରୀକାଲୁ ପ୍ରଜାପତି ଏଲ୍.ସି.ଆର-୨୦୧ ଛେଣ୍ଡ, ପ୍ରଥମ ପର୍ଯ୍ୟାୟ ରାଉରକେଲା, ଜି-ସୁନ୍ଦରଗଡ଼ | ଏଲ.ସି.ଆର-୨୦୧ (LCR-201) ଛେଣ୍ଡ, ପ୍ରଥମ ପର୍ଯ୍ୟାୟ ରାଉରକେଲା | ୧. ସଂଜୟ କୁମାର ପ୍ରଜାପତି (ବି.ପୁତ୍ର) ୨. ଗୋଦାବରୀ ଦେବୀ (ସ୍ତ୍ରୀ) ୩. ରଂଜୟ ପ୍ରଜାପତି (ବି.ପୁତ୍ର) ୪.ପିଙ୍କି ପଣ୍ଡିତ (କନ୍ୟା) ୫. ସନ୍ତୋଷ ପ୍ରଜାପତି (ବି.ପୁତ୍ର) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13001/13030/1/25-26/0096

GOVERNMENT OF ODISHA
**OFFICE OF THE MUNICIPAL COUNCIL KABISURYANAGAR, DIST-GANJAM**
(H & UD Department)
E-mail: ksnnac@rediffmail.com, Phone:06810-295444
Lt.No. 449// Dt.10.03.2026
No.13001/620/2526: 1. The Executive Officer, Kabisuryanagar Municipality, Dist-Ganjam Invites Percentage Rate bids in Single Cover System in offline Mode for Execution of Civil Works in Kabisuryanagar Municipality area as specified in the detailed Tender Call Notice (DTCN) from the eligible Class of Contractors, which is available at office of the NAC, Polasara.
2. Name/Nature of the Work : Civil Works
3. No. of Work : 19 (Nineteen) Nos.
4. Estimated Cost Range of Works : Rs.52,998/- to Rs.1,67,888/- (excld.GST)
5. Eligible Class of Contractor : C & D, Govt.of Odisha
6. Start date of sale of tender paper : From 10.00 A.M. of dt.12.03.2026
7. Last date of sale of tender paper : 5.30 P.M. of dt.20.03.2026
8. Last date of receipt of document of original tender documents in Tender Box : 5.30 P.M. of dt.23.03.2026
9. Date and time of tender opening : 24.03.2026 at 11.00 A.M.
10. The Bidders have to participate in Offline bidding only and further details can be seen at office of the Kabisuryanagar Municipality.
11. Any Corrigendum/ Addendum will be publishing on daily newspaper.
12. Name & address of the Officer Inviting tender : Executive Officer, Office of the Municipal Council, Kabisuryanagar, Ganjam, Near Main Road, Kabisuryanagar, Dist-Ganjam, Pin- 761104
Sd./- Executive Officer
Kabisuryanagar Municipality (G.M.)
OIPR-13001/13208/1/25-26/0003

**ଚକ୍ଷୁ ପରୀକ୍ଷା ଶିବିର**

ବେଲପାହାଡ଼,(ସୁବାସ ପ୍ରଧାନ): ଓଡ଼ିଶା ପାୱାର ଜେନେରେସନ କର୍ପୋରେଶନ ଲିମିଟେଡ୍ ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମ ଅଧୀନରେ ଝାରସୁଗୁଡ଼ା ଜିଲାର ଦଲଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ଚକ୍ଷୁ ପରୀକ୍ଷା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର କେୟାର ନେତ୍ରମ୍ ସହଯୋଗରେ ଅନୁଷ୍ଠିତ ଶିବିରକୁ ଦଲଗାଁ ସରପଞ୍ଚ ସନ୍ତୋଷ ରୋହିଦାସ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓପିଜିସିର ବରିଷ୍ଠ ଅଧିକାରୀ ହିମାଂଶୁ ଭୂଷଣ ବେହେରା ଏବଂ କେୟାର ନେତ୍ରମ୍‌ର ମେଡିକାଲ ଟିମ ଉପସ୍ଥିତ ଥିଲେ। ଏହି ଶିବିରରେ ଆଖପାଖ ୧୮ଟି ଗ୍ରାମର ୨୮୮ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ମୋଟ୍ ୨୫୧ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିବାବେଳେ ୩୫ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ବ୍ୟବସ୍ଥା କରାଯାଇଥିଲା।

## ସଂକ୍ଷେପରେ

### ୧୬ରେ ଆଶାକର୍ମୀଙ୍କ ବିକ୍ଷୋଭ

**ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ସମୂହ ଛୁଟି ଆବେଦନ**

ଦେବଗଡ଼,୧୩।୩(ଶଶାଙ୍କ ଶେଖର ଝାଙ୍କର)

ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଶା କର୍ମୀମାନେ ସରକାରଙ୍କ ନିକଟରେ ବାରମ୍ବାର ଦାବି ଉପସ୍ଥାପନ କରିଛନ୍ତି। ହେଲେ ସରକାର ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ଆସନ୍ତା ୧୬ ତାରିଖରେ ଭୁବନେଶ୍ୱରସ୍ଥିତ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ଭାରତୀୟ ମଜଦୁର ସଂଘ ସହ ଅନୁବନ୍ଧିତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ବିକ୍ଷୋଭରେ ଦେବଗଡ଼ ଜିଲାର ଆଶାକର୍ମୀ ସାମିଲ ହେବେ। ଏଣୁ ବିକ୍ଷୋଭରେ ସାମିଲ ହେବା ପାଇଁ ସଂଘର ଦେବଗଡ଼ ଜିଲାର ସଦସ୍ୟାମାନେ ଶୁକ୍ରବାର ସାମୁହିକ ଛୁଟି ଆବେଦନ କରିଛନ୍ତି। ମଧ୍ୟାହ୍ନରେ ଆଶାକର୍ମୀ ସଂଘ ଦେବଗଡ଼ ଜିଲା ଶାଖାର ବହୁ ସଦସ୍ୟା ଓ କର୍ମକର୍ତ୍ତା ଜିଲା ମୁଖ୍ୟ ଚିକିତ୍ସା ଓ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ସାମୁହିକ ଛୁଟି ପାଇଁ ଆବେଦନ କରିଛନ୍ତି। ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି।

### ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ଲଇକେରା,୧୩।୩(ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା ଲଇକେରାସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ପ୍ରାଥମିକ କୃଷି ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲଇକେରା ପାକ୍ସ ସଭାପତି ହେମନ୍ତ ସାଗର କୁମୁରା ସଭାପତିତ୍ୱ କରି ଆସନ୍ତା ଖରିଫ ଋତୁରେ ଯେପରି ସାର ଅଭାବ ନ ହେବ ସେଥିପାଇଁ ପ୍ରଚୁର ସାର ଗଚ୍ଛିତ ରଖିବା, ପାକ୍ସରେ ଭିଏସ୍‌ଟି ପାୱାରଟିଲର ଏବଂ ଯନ୍ତ୍ରପାତି ବିକ୍ରି ପାଇଁ ଡିଲରସିପ୍ ପ୍ରଦାନ ଉପରେ ବକ୍ତବ୍ୟ ଦେଇଥିଲେ। ପାକ୍ସ ସମ୍ପାଦକ ଶ୍ରୀଯୁକ୍ତ ଭୋଇ ଚଳିତବର୍ଷର ଆୟବ୍ୟୟ ପଠନ କରିଥିଲେ। ଏସ୍‌ଡିସିସି କୋପରେଟିଭ୍ ବ୍ୟାଙ୍କ ଅଧିକାରୀ ପ୍ରବୀଣ ଭୋଇ ଏବଂ ଗଣନାଥ ଖରସେଲ ବ୍ୟାଙ୍କକୁ ଚାଷୀମାନେ ସହଯୋଗ କରନ୍ତୁ ବୋଲି କହିଥିଲେ। ଏହି ସଭାରେ ଏଆର୍‌ସିଏସ୍ ବନମାଳୀ ନାଇକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଭୁପାଳ ବେହେରାଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

### ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଝାରସୁଗୁଡ଼ା,୧୩।୩(ଆଶିଷ ରଞ୍ଜନ ଦାଶ)

୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡିଏମ୍‌ଏଫ୍ ସଭାଗୃହରେ ଆୟୋଜିତ ୩ ଦିନିଆ କ୍ଷେତ୍ର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୨୨ ଜଣ କ୍ଷେତ୍ର ପ୍ରଶିକ୍ଷକ ଅଂଶଗ୍ରହଣ କରିଥିଲେ। ଏଥିରେ ଜିଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ ଏବଂ ଡେପୁଟି କଲେକ୍ଟର (ଜନଗଣନା) ଲୋପାମୁଦ୍ରା କାଲୋ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀଙ୍କୁ ମାର୍ଗଦର୍ଶନ କରିଥିଲେ। ଜନଗଣନା ବିଭାଗର ଡେପୁଟି ଡାଇରେକ୍ଟର ଜୟକୃଷ୍ଣ ଭୋଇ ଏବଂ ବ୍ରଜରାଜନଗର ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ଜନଗଣନାର ଜଟିଳ ପ୍ରକ୍ରିୟା ଓ ବୈଷୟିକ ଦିଗ ଉପରେ ଆଲୋକପାତ କରିଥିଲେ। ବିଶେଷକରି ଜନଗଣନା ସମ୍ପର୍କିତ ତଥ୍ୟ ସଂଗ୍ରହ, ଠିକ୍ ଲେ-ଆଉଟ୍ ମ୍ୟାପ୍ ପ୍ରସ୍ତୁତି ଏବଂ ଆଧୁନିକ ଏଚ୍‌ଏଲ ଓ ମୋବାଇଲ ଆପ୍ ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ନିର୍ଭୁଲ ତଥ୍ୟ ଅପ୍‌ଲୋଡ୍ ବିଷୟରେ ପ୍ରଶିକ୍ଷକଙ୍କୁ କୁହାଯାଇଥିଲା। ଏହି ପ୍ରଶିକ୍ଷଣ ପାଇଥିବା କ୍ଷେତ୍ର ପ୍ରଶିକ୍ଷକମାନେ ଆଗାମୀ ଦିନରେ ନିଜ ଅଞ୍ଚଳରେ ଏନୁମେରେଟର ଏବଂ ସୁପରଭାଇଜରଙ୍କୁ ପ୍ରଶିକ୍ଷଣ ଦେଇ ଜନଗଣନା କାର୍ଯ୍ୟକୁ ଆଗେଇ ନେବେ। ଏହି ଅବସରରେ ଜିଲା ଜନଗଣନା ଇନ୍‌ଚାର୍ଜ ରବି ରଞ୍ଜନ, ସେକ୍ସନ ଅଫିସର ହରିହର ମାଝୀଙ୍କ ସମେତ ଜନଗଣନା ଶାଖାର ଅନ୍ୟ କର୍ମଚାରୀ ଉପସ୍ଥିତ ରହିଥିଲେ।

# ରନ୍ଧନ ଗ୍ୟାସ୍ ଅଚଳାବସ୍ଥା ବିରୋଧରେ ବିକ୍ଷୋଭ



କଂଗ୍ରେସ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

- ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ
- ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଦେବଗଡ଼,୧୩।୩(ଶଶାଙ୍କ ଶେଖର ଝାଙ୍କର)

ଏଲ୍‌ପିଜି ବା ରନ୍ଧନ ଗ୍ୟାସ୍‌କୁ ନେଇ ସୃଷ୍ଟି ହୋଇଥିବା ଅଚଳାବସ୍ଥା ବିରୋଧରେ ଦେବଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ଓ ମହିଳା କଂଗ୍ରେସ ନେତ୍ରୀ ଲିତା ଆଚାର୍ଯ୍ୟଙ୍କ ନେତୃତ୍ୱରେ ଦଳର ବହୁ ନେତା ଓ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ସେଠାରେ ସେମାନେ ଖାଲି ଗ୍ୟାସ୍ ସିଲିଣ୍ଡର ରଖି କେନ୍ଦ୍ର ସରକାରଙ୍କ ଅପାରଗତା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏଥିସହ ଜିଲାପାଳ ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସାକ୍ଷାତ କରି ରନ୍ଧନ ଗ୍ୟାସ୍ ଅଭାବ ଦୂର କରି ସମସ୍ୟାର ସମାଧାନ ପାଇଁ ଦାବିପତ୍ର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ରେବତୀ ମୋହନ ପଟ୍ଟନାୟକ, ରମେଶ ଚନ୍ଦ୍ର ପାତ୍ର, ଅଲେଖ ନାଏକ ଓ ଅକାଶ ଦାଶଙ୍କ ସମେତ ବହୁ ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ।

# ନବୀକରଣ ହେବ ଜିଲା ପାଠାଗାର


ଜିଲାପାଳ ଜିଲା ପାଠାଗାର ପରିଦର୍ଶନ କରୁଛନ୍ତି।

**ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ**

ଝାରସୁଗୁଡ଼ା,୧୩।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଗୁରୁବାର ଜିଲା ସଂସ୍କୃତି କାର୍ଯ୍ୟାଳୟ ପରିସରରେ ଥିବା ଜିଲା ପାଠାଗାରର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହ ଏହାର ନବୀକରଣ ପାଇଁ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ବିଶେଷକରି ଜିଲାର ଛାତ୍ରୀଛାତ୍ରମାନେ ଯେପରି ଏହି ପାଠାଗାରରୁ ସର୍ବାଧିକ ଉପକୃତ ହୋଇପାରିବେ ଏବଂ ଏକ ଉନ୍ନତ ଶୈକ୍ଷିକ ପରିବେଶ ପାଇପାରିବେ, ସେଥିପାଇଁ ଜିଲାପାଳ ଅଧିକାରୀଙ୍କୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରଙ୍କୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟ କରାଯିବ। ପାଠାଗାରରେ ବସିବା ପାଇଁ ଅଧିକ ସ୍ଥାନ, ନୂତନ ପୁସ୍ତକ ସଂଗ୍ରହ ଏବଂ ଆଧୁନିକ ସୁବିଧା ସୁଯୋଗ ଉପଲବ୍ଧ କରାଇବାକୁ ସମ୍ପୃକ୍ତ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପାଠାଗାରରେ ଆବଶ୍ୟକ ଆସବାବପତ୍ର, ଲାଇଟ୍ ଏବଂ ପାନୀୟ ଜଳ ଭଳି ମୌଳିକ ସୁବିଧାକୁ ସୁନିଶ୍ଚିତ କରିବାକୁ ସେ ପରାମର୍ଶ ଦେଇଛନ୍ତି।

# ଗ୍ୟାସ୍ ସିଲିଣ୍ଡର, ପେଟ୍ରୋଲ କଳାବଜାର ରୋକିବାକୁ ନିର୍ଦ୍ଦେଶ

ଝାରସୁଗୁଡ଼ା,୧୩।୩(ଆଶିଷ ରଞ୍ଜନ ଦାଶ)

**ମିଥ୍ୟା ଗୁଜବ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖ**

ଝାରସୁଗୁଡ଼ା ଜିଲାରେ ରନ୍ଧନ ଗ୍ୟାସ୍, ପେଟ୍ରୋଲ, ଡିଜେଲର ଉପଲବ୍ଧତା ଏବଂ ଯୋଗାଣ ସ୍ଥିତିକୁ ନେଇ ଗୁରୁବାର ସନ୍ଧ୍ୟାରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ହୋଇଥିବା ଆଲୋଚନା ପରେ ଜିଲାପାଳ ଜିଲାର ସମସ୍ତ ବରିଷ୍ଠ ଅଧିକାରୀ ଓ ତୈଳ କମ୍ପାନୀର ପ୍ରତିନିଧିମାନଙ୍କ ସହ ଆଭାସୀ ମାଧ୍ୟମରେ ଆଲୋଚନା କରିଥିଲେ।

ବୈଠକରେ ଜିଲାପାଳ ସ୍ପଷ୍ଟ କରିଛନ୍ତି, ଝାରସୁଗୁଡ଼ା ଜିଲାରେ ରନ୍ଧନ ଗ୍ୟାସ୍‌ର ଅଭାବ ନାହିଁ। କେବଳ ଲୋକଙ୍କ ମନରେ ଥିବା ଆଶଙ୍କା ଯୋଗୁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଗ୍ୟାସ୍ ସିଲିଣ୍ଡର ଓ ପେଟ୍ରୋଲର କଳାବଜାର ଉପରେ କଡ଼ା ନଜର ରଖିବାକୁ ପୋଲିସ ଏବଂ ଯୋଗାଣ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ୟାସ୍ ସିଲିଣ୍ଡରର ମାତ୍ରାଧିକ କ୍ରୟକୁ ରୋକିବା ପାଇଁ ସଚେତନତା ସୃଷ୍ଟି କରିବାକୁ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। କୃତ୍ରିମ ଅଭାବ ସୃଷ୍ଟି କରିବା ପାଇଁ ହେଉଥିବା ବେଆଇନ ମହଜୁଦ ଏବଂ କଳାବଜାର ରୋକିବା ନିମନ୍ତେ ନିୟମିତ ଚଢ଼ାଉ କରିବାକୁ ସେ କହିଛନ୍ତି। ଇନ୍ଧନ ସ୍ଥିତିକୁ ନେଇ କୌଣସି ପ୍ରକାରର ମିଥ୍ୟା ଗୁଜବ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖିବା ସହିତ ଜନସାଧାରଣ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ତାହା ନିଶ୍ଚିତ କରିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ଅଧିକାରୀଙ୍କୁ ହାଇଆଲର୍ଟରେ ରଖାଯାଇଛି। ଏହି ଅଭାସୀ ବୈଠକରେ ଝାରସୁଗୁଡ଼ା ଏସ୍‌ପି, ଜିଲା ଯୋଗାଣ ଅଧିକାରୀ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ସିଡିଏମ୍‌ଓ, ସମସ୍ତ ବିଡିଓ, କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲା ପର୍ଯ୍ୟଟନ ଅଧିକାରୀ, ବିଭିନ୍ନ ତୈଳ କମ୍ପାନୀର ପ୍ରତିନିଧି ଏବଂ ପେଟ୍ରୋଲ ପମ୍ପ ମାଲିକ ସଂଘର ସଦସ୍ୟମାନେ ଯୋଗଦେଇଥିଲେ।

### ପ୍ରଦୂଷଣ ନିୟମ ନ ମାନିବାରୁ କମ୍ପାନୀ ସିଲ୍

ଝାରସୁଗୁଡ଼ା,୧୩।୩(ଆଶିଷ ରଞ୍ଜନ ଦାଶ)

ପ୍ରଦୂଷଣ ନିୟମ ନ ମାନିବାରୁ ଝାରସୁଗୁଡ଼ା ସଦର ବ୍ଲକ୍ ଅଧୀନ ବେହେରାପାଲିଠାରେ ଥିବା ମେମର୍ସ ସୋଲାର କମ୍ପାନୀକୁ ଶୁକ୍ରବାର ସିଲ୍ କରାଯାଇଛି। ଜନସାଧାରଣଙ୍କ ଅଭିଯୋଗ ପରେ ଝାରସୁଗୁଡ଼ା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଉକ୍ତ କମ୍ପାନୀକୁ ବାରମ୍ବାର ନୋଟିସ ଜାରି କରାଯାଇଥିଲା। ହେଲେ କମ୍ପାନୀ କର୍ତ୍ତୃପକ୍ଷ ପ୍ରଦୂଷଣ ନିୟମ ପାଳନ ନ କରିବାରୁ ତହସିଲଦାର ସଦାକର କୁମ୍ଭାରଙ୍କ ଉପସ୍ଥିତିରେ ଶୁକ୍ରବାର କମ୍ପାନୀକୁ ସିଲ୍ କରାଯାଇଛି ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ହିରଣ୍ୟ ନାୟକ ସୂଚନା ଦେଇଛନ୍ତି। ପୂର୍ବରୁ ଉକ୍ତ କମ୍ପାନୀ ବିଷାକ୍ତ ପାଣି ବେହେରାପାଲି ଗ୍ରାମର ପୋଖରୀକୁ ଛାଡୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ।

### ଧାର୍ଯ୍ୟ ସମୟରେ କାର୍ଯ୍ୟ ଶେଷ କର: ଜିଲାପାଳ

ଝାରସୁଗୁଡ଼ା,୧୩।୩(ଆଶିଷ ରଞ୍ଜନ ଦାଶ)

**ବିଦ୍ୟାଳୟ ଭିତ୍ତିଭୂମି, ଶିକ୍ଷାଦାନ ବ୍ୟବସ୍ଥାର ସମୀକ୍ଷା**

ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଶୁକ୍ରବାର ହଣ୍ଡାତୁପା ସେବାଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସେଠାରେ ଥିବା ଭିତ୍ତିଭୂମି ଓ ଶିକ୍ଷାଦାନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ବିଶେଷକରି ବିଦ୍ୟାଳୟ ପରିସରରେ ନିର୍ମାଣାଧୀନ ଅତିରିକ୍ତ ଶ୍ରେଣୀଗୃହ ଏବଂ ହଷ୍ଟେଲ ପାଚେରି କାମର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ଏହି କାର୍ଯ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବିଦ୍ୟାଳୟ ଖେଳପଡ଼ିଆର ଉନ୍ନତୀକରଣ ପାଇଁ ଏକ ପ୍ରସ୍ତାବ ଦାଖଲ କରିବାକୁ ସେ କହିଛନ୍ତି। ଜିଲାପାଳ ଚହ୍ୱାଣ ବିଦ୍ୟାଳୟର ଶ୍ରେଣୀଗୃହ, ଛାତ୍ରାବାସ, ରୋଷେଇଘର, ଚିକିତ୍ସା କକ୍ଷ ଏବଂ ଶୌଚାଳୟ ଆଦି ବୁଲି ଦେଖିବା ସହ ପରିମଳ ବ୍ୟବସ୍ଥା ଯାଞ୍ଚ କରିଥିଲେ। ହଷ୍ଟେଲରେ ରହୁଥିବା ଅନ୍ତେବାସୀଙ୍କ ସହ ସେ ସିଧାସଳଖ କଥା ହୋଇ ସେମାନଙ୍କୁ ମିଳୁଥିବା ଖାଦ୍ୟର ମାନ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପରିଷ୍କାର ପରିଚ୍ଛନ୍ନତା ସମ୍ପର୍କରେ ପଚାରି ବୁଝିଥିଲେ। ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ସୁବିଧା ପ୍ରତି ସର୍ବଦା ସଜାଗ ରହିବାକୁ ସେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କହିଛନ୍ତି।

### ଜିଲା ମହିଳା ଏକତା ମଞ୍ଚ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

ଦେବଗଡ଼,୧୩।୩(ଶଶାଙ୍କ ଶେଖର ଝାଙ୍କର)

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଜିଲା ମହିଳା ଏକତା ମଞ୍ଚ ପକ୍ଷରୁ ପ୍ରଧାନପାଟସ୍ଥିତ ବଡବଗିଚାରେ ବିଭିନ୍ନ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ମହିଳା ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ରବିବାର ସ୍ଥାନୀୟ ଗୋପବନ୍ଧୁ ଛକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ମଞ୍ଚର ସଦସ୍ୟା ରଞ୍ଜିତା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜଶ୍ରୀ ପାତ୍ର, ପ୍ରେମଶିଳା ଝାଙ୍କର, ସୁଜାତା ପ୍ରଧାନ, ଲୀନାଲିପସା ଝାଙ୍କର, ମୀନାକ୍ଷି ମିଶ୍ର, ରତ୍ନପ୍ରଭା ଦେଓଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ଶିବିରରେ ୮୮ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଦେବଗଡ଼,୧୩।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ପୌର ପରିଷଦ ପକ୍ଷରୁ ପ୍ରଧାନପାଟସ୍ଥିତ ପୌର ପରିଷଦ କଲ୍ୟାଣ ମଣ୍ଡପଠାରେ ସ୍ୱାସ୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରତିକାନ୍ତ ଶୁକ୍ଳା ଯୋଗଦେଇଥିଲେ। ଏହି ଅବସରରେ ପୌର ପରିଷଦର ୮୮ ଜଣ ସଫେଇ କର୍ମଚାରୀ, ସ୍ୱାସ୍ଥ୍ୟକର୍ମୀ, ସ୍ୱଚ୍ଛ ସୁପରଭାଇଜରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୌର ପରିଷଦ କର୍ମଚାରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

### ୩୪ ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ

ଦେବଗଡ଼,୧୩।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ରିଆମାଳ ବ୍ଲକ୍‌ର କଲ୍ୟାଣ ମଣ୍ଡପଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନ୍ତର୍ଗତ ଭିନ୍ନକ୍ଷମ ସହାୟତା ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରିଆମାଳ ବ୍ଲକ୍ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବରେଣ୍ୟ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ସରପଞ୍ଚ ବୀଣାପାଣି ନାୟକ ଯୋଗଦେଇଥିଲେ। ଏହି ଅବସରରେ ୩୪ ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର,ବ୍ଲାଇଣ୍ଡ ଷ୍ଟିକ, ଟ୍ରାଇ ସାଇକେଲ, ୱାକିଂ ଷ୍ଟିକ୍ ଭଳି ଅନେକ ଉପକରଣ ବଣ୍ଟନ କରାଯାଇଥିଲା।

### ୬୩ କେଜି ଗଞ୍ଜେଇ ଜବତ, ୩ ଗିରଫ

ବ୍ରଜରାଜନଗର, ୧୩।୩ (ବିଜୟ ବରାଡ଼)

ବ୍ରଜରାଜନଗର ଓ ବନହରପାଲି ଥାନା ଅଞ୍ଚଳରେ ବେଆଇନ ଭାବେ ଗଞ୍ଜେଇ ବିକ୍ରି ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ୬୩ କେଜି ୪୦୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଥିବା ନେଇ ଶୁକ୍ରବାର ବ୍ରଜରାଜନଗର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ବ୍ରଜରାଜନଗର ଥାନା ଅଧୀନ ଲାଜକୁରା ଗୋଶାଳା ପାଖରେ ଅମରନାଥ ଦୁବେଦୀ(୨୭) ବେଆଇନ ଗଞ୍ଜେଇ କାରବାର କରୁଥିବାବେଳେ ବୁଧବାର ସନ୍ଧ୍ୟାରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏଥିସହ ତାଙ୍କ ଘର ଉପରେ ଚଢ଼ାଉ କରି ୬୨ କେଜି ୬୦ ଗ୍ରାମ୍ ଗଞ୍ଜେଇ ଜବତ କରିଥିଲା। ସେହିପରି ବନହରପାଲି ପୋଲିସ ତେଜରାମ ଭୋଇଁସଙ୍କୁ କାବୁ କରି ତାଙ୍କଠାରୁ ୧କେଜି ୪୦୦ ଗ୍ରାମ୍ ଗଞ୍ଜେଇ ଜବତ କରିଥିଲା। ଉଭୟ ବୌଦ୍ଧ ଜିଲାରୁ ଗଞ୍ଜେଇ ଆଣୁଥିବା ପୋଲିସ ଆଗରେ ପ୍ରକାଶ କରିଥିଲେ। ସେମାନଙ୍କଠାରୁ ସୁରାକ ପାଇ ବୌଦ୍ଧରୁ ଶ୍ରୀକାନ୍ତ ଦାସଙ୍କୁ ପୋଲିସ ଗିରଫ କରିଥିଲା। ସେମାନଙ୍କଠାରୁ ୧୫ ହଜାର ଟଙ୍କା, ଗୋଟିଏ କାର, ଗୋଟିଏ ବାଇକ, ଗୋଟିଏ ସ୍କୁଟି ଓ ମୋବାଇଲ ଜବତ କରାଯାଇଛି!

### ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨୦ ବିଶେଷଜ୍ଞ ନିଯୁକ୍ତି, ସ୍ୱାସ୍ଥ୍ୟସେବାରେ ଉନ୍ନତି

ଦେବଗଡ଼,୧୩।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ନୂତନ ଭାବେ ୨୦ ଜଣ ବିଶେଷଜ୍ଞ ଡାକ୍ତର ଯୋଗଦେଇଛନ୍ତି। ପୂର୍ବରୁ ଏଠାରେ ୮ ଜଣ ଡାକ୍ତର ଥିବାବେଳେ ଏବେ ଏହି ସଂଖ୍ୟା ୨୮ରେ ପହଞ୍ଚିଛି। ବିଭିନ୍ନ ବିଭାଗର ବିଶେଷଜ୍ଞ ସର୍ଜରି(୩), ଅର୍ଥପେଡିକ୍ସ(୧), ଭେଷଜ(୩), ଅସ୍ଥିଶଲ୍ୟ ଓ ଦାନ୍ତ(୩), ଚକ୍ଷୁ (୨), ସ୍ତ୍ରୀ ଓ ପ୍ରସୂତି (୮), ଶିଶୁରୋଗ(୪), ଫୁସ୍‌ଫୁସ୍ ଜନିତ(୧), ନିଶ୍ଚେତକ(୧), ଚର୍ମରୋଗ(୧), ଚକ୍ଷୁ ନାକ ଗଳା(୧) ଆଦି ୨୮ ଜଣ ବିଶେଷଜ୍ଞ ଡାକ୍ତର ଥିବାରୁ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆସିଛି। ବିଶେଷଜ୍ଞ ଡାକ୍ତରମାନେ ପ୍ରତି ବ୍ଲକ୍‌ର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ଏଥିସହ ମଙ୍ଗଳବାର ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବୁଧବାର ବାରକୋଟ ଓ ବମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଗୁରୁବାର ତିଲେଇବଣୀ, ଶୁକ୍ରବାର ପୁରୁଣା ଡିଏଚ୍‌ଏଚ୍‌ରେ ଶିଶୁରୋଗ ବିଶେଷଜ୍ଞ ଏବଂ ସ୍ତ୍ରୀ ପ୍ରସୂତି ବିଶେଷଜ୍ଞ ସେବା ଯୋଗାଇ ଦେଉଥିବା ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଧନଞ୍ଜୟ ମହନ୍ତ ସୂଚନା ଦେଇଛନ୍ତି।

# ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣକୁ ବିରୋଧ

ବ୍ରଜରାଜନଗର,୧୩।୩ (ବିଜୟ ବରାଡ଼)



ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣକୁ ଗ୍ରାମବାସୀ ବିରୋଧ କରୁଛନ୍ତି।

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଟାଉନ୍ ୟୁନିଟ୍-୨ ମୌଜାର ଖାତା ନଂ.୬୩୩, ପ୍ଲଟ୍ ନଂ.୨୯୬୦ କିସମ ଗୋଚର ଜମିରେ ନିର୍ମାଣ ହେବାକୁ ଥିବା ନୂଆ ବସ୍‌ଷ୍ଟାଣ୍ଡକୁ ଶୁକ୍ରବାର ବିରୋଧ କରାଯାଇଛି। କାରଣ ଏହା ପଛପଟେ ଥିବା ୫୦ ଏକରରୁ ଊର୍ଦ୍ଧ୍ୱ ଜମିରେ ଖେଳ ପାଇଁ ଖଲିଆକାନି ସ୍ପୋର୍ଟ୍ସ ଷ୍ଟାଡିୟମ ନିର୍ମାଣ ଜାରି ରହିଛି। ଇତିମଧ୍ୟରେ ଉକ୍ତ ଷ୍ଟାଡିୟମରେ ଖେଳାଳିଙ୍କ ରହିବା ଓ ଖାଇବା ପାଇଁ ଗୃହ ଏବଂ ଦର୍ଶକ ଗ୍ୟାଲେରି ତିଆରି ସରିଛି। ହେଲେ ଏହି ଖେଳପଡିଆର ସମ୍ମୁଖ ଭାଗ ରାସ୍ତା ପାର୍ଶ୍ୱରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ ବୋଲି ସେଠାରେ ଲଗାଯାଇଥିବା ବିଭିନ୍ନ ଗଛ କଟାଯାଉଛି। ସେଠାରେ ଗ୍ରାମବାସୀ ପହଞ୍ଚି ଗଛ କଟାକୁ ବିରୋଧ କରିବା ସହ ସମ୍ପୃକ୍ତ ଠିକା କମ୍ପାନୀର କାର୍ଯ୍ୟ କରୁଥିବା ଜେସିବିକୁ ହଟାଇ ଦିଆଯାଇଛି। ଏହି ସ୍ଥାନ ବ୍ରଜରାଜନଗର କଲେଜ, ସ୍ୱାସ୍ଥ୍ୟକେନ୍ଦ୍ର ଓ ଶିଶୁ ଉଦ୍ୟାନର ମଝି ଅଞ୍ଚଳରେ ଅବସ୍ଥିତ। ଏଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହେଲେ ପ୍ରଦୂଷଣ ବୃଦ୍ଧି ପାଇବ। ଏଥିସହ କଲେଜ ଛାତ୍ରୀଛାତ୍ରଙ୍କ ପାଠପଢ଼ା, ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀ, ଉଦ୍ୟାନରେ ଖେଳୁ ଥିବା ଶିଶୁ ଏବଂ ଷ୍ଟାଡିୟମରେ ଖେଳୁଥିବା ଖେଳାଳିଙ୍କ ଉପରେ ପ୍ରଭାବ ପଡ଼ିବ। ବହୁ ଦିନ ପୂର୍ବରୁ ଏହି ଜାଗାରେ ବ୍ରଜରାଜନଗର ମ୍ୟୁନିସିପାଲିଟିର କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ନିର୍ମାଣ ଓ ବ୍ରଜରାଜନଗର ଏସ୍‌ଡିପିଓଙ୍କ ଅଫିସ ନିର୍ମାଣ ପାଇଁ ହୋଇଥିବା ଯୋଜନାକୁ ବନ୍ଦ କରାଯାଇଥିଲା। ତେଣୁ ଏହି ଜାଗାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ନିକଟସ୍ଥ ଖଲିଆକାନି ଗ୍ରାମବାସୀ ବିରୋଧ କରିଛନ୍ତି। ଏହି ଅବସରରେ ରାଧାକୃଷ୍ଣ ଉନ୍ନୟନ ପରିଷଦର କର୍ମକର୍ତ୍ତା, ଖଲିଆକାନି ଗ୍ରାମବାସୀ, ଖେଳାଳି, ବୁଦ୍ଧିଜୀବୀ ମହେନ୍ଦ୍ର ନାଏକ, କ୍ଷୀରୋଦ କୁମାର ପ୍ରଧାନ, ସରୋଜ ବଡାଇ, ରବିନ ପ୍ରଧାନ, କାହ୍ନା ସେଠ୍‌ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୦୯ ମସିହାରେ ସ୍ଥାନୀୟ ମଙ୍ଗଳା ମନ୍ଦିର ପାର୍ଶ୍ୱରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇଥିଲା। ଏଥିପାଇଁ ୭୦ ପରିବାରର ଘର ଭାଙ୍ଗି ସେମାନଙ୍କୁ ଜିଲା ପ୍ରଶାସନ ବେସାହାରା କରିଥିଲା। ୪୦ଲକ୍ଷ ବ୍ୟୟ ଅଟକଳରେ ପୌର ପ୍ରଶାସନ ପାଚେରି ନିର୍ମାଣ କରିଥିଲା। ହେଲେ ଏତେ ସବୁ ପରେ ଖଲିଆକାନୀଠାରେ କାହିଁକି ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଉଛି, ତାହା ତାହା ବୁଝାପଡୁ ନ ଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।


**OFFICE OF THE NOTIFIED AREA COUNCIL, SURADA, GANJAM**

Main Road, Surada, Ganjam, Odisha, PIN-761108
Phone : 06819-270129

No.426/NAC Dt : 11.03.2026

CORRIGENDUM TO CANCELATION OF TENDER
(Through e-Procurement)

No.13001/617/2526 : The Tender ID No-2026_ORULB_126866, Published Date : 05.03.2026 having Tender Reference No-SUR/EO/03/2025/26 has been cancelled due to unavoidable circumstances.

Sd./- Executive Officer
NAC, Surada, Ganjam

OIPR-13001/13101/1/25-26/0001

ODISHA RURAL DEVELOPMENT AND MARKETING SOCIETY, Nuapada — ORMAS
(Panchayati Raj & Drinking Water Department, Government of Odisha)

**OFFICE OF THE ZILLA PARISHAD, NUAPADA**

CORRIGENDUM
NO. 1905/ORMAS/DATE: 10.03.2026

No.25001/336/2526 : ORMAS Nuapada issues corrigendum to the Tender Notice No. 1886 dated 05.03.2026 in addition to the existing terms & conditions, as follows:

2.4 Tentage & Stalls :
A. Structure Bamboo (3 to 6 inch) & Cloth (with Anti fire chemical Treatment) structure, Size of each stall - 10' X 10' with tarpaulin water proof roofing.
Flooring - Wooden Plank platform of 6" height from the ground covering with synthetic matting in entire stall area.
Ceiling & Wall - Three sides including partition walls of stall will be covered with New White Cotton Cloth. Backside outer wall will be covered with tarpaulin and G.I. sheets (22 gage corrugated sheet). The G.I. sheets will be fixed horizontally supported with the wooden bellies.

All other terms and conditions remain un-altered.
For details, please visit district website www.nuapada.odisha.gov.in, or the office of ORMAS Nuapada.
The authority reserves the right to reject any or all Tenders without assigning any reason thereof.

Sd./- Collector & DM
Nuapada

OIPR-25001/25201/1/25-26/0002

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ :www.oshb.org

ପତ୍ରସଂଖ୍ୟା ୫୩ — **ବିଜ୍ଞାପନ** — ତା.୨୬.୦୨.୨୬

No.13001/612/2526:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ୰ପୁନମଦେବ ପ୍ରଜାପତି ପି-୰ଶ୍ରୀକାନ୍ତୁ ପ୍ରଜାପତି ଏଲ୍.ସି.ଆର-୨୦୧ ଛେଣ୍ଡ, ପ୍ରଥମ ପର୍ଯ୍ୟାୟ ରାଉରକେଲା, ଜି-ସୁନ୍ଦରଗଡ଼ | ଏଲ.ସି.ଆର-୨୦୧ (LCR-201) ଛେଣ୍ଡ, ପ୍ରଥମ ପର୍ଯ୍ୟାୟ ରାଉରକେଲା | ୧. ସଂଜୟ କୁମାର ପ୍ରଜାପତି (ବି.ପୁତ୍ର) ୨. ଗୋଦାବରୀ ଦେବୀ (ସ୍ତ୍ରୀ) ୩. ରଂଜୟ ପ୍ରଜାପତି (ବି.ପୁତ୍ର) ୪.ପିଙ୍କି ପଣ୍ଡିତ (କନ୍ୟା) ୫. ସନ୍ତୋଷ ପ୍ରଜାପତି (ବି.ପୁତ୍ର) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13001/13030/1/25-26/0096

GOVERNMENT OF ODISHA
**OFFICE OF THE MUNICIPAL COUNCIL KABISURYANAGAR, DIST-GANJAM**
(H & UD Department)
E-mail: ksnnac@rediffmail.com, Phone:06810-295444
Lt.No. 449// Dt.10.03.2026

No.13001/620/2526: 1. The Executive Officer, Kabisuryanagar Municipality, Dist-Ganjam Invites Percentage Rate bids in Single Cover System in offline Mode for Execution of Civil Works in Kabisuryanagar Municipality area as specified in the detailed Tender Call Notice (DTCN) from the eligible Class of Contractors, which is available at office of the NAC, Polasara.

2. Name/Nature of the Work : Civil Works
3. No. of Work : 19 (Nineteen) Nos.
4. Estimated Cost Range of Works : Rs.52,998/- to Rs.1,67,888/- (excld.GST)
5. Eligible Class of Contractor : C & D, Govt.of Odisha
6. Start date of sale of tender paper : From 10.00 A.M. of dt.12.03.2026
7. Last date of sale of tender paper : 5.30 P.M. of dt.20.03.2026
8. Last date of receipt of document of original tender documents in Tender Box : 5.30 P.M. of dt.23.03.2026
9. Date and time of tender opening : 24.03.2026 at 11.00 A.M.
10. The Bidders have to participate in Offline bidding only and further details can be seen at office of the Kabisuryanagar Municipality.
11. Any Corrigendum/ Addendum will be publishing on daily newspaper.
12. Name & address of the Officer Inviting tender : Executive Officer, Office of the Municipal Council, Kabisuryanagar, Ganjam, Near Main Road, Kabisuryanagar, Dist-Ganjam, Pin- 761104

Sd./- Executive Officer
Kabisuryanagar Municipality (G.M.)

OIPR-13001/13208/1/25-26/0003

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଜୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କୁଆଖାଇ ନଦୀରୁ ଜବତ ହେଲା ମୃତଦେହ



ମୃତଦେହ ଜବତ ପରେ ଘଟଣାସ୍ଥଳରେ ପୋଲିସ ଓ ଗ୍ରାମବାସୀ।

**ଭୁବନେଶ୍ୱର, ୧୩।୩(ତ୍ରିନାଥ ମହାନ୍ତି)**

### ହତ୍ୟା କରି ଫିଙ୍ଗି ଦିଆଯାଇଥିବା ସନ୍ଦେହ

- ୪ଦିନ ହେବ ପାଣିରେ ଭାସୁଥିଲା ମୃତଦେହ
- ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡ଼ିବ: ପୋଲିସ

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବରିମୁଣ୍ଡ ବାଲିଯାତ୍ରା ପଡିଆ ନିକଟ କୁଆଖାଇ ନଦୀରେ ଭାସୁଥିବା ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଶୁକ୍ରବାର ଜବତ କରିଛି। ମୃତକ ଗୋଟିଏ ଗାମୁଛା ପିନ୍ଧିଥିବା ବେଳେ ଆଉ ଏକ ଗାମୁଛା କାନ୍ଧରେ ପକାଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଗ୍ରାମର କେତେଜଣ ଲୋକ ଗାଧୋଇବାକୁ ନଦୀକୁ ଯାଇଥିବା ବେଳେ ମୃତଦେହ ଭାସୁଥିବା ଦେଖି ଥାନାକୁ ଖବର ଦେଇଥିଲେ। ମଞ୍ଚେଶ୍ୱର ଥାନା ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ତେବେ ମୃତଦେହଟି ୪ଦିନ ହେବ ପାଣିରେ ଭାସୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେବେ ମୃତଦେହଟି ପଚିଯିବା ସହ ଚମଡ଼ା ବାହାରିଯାଇଥିବାରୁ ଚିହ୍ନଟ କରିବା କଷ୍ଟକର ହୋଇପଡିଛି। ପୋଲିସ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲେ ମଧ୍ୟ ପରିଚୟ ପାଇପାରି ନାହିଁ। ମୃତକ ଜଣକ ସ୍ଥାନୀୟ ଅଞ୍ଚଳର ହୋଇ ନ ଥିବା ବେଳେ ସେ ଭଡ଼ାରେ ରହିଥାଇ ପାରନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପରିଚୟ ପାଇଁ ବିଭିନ୍ନ ଥାନାକୁ ମୃତକଙ୍କ ଫଟୋ ପଠାଇ ତଦନ୍ତ କରୁଛି। ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ପରିବାର ଲୋକେ ଆସିବା ପରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ବାଲିଯାତ୍ରା ପଡ଼ିଆ ନିକଟ କୁଆଖାଇ ନଦୀ ପଠାରେ ଲୋକମାନେ ପିକନିକ ଓ ଗାଧୋଇବାକୁ ଆସୁଛନ୍ତି। ମୃତକ ଜଣକ ସ୍ଥାନୀୟ ଲୋକ ନୁହନ୍ତି। ବାହାର ଲୋକ ହୋଇଥିଲେ ବାଇକ୍ କିମ୍ବା ସାଇକେଲରେ ଆସିଥାନ୍ତେ। କିନ୍ତୁ ସେସବୁ କିଛି ସେଠାରେ ମିଳିନାହିଁ। ହୁଏତ ମୃତଦେହ ଅନ୍ୟ କେଉଁଠୁ ଭାସି ଆସିଥାଇ ପାରେ କିମ୍ବା କେହି ହତ୍ୟା କରି ଏଠାରେ ଫିଙ୍ଗି ଦେଇଥାଇ ପାରନ୍ତି। ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି. ଯୁବକଙ୍କ ବୟସ ଆନୁମାନିକ ୪୩ ବର୍ଷ ହେବ। ମୃତଦେହ ପାଣିରେ ୪ଦିନ ହେବ ରହିବାରୁ ଶରୀରରୁ ଚମଡ଼ା ଛାଡି ଯାଇଥିବାରୁ ମୁହଁକୁ ଚିହ୍ନି ହେଉନି। ତେଣୁ ଯୁବକଙ୍କୁ ହତ୍ୟା କରାଯାଇଥିଲେ ଶବ ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

### ୧୦ବର୍ଷରେ ନଦୀରୁ ମିଳିଛି ୩୦ ମୃତଦେହ

ଗତ ୧୦ ବର୍ଷରେ ଭୁବନେଶ୍ୱର ଅଞ୍ଚଳରେ ରହିଥିବା କୁଆଖାଇ ନଦୀରୁ ୩୦ରୁ ଅଧିକ ମୃତଦେହ ପୋଲିସ ଜବତ କରିଛି। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ହତ୍ୟା କରାଯାଇଥିବା ପୋଲିସ ତଦନ୍ତରୁ ଜଣାପଡିଥିବାବେଳେ ଆଉକେତେଜଣଙ୍କ ପରିଚୟ ମିଳି ନ ଥିବାରୁ ସେମାନଙ୍କ ମୃତ୍ୟୁ ମଧ୍ୟ ରହସ୍ୟରେ ରହିଯାଇଛି। ୨୦୨୨ ଜୁଲାଇ ୨୨ରେ ବରିମୁଣ୍ଡ ବାଲିଯାତ୍ରା ପଡ଼ିଆ ନିକଟରେ ବାଲି ଖୋଲି ପୋତା ଯାଇଥିବା ମୃତଦେହ ଜବତ କରାଯାଇଥିଲା। ୨୦୨୩ ଜାନୁୟାରୀ ୧୪ରେ ଉକ୍ତ ସ୍ଥାନରୁ ଜଣେ ଯୁବକଙ୍କ ମୃତଦେହ ମିଳିଥିଲା। ସେହିପରି ୨୦୧୮ 'ମେ' ୧୭ରେ କୁଆଖାଇ ନଦୀ ପଠାରେ ଉନ୍ମୟ ପାତ୍ରୀ ଓ ୨୦୨୨ ମାର୍ଚ୍ଚ ୨୧ରେ ମଈଁଶାଖାଲ ବସ୍ତିର ଆଲୋକ ଜେନାଙ୍କ ମୃତଦେହ ଜବତ କରାଯାଇଥିଲା।

# ଦୋଷୀଙ୍କୁ ୧୦ ବର୍ଷ କାରାଦଣ୍ଡ

### ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ବଳାତ୍କାର ମାମଲା

**ଉଦଳା, ୧୩।୩(ସନ୍ତୋଷ କୁମାର ବାଛିନି)**

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳର ଜଣେ ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ବଳାତ୍କାର ମାମଲାରେ ଶୁକ୍ରବାର ରାୟ ପ୍ରକାଶ ପାଇଛି। ଉଦଳା ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଦୀପ କୁମାର ବେହେରା ମାମଲାର ବିଚାର କରି ଦୋଷୀ ବଡ଼ସାହି ଥାନା ଅଧୀନ ବଇଦପୁର ଅଞ୍ଚଳର ବାପୁନ ସିଂଙ୍କୁ ୧୦ ବର୍ଷ କାରାଦଣ୍ଡ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ। ଜରିମାନା ଅନାଦାୟେ ଆଉ ୧ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ଗତ ଜୁନ୍‌ରେ ବାପୁନ ଉକ୍ତ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ବାରମ୍ବାର ବଳାତ୍କାର କରିଥିଲେ। ଯୁବତୀ ଜଣକ ଗର୍ଭବତୀ ଥିବା ଜାଣିବା ପରେ ପରିବାର ଲୋକେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ଖୁଣ୍ଟା ପୋଲିସ ଏକ ମାମଲା(ନଂ.୧୭୭/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ପୋଲିସ ଅଭିଯୁକ୍ତ ବାପୁନଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ସରକାରଙ୍କ ତରଫରୁ କ୍ୟାଡର ଆଡିଶନାଲ ପିପି ଲିଲେଶ କୁମାର ଜେନା ମାମଲା ପରିଚାଳନା କରିଥିଲେ।

# ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଜବତ

### ଜମି ବିବାଦକୁ ନେଇ ହତ୍ୟା ସନ୍ଦେହ, ୩ ଅଟକ

**ଅତାବିରା, ୧୩।୩ (ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ଥାନା ହିର୍ଲିପାଲି-ଟୋପ ଗାଁ ରାସ୍ତାର ଏକ ପୋଖରୀରୁ ଶୁକ୍ରବାର ଜଣେ ବୃଦ୍ଧଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ହିର୍ଲିପାଲି ଗ୍ରାମର ଲମ୍ବୋଦର ରଣା(୬୫)। ଏନେଇ ଅତାବିରା ଥାନାରେ କେସ୍ ନଂ.୧୦୦/୨୬ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଆଇଆଇସି ପ୍ରକାଶ କର୍ଣ୍ଣ କହିଛନ୍ତି। ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ଲମ୍ବୋଦର ବିବାହ କରି ନ ଥିଲେ। ତାଙ୍କର ଦୁଇ ଭାଇ ଅଛନ୍ତି । ଗତ ୩୦ ବର୍ଷ ହେଲା ସେ ଘରୁ ଆସି ହିର୍ଲିପାଲି-ଟୋପ ଗାଁ ରାସ୍ତାର ଏକ ପୋଖରୀ ପାଖରେ ଘର କରି ରହୁଥିଲେ। ହେଲେ ହଠାତ୍ ଶୁକ୍ରବାର ସକାଳେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଲୋକେ ଅତାବିରା ଥାନାକୁ ଖବର ଦେଇଥିଲେ । ମୃତଦେହ ଜବତ ପରେ କାଠଫାଳିଆରେ ତାଙ୍କୁ ମାଡ଼ମାରି ପୋଖରୀକୁ ଫିଙ୍ଗି ଦେଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ତାଙ୍କ ବେକ ଓ ମୁଣ୍ଡରେ ଆଘାତ ଲାଗିଛି ଏବଂ କାନରୁ ରକ୍ତସ୍ରାବ ହୋଇଥିବା ପୋଲିସ ଜାଣିବାକୁ ପାଇଛି। ତେବେ ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଜମିଜମା ଗଣ୍ଡଗୋଳକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରୁଥିବା ଆଇଆଇସି କର୍ଣ୍ଣ କହିଛନ୍ତି।


## ଜନ୍ମଦିନ ଶୁଭେଚ୍ଛା



**ପ୍ରନିଲ ଦାଶ (ଜୟ)**

ମିଶ୍ରପଡ଼ା, ଅନୁଗୁଳ

ଜନ୍ମଦିନର ଶୁଭ ଅବସରରେ ଆମେ ପ୍ରାର୍ଥନା କରୁଛୁ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥକୁ କୁସୁମିତ କରି ତତେ ଦୀର୍ଘାୟୁ କରନ୍ତୁ।

ଶୁଭେଚ୍ଛା ସହ- ଜେଜା, ଜେମା, ଆଈ, ବାପା, ମାମା, ଭାଇନା, ପ୍ରାଂଶୁ, ବନ୍ଧୁ ଓ ପରିବାରବର୍ଗ।

ଧ-୩୬୩୭


# ୨୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

**ମୋହନା, ୧୩।୩ (ମନ୍ମଥ ମିଶ୍ର)**



ଜଙ୍ଗଲରୁ ଜବତ ହୋଇଥିବା ଗଞ୍ଜେଇ।

ଗଜପତି ଜିଲା ଅଡବା ପୋଲିସ ଗୁଲୁବା ପଞ୍ଚାୟତ ଚନ୍ଦନପୁର ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଚୋରାଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିବା ଗଞ୍ଜେଇ ଜବତ କରିଛି। ତେବେ ଗଞ୍ଜେଇ ରଖିଥିବା ମାଫିଆ ସେଠାରୁ ଫେରାର ହୋଇ ଯାଇଛନ୍ତି। ଜବତ ଗଞ୍ଜେଇ ଏକ୍‌ଜୁକେଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରାଯିବାରୁ ଏହା ୨୫୨ କିଲୋ ୨୦୯ ଗ୍ରାମ ହୋଇଥିଲା। ଏହି ଗଞ୍ଜେଇ ବ୍ରହ୍ମପୁରକୁ ଚୋରା ଚାଲାଣ ପାଇଁ ଜଙ୍ଗଲରେ ଲୁଚାଇ ଗଚ୍ଛିତ ରଖାଯାଇଥିଲା। ଏହାର ଆନୁମାନିକ ବଜାର ମୂଲ୍ୟ ୨୫ ଲକ୍ଷ ଟଙ୍କା ହେବ ବୋଲି ଅଡବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ଆର୍ ଉଦୟଗିରି ଏସ୍‌ଡିପିଓ ରାକେଶ ସାହୁଙ୍କ ନିର୍ଦ୍ଦେଶରେ ଗତ କିଛି ଦିନ ହେଲା ଅଡବା ପୋଲିସ ଗଞ୍ଜେଇ ଚୋରା ଚାଲାଣ ଉପରେ ଚଢ଼ାଉ ଜାରି ରଖିଛି।

# ଧାର ପଇସା ମାଗିବାରୁ ଆକ୍ରମଣ, ଅଭିଯୁକ୍ତ ଗିରଫ

**ଖଇରା, ୧୩।୩(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ଥାନା ହରିପୁର ପଞ୍ଚାୟତ ଅଧୀନ ମହୁଲପଙ୍କା ଗ୍ରାମରେ ଧାର ପଇସା ମାଗିବାରୁ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ଭୁଜାଲିରେ ଆକ୍ରମଣ କରିବା ଅଭିଯୋଗରେ ଖଇରା ପୋଲିସ ସେହି ଗ୍ରାମର ମନୋଜ ରାଉତଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ପ୍ରାୟ ୧ମାସ ତଳେ ମନୋଜ ପୂର୍ଣ୍ଣଚନ୍ଦ୍ରଙ୍କ ନିକଟରୁ ୪ହଜାର ଟଙ୍କା ନେଇଥିବା ବେଳେ ସମୟସୀମା ଅତିକ୍ରାନ୍ତ ପରେ ପୂର୍ଣ୍ଣଚନ୍ଦ୍ର ଉଧାର ଟଙ୍କା ମାଗିବାରୁ ଏହି ଘଟଣା ଘଟିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଥିଲା।


## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ବିଦ୍ୟୁଲତା ମିଶ୍ର**

ଶୋଭା ନିବାସ, ଟିକରପଡା, ମହାନ୍ତି ସାହି, ପୁରୀ

ଆବିର୍ଭାବ : ୦୧.୦୧.୧୯୩୬
ତିରୋଧାନ : ୦୩.୦୩.୨୦୨୬

ବୋଉ, ମା, ବଡ଼ ମା, ..............
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।

ଶୋକସନ୍ତପ୍ତ: ରବି - ଉଷା, ଗନି - ଅର୍ଚ୍ଚନା, କୁନା - ସୁଧାଶ୍ରୀ, ବିଷ୍ଣୁ - ରମେଶ, ଝିନି - ନିର୍ମଳ, ଇତିନା - ଲତୁ, ସିନୁ - ଅନିମା, ସିଫନ, ବୁଲବୁଲ - ଅଙ୍କିତ, କୁନମୁନ, ବିଶାଲ, ସୋନୁ, ରୀୟାନ, ରିଶି, ରୀୟା, ଚିକ୍, ସୀୟା

ଧ-୬୬୦୯



# Classified Everyday
0674-2580101, 9692975378






## SALE

**Plotsale AIIMS Hospital, Bhubaneswar, Duplex near Retang Station. 9777433701.** D-24

ଭୁବନେଶ୍ୱର KEC College ନିକଟରେ ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ contact 9178660666 ଧ-୩୫୭୪

**A brand new 3bhk premium category flat in Assotech Pride for immediate sale at a reasonable price. 7008265039 Broker Excuse.** D-3540

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/- ରେ ତୁରନ୍ତ ବିକ୍ରି ହେବ। 9776974912. D-22

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





**Godown and Showrrom near Pathargadia, Sibamandira 200ft. Road. Mob. 9938060592.** D-3544





All types of physiotherapy and massage contact 9556924059 / 7656969134. D-3591

## AFFIDAVIT

I, Vikas Kumar Gupta, R/o.- Ward No.18, Bijupattnayak Chowk, P.O.- Khariar Road, P.S.- Jonk, Dist.- Nuapada, Odisha declare by this affidavit No. 51, Dtd.-17.01.26 that now onwards I shall be known as Vikash Kumar Gupta for all future purposes. D-3633

By virtue of an affidavit dtd.- 27.02.2026 sworn before Executive Magistrate, Tihidi, I, Sanghamitra Mahalik, W/o.- Balaram Mahalik, Vill.- Orada, P.O.- Kolha, P.S.- Tihidi, Dist.- Bhadrak, Odisha, PIN- 756130 declare that I have changed my name from Sumati Mahalik to Sanghamitra Mahalik. Henceforth, I shall be known as Sanghamitra Mahalik for all future purposes. D-3638

By virtue of an affidavit sworn before Executive Magistrate, Dhamnagar, dated- 11.03.26, I, Dinabandhu Jena, S/o.- Bhagabat Jena Vill.- Jayanagar, P.O.- Palikiri, P.S.- Dhamnagar, Dist.- Bhadrak, Odisha, PIN- 756117 declare that I have changed my name from Babaji Parida to Dinabandhu Jena. Henceforth, I shall be known as Dinabandhu Jena for all purposes.
Dinabandhu Jena D-3630

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Bargarh, I, Sumit @ Sujit Bhue, S/o.- Santosh Bhue, R/o. Vill.- Jada, P.S.- Bhatli, Dist.- Bargarh do hereby declared that in my Aadhaar card bearing No. xxxx xxxx 7562 my name is mentioned as Sumit Bhue but in my ATM card bearing No. 4029855087172376 my name is wrongly mentioned as Sujit Bhue. Sujit Bhue and Sumit Bhue is the one and Same person for all purposes. D-3632

I, Bishal Gupta and my wife is Anamika, R/o.- Ward No.18, Bijupattnaik Chowk, P.O.- Khariar Road, P.S.- Jonk, Dist.- Nuapada, Odisha declare by this affidavit No. 50, Dtd.- 16.01.26 that now onwards I shall be known as Bishal Kumar Gupta and my wife is known as Anamika Gupta for all future purposes. D-3631

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## LEGAL NOTICE

Letter No. 292, Date- 18.02.2026

ମାନ୍ୟବର ଆଡିସନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, (ଭା.ପ୍ର.ସେ.), ଆଡିସନାଲ ରିଭିଜନ କୋର୍ଟ ନଂ.୪ଙ୍କ ଅଦାଲତ, ଭୁବନେଶ୍ୱର ଚତୁର୍ଥ ମହଲା ହେଡ୍ ଅଫ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ, ଭୁବନେଶ୍ୱର ଓ.ଏସ୍.ଏସ୍. କେସ୍ ନଂ୧୨୩୫/୨୦୨୩ନମ୍ବର

ମନୋରମା ମହାନ୍ତି ........ବାଦୀ/ଦରଖାସ୍ତକାରୀ

ବନାମ

ତହସିଲଦାର, ଭୁବନେଶ୍ୱର ଓ ଅନ୍ୟମାନେ ........ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ:

୧. ରାଜ ବେୱା ଓରଫ ମାଣ୍ଡୋଇ, ବୟସ ବର୍ଷ, ସ୍ୱାମୀ- ସ୍ୱର୍ଗତ ନନ୍ଦ ମାଣ୍ଡୋଇ .......ପ୍ରତିବାଦୀ ନଂ୬ମ୍ବର

୨. ନାରଣ ମାଣ୍ଡୋଇ, ବୟସ ୮୫ ବର୍ଷ, ପିତା- ସ୍ୱର୍ଗତ ନନ୍ଦ ମାଣ୍ଡୋଇ, ଉଭୟଙ୍କ ଠିକଣା: ସା- ପରକରଣ ସାହି, ପୋଷ୍ଟ- ଓଲ୍ଡ ଟାଉନ, ଥାନା- ଶ୍ରୀ ଲିଙ୍ଗରାଜ, ଭୁବନେଶ୍ୱର- ୭୫୧୦୦୨, ଜିଲ୍ଲା- ଖୋର୍ଦ୍ଧା .......ପ୍ରତିବାଦୀ ନଂ୭ମ୍ବର

ନୋଟିସ

ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ-୧୯୫୮ ଧାରା-୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ୪ମ୍ବର, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ମନୋରମା ମହାନ୍ତି ଖରିଦ୍ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ. ୬ ଓ ୭ଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା, କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରିଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ. ୬ ଓ ୭ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛିକି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ୪ମ୍ବର, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା.୨୩।୦୩।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା- ଖୋର୍ଦ୍ଧା, ଥାନା- ନିୟୁ କ୍ୟାପିଟାଲ, ଥାନା ନଂ୩୮ମ୍ବର, ତହସିଲ- ଭୁବନେଶ୍ୱର, ମୌଜା- ଭୁବନେଶ୍ୱର ସହର, ୟୁନିଟ୍- ୨୦, ଜାଗମରା, ସବ୍-ରେଜିଷ୍ଟ୍ରାର ଅଫିସ- ଖଣ୍ଡଗିରି, ସାବିକ ଖାତା ନଂ୫୬ମ୍ବର, ସାବିକ ପ୍ଲଟ୍ ନଂ୧୬୩ମ୍ବରରେ ଥିବା ସମୁଦାୟ ଏରିଆ ଏ୧.୩୦୫ ଡେସିମିଲ, ଯାହାର ହାଲ୍ ଖାତା ନଂ୮୪୩ମ୍ବର, ପ୍ଲଟ୍ ନଂ୧୮୪୩ମ୍ବର, ପଟ୍ଟା ଏରିଆ ଏ୦.୧୦୭ ଡେସିମିଲ ସ୍ୱଳ୍ପଧରୁ ଏରିଆ ଏ୦.୦୩୦ ଡେସିମିଲ

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ.୬ ଓ ୭ ମୃତ କିମ୍ବା ଠିକଣା ବଦଳାଇ ଥିଲେ, ସେମାନଙ୍କର ଔରସ/ଉତ୍ତରାଧିକାରୀମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ଆଡିସନାଲ ରିଭିଜନ କୋର୍ଟ ନଂ୪ମ୍ବର, ଭୁବନେଶ୍ୱରଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର

ଧ-୩୬୨୮


## ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**୰କମଳାମଣି ଦେବୀ**

ଚଣାଗୋରଡ଼ା
ସାକ୍ଷୀଗୋପାଳ, ପୁରୀ

ଚାହୁଁ ଚାହୁଁ ବର୍ଷ ପରେ ବର୍ଷ ବିତିଗଲା, ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରିଦେଇଛି। ଆଜି ମଧ୍ୟ ଲାଗୁଛି ତୁମେ ଆମସମସ୍ତଙ୍କ ଗହଣରେ ଅଛ । ତୁମର ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୭୪୪୦୬

## ଏକାଦଶାହ ଉପଲକ୍ଷେ



**୰ନକୁଳ ଚନ୍ଦ୍ର ସାହୁ**

ପିତା: ୰କୃଷ୍ଣଚନ୍ଦ୍ର

ବାଛୁରୀପଡ଼ା, ଥା- ବିଶିଙ୍ଗା, ମୟୁରଭଞ୍ଜ

ଆବିର୍ଭାବ: ୦୭।୦୬।୧୯୫୩
ତିରୋଧାନ: ୦୪।୦୩।୨୦୨୬

ଆପଣଙ୍କ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।

-:ଶୋକସନ୍ତପ୍ତ:-

ପୁତ୍ର: ପ୍ରଦୀପ, ଦିଲ୍ଲୀପ, ମଧୁସୂଦନ, ଦେବାଶିଷ, ପୁତ୍ରବଧୂ: ରୁନି, ମାମା, ସୁମି, ନାତି: ରୋହିତ, ସୁମିତ, କ୍ରିଷ୍ଣ, ଦେବୁ, ରାଜେଶ, ତେଜେଶ, ଅତୁ, ପୁତୁ, ନାତୁଣୀ: ଖୁସି, ଲୁସି, ଲରି, ଜଗା, ବଳିଆ

ଧ-୩୬୩୬

# ରାବଣପୋଡ଼ି

## ଗଳ୍ପ

**ପ୍ରଫୁଲ୍ଲ ବାରିକ**

ତ୍ରିରାଟକାୟ କୃତ୍ରିମ ଷଣ୍ଢ ଦିଇଟା ବିଚ୍ ରାସ୍ତା ଉପରେ ଲାଗିଛନ୍ତି ଲଢ଼େଇ। ସେମାନଙ୍କ ତୁହାକୁ ତୁହା ଆକ୍ରମଣରେ ମୁଣ୍ଡପିଟାର ଶବ୍ଦ ଶୁଭୁଚି ଢାଏ ଢାଏ। ତାଙ୍କଠୁ ସାମାନ୍ୟ ଦୂରରେ ମୁଖାପିନ୍ଧା ବାଘ ଦିଇଟା ଭୂଇଁରେ ଲାଞ୍ଜ ପିଟୁଛନ୍ତି ଲଢ଼େଇ ପାଇଁ ପରସ୍ପରକୁ ହକାରି। ତାଙ୍କ ପଛକୁ କିନ୍ନର ଦି'ଜଣ ପଣତ ଉଡ଼େଇ ନାଚୁଛନ୍ତି ଗୀତର ତାଳେତାଳେ। ଦେଖଣାହାରିଙ୍କ ସଂଖ୍ୟା କଳିବା କଷ୍ଟ। ସୋରିଷ ଫିଙ୍ଗିଲେ ପଡ଼ିବନି ତଳେ। ଝିଅପୁଅ, ନାରୀ ପୁରୁଷ, ବୃଦ୍ଧାବୃଦ୍ଧ ନିର୍ବିଶେଷରେ ସମସ୍ତଙ୍କ ମନରେ ସରସତା। ଅନୁଭବର ଉଛୁଳା ଆବେଗ। ରାବଣପୋଡ଼ିର ପଚାଶ ବର୍ଷ ପୂର୍ତ୍ତି ଏବର୍ଷ। ଅଧିକ ଖର୍ଚ୍ଚ କରି କରାଯାଇଛି ଜାକଜମକ।

ସନ୍ଧ୍ୟା ହେଉହେଉ ଆଲୋକରେ ଉଦ୍ଭାସିତ ହେଲା ସ୍ଥାନଟି। ମାଇକ୍‌ରେ ପ୍ରଚାର ଶୁଭିଲା, "ରାତି ନଅକୁ ହେବ ରାବଣପୋଡ଼ି। ଆଠଟାରୁ ନଅ ଆତସବାଜି। ଧୈର୍ଯ୍ୟ ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ନିବେଦନ ସମସ୍ତଙ୍କୁ।" ସାରାଦିନ ବର୍ଷା ତୁହାକୁ ତୁହା। ସୌଭାଗ୍ୟକୁ ସନ୍ଧ୍ୟାରେ ବର୍ଷା ନାହିଁ। ତେବେ ବି ଭୟର ବାଦଲ ହଟିନି ମନରୁ। ମଝିରେ ମଝିରେ ବୁଲିଆସୁଛି ଆଖି ଗୋଟା ଆକାଶରୁ। ଫାଳି ଜହ୍ନ ଲୁଚକାଳି ଖେଳୁଛି ବାଦଲ ସହ।

ପଡ଼ିଆ ମଝିରେ ପଚିଶ ଫୁଟର ରାବଣ। ହାତ ମେଲେଇ ଠିଆ ହେଇଚି ସଦର୍ପେ। ଜରିଢଙ୍କା ଶରୀରରେ ଫୁଟି ଦିଶୁଚି ମୁହଁ। ଜୁଆଳିଆ ନିଶରେ ଆକର୍ଣ୍ଣ ହସ। ଗହ୍ୱର ସଦୃଶ ପାଟି। ଚାହିଁଦେଲେ ଟାଙ୍କୁରି ଉଠୁଚି ଲୋମ। ସର୍ଚ୍ଚଲାଇଟ ରାବଣ ଉପରେ।

ଠିକ୍ ଆଠଟାରୁ ଆରମ୍ଭ ହେଲା ଆତସବାଜି। ଲିଭେଇ ଦିଆଗଲା ପଡ଼ିଆ ଲାଇଟ୍। ଅନ୍ଧାରରେ ମନଭରି ଦୃଶ୍ୟ ଉପଭୋଗ ପାଇଁ। ଆପଣା ଆପଣା ଜାଗାରେ ଯିଏ ଯୋଉଠି ରହିଲେ ନିରାପଦ ଦୂରତା ନେଇ। ଆତସବାଜିର କରିସ୍ମା ଦିଶୁଥିଲା ଆକାଶରେ। ଶବ୍ଦ



ପରେ ପରେ ଝରିପଡୁଚି ଆକାଶରୁ ଆଲୋକର ରଙ୍ଗିନ୍ ରଶ୍ମି। ଆଞ୍ଜୁଳା ଆଞ୍ଜୁଳା ହେଇ ବିଛେଇ ପଡୁଚି ପଡ଼ିଆରେ। ରକେଟ୍ ପରି ଗର୍ଜନରେ କିଏ ଭେଦିଯାଉଛି ଆକାଶର ବୁକୁ ଚିରି। ଶବ୍ଦ ସହ ମିଳେଇଯାଉଛି ଅନ୍ଧାର ଆକାଶରେ। ଲାଗଲାଗ ବାରବାର ଫୁଟି ଆଲୁଅ ବିଞ୍ଚୁଥିବା ବାଣରେ ଦୋହଲିଯାଉଛି ଛାତି। ତାବ୍‌ଦା ହେଉଛି କାନ। ଘଣ୍ଟାଏ କାଳ ଚାଲିବା ପରେ ଆତସବାଜି ପୁନଃ ଘୋଷଣା ହେଲା, "ଆଉ ଦଶ ମିନିଟ୍‌ରେ ପହଞ୍ଚିବେ ଏମ୍‌ଏଲ୍‌ଏ। ଆସି ବଟନ୍ ଟିପିଲେ ଜଳିବ ରାବଣ। ବାସ୍, ଆଉ ସାମାନ୍ୟ ଅପେକ୍ଷା।"

ଦଶ ମିନିଟ୍ ସ୍ଥଳେ କୋଡ଼ିଏ ମିନିଟ୍‌ରେ ପହଞ୍ଚିଲେ ଏମ୍‌ଏଲ୍‌ଏ ତାଙ୍କ ସାଥୀ ସମର୍ଥକଙ୍କୁ ଧରି। ଯାଇ ପହଞ୍ଚିଲେ ଗେଟ୍‌ରେ। ଗଳାରେ ଗଜରା, ହାତରେ ଫୁଲତୋଡ଼ା ଧରେଇ ସ୍ୱାଗତ ପୂର୍ବକ ପାଛୋଟି ନିଆଗଲା ତାଙ୍କୁ ବଟନ୍‌ସ୍ୱିଚ୍ ଥିବା ସ୍ଥାନକୁ। ଏମ୍‌ଏଲ୍‌ଏ ମଥାରେ ହାତଛୁଇଁ ସ୍ୱିଚ୍ ଟିପିଲେ। ଆଲୋକର ଏକ କ୍ଷୀଣରେଖା ତତ୍‌କ୍ଷଣାତ୍ ବାହାରି ବିଜୁଳି ବେଗରେ ଯାଇ ବିନ୍ଧିଲା ରାବଣର ନାଭି। ଦୁଇ ମିନିଟ୍ ଜ୍ୱଳନରେ ଆରମ୍ଭ ହେଲା ଫାଟିବା, ଖଞ୍ଜା ଯାଇଥିବା ଶରୀରଗୋଟା ବାଣ। ଢୋ ଢା ଶବ୍ଦରେ ପ୍ରକମ୍ପିତ ହେଉଥାଏ ପଡ଼ିଆ। ଉଡ଼ିଯାଉଥାଏ ରାବଣ ଶରୀରରୁ ଖଣ୍ଡ ପରେ ଖଣ୍ଡ। ଉତ୍ସୁକତାରେ ଅନୁଭବ କରୁଥାଆନ୍ତି ଦେଖଣାହାରି।

ଭିଡ଼ରୁ ସାମାନ୍ୟ ଦୂରେଇ କ୍ଷୀଣ ଆଲୁଅରେ ଠିଆ ହେଇଥାନ୍ତି ବାପ ଝିଅ। ସପନା, ଆଉ ତା' ପ୍ଲସ୍ ଟୁ ପଢୁଥିବା ଝିଅ ଶୋଭା। ରାବଣ ଅର୍ଦ୍ଧଦଗ୍ଧ ଅବସ୍ଥାରେ ବାପାଙ୍କୁ ଏକ କରି ଆସୁଚି କହି ଶୋଭା ଗଲା ଅଦୂରରେ ଏକ ଅନ୍ଧାରୁଆ ସ୍ଥାନକୁ।

ଯାଇଛି ଯେ ଯାଇଛି। ବିଳମ୍ବ ଦେଖି ବ୍ୟସ୍ତ ହେଲେ ବାପା। ଚାରିଆଡ଼େ ଦରାଣ୍ଡି ଶୋଭା ଶୋଭା ବୋଲି ଡାକିଲେ ପାଟିକରି। ଡାକ ତାଙ୍କର ହଜିଯାଉଥାଏ ଭିଡ଼ ଓ ଶବ୍ଦ ଭିତରେ। ମନୋରଞ୍ଜନକୁ ଭେଦି ସପନାର ଶୋକ ଛୁଁ ନଥାଏ କାହାରିକୁ। ରାବଣପୋଡ଼ା ସରିବା ବେଳକୁ ଲୋକ ଦେଖିଲେ ସପନା ମୁଣ୍ଡ କୋଡ଼ି, କଣ୍ଠ ଫଟେଇ କାନ୍ଦୁଥିବାର। ପଚାରି ବୁଝି ଟୋକାଦଳେ ଖେଦିଗଲେ ଅନ୍ଧାରରେ ଯିଏପାଇଲେ ଯୁଆଡ଼େ। ଲୋକଟିଏ କହିଲା, "ଏଇ ଦଶ ମିନିଟ୍ ପୂର୍ବରୁ ଆସୁଥିଲି ମୁଁ। ରାସ୍ତାରେ ଭେଟିଲି ଝିଅଟିଏକୁ ବାଇକ୍‌ରେ ବସେଇ ଟୋକା ଦି'ଜଣ ଗାଡ଼ି ଛୁଟେଇ ଥିବାର। ଝିଅ ପାଟିରେ କପଡ଼ା। ଛାଟିପିଟିରୁ ଅନୁମାନ କଲି ପାଗଳୀ ଫାଗଳୀ ହେଇଥିବ। ନିଜ ଲୋକଧରି ନେଇଯାଉଛନ୍ତି ଘରକୁ। ଭାବି ଧ୍ୟାନ ଦେଲିନି। ଅଧଘଣ୍ଟା ହେଇଯିବ ସେମାନେ ଯିବାର ଏଠୁ। ଖୋଜିଲେ ମିଳିବେ ଏବେ? କୋଉଠି ଯାଇ ପହଞ୍ଚି ସାରିଥିବେ। ଦେଖ..."

ଖବର ଖେଳିଗଲା ପଲକେ ଗୋଟା ପଡ଼ିଆ। ଏମ୍‌ଏଲ୍‌ଏ ଶୁଣିଲେ। ଶୁଣିଲେ ତାଙ୍କ ସାଙ୍ଗରେ ଆସିଥିବା ନେତା, ଉପନେତାମାନେ। ଅଧିକ ସମୟ ନ ଦେଇ ବସିଲେ ଯାଇ ତରବରରେ ନିଜ ନିଜ ଗାଡ଼ିରେ। ଡ୍ରାଇଭର ଗାଡ଼ି ଷ୍ଟାର୍ଟ କରି ଝପଟେଇଲା। ନିଜ ନିଜ ଝିଅମାନଙ୍କର ହାତକୁ ଧରି ବାପାମାନେ ଅତରଛା ଧାଇଁଲେ ଘରକୁ। ଯୁବକ କେଇଜଣଙ୍କୁ ଛାଡ଼ି ମୁହୂର୍ତ୍ତେ ହେଇଗଲା କୋଳାହଳପୂର୍ଣ୍ଣ ପଡ଼ିଆଟା ଜନମାନବ ଶୂନ୍ୟ। ଶ୍ମଶାନର ନିରବତା ରାବଣର ଚିତା ନିକଟରେ। ତଳେ ଗଦାଗଦା ପାଉଁଶରେ ମିଞ୍ଜିମିଞ୍ଜି ନିଆଁ।

ଯୁବକ କେଇଜଣ ବୁଝେଇଲେ ସପନାକୁ "ତମେ ଘରକୁ ଯାଅ ମଉସା। ଆମେ ଯାଉଚୁ ଥାନାକୁ ଏତଲା ଦେବାକୁ। ସାରାରାତି ଖୋଜି ପୋଲିସ ଯୋଉଠୁ ହେଲେ ବି ବାହାର କରିବ। କେତେବାଟ ଯିବେ ସିଏ?" ବାଇକ୍‌ରେ ଆଣି ସପନାକୁ ଘରେ ପହଞ୍ଚେଇଦେଲେ।

ରାତି ପାହୁପାହୁ ମିଡିଆରେ ଖେଳିଗଲା ଖବର– "ରାବଣପୋଡ଼ି ସ୍ଥଳରୁ ଯୁବତୀକୁ ଉଠେଇନେଲେ ଦୁର୍ବୃତ୍ତ। ଖୋଦ୍ ଏମ୍‌ଏଲ୍‌ଏଙ୍କ ଉପସ୍ଥିତିରେ।" ଖବର ଖଇ ଫୁଟିଲା। ସଞ୍ଚରିଗଲା ଗୋଟାଦେଶ। ମୁଖ୍ୟ ସମ୍ବାଦ ହେଇ ମୁହଁରୁ ମୁହଁକୁ ଡେଇଁଲା ଅଞ୍ଚଳ ସାରା। ପୋଲିସ୍ ପାଖରୁ ମିଳିନଥାଏ ପାଲଟା ଖବର। ସମସ୍ତେ ଥାଆନ୍ତି ଅପେକ୍ଷାରେ। ଲୋକେ ଅନେଇ ବସିଥିବାବେଳେ ଉପରଓଳିକୁ ମିଡିଆରୁ ଆସିଲା ଭିନ୍ନ ଖବର– "ନିଜର ପ୍ରେମିକ ସହ ଯୁବତୀ ଫେରାର ରାବଣପୋଡ଼ିରୁ।"

ବିଶ୍ୱାସକୁ ନେଲେନି ଉପସ୍ଥିତ ଥିବା ଲୋକ। ବିଶେଷକରି ଆଶ୍ଚର୍ଯ୍ୟ ହେଲା ସେଇ ମଣିଷଟି, ଯିଏ ଦେଖିଥିଲା ନିଜ ଆଖିରେ ଦୃଶ୍ୟ। କେଉଁ ଡାହା ମିଛ। ଧର୍ମ ସହିବ! ଲୋକେ କୁହାକୁହି ହେଲେ, ନିଜକୁ ଘଟଣାରୁ ଦୂରେଇ ରଖିବାକୁ ଘଟଣାରୁ ଏମ୍‌ଏଲ୍‌ଏଙ୍କର ଇଏ ପ୍ରାୟୋଜିତ କର୍ମ। ବିରୋଧୀ ଅଛନ୍ତିନା...!

– ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫

## ପୁସ୍ତକ ପରିଚୟ

### ଉର୍ବଶୀ



**ମୂଳହିନ୍ଦୀ:** ରାମଧାରୀସିଂହ ଦିନକର
**ଭାଷାନ୍ତର:** ଡ. ରବୀନ୍ଦ୍ର ନାଥ ମିଶ୍ର
**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, କଟକ–୧୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୮୦/–

ହିନ୍ଦୀ କବି ରାମଧାରୀସିଂହ ଦିନକରଙ୍କର ଏକ ଚର୍ଚ୍ଚିତ ଓ ବହୁପଠିତ କାବ୍ୟନାଟିକା ହେଉଛି 'ଉର୍ବଶୀ', ଯାହା ପାଞ୍ଚଟି ଅଙ୍କରେ ବିଭକ୍ତ। ଏହି ଗ୍ରନ୍ଥ ପାଇଁ ୧୯୭୧ରେ କବି ଜ୍ଞାନପୀଠ ପୁରସ୍କାରରେ ସମ୍ମାନିତ। ଦେବନାରୀ ଉର୍ବଶୀ ଓ ମର୍ତ୍ତ୍ୟ ନୃପତି ପୁରୁରବାଙ୍କ ଅପୂର୍ବ ପ୍ରେମ କାହାଣୀ ହେଉଛି 'ଉର୍ବଶୀ'ର ପ୍ରସଙ୍ଗ, ଯାହାକୁ ଆଧାରକରି ଦିନକର ଏକ ପୌରାଣିକ କଥାବସ୍ତୁକୁ ସମକାଳୀନ ବାସ୍ତବତା ମଧ୍ୟରେ ପୁନରୁଜ୍ଜୀବିତ କରିଛନ୍ତି। କବି, ସମାଲୋଚକ ଓ ଅନୁବାଦକ ଡ. ମିଶ୍ର ଯତ୍‌ପରୋନାସ୍ତି ଉଦ୍ୟମ କରିଛନ୍ତି ମୂଳଗ୍ରନ୍ଥର ଆବେଦନକୁ ଅନୂଦିତ ଭାଷା ଓଡ଼ିଆରେ ପ୍ରତିଫଳିତ କରିବାକୁ। ଦ୍ୱିତୀୟ ଅଙ୍କରେ ପୁରୁରବାଙ୍କ ମହାରାଣୀ ଔଶିନାରୀ ତାଙ୍କ ଦୁଇ ସଖୀ ନିପୁଣିକା ଓ ମଦନିକାଙ୍କ ସହ ଆଳାପରତ। ନିପୁଣିକା ମହାରାଣୀଙ୍କୁ ଉର୍ବଶୀଙ୍କ ଆବିର୍ଭାବ ସମ୍ପର୍କରେ କହୁଛନ୍ତି, ଯାହା ଅନୁବାଦରେ ଏପରି ରୂପ ନେଇଛି: "ଆବିର୍ଭୂତା ହେଲେ ଉର୍ବଶୀ ଯେବେ ଚାନ୍ଦିନୀରେ ଦ୍ରୁମର ଛାୟାରୁ,/ ଲାଗିଲା, ସର୍ପର ମୁହଁରୁ ଯେପରି ମଣିଟିଏ ବାହାରିଛି,/ ଅବା ସ୍ୱୟଂ ଚାନ୍ଦିନୀ ସ୍ୱର୍ଣ୍ଣପ୍ରତିମାରେ ରୂପ ନେଇଛି xx"। ପ୍ରେମ ଓ ପ୍ରକୃତି ଦିନକରଙ୍କ କଳ୍ପନାରେ ଯେପରି ମୂର୍ତ୍ତ, ତାହାକୁ ଅନୁବାଦରେ ଉଜାଗର କରିବାକୁ ଚାହିଁଛନ୍ତି ଡ. ମିଶ୍ର। ଅନୁବାଦ ପ୍ରକ୍ରିୟାରେ ଠାଏଠାଏ ହିନ୍ଦୀ ଶବ୍ଦର ଉପଯୁକ୍ତ ଓଡ଼ିଆ ସ୍ମରଣକୁ ଆଣି ନ ପାରି ଯଦିଓ ଅନୁବାଦକ ହିନ୍ଦୀକୁ କାଏମ ରଖିଛନ୍ତି, ତଥାପି ମୂଳ ରଚନାର ଅର୍ଥଦ୍ୟୋତନା ଏତଦ୍ୱାରା ଖଣ୍ଡିତ ହୋଇନାହିଁ। ଆଶା, ଅନୂଦିତ ପୁସ୍ତକଟି ଓଡ଼ିଆ ବାଣୀଭଣ୍ଡାରକୁ ମୂଳଲେଖାର ସମସ୍ତ ଗରିମା ନେଇ ସମୃଦ୍ଧ କରିବ।

### ଲୋକକଥାରେ ଶ୍ରୀଜଗନ୍ନାଥ ଭକ୍ତ (ଦ୍ୱିତୀୟ ଭାଗ)




**ଲେଖକ:** ମାଣିଆବନ୍ଧ ସ୍ୱପ୍ନେଶ୍ୱର ଗୋଛି
**ପ୍ରକାଶକ:** କାବ୍ୟଲୋକ, ଲୁଇସ୍‌ରୋଡ୍, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୫୦/–

ଆଲୋଚ୍ୟ ପୁସ୍ତକରେ ଶ୍ରୀଜଗନ୍ନାଥଙ୍କ ମହିମା ସମ୍ପର୍କିତ ବିବିଧ ଲୋକକଥାକୁ ଏକାଠି କରାଯାଇଛି। ଯେଉଁ ଭକ୍ତଗଣ ପ୍ରଭୁଙ୍କ ସଂସର୍ଗ ଲାଭକରି ତଥା ପ୍ରଭୁଙ୍କ ମହିମା ଗାନକରି ଅମରତ୍ୱ ଲାଭ କରିଛନ୍ତି, ସେଇମାନଙ୍କ କଥା ଏଥିରେ ବର୍ଣ୍ଣିତ। ପୁସ୍ତକଟିରେ ମୋଟ ୭୨ଟି ଉପାଖ୍ୟାନ ରହିଛି। ଭଦ୍ରତନୁ, ସନ୍ଥ ମାଧବ ଦାସ, ନିତେଇ ଧୋବଣୀ, ରାଘବ ଦାସ, ରଘୁବର ଦାସ, ଗୋପାଳ ଭଟ୍ଟ, ଲକ୍ଷ୍ମୀ ଭଦ୍ରସ୍ୱାମୀ, ଇନ୍ଦ୍ରସ୍ୱାମୀ, ଲାଣ୍ଡିମାତା, କରମା ବାଈ, ସୁନା ଗୋସାଇଁ, ଚନ୍ଦ୍ରଚୋର ଗଦାଧର ରାଜଗୁରୁ, ରାଈ ବଡ଼ପଣ୍ଡା, ପାଟପୁରର ମାଳତୀ, ଭକ୍ତ କଳାପାହାଡ଼, ରସିକାନନ୍ଦ ସ୍ୱାମୀ, ପାତିଆଲା ବ୍ରାହ୍ମଣ, ମାଣିକ ଗଉଡୁଣୀ, ମାତା ଜିଜାବାଈ ଓ ରାମଦାସ, ରାଜା ଇନ୍ଦ୍ରଦ୍ୟୁମ୍ନ, ଗଜପତି ପୁରୁଷୋତ୍ତମ ଦେବ, ଚୋଳଗଙ୍ଗ ଦେବ, ପ୍ରତାପରୁଦ୍ର ଦେବ, ରାମଚନ୍ଦ୍ର ଦେବ, ଦିବ୍ୟସିଂହ ଦେବ, ମାର୍କଣ୍ଡେୟ ଋଷି, ବାଳକ ରାମଦାସ, ନନ୍ଦ ମହାନ୍ତି, ରଘୁ ଅରକ୍ଷିତ ଓ ବନ୍ଧୁ ମହାନ୍ତି ପ୍ରମୁଖ ଭକ୍ତମାନଙ୍କର କାହାଣୀ ମଧ୍ୟରୁ କେତେକ ଜନସ୍ମୃତିରେ ଜାଗ୍ରତ ଥିଲେ ବି ପରିବେଷଣ କଳାର ସୌକର୍ଯ୍ୟ ଯୋଗୁଁ ଜଣା କାହାଣୀଗୁଡ଼ିକ ଯେପରି ପାଠିକାପାଠକଙ୍କ ପାଇଁ ରସଦାୟୀ ହୋଇପାରିବ, ଅଜଣା କାହାଣୀଗୁଡ଼ିକ ସେହିପରି ଜନମନୋମୁଗ୍ଧକର ସାବ୍ୟସ୍ତ ହେବ ବୋଲି ଆଶା। ନାନା ଗ୍ରନ୍ଥ ଓ ନାନା ସୂତ୍ରରୁ ବହୁ ଶ୍ରମ ସ୍ୱୀକାର କରି ତଥ୍ୟ ସଂଗ୍ରହ ପୂର୍ବକ ଲେଖକ ଏହି ଗ୍ରନ୍ଥଟି ପ୍ରସ୍ତୁତ କରିଥିବାରୁ ତାଙ୍କ ଉଦ୍ୟମ ଅବଶ୍ୟ ପ୍ରଶଂସାର୍ହ।

## କବିତା

### ଜଙ୍ଗଲ

**ଅକ୍ଷୟ ପାତ୍ର**

ଜଙ୍ଗଲ:
ଅପସୃୟମାଣ ଶ୍ୟାମଳ ରୋମାଞ୍ଚ
ଉଚ୍ଛ୍ୱାସ ନିଘଞ୍ଚ
ବିତାନ ଆରଣ୍ୟକ।

ଅବକ୍ଷୟମୁଖୀ ପ୍ରାଣସତ୍ତା ଶୋକାର୍ତ୍ତ
ମାତୃସତ୍ତା ଅଭିହତ
ଗୁଣବତ୍ତା ଲୁଣ୍ଠିତ।

ଜଙ୍ଗଲ:
ମୃତ୍ତିକା ବୁକୁରୁ ଅବିରତ ନିଃସରଣରତ
ଘନଶ୍ୟାମ ଆଗତ
ଜୀବନ୍ମୟ ଉଚ୍ଚାଟ
ଅଙ୍କୁରଣକାମୀ କାଂକ୍ଷା ପାବକ।

ଅଗମ୍ୟ ଅଗମ୍ୟ ପ୍ରତେହେଉଥିବା
ଥିତି ଅରକ୍ଷ
ପାଦପହୀନ ଭୂଧର ଓ କ୍ଷୀଣସ୍ରୋତା ଝର୍ଣ୍ଣାର
ଗାଥା ବ୍ୟାହତ
ଶିଳ୍ପ ଓ ନଗର ସଂକ୍ରମିତ
ଉର୍ଦ୍ଧ୍ୱଶ୍ୱାସ ଶ୍ୟାମଳିମାର ପାଣ୍ଡୁର ଦୃଷ୍ଟାନ୍ତ।

ମୋ: ୭୦୭୭୯୮୪୯୬୦

### ଫଗୁଣ

**ଲକ୍ଷ୍ମୀପ୍ରିୟା ମାଇତି**

ଫଗୁଣ ବୋଧେ ସେବେ ଆସିଥିଲା
ଯେବେ ଆମ ଆମ୍ବଗଛରୁ ବଉଳ ଝଡ଼ି
ମାଟି କୋଳେ ଶୋଉଥିଲା...
ବୋଧହୁଏ ଫଗୁଣଟା ସେଇଦିନ ଆସିଥିଲା !

ଆମ ଘର ପଛପଟ ଶାହାଡ଼ା ଡାଳେ ବସି
ହଳଦୀବସନ୍ତ ନାଲିନାଲି ଥଣ୍ଟେ
ଯେବେ କୋଳି ଖୁମ୍ପି ଖୁମ୍ପି ଖାଉଥିଲା
ବୋଧହୁଏ ଫଗୁଣଟା ସେଇଦିନ ଆସିଥିଲା !

ଆମ ଅଗଣା ନାଲି, ନେଳି, ଧଳା
ହଳଦୀ ଫୁଲରେ ଯେବେ ରଙ୍ଗାୟିତ ହେଉଥିଲା
ପ୍ରଜାପତି, ଭ୍ରମର ଦୁହେଁ ମିଶି
ଏ ଫୁଲୁ ସେ ଫୁଲ ଉଡୁଥିଲେ
ଫୁଲ ତୋଳୁ ତୋଳୁ...
ମାଳିଆଣୀ କାନି ଯେବେ ମହମହ ହୋଇ ବାସୁଥିଲା
ବୋଧହୁଏ ଫଗୁଣଟା ସେଇଦିନ ଆସିଥିଲା !

କୃଷ୍ଣଚୂଡ଼ା ଡାଳେ କୋଇଲିଟେ ବସି
ଯେବେ କୁହୁକୁହୁ ରାବୁଥିଲା
ମୋ' ସାଇର ଷୋଡ଼ଶୀ ମୁରୁକୁନ୍ଦା ହସି
ତାକୁ ଖେଳେଇ ଖେଳେଇ କ'ଣ କହୁଥିଲା
ବୋଧହୁଏ ଫଗୁଣଟା ସେଇଦିନ ଆସିଥିଲା !

ହୋଲିରେ ହୋଲିରେ ରଙ୍ଗରଙ୍ଗୋଲିରେ
ଯେବେ ମୁହଁ ଛପି ଯାଉଥିଲା
ଅବିର ମାଡ଼ରେ ଗୋପୀର ଓଗାଳେ
ରାଧାକୃଷ୍ଣ ଲୀଳା ହେଉଥିଲା
ବୋଧହୁଏ ଫଗୁଣଟା ସେଇଦିନ ଆସିଥିଲା !

ଷଠିପୁରର କରଦା ଛକରେ
ଯେବେ କେତେକେତେ ବିମାନ ଆସୁଥିଲା
ମେଳଣ ଭିଡ଼ରେ ନାଚ ଗୀତରେ
ଦେହ ମନ ନାଚୁଥିଲା
ବୋଧହୁଏ ଫଗୁଣଟା ସେଇଦିନ ଆସିଥିଲା !

ସୁଲୁସୁଲିଆ ପବନରେ
ମୋ' ଗାଁ ଯୁବତୀର କେଶ ଯେବେ
ଫୁରୁଫୁରୁ ହୋଇ ଉଡୁଥିଲା
ମୋ' ଗାଁ ଭେଣ୍ଡାଟିଏ ଲୁଚିଲୁଚି ଦେଖି
ମୋ'ରି ହାତରେ ଚକ୍ଲେଟ ଗୁଞ୍ଜି
ଚିଠିଟିଏ ପଠାଉଥିଲା
ବୋଧହୁଏ ଫଗୁଣଟା ସେଇଦିନ ଆସିଥିଲା !

ଏବେ ତ ଫଗୁଣ ଆସେ, କିଛି ବାସେ ନାହିଁ
ଚାରିଆଡ଼େ ଟାଣ ଖରା ଶୀତ କାହିଁ ?
କବିର ଶବ୍ଦରେ ଯାଣ ଫଗୁଣ ଆସେ ଧାଇଁ...

ମୋ: ୯୪୩୯୫୩୭୫୯୨

### ବ୍ୟଙ୍ଗ କବିତା

#### ଗଞ୍ଜାକୁ ପଦେ

**ପ୍ରଶାନ୍ତ କୁମାର ସାହୁ**

କାହିଁକି ଉଠାଉ କହ ସକାଳୁ ସକାଳୁ
କି ଲାଭ ପାଇବୁ ତୁହି ଏମାନଙ୍କଠାରୁ।

ଉଠିଲେ ମାରିବେ ତୋତେ ଭୋଜିଭାତ ପାଇଁ
ଖୁସି ମନାଇବେ କେତେ ତୋ ମାଉଁସ ଖାଇ।

ମଦ ସାଥେ ତୋର ମାଂସ ହୋଇବ ଗର୍ଭସ୍ଥ
ଅନ୍ୟାୟ, ଅନୀତି ପାଇଁ କରିବେ ମନସ୍ଥ।

କେତେ କେତେ କୁଆଁରୀଏ ହେବେ ବଳାତ୍କାର
ନିରୀହ ଜନତା ପୁଣି ହୋଇବେ ଶିକାର।

ଉଠାନା ଉଠାନା ତାଙ୍କୁ ଶୋଇବାକୁ ଦେ
କିଛିକ୍ଷଣ ଆୟୁ ତୋର ବଢ଼ିବାକୁ ଦେ।

ଉପକାର ବୁଝେ ନାହିଁ ଏ ମଣିଷ ଜାତି
ଓଲଟା ଯୁଗ ଯେ ଏହି ଓଲଟା ଏ ନୀତି।

– ଇନ୍ଦିପୁର, ଢେଙ୍କାନାଳ
ମୋ: ୯୭୭୭୦୯୦୦୫୬

## କାଳକାଳକୁ

"ଗୀତଟିଏ ସବୁଠୁଁ ସୁନ୍ଦର,
ଯେତେବେଳେ ଏହା ସିଧା କବିର
ହୃଦୟରୁ ଝରିଆସେ।"
– ବ୍ଲିଶ୍ କାର୍‌ମେନ୍



**ବ୍ଲିଶ୍ କାର୍‌ମେନ୍‌ଙ୍କ** ଜନ୍ମ ୧୫ ଏପ୍ରିଲ ୧୮୬୧ରେ ଓ ପରଲୋକ ୮ ଜୁନ୍ ୧୯୨୯ରେ, କାନାଡ଼ାରେ। ଏହି ପ୍ରସିଦ୍ଧ କାନାଡ଼ୀୟ କବିଙ୍କ ଜୀବନର ବହୁ ସମୟ ଆମେରିକାରେ ଅତିବାହିତ, ଯାହା ତାଙ୍କୁ ଆନ୍ତର୍ଜାତିକ ଖ୍ୟାତି ଆଣିଦେଇଛି। ତାଙ୍କର ଚର୍ଚ୍ଚିତ ପୁସ୍ତକଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ 'ଲୋଟାଇଡ୍ ଅନ୍ ଗ୍ରାଣ୍ଡ୍ ପ୍ରେ', 'ସଙ୍ଗ୍‌ସ ଅଫ୍ ଭାଗାବଣ୍ଡିଆ', 'ସାଫୋ: ହଣ୍ଡ୍ରେଡ୍ ସଙ୍ଗ୍‌ସ'। ଇଂଲିଶ୍ ସାହିତ୍ୟକୁ ତାଙ୍କର ଅମୂଲ୍ୟ ଅବଦାନ ପାଇଁ ୧୯୨୮ରେ 'ଲୋର୍ନେ ପିୟର୍ସ ମେଡାଲ' ଓ ୧୯୩୦ରେ 'ରବର୍ଟ ଫ୍ରଷ୍ଟ ମେଡାଲ'ରେ ସେ ସମ୍ମାନିତ। କାରମେନ୍ କହନ୍ତି: "ପ୍ରକୃତିର ସବୁଠୁଁ ବଡ଼ ଆନନ୍ଦ ମନୁଷ୍ୟର ଅନୁପସ୍ଥିତି।"

# ଆହୁଲା

## ଲଘୁଗଳ୍ପ

**ସୁନନ୍ଦା ମହାନ୍ତି**

ବାରିପଟେ ସବୁଦିନ ଘାସ ବାଛିବା ଅଭ୍ୟାସ ନିତେଇର। ଘାସ ବାଛି ମାଟି ହାଣି ପରିବା ଚାଷ ତା'ର ଏବେ ଜୀବନ, ଜୀବିକା ଓ ବେଉଷା। ଘାସ ବାଛୁବାଛୁ ଆକାଶକୁ ଚାହେଁ ନିତେଇ ଓ ଭାବେ ଏ ଆକାଶ, ମାଟି ଓ ମାଟି ଉପରେ ଥିବା ନଈ ନାଳ ଏବଂ ହ୍ରଦ ମଧ୍ୟ କ'ଣ କାହାର ନା କାହାରି ନାଁରେ କେହି କରିଦେଇଛି ନା କ'ଣ! ପରିବା ଚାଷ କରି ତାହା ବଜାରରେ ଯୋଉ ଜାଗାରେ ଗଦେଇ ବିକ୍ରିକରି ଚଳିଯାଉଥିଲା, ସେଠି ପୋଲିସ୍ ବାବୁ ପହଞ୍ଚି କହିଲେ– ଏ ଜାଗାରେ ବେପାର କରିବା ସୂତ୍ର ତତେ ଜଣାନାହିଁ, ଯା ଯା ଭାଗ୍ ଏଠୁ। କହିଲା ତ କହିଲା ଜିପ୍ ପଛପଟେ ପରିବା ବସ୍ତା ଲଦି ଗଲାବେଳେ ସେ ଭରସି ପଚାରି ପାରିଲା ନାହିଁ କି ଆଉ ଯୋଉ ସବୁ ବେପାରୀ ଭଳି ଭଳି ଚିଜ ଧରି ଏଠି ବେପାର କରୁଛନ୍ତି, ସେମାନେ କ'ଣ ଏ ଜାଗା କିଣିନେଇଛନ୍ତି?

ସେତେବେଳେ ନିତେଇ ତା' ବାପା କଥା ମନେପକେଇ ପଚାରିପାରିଲାନି ସେକଥା, କାରଣ ବାପା ମରିବା ପୂର୍ବରୁ କହିଯାଇଛି ପୁଅରେ ବୋକା ବୋଲି କାହା ଆଗରେ ନିଜକୁ ପ୍ରମାଣ କରିବୁନି ବରଂ ବୁଝି ନ ପାରିଲେ ଦୂରେଇଯିବୁ। ବାପାଙ୍କର ପୁରୁଣା ମାଛମରା ଜାଲ କାଢ଼ି ସେ ମାଛ ଧରିଲା ନାଳରୁ। କିନ୍ତୁ ଏଯାଏଁ ଜାଣିଥିବା ସେ ସର୍ବସାଧାରଣ ନାଳଟା ମଧ୍ୟ କେବେଠୁ ସେ ମୋଟା ଲୋକ କବ୍‌ଜାକୁ ଆସିଥିଲା ସେ ବୁଝି ନ ପାରିବା ବେଳେ ଦେଖିଥିଲା ତା' ପରି ଅନେକେ ସେଠାରେ ମାଛ ମାରି ସାରି ମୋଟା ପେଟୁଆ ଲୋକଟାକୁ ମାରିଥିବା ମାଛର ଏକ ତୃତୀୟାଂଶ ଦେଇ ଚାଲିଯାଉଛନ୍ତି। ସେଇଟା କ'ଣ ଲାଞ୍ଚ ବୋଲି ସେ ପଚାରି ପାରୁ ନ ଥିଲା କାହାକୁ, କାରଣ ବାପା କୁହେ ପୁଅରେ ଲାଞ୍ଚ ଦେବା ଓ ନେବା ଏକ ଅପରାଧ। ତେଣୁ ସେପରି ଅପରାଧବୋଧକ କଥାଟା ସେ କେମିତି ପାଟିରେ ଧରନ୍ତା!

ଖାଲି କ'ଣ ସେତିକି! ହିଡ଼ତଳୁ ପିତା ଶାଗ, ମଦରଙ୍ଗା ଶାଗ ଇତ୍ୟାଦି ଜାତି ଜାତି ଶାଗ ତୋଳି ବିକିବାକୁ ବସିଲା ବେଳେ ତାଙ୍କ ସାହିର ହରିଆ କଳି ଲଗେଇ କହିଲା– ଏଠି ମୁଁ କେବେଠୁ ଶାଗ ତୋଳୁଛି, ତୋର ଏଠି ଅଧିକାର ନାହିଁ। ନିତେଇ କିଛି ବୁଝିପାରୁନଥିଲେ ବି ଏତିକି ବୁଝିଯାଇଥିଲା ଯେ ବାପା କହୁଥିଲେ ଜୋର୍ ଯା'ର ମୁଲକ ତା'ର। ସେ ଏବେ ରୋଜଗାରର ଭିନ୍ନ ଭିନ୍ନ ପନ୍ଥା ଆପଣେଇବାକୁ ଯାଇ ବଡ଼ ଅସୁବିଧାର ସମ୍ମୁଖୀନ ହେଇ କଷ୍ଟ ପାଉଥିଲା। ହେଲେ ବୁଝିପାରୁନଥିଲା ତା' ଚାରିପ୍ରାଣୀ କୁଟୁମ୍ବ ଚଳିବେ କେମିତି!

ପୁଅ କହୁଥିଲା ବହି କି ଖାତା କିଣି ନଦେଲେ ସେ ଆଉ ସ୍କୁଲ ଯିବନି, ନିତେଇ ଛାନିଆଁ ହୋଇଯାଉଥିଲା। ତା' ପରି ପୁଅଟା ପାଠ ଦି' ଅକ୍ଷର ନ ପଢ଼ିଲେ କେମିତି ଜାଣିବ କୋଉଠି କ'ଣ କହିବାକୁ କି କରିବାକୁ ହୁଏ! ପୁଣି ଝିଅ କହୁଛି ତାଙ୍କର ୟୁନିଫର୍ମ ଭାବେ ଶୀତଦିନିଆ ନାଲି ସୋଏଟର କିଣି ନ ଦେଲେ ସେ ଆଉ ସ୍କୁଲ ଯିବନି। ଝିଅ ଘିଅ ତାକୁ ବେଶୀଦିନ ଘରେ ରଖିହେବନି ସତ, କିନ୍ତୁ ପିଲାଦିନୁ ପାଠ ଦି' ଅକ୍ଷର ନ ପଢ଼ିଥିଲେ ରାମାୟଣ କି ଗୀତା ଭାଗବତ ପଢ଼ିବ କେମିତି! ସ୍ତ୍ରୀ କହୁଛି ଯେତେ ସୁନା ରୁପା ମୋ' ବୋଉ ମତେ ଦେଇଥିଲା ସେସବୁ ନେଇ ତମେ ତମ ଦି'ଭଉଣୀଙ୍କ ବାହା କଲ। ଏବେ ଅନ୍ତତଃ ନାକକୁ ଫୁଲଟିଏ କରିଦିଅ ନଚେତ୍ ମୋ' ହାତରୁ ତୁମ ପିତୃପୁରୁଷ ପାଣି ପାଇବେ ନି।

ଦେହରେ ଚିନାଏ ସୁନା ନଥିଲେ ପିତୃପୁରୁଷ କାଳେ ପାଣିପାଇବେନି। ଏକଥା ସତ କି ମିଛ ବୁଝିବାକୁ ସେ ଗାଁ ଅବଧାନଙ୍କୁ ଅଟକେଇ ପଚାରିବାରୁ ସେ କହିଲେ ଆରେ ନାଶ ଟିକେ ନାହିଁ, ଦେଲୁ ଆଗ କୋଡ଼ିଏଟା ଟଙ୍କା। ଗୁରୁଜନ, ପୁଣି ବୟସ୍କ ଲୋକଙ୍କୁ ଦେଲେ ସେଇଟା ଲାଞ୍ଚ କୁହାଯାଏନି ବୁଝିଥିବା ନିତେଇ ଅଣ୍ଟାରୁ କୋଡ଼ିଏ ଟଙ୍କା କାଢ଼ି ଅବଧାନଙ୍କ ହାତକୁ ବଢ଼େଇ ଦେବା ପରେ ସେ କହିଲେ ହୁଣ୍ଡାଟା। ଟଙ୍କା କ'ଣ ଏମିତି ରଖାଯାଏ! ମୁଁ ବୋଲି ନଉଛି, ଆଉ କେହି ହୋଇଥିଲେ ଭାଙ୍ଗପଡ଼ି ଅଳ୍ପକେ ଚିରିବାକୁ ବସିଥିବା ଏ ଟଙ୍କାକୁ କିଏ ନିଅନ୍ତା ତୋ ହାତରୁ!



ସେଦିନ କାହିଁକି କେଜାଣି ସବୁଠୁ ବିଶ୍ୱସ୍ତ ଲାଗୁଥିବା ଅବଧାନଙ୍କ କଥା ନିତେଇକୁ କେମିତି କେମିତି ଲାଗୁଥିଲାବେଳେ ପୁଅ କହୁଥିଲା ବାପା ମୋ' ବହି ଆଣିଲ? ଝିଅ କହୁଥିଲା ମୋ' ପାଇଁ ନାଲି ସୋଏଟର କେବେ ଆଣିବ ବାପା! ତ ସେତିକି ବେଳେ ସ୍ତ୍ରୀ କହୁଥିଲା ମୋର ନାକଫୁଲ ଆଣିବା ଦରକାର ନାହିଁ। ପିଲାଙ୍କ ଆବଶ୍ୟକତା ପୂରଣ କରିବାକୁ ନିଅ ଏଇ ଟଙ୍କା। ଏକକାଳୀନ ଦୁଇହଜାର ଟଙ୍କା ଦେଖି ନିତେଇର ଅପାଠୁଆ ମନରେ ବିବେକ, ବୁଦ୍ଧି ଓ ଜ୍ଞାନ ଉଦୟ ହୋଇଥିଲା। ନିତେଇ ଭାବୁଥିଲା ଏଇ ସ୍ତ୍ରୀ ହାତ ଧରି ଚାଲିବାକୁ ବେଦିରେ ବସିବାଦିନୁ କଥା ଦେଇ ତା' କଥା ରଖିଆସିଛି ସେ ଆଜିଯାଏଁ ବିନା ଭେଜାଲରେ। ଆମ ନିଜ ବାଡ଼ିରେ ତୁମ ପରିବା ଚାଷ ସାଙ୍ଗକୁ ମାଟି ମାଆ ସାହାଯ୍ୟରେ କଣ୍ଢେଇ ଗଢ଼ି ଅଳ୍ପ ରଙ୍ଗ ଦେଇ ବିକ୍ରି କରି ହାତଧରି ସାଥୀ ଜାନକୀ ସ୍ୱାମୀ ନିତେଇ ପଛେ ପଛେ ତାଙ୍କ ନିଜ ଘର ପଛପଟକୁ ଦୁହେଁ ଚାଲୁଥିଲେ ସଂସାର ନାଆ ଆଗକୁ ବାହିନେବାକୁ। ଅପାଠୁଆ ନିତେଇ ବୁଝିଯାଇଥିଲା ସ୍ତ୍ରୀଟା ତା'ର ନଈ ପରି ସଂସାର ନାଆରେ ଆହୁଲାଟିଏ।

ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ଭାରତ-ଇଂଲଣ୍ଡ ଫାଇନାଲ

**ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ କ୍ୱାଲିଫାୟର୍ସ**

ହାଇଦ୍ରାବାଦ, ୧୩।୩

ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ କ୍ୱାଲିଫାୟର୍ସର ଫାଇନାଲରେ ଭାରତ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଭାରତ ୧-୦ ଗୋଲରେ ଇଟାଲୀକୁ ପରାସ୍ତ କରିଛି। ପୁରା ମ୍ୟାଚରେ ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ଇଟାଲୀ। ତେବେ ୪୦ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରରୁ ମନିଷା ଚୌହାନ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ପୂର୍ବରୁ ହକି ବିଶ୍ୱକପପାଇଁ ଯୋଗ୍ୟତା ଅର୍ଜନ କରି ସାରିଥିବା ଭାରତ ଶନିବାର ଫାଇନାଲରେ ଇଂଲଣ୍ଡକୁ ଭେଟିବ। ସେହିଦିନ ସ୍କଟଲାଣ୍ଡ ଓ ଇଟାଲୀ ମଧ୍ୟରେ ତୃତୀୟ ସ୍ଥାନଲାଗି ମ୍ୟାଚ ଅନୁଷ୍ଠିତ ହେବ। ପୂର୍ବରୁ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଇଂଲଣ୍ଡ ୨-୦ ଗୋଲରେ ସ୍କଟଲାଣ୍ଡକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବାପରେ ୨୫ତମ ମିନିଟରେ ଲୋଟେ ବିଙ୍ଗହାମ ଏବଂ ୨୯ତମ ମିନିଟରେ ଡାର୍ସି ବର୍ନ ଗୋଟିଏ ଲେଖାଏ ଫିଲ୍ଡ ଗୋଲ ଦେଇ ପ୍ରଥମାର୍ଦ୍ଧ ବେଳକୁ ଇଂଲଣ୍ଡକୁ ୨-୦ରେ ଅଗ୍ରଣୀ କରିଥିଲେ। ତୃତୀୟ ଓ ଚତୁର୍ଥ କ୍ୱାର୍ଟର ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କୌଣସି ଦଳ ଗୋଲ ଦେଇପାରି ନ ଥିଲେ।


ଇଟାଲୀ ବିପକ୍ଷରେ ଗୋଲ୍ ସ୍କୋର ପରେ ଭାରତୀୟ ଖେଳାଳିମାନେ ଖୁସି ମନାଉଛନ୍ତି।

# ଟପ୍ସରେ ପ୍ରମୋଦ ସାମିଲ

ନୂଆଦିଲ୍ଲୀ,୧୩।୩(ପି.ଟି.)

ବର୍ତ୍ତମାନ ପ୍ରଦର୍ଶନର ମୂଲ୍ୟାଙ୍କନ ପରେ ଉଦୀୟମାନ ପିସ୍ତଲ ଶୁଟର ସମ୍ରାଟ ରାଣା, ସୁରୁଚି ସିଂ, ଏସିଆନ ସ୍ୱର୍ଣ୍ଣପଦକ ବିଜୟୀ ଲଙ୍ଗ ଡିଷ୍ଟାନ୍ସ ରନର ଗୁଲବୀର ସିଂ ଏବଂ ଓଡ଼ିଶାର ୱାର୍ଲ୍ଡ ଚାମ୍ପିୟନ ପାରା ଶଟଲର ପ୍ରମୋଦ ଭଗତଙ୍କୁ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍(ଟପ୍ସ)ର କୋର୍ ଗ୍ରୁପରେ ସାମିଲ କରାଯାଇଛି। ଅନ୍ୟପକ୍ଷରେ ପ୍ରଦର୍ଶନର ଧାର୍ଯ୍ୟ ମାନଦଣ୍ଡ ପୂରଣ କରିବାରେ ବିଫଳ ହୋଇଥିବା ବ୍ୟାଡ୍‌ମିଣ୍ଟନ ଷ୍ଟାର ଏଚ୍ .ଏସ୍ ପ୍ରଣୟ, ପୂର୍ବତନ ଏସିଆନ ସ୍ୱର୍ଣ୍ଣପଦକ ବିଜୟୀ ରାଇଫଲ ଶୁଟର ଦିବ୍ୟାଂଶ ସିଂ ପାନୱାର ଓ ରେସ୍‌ଲର ଦୀପକ ପୁନିଆଙ୍କ ଭଳି ପ୍ରମୁଖ ଆଥ୍‌ଲେଟ୍‌ଙ୍କୁ କୋର ଗ୍ରୁପରୁ ବାଦ୍ ଦିଆଯାଇଛି। ଟପ୍ସ ସିଇଓ ଏନ୍.ଏସ୍ ଜୋହାଲଙ୍କ ନେତୃତ୍ୱରେ ବସିଥିବା ମିଶନ ଅଲିମ୍ପିକ୍ ସେଲ୍ (ଏମ୍ଓସି)ର ୧୬୯ତମ ବୈଠକରେ ନୂଆ ତାଲିକା ପ୍ରସ୍ତୁତ କରାଯାଇଛି। ଏହି ତାଲିକାରେ ୫୬ ଆଥ୍‌ଲେଟ ସ୍ଥାନ ପାଇଛନ୍ତି। ପ୍ରମୋଦ ଚଳିତବର୍ଷ କ୍ୟାରିୟରର ୬ଷ୍ଠ ବିଶ୍ୱ ଟାଇଟଲ ଜିତିଛନ୍ତି। ୩୭ ବର୍ଷୀୟ ପ୍ରମୋଦ ଜଣେ ପୂର୍ବତନ ପାରାଲିମ୍ପିକ ସ୍ୱର୍ଣ୍ଣପଦକଧାରୀ। ଲଗାତର ୩ଥର ଟେଷ୍ଟ ମିସ୍ କରିବା କାରଣରୁ ଆଣ୍ଟି-ଡୋପିଂ ନିୟମ ଉଲ୍ଲଂଘନ କରିବା ପାଇଁ ୩ ବର୍ଷ ଲାଗି ବାସନ୍ଦ କରାଯାଇଥିଲା। ବାସନ୍ଦ ଶେଷହେବା ପରେ ସେ ଗତବର୍ଷ ବ୍ୟାଡ୍‌ମିଣ୍ଟନ କୋର୍ଟକୁ ଫେରିଥିଲେ।




**ସନରାଇଜର୍ସ ପାକିସ୍ତାନୀ ଖେଳାଳିଙ୍କୁ କିଣିବା ଘଟଣା**

# ମୁହଁ ଖୋଲିଲା ବିସିସିଆଇ

ମୁମ୍ବାଇ,୧୩।୩(ପି.ଟି.)

ଆଇପିଏଲ୍ ଫ୍ରାଞ୍ଚାଇଜ ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆରଏଚ୍)ର ସହ ଫ୍ରାଞ୍ଚାଇଜ ସନରାଇଜର୍ସ ଲିଡ୍ସ ଦି ହଣ୍ଡ୍ରେଡ୍ ଅକ୍ସନରେ ପାକିସ୍ତାନୀ ସ୍ପିନର ଆବ୍ରାର ଅହମଦଙ୍କୁ କିଣିବାକୁ ନେଇ ଦେଖାଦେଇଥିବା ବିବାଦ ସମ୍ପର୍କରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଶୁକ୍ରବାର ମୁହଁଖୋଲିଛି। ଏହା ଆମ ଅଧୀନରେ ନାହିଁ। ସେମାନେ ବିଦେଶୀ ଲିଗ୍‌ରେ କୌଣସି ପାକିସ୍ତାନୀ ଖେଳାଳିଙ୍କୁ କିଣିଛନ୍ତି। ବିଦେଶୀ ଲିଗ୍‌ରେ କେଉଁ ଫ୍ରାଞ୍ଚାଇଜ କାହାକୁ କିଣୁଛନ୍ତି, ସେଥିରେ ବିସିସିଆଇ ହସ୍ତକ୍ଷେପ କରିପାରିବ ନାହିଁ। ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ରୂପେ ଫ୍ରାଞ୍ଚାଇଜ ଉପରେ ନିର୍ଭର କରେ ବୋଲି ବିସିସିଆଇ ଉପ ସଭାପତି ରାଜୀବ ଶୁକ୍ଲା କହିଛନ୍ତି। ସନରାଇଜର୍ସ ଲିଡ୍ସ ପାକିସ୍ତାନୀ ଲେଗ ସ୍ପିନର ଅହମଦଙ୍କୁ ପ୍ରାୟ ୨.୩୪ କୋଟି ଟଙ୍କାରେ ଦଳରେ ସାମିଲ କରିଛି। ଏଥିଯୋଗୁ ସେ ପ୍ରଥମ ପାକିସ୍ତାନୀ ଖେଳାଳି ଭାବେ କୌଣସି ଭାରତୀୟ ଫ୍ରାଞ୍ଚାଇଜ ସହ ଚୁକ୍ତି କରିଛନ୍ତି। ଏହାକୁ ନେଇ ସୋସିଆଲ ମିଡିଆରେ ଏସ୍‌ଆର୍‌ଏଚ୍‌କୁ ଖୁବ ସମାଲୋଚନା କରାଯାଉଛି।

# ଆଇପିଏଲ୍‌ରେ ସୁଯୋଗ, ପିଏସଏଲ୍ ଛାଡ଼ିଲେ ମୁଜାରବାନି

କୋଲକାତା, ୧୩।୩

ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପାଇଁ କୋଲକାତା ନାଇଟ ରାଇଡର୍ସ (କେକେଆର) ଫ୍ରାଞ୍ଚାଇଜ୍ ଜିମ୍ବାୱେ ଫାଷ୍ଟ ବୋଲର ବ୍ଲେସିଂ ମୁଜାରବାନିଙ୍କ ସହ ଚୁକ୍ତି କରିଛି। ଏହି ଚୁକ୍ତିପରେ ସେ ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍)ରୁ ଓହରି ଯାଇଛନ୍ତି। ଏ ସମ୍ପର୍କରେ ସେ ନିଜ ପିଏସ୍‌ଏଲ୍ ଫ୍ରାଞ୍ଚାଇଜ୍ ଇସଲାମାବାଦ ୟୁନାଇଟେଡକୁ ଜଣାଇ ଦେଇଛନ୍ତି।



**କେକେଆର ଦଳସହ ଚୁକ୍ତିବଦ୍ଧ ହେଲେ**

କେକେଆର ଖେଳାଳି ନିଲାମରେ ବାଂଲାଦେଶ ବାମହାତୀ ଫାଷ୍ଟ ବୋଲର ମୁସ୍ତାଫିଜୁର ରହମନଙ୍କୁ ୯.୨ କୋଟି ଟଙ୍କାରେ କିଣିଥିଲା। ମାତ୍ର ଏକ ବିବାଦୀୟ ଘଟଣା କ୍ରମରେ ବିସିସିଆଇ ନିର୍ଦ୍ଦେଶକ୍ରମେ ମୁସ୍ତାଫିଜୁରଙ୍କୁ କୋକେଆର ଦଳରୁ ବାଦ୍ ଦିଆଯାଇଥିଲା। ଏହାପରେ ମୁସ୍ତାଫିଜୁର ପିଏସଏଲ୍‌ରେ ଲାହୋର କ୍ୱାଲାଣ୍ଡର୍ସ ଦଳ ସହ ଚୁକ୍ତି କରିଥିଲେ। ଏବେ ମୁସ୍ତାଫିଜୁରଙ୍କ ସ୍ଥାନରେ କୋଲକାତା ଦଳରେ ମୁଜାରବାନିଙ୍କୁ ନିଆଯାଇଛି। ମୁଜାରବାନୀ ପୂର୍ବରୁ ମୁଲତାନ ସୁଲତାନ୍ସ ଦଳରେ ରହି ପିଏସ୍‌ଏଲ୍ ଟାଇଟଲ ଜିତି ସାରିଛନ୍ତି। ଏଥର ତାଙ୍କୁ ଅକ୍ସନ ସମୟରେ କୌଣସି ଫ୍ରାଞ୍ଚାଇଜ୍ କିଣି ନ ଥିଲେ। ପରେ ଇସଲାମାଦ ଦଳ ସହିତ ସିଧାସଳଖ ଚୁକ୍ତିବଦ୍ଧ ହୋଇଥିଲେ।

ଆଇପିଏଲ୍‌ର ୨ ଦିନ ପୂର୍ବରୁ ଆସନ୍ତା ୨୬ ତାରିଖରୁ ପିଏସଏଲ୍ ଆରମ୍ଭ ହେବ। କ୍ରମାଗତ ଦ୍ୱିତୀୟ ବର୍ଷଧରି ଆଇପିଏଲ୍ ଏବଂ ପିଏସ୍‌ଏଲ୍ ଏକସଙ୍ଗେ ହେବାକୁ ଯାଉଛି। ଆଇପିଏଲ୍ ସୁଯୋଗ ପାଇବାପରେ କୌଣସି ଜଣେ ଖେଳାଳି ପିଏସ୍‌ଏଲ୍ ଛାଡ଼ିବା ଏହା ପ୍ରଥମ କଥା ନୁହେଁ। ଗତବର୍ଷ ଦକ୍ଷିଣ ଆଫ୍ରିକା ଅଲ୍‌ରାଉଣ୍ଡର କର୍ବିନ ବୋଷ୍ଟ ପେଶୱାର ଜାଲ୍‌ମି ଦଳସହ ଚୁକ୍ତିବଦ୍ଧ ହୋଇଥିଲେ। ମାତ୍ର ମୁମ୍ବାଇ ଇଣ୍ଡିଆନ୍ସରେ ଇଞ୍ଜୁରି ରିପ୍ଲେସମେଣ୍ଟଭାବେ ସୁଯୋଗ ପାଇବାପରେ ପିଏସ୍‌ଏଲ୍‌ରୁ ଓହରି ଯାଇଥିଲେ। ଫଳରେ ତାଙ୍କୁ ପିଏସ୍‌ଏଲ୍‌ରୁ ଗୋଟିଏ ସିଜନଲାଗି ବାସନ୍ଦ କରାଯାଇଥିଲା। ଏବେ ମୁଜାରବାନିଙ୍କ କ୍ଷେତ୍ରରେ ସେହି ଦଣ୍ଡ ଲାଗୁହେବା ସମ୍ଭାବନା ରହିଛି। ୬ ଫୁଟ୍ ୮ ଇଞ୍ଚ ବିଶିଷ୍ଟ ଏହି ବାମହାତୀ ଦ୍ରୁତ ବୋଲର ଜିମ୍ବାୱେର ଲିଡିଂ ବୋଲରଙ୍କ ମଧ୍ୟରୁ ଅନ୍ୟତମ।

# ଡୁପ୍ଲାଣ୍ଟିସ ୧୫ ଥର ବିଶ୍ୱ ରେକର୍ଡ ଭାଙ୍ଗିଲେ

ଉପସାଲା, ୧୩।୩ (ପି.ଟି.)

ସ୍ୱିଡିଶ୍ ପୋଲ୍ ଭଲ୍ଟର ଆର୍ମଣ୍ଡ ମୋଣ୍ଡୋ ଡୁପ୍ଲାଣ୍ଟିସ ୧୫ତମ ଥର ପାଇଁ ବିଶ୍ୱ ରେକର୍ଡ ଭଙ୍ଗ କରିଛନ୍ତି। ଏଥର ସେ ୬.୩୧ ମିଟର(୨୦ ଫିଟ୍) ଉଚ୍ଚତା କ୍ଲିଅର କରିଛନ୍ତି। ଘରୋଇ ଦର୍ଶକଙ୍କ ସମ୍ମୁଖରେ ତାଙ୍କ ନାମରେ ରଖାଯାଇଥିବା ପ୍ରତିଯୋଗିତା 'ମୋଣ୍ଡୋ କ୍ଲାସିକ୍'ରେ ସେ ଏହି ସଫଳତା ପାଇଛନ୍ତି। ଏହା ତାଙ୍କର କ୍ରମାଗତ ୩୮ତମ ପୋଲ ଭଲ୍ଟ ବିଜୟ ଏବଂ ଏହି ଧାରା ୨୦୨୩ ଅଗଷ୍ଟରୁ ଜାରି ରହିଛି। ଗତବର୍ଷ ସେ ବିଶ୍ୱ ଚାମ୍ପିୟନ ଓ ୨୦୨୪ରେ ପ୍ୟାରିସ୍ ଅଲିମ୍ପିକ୍ସରେ ରେକର୍ଡ ଭାଙ୍ଗିଥିଲେ। ତେବେ ୨୦୨୦ଠାରୁ ସେ ପ୍ରତ୍ୟେକଥର ନିଜ ରେକର୍ଡକୁ ୧ ସେଣ୍ଟିମିଟର ବ୍ୟବଧାନରେ ଭଙ୍ଗ କରିଆସୁଛନ୍ତି। ଉଲ୍ଲେଖଯୋଗ୍ୟ, ୟୁକ୍ରେନ୍‌ର ସେର୍ଗି ବୁବକାଙ୍କ ନାମରେ ସର୍ବାଧିକ ଥର ରେକର୍ଡ ଭଙ୍ଗ କରିବାର ଉପଲବ୍ଧି ରହିଛି। ସେ ୧୯୮୦ ଓ ୯୦ ଦଶକରେ ଆଉଟ୍‌ଡୋରରେ ୧୭ଥର ଓ ଇନ୍‌ଡୋର ପ୍ରତିଯୋଗିତାରେ ୧୮ଥର ରେକର୍ଡ ଭଙ୍ଗ କରିଥିଲେ। ଟ୍ରାକ୍ ଓ ଫିଲ୍ଡ ଇଭେଣ୍ଟର ପରିଚାଳନା ସଂସ୍ଥା ୨୦୦୦ରେ ନିୟମ ବଦଳାଇବା ପରେ କେବଳ ଗୋଟିଏ ରେକର୍ଡକୁ ମାନ୍ୟତା ଦିଆଯାଉଛି।


ନିଜ ବିଶ୍ୱ ରେକର୍ଡ ଭାଙ୍ଗିବାପରେ ଆର୍ମଣ୍ଡ ମୋଣ୍ଡୋ ଡୁପ୍ଲାଣ୍ଟିସ।

# 'ଧୋନୀଙ୍କ ବିନା ସିଏସ୍‌କେ ଅସମ୍ପୂର୍ଣ୍ଣ'

ନୂଆଦିଲ୍ଲୀ,୧୩।୩

ଭାରତର ପୂର୍ବତନ ଅଲରାଉଣ୍ଡର ଇର୍ଫାନ ପଠାନଙ୍କ ମତରେ ଆଗାମୀ ଆଇପିଏଲ୍‌ରେ କିମ୍ବଦନ୍ତୀ ଉଇକେଟକିପର ମହେନ୍ଦ୍ର ସିଂ ଧୋନୀ ସମ୍ଭବତଃ ଅନ୍ତିମ ଥର ପାଇଁ ହଳଦିଆ ଜର୍ସିରେ ନଜର ଆସିବେ। ଏପରିକି ଧୋନୀଙ୍କ ବିନା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଅସମ୍ପୂର୍ଣ୍ଣ ବୋଲି ସେ ପ୍ରକାଶ କରିଛନ୍ତି। ''ଧୋନୀଙ୍କ ବିନା ସିଏସ୍‌କେ ଅସମ୍ପୂର୍ଣ୍ଣ। ଏହି ସିଜନରେ ଆମେ ସମ୍ଭବତଃ ତାଙ୍କୁ ଅନ୍ତିମ ଥର ହଳଦିଆ ଜର୍ସିରେ ଦେଖିବା। ତାଙ୍କ ବିନା ସିଏସ୍‌କେ ଓ ଆଇପିଏଲ୍ କଥା ଚିନ୍ତା କରିବା କଷ୍ଟକର। ଚଳିତ ସିଜନରେ ଧୋନୀ ସଭିଙ୍କୁ ଏକତ୍ରିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ମାତ୍ର ସେ କେତେ ମ୍ୟାଚ୍ ଖେଳିବେ, ତାହାକୁ ନେଇ ମୁଁ ନିଶ୍ଚିତ ନୁହେଁ। କିନ୍ତୁ ତାଙ୍କ ଉପସ୍ଥିତି ଡ୍ରେସିଂ ରୁମ୍‌ରେ ସାହାଯ୍ୟ କରିବ। ଏକ ଗ୍ରୁପ ଭାବେ ସିଏସକେ ପକ୍ଷରୁ ଭବିଷ୍ୟତ ଲାଗି ୨ରୁ ୩ ଖେଳାଳିଙ୍କୁ ପ୍ରସ୍ତୁତ କରାଯାଉଛି'' ବୋଲି ପଠାନ ଜିଓ ହଟଷ୍ଟାରରେ କହିଛନ୍ତି।

# 'ବିଶ୍ୱକପ୍‌ରୁ ଆମକୁ କେହି ବାଦ୍ ଦେଇପାରିବେ ନାହିଁ'

ଜେନେଭା,୧୩।୩(ଏପି)

ଚଳିତ ବର୍ଷ ଆମେରିକାରେ ହେବାକୁଥିବା ଫିଫା ପୁରୁଷ ବିଶ୍ୱକପ୍‌ରେ ଖେଳିବା ପାଇଁ ଆମକୁ କେହି ରୋକିପାରିବେ ନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ପରେ ଇରାନ ଫୁଟ୍‌ବଲ ଦଳ ପକ୍ଷରୁ ଏଭଳି ଜବାବ ଦିଆଯାଇଛି। ଏଥିସହିତ ଦଳର ଅଫିସିଆଲ ଇନ୍‌ଷ୍ଟାଗ୍ରାମ୍

**ଟ୍ରମ୍ପଙ୍କୁ ଇରାନ ଫୁଟ୍‌ବଲ ଦଳର ଜବାବ**

ଆକାଉଣ୍ଟରୁ କରାଯାଇଥିବା ଏକ ପୋଷ୍ଟରେ ଇରାନିଆନ୍ ଖେଳାଳିଙ୍କ ସୁରକ୍ଷା ଗ୍ୟାରେଣ୍ଟି ଦେଇପାରୁ ନ ଥିବାରୁ ଆୟୋଜକ ଦେଶକୁ ଟୁର୍ନାମେଣ୍ଟରୁ ବାଦ୍ ଦେବାକୁ ପରାମର୍ଶ ଦିଆଯାଇଛି। ଗତ ଗୁରୁବାର ଟ୍ରମ୍ପ ସୋସିଆଲ ମିଡିଆରେ ଇରାନ୍ ଫୁଟବଲ ଦଳ ପାଇଁ ଏକ ଚେତାବନୀପୂର୍ଣ୍ଣ ପୋଷ୍ଟ କରିଥିଲେ। ଇରାନ ସହ ଯୁଦ୍ଧ ଚାଲିଥିବା ସତ୍ତ୍ୱେ ଇରାନ ଦଳକୁ ବିଶ୍ୱକପ୍‌ରେ ସ୍ୱାଗତ କରାଯିବ। କିନ୍ତୁ ମୋ ମତରେ ସେମାନେ ଖେଳିବାକୁ ଆସିବା ଉଚିତ୍ ନୁହେଁ। କାରଣ ସେମାନଙ୍କ ଜୀବନ ଓ ସୁରକ୍ଷା ପ୍ରତି ଆମେରିକାରେ ବିପଦ ରହିଛି। ବିଶ୍ୱକପ୍ ଲାଗି ଘୋଷିତ କାର୍ଯ୍ୟସୂଚୀ ମୁତାବକ, ଇରାନ ଆମେରିକାରେ ତା'ର ୩ଟି ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଖେଳିବ। 'ଫିଫା ବିଶ୍ୱକପ୍ ଏକ ଐତିହାସିକ ଅନ୍ତର୍ଜାତୀୟ ଇଭେଣ୍ଟ। ଏହାକୁ ଫିଫା ପରିଚାଳନା କରେ। କୌଣସି ଦେଶ କିମ୍ବା ବ୍ୟକ୍ତି ଏହାକୁ ପରିଚାଳନା କରନ୍ତି ନାହିଁ। ଇରାନ ଜାତୀୟ ଦଳକୁ ବିଶ୍ୱକପ୍‌ରେ ଖେଳିବାରୁ କେହି ରୋକିପାରିବେ ନାହିଁ। ଏକ ବିଶ୍ୱସ୍ତରୀୟ ଇଭେଣ୍ଟରେ ଅଂଶଗ୍ରହଣ କରୁଥିବା ଦଳକୁ ସୁରକ୍ଷା ଯୋଗାଇବାରେ ଅସମର୍ଥ ଥିବା ଆୟୋଜକ ଦେଶକୁ ବାଦ୍ ଦିଆଯିବା ଉଚିତ' ବୋଲି ଉକ୍ତ ପୋଷ୍ଟରେ ଉଲ୍ଲେଖ କରାଯାଇଛି।

**ବିଏନ୍‌ପି ପାରିବାସ ଟେନିସ୍**

# ସାବାଲେଙ୍କା, ସିନର ସେମିରେ

ଇଣ୍ଡିଆନ ୱେଲ୍ସ, ୧୩।୩(ଏପି)

ବେଲାରୁଷ୍‌ର ଆରିନା ସାବାଲେଙ୍କା, ଇଟାଲୀର ଜାନିକ୍ ସିନର ପ୍ରମୁଖ ଶୀର୍ଷସିଡ୍ ଖେଳାଳିମାନେ ଏଠାରେ ଚାଲିଥିବା ବିଏନ୍‌ପି ପାରିବାସ ଓପନ୍ ଟେନିସ୍ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସାବାଲେଙ୍କା କ୍ୱାର୍ଟର ଫାଇନାଲରେ ଭିକ୍ଟୋରିଆ ଏମ୍‌ବୋକୋଙ୍କୁ ୭-୬(୦), ୬-୪ରେ ପରାସ୍ତ କରିଛନ୍ତି। ୟୁକ୍ରେନ୍‌ର ଏଲିନା ସ୍ୱିତୋଲିନା ପୋଲାଣ୍ଡର ଇଗା ସ୍ୱିଟେକ୍‌ଙ୍କୁ ୬-୨, ୪-୬, ୬-୪ରେ ହରାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ପୁରୁଷ ସିଙ୍ଗଲ୍ସରେ ସିନରଙ୍କ ବ୍ୟତୀତ ଆଲେକ୍‌ଜାଣ୍ଡର ଜେଭରେଭ୍ ଓ ଡାନିଲ ମେଡ୍‌ଭେଡେଭ୍ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏକ ବିବାଦୀୟ କଲ୍‌ରୁ ଫାଇଦା ପାଇଥିବା ମେଡ୍‌ଭେଡେଭ ଗତଥରର ଚାମ୍ପିୟନ ଜ୍ୟାକ୍ ଡ୍ରାପରଙ୍କୁ ୬-୧, ୭-୫ରେ ପରାସ୍ତ କରିଛନ୍ତି।

# କ୍ୱାର୍ଟର ଫାଇନାଲରେ କିଶୋର ସ୍ପୋର୍ଟିଂ

ଭୁବନେଶ୍ୱର, ୧୩।୩(ତପନ ସ୍ୱାଇଁ)

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ 'ଖିମ୍‌ଜୀ କପ୍' ଅଲ୍ ଓଡ଼ିଶା ସିନିୟର କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ବିସିସିଆଇ ମ୍ୟାଚ୍ ରେଫରି ତଥା ପୂର୍ବତନ ରଣ୍ଜୀ ଟ୍ରଫି ଅଧିନାୟକ ପ୍ରଶାନ୍ତ ମହାପାତ୍ର ଏବଂ ପୂର୍ବତନ ରଣ୍ଜୀ ଖେଳାଳି ଏବଂ ଓସିଏର ସିନିୟର ଚୟନ କମିଟି ସଦସ୍ୟ ଶୁଭାଶିଷ ଭୂୟାଁଙ୍କ ସ୍ମୃତିରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ବିଜେବି କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ପ୍ରି-କ୍ୱାର୍ଟର ଫାଇନାଲରେ ନିମପୁର ସ୍ପୋର୍ଟିଂକୁ ୪୮ ରନ୍‌ରେ ହରାଇ କିଶୋର ସ୍ପୋର୍ଟିଂ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କିଶୋର ସ୍ପୋର୍ଟିଂ ବିଶ୍ୱଭୂଷଣ ବିହାରୀଙ୍କ ଶତକ ସହାୟତାରେ ୩୯.୩ ଓଭରରେ ୨୮୧ ରନ୍‌କରି ସମସ୍ତ ଉଇକେଟ ହରାଇଥିଲା। ବିଶ୍ୱଭୂଷଣ ୭୫ ବଲ୍‌ରୁ ୧୪ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୧୦୩ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆକ୍ରମ ୪୪ ଓ ନରସିଂହ ତ୍ରିପାଠୀ ୩୩ ରନ୍ କରିଥିଲେ। ବିପକ୍ଷ ଦଳର ଅଙ୍କିତ ବେହେରା ୪ଟି ଏବଂ ଆନନ୍ଦ କୁମାର ଓ ପ୍ରବୀଣ ଯାଦବ ୨ଟି ଲେଖାଏ ଉଇକେଟ ନେଇଥିଲେ।

**ମୁକ୍ତେଶ୍ୱର କ୍ଲବ ସିନିୟର କ୍ରିକେଟ ଉଦ୍‌ଘାଟିତ**

ଜବାବରେ ନିମପୁର ସ୍ପୋର୍ଟିଂ ୩୫.୧ ଓଭରରେ ୨୩୩ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ପରେ ମିଡଲ ଅର୍ଡରରେ ଆନନ୍ଦ କୁମାର ୬୨ ଓ ପ୍ରବୀଣ ଯାଦବ ୫୪ ରନ୍ କରିଥିଲେ। ବିଜୟୀ ଦଳର ଆର୍. ଦେବା ୩ଟି ଏବଂ ବି. ଶିବା ଓ ବିଶ୍ୱଭୂଷଣ ବିହାରୀ ୨ଟି ଲେଖାଏ ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ବିଶ୍ୱଭୂଷଣ ବିହାରୀ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମୁକ୍ତେଶ୍ୱର କ୍ଲବ ଉପସଭାପତି ସଞ୍ଜୀବ ହଂସ ପୁରସ୍କାର ପ୍ରଦାନ କରିଥିଲେ। ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ଖିମ୍‌ଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଭାଜପା ନେତା ଜଗନ୍ନାଥ ପ୍ରଧାନ, ଅମରେଶ ଜେନା, ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ପ୍ରତାପ ଜେନା ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ମୁକ୍ତେଶ୍ୱର କ୍ରିକେଟ କ୍ଲବ ସଭାପତି ବିଧାୟକ ବାବୁ ସିଂ, କାର୍ଯ୍ୟକାରୀ ସଭାପତି ଗୁର୍‌ଜିତ ସିଂ ଚୌହାନ, ସମ୍ପାଦକ ଗୌରପ୍ରସାଦ ନନ୍ଦ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ମୁକ୍ତେଶ୍ୱର କ୍ଲବ ସିନିୟର କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ ଓ ଅନ୍ୟମାନେ।

# ପୂର୍ବତନ ଏଆଇଏଫ୍‌ଏଫ୍ ସମ୍ପାଦକ କୁଶାଲ ଦାସଙ୍କ ପରଲୋକ

ନୂଆଦିଲ୍ଲୀ,୧୩।୩(ପି.ଟି.)

ଭେଟେରାନ୍ ପ୍ରଶାସକ ଓ ପୂର୍ବତନ ଅଲ୍‌ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ସାଧାରଣ ସମ୍ପାଦକ କୁଶାଲ ଦାସଙ୍କ ଶୁକ୍ରବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୬ ବର୍ଷ ହୋଇଥିଲା। ଦିଲ୍ଲୀର ଏକ ବେସରକାରୀ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି।

୨୦୧୭ରେ ଦେଶରେ ଫିଫା ୧୭ ବର୍ଷରୁ କମ୍ ବିଶ୍ୱକପ୍ ଆୟୋଜନରେ କୁଶାଲଙ୍କର ମୁଖ୍ୟ ଭୂମିକା ରହିଥିଲା। ସେ ୧୨ ବର୍ଷ ଧରି ଏଆଇଏଫ୍‌ଏଫ୍‌ର ସାଧାରଣ ସମ୍ପାଦକ ପଦରେ ରହିବା ପରେ ୨୦୨୨ରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଇସ୍ତଫା ଦେଇଥିଲେ। ୨୦୧୦ରେ ଫୁଟ୍‌ବଲ ପ୍ରଶାସନରେ ପ୍ରବେଶ କରିବା ପୂର୍ବରୁ ସେ ଇଣ୍ଟରନ୍ୟାଶନାଲ କ୍ରିକେଟ୍ କାଉନ୍‌ସିଲ ଓ ଇଣ୍ଟରନ୍ୟାଶନାଲ ମ୍ୟାନେଜ୍‌ମେଣ୍ଟ ଗ୍ରୁପ୍(ଆଇଏମ୍‌ଜି) ଇଣ୍ଡିଆର ଚିଫ୍ ଫାଇନାନ୍ସିଆଲ ଅଫିସର ଭାବେ କାର୍ଯ୍ୟ କରିଥିଲେ। ଏଆଇଏଫ୍‌ଏଫ୍‌ରେ ତାଙ୍କ କାର୍ଯ୍ୟକାଳରେ ଇଣ୍ଡିଆନ ସୁପର ଲିଗ୍(ଆଇଏସ୍‌ଏଲ୍) ଆରମ୍ଭ ହୋଇଥିଲା। ଏଥିସହ ଭାରତୀୟ ପୁରୁଷ ଦଳ ୩ଥର ଏଏଫ୍‌ସି ଏସିଆନ କପ୍ ଟୁର୍ନାମେଣ୍ଟରେ ଭାଗ ନେଇଥିଲା। ତାଙ୍କ ବିୟୋଗରେ ଏଆଇଏଫ୍‌ଏଫ୍ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି।

# ପ୍ରଥମଥର ୬ ଇନ୍‌ଡୋର କୋର୍ଟରେ ହେବ ଜାତୀୟ ଭଲିବଲ

ଭୁବନେଶ୍ୱର, ୧୩।୩ (ତପନ ସ୍ୱାଇଁ)

ଭଲିବଲ୍‌ଫେଡେରେଶନଅଫ୍‌ଇଣ୍ଡିଆ (ଏଫ୍‌ଆଇଭିବି) ଅନୁମୋଦନକ୍ରମେ ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ଓ କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ୨୬ତମ ଜାତୀୟ ୟୁଥ୍ ଭଲିବଲ ଚାମ୍ପିୟନଶିପ୍ (ମହିଳା ଓ ପୁରୁଷ) ଚଳିତ ମାସ ୧୫ରୁ ୨୦ ପର୍ଯ୍ୟନ୍ତ କିଟ୍ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଭାରତୀୟ ଭଲିବଲ ଇତିହାସରେ ପ୍ରଥମଥର ପାଇଁ କୌଣସି ଏକ ଜାତୀୟ ପ୍ରତିଯୋଗିତା ଗୋଟିଏ ଉନ୍‌ଡୋର ଷ୍ଟାଡିୟମର ୬ଟି କୋର୍ଟରେ ଖେଳାଯିବ। ଏଫ୍‌ଆଇଭିବି ଭଲିବଲ ବିଟ୍ ପ୍ରୋ ଟୁର୍ ଚ୍ୟାଲେଞ୍ଜ-୨୦୨୬କୁ ସଫଳତାର ସହ ସମ୍ପନ୍ନ କରିବାପରେ କିଟ୍ ବିଶ୍ୱବିଦ୍ୟାଳୟ ଏହି ସମ୍ମାନଜନକ ଜାତୀୟ ପ୍ରତିଯୋଗିତା ଆୟୋଜନ କରିବାକୁ ଯାଉଛି। ଆଗାମୀ ପ୍ରତିଯୋଗିତାରେ ପାଖାପାଖି ୩୦ ରାଜ୍ୟ ଓ ୨ ଅନୁଷ୍ଠାନରୁ ଦଳଗୁଡ଼ିକ ଅଂଶଗ୍ରହଣ କରିବା ଆଶା କରାଯାଉଛି। ଫଳରେ ଅନ୍ୟୂନ ୧୨୦୦ ଖେଳାଳି, ଅଫିସିଆଲ ଓ ବୈଷୟିକ ପ୍ରତିନିଧି ଏଠାରେ ଏକତ୍ରିତ ହେବେ। ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ଏବଂ ସର୍ଭିସେସ୍ ପରି ଅଗ୍ରଣୀ ଅନୁଷ୍ଠାନର ଦଳ ଏଥିରେ ଭାଗନେବାକୁ ଥିବାରୁ ପ୍ରତିଯୋଗିତାର ଗୁରୁତ୍ୱ ବଢ଼ିଯାଇଛି। 'ନିରନ୍ତର ପ୍ରୟାସ ସହ ଆମେ ବହୁବର୍ଷ ଧରି ଭଲିବଲ୍‌କୁ ଓଡ଼ିଶାରେ ପ୍ରୋତ୍ସାହିତ କରିଆସୁଛୁ। ଭବିଷ୍ୟତରେ ମଧ୍ୟ ଏହି କ୍ରୀଡ଼ାର ବିକାଶ ପାଇଁ କାର୍ଯ୍ୟ ଜାରି ରହିବ'' ବୋଲି ଭଲିବଲ୍ ଫେଡେରେଶନ ଅଫ୍ ଇଣ୍ଡିଆର ମୁଖ୍ୟ ପୃଷ୍ଠପୋଷକ ତଥା ଓଭିଏ ସଭାପତି ଅଚ୍ୟୁତ ସାମନ୍ତ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ, ଗତ କିଛିବର୍ଷ ମଧ୍ୟରେ ଅନେକ ବଡ଼ ଜାତୀୟ ଭଲିବଲ ପ୍ରତିଯୋଗିତା ଓଡ଼ିଶାରେ ଆୟୋଜନ ହୋଇଛି। ଏହା ମଧ୍ୟରେ ୬୮, ୬୯ ଓ ୭୦ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍ ଏବଂ ୩୪ତମ ଫେଡେରେଶନ କପ୍ ଅନ୍ତର୍ଭୁକ୍ତ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ